# ଧରିତ୍ରୀ
DHARITRI

49 ୪୯

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨/୨୦୨୨ (୨୦ ପୃଷ୍ଠା) | Sambalpur, Friday, December 2/2022 | Page 20 | ₹ 7.00 | ★★

୧୮ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 344 | ମୂଲ୍ୟ ₹୭/-





## ଟ୍ରକ୍ ପଛକୁ ଧକ୍କାଦେଲା କାର୍: ୪ମୃତ

ଖୋର୍ଦ୍ଧା ଅଫିସ,୧।୧୨: ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ବଡ଼ପୋଖରିଆ ସୁନେଇରୁପେଇ ଛକ ନିକଟରେ ଗୁରୁବାର ଭୋରରେ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କାର୍ ଦ୍ରୁତଗତିରେ ଆସି ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୪ ଜଣଙ୍କ ଜୀବନ ଯାଇଛି। ଏମାନେ ସମସ୍ତେ କାର୍ ଯାତ୍ରୀ। ମୃତକମାନେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଲକ୍ଷ୍ମୀ ବାଡ଼ଙ୍କି (୩୦), ମାରିଆ ଖାନ (୨୫), ବିଶାଖାପାଟଣା ବିଶ୍ୱବିଦ୍ୟାଳୟର ଛାତ୍ର ହିକୁମତୁଲ୍ଲାବ ଅହମ୍ମଦ ଏବଂ କାର୍ ଡ୍ରାଇଭର। ତେବେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ଏମାନେ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଉଥିଲେ ବୋଲି କୁହାଯାଉଛି। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ସୁନେଇରୁପେଇ ଛକ ନିକଟରେ ଏକ ମାଲବାହୀ ଟ୍ରକ୍ ଛିଡ଼ା ହୋଇଥିଲା। ଭୋରରୁ କୁହୁଡ଼ି ଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏହି କାର୍ ନିୟନ୍ତ୍ରଣ ହରାଇ ଟ୍ରକ୍ ପଛପଟେ ପିଟି ହୋଇଯାଇଥିଲା।

# ଜଗବନ୍ଧୁଙ୍କ ଜାମିନ ଖାରଜ, ହୋଟେଲ ମାଲିକଙ୍କୁ ଜେରା

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

- ବୁଧବାର ଅର୍ଚ୍ଚନାଙ୍କ ଜାମିନ ଖାରଜ ହୋଇଥିଲା
- ଉପର କୋର୍ଟର ଦ୍ୱାରସ୍ଥ ହେଲେ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡେ ଲମ୍ବିଛି ତାହାର ଖୋଳତାଡ କରିବା ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକାଧିକ ଲୋକଙ୍କୁ ଜେରା କରି ତଥ୍ୟ ହାସଲ କରୁଛି। ଏହା ଭିତରେ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲିଂ କରି ୩ କୋଟି ମାଗିବା ମାମଲାରେ ଅର୍ଚ୍ଚନାଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ ବୁଧବାର ଖାରଜ କରିଦେଇଥିଲେ। ତେବେ ଗୁରୁବାର ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଜାମିନ ଆବେଦନକୁ ମଧ୍ୟ ଭୁବନେଶ୍ୱର ଏଡିଜେ-୨ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ତଳକୋର୍ଟରେ ଜାମିନ ଖାରଜ ହେବା ପରେ ଅର୍ଚ୍ଚନା ଉପର କୋର୍ଟ ତଥା ଭୁବନେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ସମୟରେ କୋର୍ଟ ଏହା ଉପରେ ଶୁଣାଣି କରି ରାୟ ପ୍ରକାଶ କରିବେ।

ଏପଟେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହୋଟେଲ ବ୍ୟବସାୟୀ ଶିବ ପ୍ରସାଦ ଦାସଙ୍କୁ ଗୁରୁବାର ଜେରା କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ଶିବ ତାଙ୍କ ଓକିଲଙ୍କ ସହ ହାଜର ହୋଇଥିଲେ। ଅର୍ଚ୍ଚନାଙ୍କ ସହ ଟଙ୍କା କାରବାର ନେଇ ଇଡି ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଥିଲେ। ତାଙ୍କ ହୋଟେଲକୁ ଅର୍ଚ୍ଚନା ଓ ତାଙ୍କ ହନିଟ୍ରାପ୍‌ରେ ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ବେହେରା ଏକାଧିକ ଥର ଯାଇଥିଲେ। ଏପରି କି ହନିଟ୍ରାପ ମାମଲାରେ ବିଭିନ୍ନ ଲୋକଙ୍କ ସହ ଅର୍ଚ୍ଚନା ଉକ୍ତ ହୋଟେଲରେ ଡିଲ୍ କରୁଥିଲେ ବୋଲି କୁହାଯାଉଛି। ତେବେ ହୋଟେଲ ମାଲିକ ଶିବ ପ୍ରସାଦଙ୍କ ସହ ଅର୍ଚ୍ଚନାଙ୍କ ଆର୍ଥିକ କାରବାର ହନିଟ୍ରାପ ମାମଲା ସମ୍ପର୍କିତ କି ନୁହେଁ ସେନେଇ ଇଡି ଟିମ୍ ଶିବ ପ୍ରସାଦଙ୍କଠାରୁ ତଥ୍ୟ ହାସଲ ପାଇଁ ଚେଷ୍ଟା କରିଥିଲେ। ସେହିପରି ଆଉକିଛି ଦିଗକୁ ନେଇ ମଧ୍ୟ ତାଙ୍କୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ହୋଟେଲକୁ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି କେତେଥର ଯାଇଛନ୍ତି, ତାଙ୍କ ସହ କେଉଁ ବଡ଼ବଡ଼ିଆମାନେ ଯାଉଥିଲେ, ଟଙ୍କା କାରବାର ହେଉଥିବା ବେଳେ କିଛି ପ୍ରମାଣ ଅଛି କି ଏଭଳି ଦିଗକୁ ନେଇ ଶିବସୁନ୍ଦରଙ୍କଠାରୁ ଇଡି କିଛି ନୂଆ ତଥ୍ୟ ହାସଲ କରିଥିବା ଅନୁମାନ କରାଯାଉଛି।

ଉଲ୍ଲେଖଯୋଗ୍ୟ, ୩୦ ତାରିଖ ବୁଧବାର ଅର୍ଚ୍ଚନା କୋର୍ଟରେ ହାଜର ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିବାକୁ ଇଡି ଯୋଜନା କରିଥିଲା। ହେଲେ ସୁରକ୍ଷା ଦୃଷ୍ଟିରୁ ସେ କୋର୍ଟରେ ହାଜର ହୋଇପାରି ନ ଥିଲେ। ଆଗାମୀ ଦିନରେ ଅର୍ଚ୍ଚନା କୋର୍ଟରେ ହାଜର ହେବା ପରେ ଇଡି ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିବ ବୋଲି ସୂଚନା ମିଳିଛି।

## ଲଘୁଚାପ: ଓଡ଼ିଶାରେ ପ୍ରଭାବ ପଡ଼ିବନି

ଭୁବନେଶ୍ୱର, ୧।୧୨(ବ୍ୟୁରୋ): ଆସନ୍ତା ୫ ତାରିଖରେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ। ସମ୍ଭାବ୍ୟ ଲଘୁଚାପ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇ କ୍ରମେ ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଏହା ୮ ତାରିଖ ବେଳକୁ ଦକ୍ଷିଣ ଦିଗକୁ ଗତି କରି ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ପହଞ୍ଚିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ହେଲେ ବାତ୍ୟା ହେବା ନେଇ କୌଣସି ସୂଚନା ଦେଇନାହିଁ ଆଇଏମ୍‌ଡି। ତେବେ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି।










# ୨୭୪ ସହକାରୀ ପ୍ରଫେସର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଚଳିତବର୍ଷ ୨୩ଟି ସ୍ପେଶାଲିଷ୍ଟ ବିଭାଗରେ ୨୪୯ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ଦେଇଛନ୍ତି। ଏମାନଙ୍କୁ ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନିୟୋଜିତ କରାଯାଇଛି। ଏଥିସହ ଆଉ ୨୭୪ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ଇତି ମଧ୍ୟରେ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଏହି ୨୭୪ଜଣ ସ୍ପେଶାଲିଷ୍ଟ ମୁଖ୍ୟତଃ ନିଶ୍ଚେତକ, ଆନାଟୋମି, ବାୟୋ-କେମେଷ୍ଟ୍ରି, ଇଏନ୍‌ଟି, ଏଫ୍‌ଏମ୍ ଆଣ୍ଡ ଟି, ମେଡିସିନ୍, ମାଇକ୍ରୋ-ବାୟୋଲୋଜି, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଅସ୍ଥିଶଲ୍ୟ ସର୍ଜରି, ଶିଶୁ ଚିକିତ୍ସା, ପାଥୋଲୋଜି, ଫାର୍ମାକୋଲୋଜି, ଫିଜିଓଲୋଜି, ମାନସିକ ବିକାରଗ୍ରସ୍ତ, ରେଡିଓ-ଡାଇଗ୍ନୋସିସ୍, କମ୍ୟୁନିଟି ମେଡିସିନ୍, ଚର୍ମ ଓ ଭିଡି, ସର୍ଜରି, ଯକ୍ଷ୍ମା, ଜରୁରିକାଳୀନ ମେଡିସିନ୍, ଫିଜିକାଲ ମେଡିସିନ୍ ଏବଂ ପୁନଃସ୍ଥାପନ ଆଦି ବିଭାଗରେ ନିୟୋଜିତ ହେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।







## ୧୧ରୁ 'ଟୁର୍-ଦେ-କଳିଙ୍ଗ' ସାଇକେଲ ରାଲି

**୧୩ ଦିନରେ ୧୦ ଜିଲା ଭ୍ରମଣ**

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଆସନ୍ତା ୧୧ ତାରିଖରୁ 'ଟୁର୍-ଦେ-କଳିଙ୍ଗ' ସାଇକେଲ ରାଲି ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ ହେବ। ଏହି ଅଭିଯାନ ୧୩ ଦିନରେ ୧୦ଟି ଜିଲାକୁ ଭ୍ରମଣ କରିବ। ସାଇକେଲ ଆରୋହୀମାନେ ଭୁବନେଶ୍ୱରରୁ କୋରାପୁଟ ଅଭିମୁଖେ ଯାତ୍ରା କରି ପୁନର୍ବାର ଭୁବନେଶ୍ୱରକୁ ଫେରିବେ। ଏହି ୧୩୦୦ କିମିର ଯାତ୍ରା ସମୟରେ ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଗ୍ରାମରେ ପ୍ରଦୂଷଣ, ଗ୍ଲୋବାଲ ୱାର୍ମିଂ ଏବଂ ଡ୍ରଗ୍ ଅପବ୍ୟବହାର ଭଳି ବୃହତ୍ ପ୍ରସଙ୍ଗ ଉପରେ ସମ୍ବେଦନଶୀଳ ହେବା ପାଇଁ ଜନସାଧାରଣଙ୍କୁ ଜାଗ୍ରତ କରିବା ସହ ସଚେତନତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯିବ। କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା କଳିଙ୍ଗ ଷ୍ଟାଡିୟମଠାରେ ଏହି ରାଲିକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ସାଇକେଲ ଆରୋହୀମାନେ କୋଣାର୍କ, ପିପିଲି ଓ ରଘୁରାଜପୁର ଦେଇ ପୁରୀ ଯାତ୍ରା କରିବେ। ସୂଚନାଯୋଗ୍ୟ, ଟୁର୍‌ସ ଅଫ୍ ଓଡ଼ିଶା ଫାଉଣ୍ଡେଶନ ୨୦୧୫ରୁ ଏହି ସାଇକେଲ ରାଲି ଆୟୋଜନ କରିଆସୁଛି। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ସାଇକେଲ ଚାଳକ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ଫାଉଣ୍ଡେଶନ ତା'ର ଚତୁର୍ଥ ସଂସ୍କରଣ ସାଇକେଲ ରାଲି କରିବ। ଏଥର ମଧ୍ୟ ବିଭିନ୍ନ ରାଜ୍ୟରୁ ସାଇକେଲ ଆରୋହୀମାନେ ଅଂଶଗ୍ରହଣ କରିବେ। ନିକଟରେ 'ଟୁର୍-ଦେ-କଳିଙ୍ଗ' ରାଲିର ବୁକ୍‌ଲେଟ୍‌କୁ ଫାଉଣ୍ଡେଶନ ଅଧ୍ୟକ୍ଷ ସୁଧୀର ଦାଶଙ୍କ ଉପସ୍ଥିତିରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉନ୍ମୋଚନ କରିଥିଲେ।






ଧରିତ୍ରୀ
DHARITRI
ଶୁକ୍ରବାର, ଡିସେମ୍ବର ୨/୨୦୨୨ Friday, December 2/2022 ପୃଷ୍ଠା-୧

# ଟ୍ରିଲିୟନ ଡଲାର ଅର୍ଥନୀତି ଛୁଇଁବ ଓଡ଼ିଶା



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ଶିଳ୍ପ ମହାନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

### ବିନା ଦ୍ୱିଧାରେ ଓଡ଼ିଶା ଆସ, ପୁଞ୍ଜିନିବେଶ କର

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ନିକଟ ଭବିଷ୍ୟତରେ ଓଡ଼ିଶା ଟ୍ରିଲିୟନ (୧ ଲକ୍ଷ କୋଟି) ଡଲାର ଅର୍ଥନୀତିକୁ ଛୁଇଁବ। ଆମେ ହିଁ ହେବୁ ଦକ୍ଷିଣ ପୂର୍ବ ଏସିଆ ଓ ପୂର୍ବ ଭାରତ ବିକାଶର ମୁଖଶାଳା। ଆପଣମାନେ ଆସନ୍ତୁ, ନୂଆ ଓଡ଼ିଶା ଗଢ଼ିବାକୁ ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜି ଖଟାନ୍ତୁ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଦେଶ ଓ ବିଦେଶର ଶିଳ୍ପପତିମାନଙ୍କୁ ଏଭଳି ଢଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦେଶରେ ବୃହତ୍ ନିବେଶର ପ୍ରଥମ ପସନ୍ଦ ପାଲଟିଛି। ସମସ୍ତ କ୍ଷେତ୍ରରେ ରୂପାନ୍ତରଣ ଅଭିବୃଦ୍ଧି ଘଟୁଛି। ସ୍ଥିର ଶାସନ ଶାନ୍ତି, ପ୍ରଗତି ଓ ଅଭିବୃଦ୍ଧିର ପ୍ରତୀକ ହୋଇଛି। ଉତ୍ତମ ପ୍ରଦର୍ଶନ ପାଇଁ ଗତ ଦୁଇ ଦଶନ୍ଧି ଧରି ଆମକୁ ବିପୁଳ ଜନସମର୍ଥନ ମିଳିଛି। ରାଜ୍ୟର ନାଗରିକକେନ୍ଦ୍ରିକ ଆଦର୍ଶ ପ୍ରଶାସନିକ ମଡେଲ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତୀକରଣ ଓ ଦକ୍ଷତା ବିକାଶ କ୍ଷେତ୍ରରେ ରୂପାନ୍ତରଣ ଆସିପାରିଛି। ସମୃଦ୍ଧ ଓଡ଼ିଶା-ବିକଶିତ ଓଡ଼ିଶା। ଏକ ସ୍ଥିର ସରକାର ହେଉଛି ବିକାଶର ସବୁଠାରୁ ବଡ଼ ଉପାଦାନ। ଆମ ସରକାରରେ ସାଧାରଣ ଲୋକ ସବୁବେଳେ କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଏବଂ ସେମାନଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାର ସୁଯୋଗ ଦେବାକୁ 'ମୋ ସରକାର' ଏବଂ ୫-ଟି ଭଳି ଅଭିନବ ମଡେଲ ଆପଣାଇଛୁ, ଯାହା ବିଶ୍ୱ ସ୍ତରରେ ନୂଆ ବେଞ୍ଚମାର୍କ୍ ତିଆରି କରିଛି। ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇଛି। ରାଜ୍ୟରୁ ୫୦ ପ୍ରତିଶତ ଦାରିଦ୍ର୍ୟ ହଟାଇବା ସହ ଚାଷୀଙ୍କ ଆୟକୁ ଦୁଇଗୁଣା କରାଯାଇଛି

☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଫିଫା ବିଶ୍ୱକପ୍‌ର ମାନସିକ ଓ ଆର୍ଥିକ ପ୍ରଭାବ


FICCI | ODISHA NEW OPPORTUNITIES
DSPL-339



Odisha's 3rd flagship Investor's Summit
MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

*Come, Join the Juggernaut Invest in Odisha, Invest in the Future*

**Shri Naveen Patnaik**
Hon'ble Chief Minister, Odisha

Sectoral Session
2nd December,2022, Hall -3, (2:30 PM-4:30 PM)

E&IT Department Presents



Tusharkanti Behera
Hon'ble Minister, E&IT Department



Manoj Kumar Mishra
Secretary
E&IT Department



Shivraj Dharne
Director, GlobalFoundries



Shailendra Kumar
Managing Director, Oracle



Amit Sharma
Managing Partner, IBM



Rajat Ojha
CEO, Gamitronics



Arvind Kumar
DG, STPI



Satya Gupta
CEO, EPIC Foundation

Topics To be Covered
✓ Web 3.0
✓ Digital Governance
✓ Data Center
✓ Cloud Technology
✓ AVGC
✓ Semi-Conductor Manufacturing
✓ Skill Building in Emerging Technologies

Odisha Electronics and IT Advantage
✓ 4 Newly Notified Policies Offering Wide Range of Incentives ✓ IT Policy, Electronics Policy, BPO Policy, Data Center Policy ✓ Best-in-Class IT SEZs and Towers ✓ EMC park providing all testing and prototyping facilities

*The leading destination of Choice for Investors in Electronics & IT*

• *Make in Odisha IT excellence awards to be presented*
• *MoUs to be unveiled*

Register at https://mio.investodisha.gov.in Download MIO conclave'22 APP

COME, JOIN THE JUGGERNAUT

Electronics and Information Technology Department
Government of Odisha

E&IT Department, Government of Odisha

ocac
Odisha Computer Application Centre
Odisha Computer Application Centre
OCAC Building, Plot No. N-1/7-D, Acharya Vihar, RRL Post Office, Bhubaneswar-751013, Odisha, India
Email: mio.eit@odisha.gov.in
OIPR-16003/13/0078/2223

DSPL-334
Odisha's 3rd Flagship Investor's Meet
FICCI | ODISHA NEW OPPORTUNITIES



MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

*A time will come when industry will ask "Are you skilled or Are you skilled in Odisha?"*

**Shri Naveen Patnaik**
Hon'ble Chief Minister, Odisha

Our mission is to shift the conversation from **"Skilled"** to **"Skilled-in-Odisha"**, an aspirational, branded idea that the best-skilled people come from Odisha.

Come join us in the brainstorming sessions involving the Industry and Institute Stalwarts

Augmenting Industry and Institute Linkages - Manufacturing
Augmenting Industry and Institute Linkages - Healthcare
Future Skills for Future Work

2nd December 2022 Time: 10:30 AM - 1:40 PM

SCAN TO SEE LIVE
Live Streaming on Youtube
https://youtu.be/sYAsXeNuLMs

OIPR-44011/13/0016/2223

10+ Strategic Partnerships | 12 Eminent Speakers | Industry Participations | 100+ Institutes

Skilled in ODISHA
Odisha Skill Development Authority

Skill Development and Technical Education Department, Government of Odisha

COME, JOIN THE JUGGERNAUT
+ 91 889589632 | +91 8895889513
1800-345-7111 (10:00 AM- 6:00 PM on working days)
mio.investodisha.gov.in mio2022mio@investodisha.org
Public Timing: 1st-3rd Dec ,2022, 4PM - 8 PM | 4th Dec,2022, 11AM - 8PM

**ଆଜିର ମନ୍ତବ୍ୟ**

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଦାବିରେ ଆଜୀବନ ସଂଘର୍ଷ କରିବି।

– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାଦେବଙ୍କର ଖାଏ**
**ସହଦେବଙ୍କର ଗାଏ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରିଦେଇପାରନ୍ତି। ଏପରି କି ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେବି ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତା ପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମନରେ ନାହିଁ ମାଳରେ ନାହିଁ**
**ଭଜି ଭଜି କରି ପାଇବୁ କାହିଁ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁ କୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋଙ୍କ ପରଲୋକ

ଭୁବନେଶ୍ୱର,୧।୧୨(ବ୍ୟୁରୋ)


ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋ

ଭୁବନେଶ୍ୱର କେଦାରଗୌରୀ ବିହାରରେ ରହୁଥିବା ଧରିତ୍ରୀର ବରିଷ୍ଠ ସହ-ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋଙ୍କ ମାଆ ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ସେ ଶ୍ୱାସରୋଗରେ ପୀଡ଼ିତ ହୋଇ ବଡ଼ ପୁଅ ଅରୁଣଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ବିଭିନ୍ନ ପୁରାଣ ଶାସ୍ତ୍ର ଓ ଗୀତା ଭାଗବତ ଆଦି ପାଠ କରିବା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା। ମୃତ୍ୟୁ ଖବର ପାଇ କେଦାରଗୌରୀ ବିହାର ସୁରକ୍ଷା ପରିଷଦର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ରମେଶ ଚନ୍ଦ୍ର କାନୁନ୍‌ଗୋ, ବଡ଼ପୁଅ, ସାନପୁଅ ଆଲୋକ, ୩ଝିଅ ଓ ୨ ବୋହୂ ଉପସ୍ଥିତ ଥିଲେ।

# ସାଢ଼େ ୪ବର୍ଷ ପରେ ପହଞ୍ଚିଲା ମନିଅର୍ଡର

**ରାଉରକେଲାରୁ ଭାଇ ମନିଅର୍ଡର ପଠାଇଥିଲେ ୧୦୦ କି.ମି. ଦୂର ଟେନ୍‌ସାରେ ରହୁଥିବା ଭଉଣୀ ପାଖକୁ**

ଟେନ୍‌ସା, ୧।୧୨(ଡି.ଏନ୍.ଏ.)

ମାସେ ନୁହେଁ କି ଦୁଇ ମାସ। ବର୍ଷେ ନୁହେଁ କି ଦୁଇ ବର୍ଷ। ମନିଅର୍ଡର ପହଞ୍ଚିବାକୁ ଲାଗିଗଲା ସାଢେ ୪ବର୍ଷ। ଡାକବିଭାଗର ଅବହେଳା ପାଇଁ ଏଭଳି ହୋଇଛି। ସୁନ୍ଦରଗଡ଼ ଜିଲା ରାଉରକେଲାରୁ ଭାଇ ପଠାଇଥିବା ମନିଅର୍ଡ଼ର ଟଙ୍କା ୧୦୦କିମିଦୂର ଟେନ୍‌ସାରେ ରହୁଥିବା ଭଉଣୀଙ୍କୁ ସାଢେ ୪ବର୍ଷପରେ ଡାକଘରୁ ମିଳିଥିଲା। ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକର ଟେନ୍‌ସାରେ ରହୁଛନ୍ତି ଭଉଣୀ ସୁମିତ୍ରା ବିଶ୍ୱାଳ। ରାଉରକେଲା ସେକ୍ଟର-୮କ୍ୱାର୍ଟର୍ସ ନଂ.୧୦୮ରେ ରହୁଛନ୍ତି ସୁମିତ୍ରାଙ୍କ ଭାଇ। ସାବିତ୍ରୀ ଅମାବାସ୍ୟା ପାଇଁ ସୁମିତ୍ରାଙ୍କ ପାଖକୁ ୨୦୧୮ ମେ ୯ରେ ୫୦୦ ଟଙ୍କା ସେକ୍ଟର ୧୯ ପୋଷ୍ଟ ଅଫିସରେ ମନିଅର୍ଡର କରିଥିଲେ ତାଙ୍କ ଭାଇ। ଯାହାର ଇଏମଓ ନମ୍ବର ୦୯୧୦୯୭୨୫୮୫୭୦୪୬୦୦୧୦। କିନ୍ତୁ ମନି ଅର୍ଡର ଟଙ୍କା ଭଉଣୀ ପାଖରେ ପହଞ୍ଚିଲା କି ନାହିଁ ଏ ସମ୍ପର୍କରେ ବୁଝାବୁଝି କରି ନ ଥିଲେ। ଭଉଣୀ ମଧ୍ୟ ସେ ନେଇ ଭାଇଙ୍କୁ କିଛି ଜଣାଇ ନ ଥିଲେ। ସେହି ୫୦୦ ଟଙ୍କାର ମନିଅର୍ଡର ସୁମିତ୍ରାଙ୍କ ପାଖରେ ୨୦୨୨ ନଭେମ୍ବର ୨୬ରେ ପହଞ୍ଚିଥିଲା। ମନିଅର୍ଡର ଟଙ୍କା ପାଇ ଭଉଣୀ ଭାଇ ପାଖକୁ ଫୋନ କରି ପଚାରିଥିଲେ। ଭାଇ କହିଲେ ମୁଁ ଏବେ ତ ପଠାଇନାହିଁ। ସାବିତ୍ରୀ ଓଷା ପାଇଁ ପାଞ୍ଚ ଶହ ଟଙ୍କା ସାଢେ ଚାରିବର୍ଷ ପୂର୍ବେ ମନିଅର୍ଡର କରିଥିବା କଥା କହିଥିଲେ। ଏହି ଘଟଣା ଜଣାପଡିବା ପରେ ଡାକ ବିଭାଗର ଅବହେଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଞ୍ଚ ଶହ ଟଙ୍କାର ମନିଅର୍ଡର ରାଉରକେଲାରୁ ଟେନସା ପହଞ୍ଚିବାକୁ ଯଦି ସାଢେ ଚାରିବର୍ଷ ଲାଗିଲା ରାଜ୍ୟ ବାହାରକୁ କେତେ ବର୍ଷ ଲାଗିବ ଏନେଇ ଆଲୋଚନା ଜୋର ଧରିଛି।

## ଟ୍ରିଲିୟନ ଡଲାର...

ପ୍ରଥମ ପୃଷ୍ଠାରୁ...

ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଆର୍ଥିକ ପରିଚାଳନା ସମଗ୍ର ଦେଶରେ ପ୍ରଶଂସିତ ହୋଇଛି। ହାତଗଣତି ରାଜସ୍ୱ ବଳକା ରାଜ୍ୟ ମଧ୍ୟରେ ଓଡ଼ିଶା ଆଗରେ ରହିଛି। ବିକାଶର ନୂଆ ଧାରାକୁ ଆପଣାଇବାକୁ ଆମେ ଶିଳ୍ପକୁ ସର୍ବାଗ୍ରେ ରଖିଛୁ। ରାଜ୍ୟରେ ନିବେଶକାରୀଙ୍କୁ ସବୁପ୍ରକାର ସହାୟତା ଯୋଗାଇବାକୁ ସରକାର ସଙ୍କଳ୍ପବଦ୍ଧ। ଏଥିପାଇଁ ଆମେ ନୂଆ ଶିଳ୍ପନୀତି ଆଣିଛୁ। ରାଜ୍ୟର ବିକାଶ ଓ ପ୍ରଗତି ଯାତ୍ରାରେ ସାମିଲ ହେବାକୁ ନବୀନ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ପର୍ଯ୍ୟଟନ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟଶକ୍ତି, ରପ୍ତାନି କ୍ଷେତ୍ରରେ ନିବେଶ ବଢ଼ାଇବାକୁ ଆମେ ଅନୁକୂଳ ନୀତି ଆଣିଛୁ। ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ରେଳ ଲାଇନ, ବିମାନବନ୍ଦରରୁ ଆରମ୍ଭ କରି ବନ୍ଦର ଯାଏ ସବୁକିଛି ସୁବିଧା ରହିଛି। ଦକ୍ଷ ମାନବ ସମ୍ବଳ ଗଢ଼ି ତୋଳିବାକୁ ସ୍କିଲ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶାରେ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ସମସ୍ତ ଅନୁକୂଳ ଶିଳ୍ପାୟନ ପରିବେଶ ସୃଷ୍ଟି କରାଯାଇଛି। ନିବେଶକମାନେ ବିନା ଦ୍ୱିଧାରେ ଓଡ଼ିଶା ଆସନ୍ତୁ, ନିବେଶ କରନ୍ତୁ, ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାରି ହୁଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଏହି ନିବେଦନକୁ ଦେଶର ବିଶିଷ୍ଟ ଶିଳ୍ପପତିମାନେ ମଧ୍ୟ ସମର୍ଥନ ଦେଇଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପ୍ରଥମ ଦିବସ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବ୍ରେକ୍‌ଫାଷ୍ଟ ଉଇଥ୍ ବିଜ୍‌ନେସ ଲିଡର'ର ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଅଧିକ ଶିଳ୍ପସଂସ୍ଥାର ମୁଖ୍ୟ ଓ କାର୍ଯ୍ୟନିର୍ବାହୀଙ୍କ ସମେତ ୨୦୦୦ରୁ ଅଧିକ ଶିଳ୍ପସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଭିମୁଖ୍ୟ ଓ ନୂଆ ଶିଳ୍ପନୀତି ସମ୍ପର୍କରେ ସୂଚନା ଦେଇଥିଲେ। ସବୁ କ୍ଷେତ୍ରରେ ଏଠାରେ ବ୍ୟାପକ ସୁବିଧା ସାଙ୍ଗକୁ ଭରପୂର ପ୍ରାକୃତିକ ସମ୍ପଦ ରହିଛି। ନିବେଶକମାନେ ଯେପରି ସୁବିଧାରେ ଶିଳ୍ପ ପ୍ରତିଷ୍ଠା କରିପାରିବେ ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଅବସରରେ ଦେଶର ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ସେମାନଙ୍କର ମତବ୍ୟକ୍ତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନରୱେ, ଜାପାନ, ଜର୍ମାନୀ ଓ ନେପାଳର ବୈଦେଶିକ ପ୍ରତିନିଧିମାନଙ୍କ ସମେତ ଦେଶର ୪୦ଜଣ ପ୍ରମୁଖ ଶିଳ୍ପପତିଙ୍କ ଗହଣରେ ସାମିଲ ହୋଇ ପୁଞ୍ଜିନିବେଶ ସମ୍ପର୍କରେ ଆଲୋଚନା କରିଥିଲେ। କନ୍‌କ୍ଲେଭର ପ୍ରଥମ ଅଧିବେଶନ (ପ୍ଲେନାରି ସେସନ୍)ରେ ୫୪ ଜଣ ପ୍ରମୁଖ ଶିଳ୍ପପତି ଉପସ୍ଥିତ ଥିବାବେଳେ ଶିଳ୍ପକ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, କନ୍‌କ୍ଲେଭରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ଅନ୍ୟ ଦେଶରୁ ପ୍ରାୟ ୨୧୨ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏଥିରେ ଜାପାନ, ଜର୍ମାନୀ, ନରୱେ, ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସିଙ୍ଗାପୁର, ଚାଇନା ଓ ଥାଇଲାଣ୍ଡ ଭଳି ଦେଶ ମଧ୍ୟ ସାମିଲ ହୋଇଛନ୍ତି।

# ଠିକା ନିଯୁକ୍ତିକୁ ନେଇ ବିରୋଧୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

**ମୁଲତବୀ ଆଲୋଚନା**

- ଠିକା ନିଯୁକ୍ତି ଉଚ୍ଛେଦ ଏକ ପ୍ରହସନ: ବିରୋଧୀ
- ୨୦୦୦ରେ ଓଭରଡ୍ରାଫ୍ଟ ହେଉଥିଲା: ଶାସକ
- ଆଇନକୁ ଦେଖି ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ପାଇଁ ଅନୁଧ୍ୟାନ କରାଯିବ: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷତ୍ୟାଗ



ରାଜ୍ୟରେ ଠିକା ନିଯୁକ୍ତି ଉଠିଗଲା। ସରକାର ଐତିହାସିକ ନିଷ୍ପତ୍ତି ନେଲେ। କିଛି କର୍ମଚାରୀ ମିଠା ବାଣ୍ଟିଲେ, ବାଜା ବଜାଇ ନାଚିଲେ। ମାତ୍ର ଆହୁରି ଅନେକ କର୍ମଚାରୀ ଦୀର୍ଘ ବର୍ଷ ହେବ କମ୍ ପଇସାରେ ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଙ୍ଗନୱାଡ଼ି, ଆଶାକର୍ମୀ, ଗୃହରକ୍ଷୀ, ଗ୍ରାମସାଥୀ, ବିଭିନ୍ନ ସରକାରୀ ସଂସ୍ଥାରେ ଆଉଟସୋର୍ସରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ କଥା ସରକାର ଭୁଲିଗଲେ। ଭୁଥ୍ ହାତେଇବାକୁ ମାଗଣା ଯୋଜନା କରୁଛନ୍ତି। ଅଥଚ କର୍ମଚାରୀମାନଙ୍କୁ ଦରମା ଦେବାକୁ ନାହିଁ। ଠିକା ନିଯୁକ୍ତି ଉଚ୍ଛେଦ ପ୍ରହସନ ପାଲଟିଛି। ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଏଭଳି ଅଭିଯୋଗ କରି ସମାନ କାମକୁ ସମାନ ଦରମା ଦେବାକୁ ଦାବି କରିଛନ୍ତି।

ଗୁରୁବାର ବିଧାନସଭାରେ 'ସମାନ କାମକୁ ସମାନ ଦରମା... ଠିକା ନିଯୁକ୍ତି ନିୟମିତକରଣ ଏକ ପ୍ରହସନ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ ଯେ ଶିକ୍ଷକମାନଙ୍କର ସମାନ ଯୋଗ୍ୟତା ଥାଇ ମଧ୍ୟ କମ୍ ଦରମା ମିଳୁଛି। ସରକାରୀ ଚାକିରିର ମାନ୍ୟତା ନାହିଁ। ପେନ୍‌ସନ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅଛି। ଠିକା ନିଯୁକ୍ତି ଉଠିଗଲା ବୋଲି ସରକାର ଘୋଷଣା କଲେ। ଯଦି ଆର୍ଥିକ ସ୍ଥିତି ଠିକ୍ ଅଛି ତେବେ ରାଜ୍ୟରେ ୧ଲକ୍ଷ ୫୯ ହଜାର ପଦବୀ ଖାଲି କାହିଁକି ପଡ଼ିଛି। ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ମାତ୍ର ଶିକ୍ଷକଙ୍କୁ ଦରମା ଦେବାକୁ ପଇସା ନାହିଁ। ଭାଜପା ସଭ୍ୟ ସନାତନ ବିଜୁଳି କହିଲେ, ସରକାର ୨୨ ବର୍ଷ ଶାସନରେ ଅଛନ୍ତି। ମାତ୍ର ଠିକା ନିଯୁକ୍ତି ଉଠିଲା ନାହିଁ। ସମାନ ଯୋଗ୍ୟତା ଥାଇ ମଧ୍ୟ ଶିକ୍ଷକଙ୍କ ମଧ୍ୟରେ ଦରମା ତାରତମ୍ୟ ରହିଛି। ଦରମା କମ୍ ସାଙ୍ଗକୁ ପେନ୍‌ସନ ମଧ୍ୟ ନାହିଁ। ବିଜେଡି ସରକାର ନ କହି ଠିକା ସରକାର କହିଲେ ଭଲ ହେବ। ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ କହିଲେ, କିଛି କର୍ମଚାରୀ କ୍ଷୀର ମହୁରେ ଭାସୁଥିବା ବେଳେ ଆଉ କେତେକ କର୍ମଚାରୀ ସମାନ କାମ କରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି। ଗୋଟିଏ ସ୍କୁଲରେ ଜଣେ ୮୦ ହଜାର ପାଉଥିବା ବେଳେ ଆଉ ଜଣେ ଶିକ୍ଷକ ୧୫ ହଜାର ପାଉଛନ୍ତି। ସରକାର ସେମାନଙ୍କୁ ତୁରନ୍ତ ନିୟମିତ କରନ୍ତୁ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ୨୦୦୦ ମସିହାରେ ବିଜେଡି କ୍ଷମତାକୁ ଆସିଲା। ସେତେବେଳେ ଖଣି ଚୋରି ହେଉ ନ ଥିଲା। ନିର୍ବାଚନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉ ନ ଥିଲା। ଏ ସରକାର ଆସିବା ପରେ ଏ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦେଲେ ନାହିଁ। ଆଉଟସୋର୍ସିଂ କରିଦେଲେ। ଆଉଟସୋର୍ସ ସଂସ୍ଥା ୫୦ ହଜାର ନେଇ ଚାକିରି ଦେଉଛନ୍ତି। ଯେଉଁମାନେ ଚାକିରି କରିଛନ୍ତି ସେମାନଙ୍କର ବୀମା କିମ୍ବା ଇଏସ୍ଆଇ ଟଙ୍କା ଜମା କରାଯାଉ ନାହିଁ। ଏବେକାର ବିଧାୟକ ଲୋକଙ୍କ କଥା କିଛି ଜାଣନ୍ତି ନାହିଁ। କେବଳ ନବୀନ ବାବୁଙ୍କୁ ଟେକିବା ଜାଣିଛନ୍ତି। ସେତେବେଳେ ରାଜ୍ୟରେ ୨୩ ହଜାର କୋଟି ଟଙ୍କା ଋଣ ଥିବାବେଳେ ଏବେ ୧ଲକ୍ଷ ୨୫ ହଜାର କୋଟିରେ ପହଞ୍ଚିଲାଣି। ଏନ୍ଏସି ଓ ଏନ୍ଆର୍ଏମ୍ କର୍ମଚାରୀ ନିୟମିତ ହୋଇପାରୁ ନାହାନ୍ତି।

ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ୨୦୦୦ ମସିହାରେ ସରକାରୀ କର୍ମଚାରୀଙ୍କୁ ଦରମା ମିଳୁ ନ ଥିଲା। ଓଭରଡ୍ରାଫ୍ଟ ହେଉଥିଲା। ରାଜ୍ୟର ବଜେଟ ଏବେ ୨ ଲକ୍ଷ କୋଟିରେ ପହଞ୍ଚିଲାଣି। ଠିକା ନିଯୁକ୍ତି ଉଠାଇବା ଦ୍ୱାରା ଅନେକ କର୍ମଚାରୀଙ୍କ ମୁହଁରେ ହସ ଫୁଟିଛି। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ସରକାର ନିୟମିତ କରିବା ବ୍ୟବସ୍ଥା କରୁଛନ୍ତି। ୫୦ ହଜାର ନିଯୁକ୍ତି ସରିଲାଣି। ବିରୋଧୀ କେବଳ ବିରୋଧ କରିବାକୁ ଏପରି କହୁଛନ୍ତି। ବିଜେଡି ସଭ୍ୟ ରାଜକିଶୋର ଦାସ, ନୃସିଂହ ସାହୁ ଏବଂ ବ୍ୟୋମକେଶ ରାୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ମୁଲତବୀ ଆଲୋଚନାର ଉତ୍ତର ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ବଦଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଲେ, ଭାଜପା ସଦସ୍ୟମାନେ ଗୁଜରାଟ କଥା କହିଲେ ନାହିଁ। ସେଠାରେ ୧୫ ଲକ୍ଷ ଯୁବତୀଯୁବକଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ଉତ୍ତରପ୍ରଦେଶରେ ପଞ୍ଚାୟତିରାଜ ବିଭାଗରେ ୫୮ ହଜାର ଚୁକ୍ତିଭିତ୍ତିକ ନିଯୁକ୍ତି ଦେବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ ସେନାବାହିନୀରେ ୪ ବର୍ଷିଆ ନିଯୁକ୍ତି ଦେଇ ଯୁବତୀଯୁବକମାନଙ୍କୁ କେନ୍ଦ୍ର ସରକାର ଭୁଆଁ ବୁଲାଉଛନ୍ତି। ବିରୋଧୀ ଦଳ ଯେଉଁ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ୨୦୦୦ ମସିହାରେ ରାଜ୍ୟର ଆର୍ଥିକ ସ୍ଥିତି ଅସମ୍ଭାଳ ଥିଲା। ନିତିଦିନ ଖର୍ଚ୍ଚ ପାଇଁ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ସେତେବେଳେ ଓଡ଼ିଶା ଅର୍ଥନୀତି ପାଇଁ ଏକ କଳା ସମୟ ଥିଲା। ସେ ସମୟରେ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ ଥିଲା। ପଦବୀ ସବୁ ଉଚ୍ଛେଦ କରିବାକୁ ପଡୁଥିଲା। ଉତ୍ତମ ଆର୍ଥିକ ପରିଚାଳନା ଓ ସୁଶାସନ ଜରିଆରେ ପରିସ୍ଥିତିରେ ଉନ୍ନତି ଆସିଛି। ୨୦୧୩ରେ ପ୍ରଣୟନ ହୋଇଥିବା ଚୁକ୍ତିଭିତ୍ତିକ ନିୟମ ଅନୁଯାୟୀ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କ ଚୁକ୍ତିଭିତ୍ତିକ ବ୍ୟବସ୍ଥାକୁ ସବୁଦିନ ପାଇଁ ଉଚ୍ଛେଦ କରାଯାଇଛି। ଏବେ ଅନେକ ରାଜ୍ୟରେ ନିୟମିତ ନିଯୁକ୍ତି ବନ୍ଦ ଅଛି। ୫୭ ହଜାର କର୍ମଚାରୀଙ୍କୁ ନିୟମିତ ପାଇଁ ହାରାହାରି ୧୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ହୋଇଛି। ରାଜ୍ୟର ଆର୍ଥିକ ସ୍ଥିତିକୁ ଦେଖି, କୋର୍ଟଙ୍କ ଆଦେଶକୁ ଭିତ୍ତିକରି ଏବଂ ବିଭିନ୍ନ ସମୟରେ ପ୍ରଣିତ ଆଇନକୁ ଅନୁଧ୍ୟାନ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଅନୁଧ୍ୟାନ କରାଯିବ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷତ୍ୟାଗ କରି ବାହାରକୁ ଚାଲିଯାଇଥିଲେ। ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଅଗ୍ରାହ୍ୟ କରି ଦେଇଥିଲେ।



ଓଡ଼ିଶା ବେସାମରିକ ସେବା ପୁନଃ ଥଇଥାନ ନିୟମ ୨୦୨୦କୁ ଉଚ୍ଛେଦ ସହ ୧୯୯୦କୁ ପୁନଃ କାର୍ଯ୍ୟକ୍ଷମ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଚାଲିଥିବା ଧାରଣା ସ୍ଥଳରେ ଗୁରୁବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଜସ୍ୱ ମାନ୍ୟତା ଅପେକ୍ଷାରେ ୩୩୫୨ ପଡ଼ାଗ୍ରାମ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

**ରାଜସ୍ୱ ଗ୍ରାମ ପ୍ରସଙ୍ଗ**

- ବିଧାନସଭାରେ ଶାସକ ସଦସ୍ୟଙ୍କ ଉଦ୍‌ବେଗ
- ୧୦ ବର୍ଷ ଦୌଡ଼ି ଦୌଡ଼ି ବସିଗଲି
- ସବୁ ଠିକ୍ ଥିଲେ ରାଜସ୍ୱ ଗ୍ରାମ ହେବ: ମନ୍ତ୍ରୀ

ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଉ ନ ଥିବାରୁ ଗୁରୁବାର ପ୍ରଶ୍ନକାଳରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଅନେକ ପଡ଼ାଗ୍ରାମ ଯୋଗ୍ୟ ଥିଲେ ମଧ୍ୟ ସରକାରୀ ସ୍ତରରେ ସେପରି ତତ୍ପରତା ପ୍ରକାଶ ପାଉନି। ସେହି ଗ୍ରାମକୁ ରାସ୍ତା ହୋଇପାରୁନି। ପାଣି ପାଇପ ଯାଇପାରୁନି। ଆମ୍ବୁଲାନ୍ସ ଆସିପାରୁନି। ଲୋକମାନେ ବହୁ ସମସ୍ୟା ଭୋଗୁଛନ୍ତି। ବିଜେଡି ସଭ୍ୟ ଅରବିନ୍ଦ ଢାଲି ଅଭିଯୋଗ କରିଥିଲେ ଯେ ୨୦୧୨ରୁ ଆଜି ଯାଏ ୧୦ ବର୍ଷ କାଳ ମାଲକାନଗିରିର ୫୨ ଏବଂ ନବରଙ୍ଗପୁରର ୫୮ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ମୁଁ ନିଜେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲି। ନିରାଶ ହେବା ପରେ ନିରୁପାୟ ହୋଇ ଚୁପ୍ ହୋଇ ବସିପଡ଼ିଲି। ଜିଲାପାଳ ଶୁଣୁନାହାନ୍ତି। ମନ୍ତ୍ରୀ ଏ ନେଇ ନିଜେ ହସ୍ତକ୍ଷେପ କରି ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରନ୍ତୁ। ଢାଲି ଏହି ପ୍ରସଙ୍ଗକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉତ୍ତର ହାଲୁକା ଭାବେ ଦେଇଥିଲେ। ମନ୍ତ୍ରୀ କହିଥିଲେ, ଜୟଦେବ ବିଧାୟକ ମାଲକାନଗିରି କଥା ଭୁଲିନାହାନ୍ତି। ତେବେ ନିୟମ ଅନୁସାରେ ଯୋଗ୍ୟ ଥିବା ପଡ଼ାଗ୍ରାମକୁ ନିଶ୍ଚିତ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମୂଳ ପ୍ରଶ୍ନ ନଂ. ୧୮୧ରେ ପଚାରିଥିଲେ, ଓଡ଼ିଶାରେ ଏବେ କେତୋଟି ରାଜସ୍ୱ ଓ ପଡ଼ାଗ୍ରାମ ରହିଛି। ଶେଷ ଥର ପାଇଁ କେତୋଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଛି। କୋରାପୁଟ ଜିଲାରେ କେତେ ରାଜସ୍ୱ ଓ ପଡ଼ାଗ୍ରାମ ରହିଛି। ପଡ଼ାଗ୍ରାମରେ ରହୁଥିବା ଲୋକମାନେ ବହୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି କି। ଏହାକୁ ଦୃଷ୍ଟିରେ ରଖି ୫୦ ଲୋକସଂଖ୍ୟା ବିଶିଷ୍ଟ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବେ କି ? ମନ୍ତ୍ରୀ କହିଥିଲେ, ରାଜ୍ୟରେ ବର୍ତ୍ତମାନ ୫୧୭୨୭ ରାଜସ୍ୱ ଗ୍ରାମ ଓ ୫୦୫୧ ପଡ଼ାଗ୍ରାମ ରହିଛି। ସେଥିରୁ ୬୬୫ଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ୯୮ ପଡ଼ାଗ୍ରାମର ଉପଯୁକ୍ତ କାଗଜ ନ ଥିବା ଯୋଗୁ ରଦ୍ଦ କରାଯାଇଛି। ଅବଶିଷ୍ଟ ୩୩୫୨ ପଡ଼ାଗ୍ରାମ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ପାଇବାକୁ ବାକି ଅଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଜିଲାପାଳଙ୍କଠାରୁ ପାଇବା ପରେ ଭୂ-ଅଭିଲେଖ ପରିମାପକ ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଦୃଷ୍ଟିରେ ରଖି ବିଧି ବ୍ୟବସ୍ଥା ଅନୁଯାୟୀ ପଡ଼ାଗ୍ରାମକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷ ଥର ୨୦୨୨ ନଭେମ୍ବର ୨୪ରେ ଜଗତ୍‌ସିଂହପୁର ଜିଲାର ନୂଆଗାଁ ତହସିଲର ପୂର୍ବାଓଷାକଣାପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଛି। କୋରାପୁଟ ଜିଲାରେ ମୋଟ ୧୯୬୬ ରାଜସ୍ୱ ଗ୍ରାମ ଓ ୪୫୦ ପଡ଼ାଗ୍ରାମ ରହିଛି। ସେଥିରୁ ୨୫ଟି ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ବେଳେ ୪୨୫ଟି ପଡ଼ାଗ୍ରାମକୁ ମାନ୍ୟତା ଦେବାକୁ ବାକି ରହିଛି। ୨୫୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ବ୍ୟବସ୍ଥା ରହିଛି।

ବିଜେଡି ସଭ୍ୟ ଶଶି ଭୂଷଣ ବେହେରା, ମକରନ୍ଦ ମୁଦୁଲି, ଭାଗୀରଥି ସେଠୀ, ଅମର ଶତପଥୀ, ଭୂପିନ୍ଦର ସିଂ, ପ୍ରଫୁଲ୍ଲ ସାମଲ ପ୍ରମୁଖ ନିଜ ନିର୍ବାଚନମଣ୍ଡଳୀରେ ଥିବା ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମିଳୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ନିଜଆଡୁ ଅନୁସନ୍ଧାନ କରନ୍ତୁ। କେଉଁ ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ କରିହେବ। ବିଧି ବ୍ୟବସ୍ଥାକୁ ସରଳୀକରଣ କରି ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ କରିବାକୁ ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ସରକାର ବିଧିବ୍ୟବସ୍ଥାରେ କିଛି ପରିବର୍ତ୍ତନ କରିଛନ୍ତି। ଗୋଚର ଜମି ନ ଥିଲେ ମଧ୍ୟ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଇ ପାରିବ। ଯଦି ସବୁ ଠିକ୍ ଥିବ ତେବେ ରାଜସ୍ୱ ଗ୍ରାମ କରିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ବିବ୍ରତ କରାଇବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** – ଆଜିର ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଏକାଧାରରେ ଅର୍ଥ, ସମ୍ମାନ, ପ୍ରତିଷ୍ଠା ସାଙ୍ଗକୁ ଗୌରବାର୍ଜନ କରିବେ। ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରୋହିଣୀ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**ମିଥୁନ** – କୌଶଳ ପ୍ରୟୋଗ କରି ନିଜ ବନ୍ଧୁମାନଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ମୃଗଶିରା ନକ୍ଷତ୍ର ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ଆଜି ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** – ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଓ ଗୁରୁ ଦୋଷଯୁକ୍ତ ହୋଇ ପ୍ରତ୍ୟେକ କାମରେ ଓଲଟା ଫଳ ପ୍ରଦାନ କରିବେ। ଆଜି ବନ୍ଧୁଙ୍କ ସହ ବିବାଦ ଓ ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପୂର୍ବ ସମସ୍ୟା ସମାଧାନ ହେବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ସଭାସମିତିରେ ଆଲୋଚନାର ଅମୀମାଂସିତ ରହିବ।

**ସିଂହ** – ଆଜି ଦୁଃସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ ଏବଂ ସନ୍ତାନଙ୍କ କୌଣସି ସମସ୍ୟା ଚିନ୍ତିତ କରିବ। ଧାର୍ମିକ କାର୍ଯ୍ୟ, ସତ୍ ସଙ୍ଗ, ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗରୁ ଏକପ୍ରକାର ମନକୁ ବୁଝେଇନେବେ। ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାଇଁ କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ଯାନ୍ତ୍ରିକ ଶିଳ୍ପ, ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତା ବଢ଼ାଇବ।

**ତୁଳା** – ନୂତନ ବନ୍ଧୁ ସମ୍ପର୍କ ମନକୁ ଆହ୍ଲାଦିତ କରିବ ଏବଂ ଅର୍ଥ, ଉପଢୌକନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ସ୍ୱାତୀ ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କୌଣସି ପ୍ରିୟବନ୍ଧୁଙ୍କ ଅନୁପସ୍ଥିତି ଓ ଦେଖାସାକ୍ଷାତ୍ ଅଭାବରୁ ବ୍ୟସ୍ତ ରହିବେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି।

**ବିଛା** – ସମୟର ସାମାନ୍ୟ ପ୍ରତିକୂଳତା କାରଣରୁ ମାନସିକ ଓ ଶାରୀରିକ ସୁସ୍ଥତା ରହି ନ ପାରେ। ବର୍ତ୍ତମାନର ପରିସ୍ଥିତିରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ର କରି ଟେନସନ୍ ବଢ଼ିପାରେ।

**ଧନୁ** – ଆପଣଙ୍କ କୌଶଳପୂର୍ଣ୍ଣ କଥାବାର୍ତ୍ତା କାମକୁ ସହଜ କରିବାରେ ସାହାଯ୍ୟ କରିବ। ଉତ୍ତରାଷାଢ଼ା ନକ୍ଷତ୍ର ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ବାରମ୍ବାର ଭ୍ରମଣ ସୁଯୋଗ ଆସିପାରେ।

**ମକର** – ନୂତନ ପରିବେଶରେ କେତେକ ବ୍ୟତିକ୍ରମ ଅସନ୍ତୋଷ ସୃଷ୍ଟି କରିପାରେ। ବନ୍ଧୁଙ୍କ ପରିସରରେ ନୀରବତା ଓ ଗୁପ୍‌ଚାପ୍ କଥା ମନରେ ବିଭିନ୍ନ ଆଶଙ୍କା ଉଦ୍ରେକ କରିବ। ସାମୟିକ ଅଭାବଜନିତ ଧାରକରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ଶ୍ରବଣା ନକ୍ଷତ୍ରର ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ଆଶା ରହିଛି।

**କୁମ୍ଭ** – ଆଜିର ଯାତ୍ରା, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧ ଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍‌ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଆଶା ପୂରଣ ହେବ, ଅର୍ଥ ପାଇବେ, କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ମୀନ** – ଆଜି ଅଫିସ୍‌ରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଉତ୍ତର ଭାଦ୍ରବ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ସାମାଜିକ କିମ୍ବା ପ୍ରଶାସନିକ ସ୍ତରରେ ବୁଝାମଣାରେ ଉନ୍ନତି ଘଟିବ।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳ ନବମୀଯୁକ୍ତ ଦଶମୀ ଶୁକ୍ରବାର, ରାଶି ନକ୍ଷତ୍ର- ଉତ୍ତର ଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ ଗତେ ଘ.୦୬।୫୨ ମଧ୍ୟେ, ଘ.୦୭।୩୬ମି. ଗତେ ଘ.୦୮।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୪ମି. ଗତେ ଘ.୧୧।୩୫ମି. ମଧ୍ୟେ ରାହୁକାଳ।

# ବିଧାନସଭା ଘେରାଉ କରିବ ନ୍ୟାୟ ପାଇଁ ଲଢେଇ ପରିବାର

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଜଘନ୍ୟ ହତ୍ୟାକାଣ୍ଡ, ଶିଶୁ ଅପହରଣ, ଶିଶୁ ଅଙ୍ଗ ତସ୍କରୀ ଘଟଣାରେ ବର୍ଷ ବର୍ଷ ଅପେକ୍ଷା ପରେ ବି ପୀଡିତ ପରିବାରଙ୍କୁ ଏଯାବତ କୌଣସି ନ୍ୟାୟ ମିଳିପାରିଲାନାହିଁ। ଏହାକୁ ନେଇ ନ୍ୟାୟ ପାଇଁ ବଞ୍ଚିତ ୫୦ରୁ ଅଧିକ ପୀଡିତ ପରିବାରର ଉତ୍ତରାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହାର ଜବାବ ମାଗିବା ଲାଗି ସେମାନେ ବିଧାନସଭା ଘେରାଉ କରିବାକୁ ଯୋଜନା କରିଛନ୍ତି। ଏମାନଙ୍କୁ ନେଇ ଗଠିତ ସଙ୍ଗଠନ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଂଗ୍ରେସ ଭବନ ନିକଟ ଲୋୟର ପିଏମ୍‌ଜିରେ ଏକାଠି ହେବା ପରେ ଶାନ୍ତିପୂର୍ଣ୍ଣ ଭାବରେ ଚାଲିଚାଲି ଯାଇ ବିଧାନସଭା ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିସହ ରାଜ୍ୟରେ ୨୨ ବର୍ଷ ହେଲା ଶାସନ କରୁଥିବା ବିଜେଡି ସରକାରଙ୍କୁ ଏହାର ଜବାବ ମାଗିବେ। ଏ ନେଇ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ଦାଶ ପୋଲିସ କମିଶନର, ଡିସିପି ଭୁବନେଶ୍ୱର, ଆଇଆଇସି କ୍ୟାପିଟାଲ ଥାନାଙ୍କୁ ସୁରକ୍ଷା ନିମନ୍ତେ ଚିଠି ଲେଖି ଅବଗତି କରାଇଛନ୍ତି।




# ଦାବି ଯଥାର୍ଥତା ନେଇ ଚର୍ଚ୍ଚା

## ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ

### ■ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଗ୍ରେଡ୍ ପେ' କମ୍

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

୨୦୧୩ ଠିକା ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ଐତିହାସିକ ପଦକ୍ଷେପ ନେଇଥିବା ରାଜ୍ୟ ସରକାରଙ୍କ ପାଇଁ କଣ୍ଟା ସାଜିଛି ୨୦୦୧ ନିୟମ ଅନୁସାରେ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକ ସଂଘ। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୂର୍ବରୁ ଥିବା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଆଦି ୩ଦଫା ଦାବିରେ ପ୍ରାଥମିକ ଶିକ୍ଷକ ସଂଘ ସରକାରଙ୍କୁ ଘେରିଛି। ବିଧାନସଭାର ଶୀତ ଅଧିବେଶନ ଚାଲିଥିବାବେଳେ ନଭେମ୍ବର ୨୭ତାରିଖରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ରାଜଧାନୀ ଭୁବନେଶ୍ୱରରେ ଗର୍ଜନ କଲେ। ଏହି ସମୟରେ ଶିକ୍ଷକ ସଂଘର ପ୍ରତିନିଧି ଦଳ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା ହୋଇଥିଲା। ପ୍ରଥମ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟ ଆଲୋଚନା ପରେ ବୁଧବାର ନଭେମ୍ବର ୩୦ରେ ଶିକ୍ଷକ ସଂଘ ଆନ୍ଦୋଳନରୁ ସାମୟିକ ଓହରିଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୪ଜଣିଆ କମିଟି ଡିସେମ୍ବର ୧୬ରୁ ୨୦ ମଧ୍ୟରେ ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବାକୁ କୁହାଯାଇଛି। ଯଦି ଏହି ସମୟ ମଧ୍ୟରେ କୌଣସି ନିଷ୍ପତ୍ତି ନିଆ ନ ଯିବ ତେବେ ଆନ୍ଦୋଳନକୁ ପୁଣି ଥରେ ଜୋରଦାର କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରପକ୍ଷରେ ପ୍ରାଥମିକ ଶିକ୍ଷକ ସଂଘର ଦାବି କେତେ ଯଥାର୍ଥ ତାକୁ ନେଇ ଆଲୋଚନା ଜୋର ଧରିଛି।

ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ୩ଟି ପ୍ରମୁଖ ଦାବି ମଧ୍ୟରେ ପ୍ରଥମଟି ହେଲା ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ। ନିକଟରେ ୨୦୧୩ରେ ଲାଗୁ ହୋଇଥିବା ଠିକା ନିଯୁକ୍ତି ପ୍ରକ୍ରିୟାକୁ ରାଜ୍ୟ ସରକାର ଉଚ୍ଛେଦ କରିଛନ୍ତି। ସେଥିରେ ନିଯୁକ୍ତି ପାଇଥିବା ମାଧ୍ୟମିକ ଶିକ୍ଷକମାନଙ୍କ ମୂଳ ନିଯୁକ୍ତିଠାରୁ ସେମାନଙ୍କୁ ନିୟମିତ କରାଯିବାକୁ ସରକାର ଘୋଷଣା କରିଛନ୍ତି। କିନ୍ତୁ ୨୦୦୧ ମସିହାରେ ରାଜ୍ୟର ଆର୍ଥିକ ସ୍ଥିତି ଯେତେବେଳେ ଜଟିଳ ଥିଲା ସେତେବେଳେ ପ୍ରାଥମିକ ଶିକ୍ଷକମାନେ ୧୫୦୦ଟଙ୍କା ପାରିଶ୍ରମିକରେ ୬ବର୍ଷ ଧରି ଠିକାରେ କାମ କରିଥିଲେ। ତେଣୁ ସେହି ଠିକା ସମୟ ୬ବର୍ଷକୁ ମୂଳ ନିଯୁକ୍ତି ଭାବେ ଧରି ୬ଟି ଇନ୍‌କ୍ରିମେଣ୍ଟ ସହ ୬ବର୍ଷ କାର୍ଯ୍ୟକାଳକୁ ନିୟମିତ ଭାବେ ଗ୍ରହଣ କରାଯିବାକୁ ମିଳିତ ପ୍ରାଥମିକ ସଂଘ ପକ୍ଷରୁ ଦାବି କରାଯାଇଛି। ଦ୍ୱିତୀୟ ଦାବି ହେଲା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ। ଭାରତର ୨୦ରୁ ଊର୍ଦ୍ଧ୍ୱ ରାଜ୍ୟରେ ୪୨୦୦ ଗ୍ରେଡ୍ ପେ'ରେ ନିୟମିତ ପ୍ରାଥମିକ ଶିକ୍ଷକମାନେ ଦରମା ପାଉଥିବାବେଳେ ଓଡ଼ିଶାରେ ୨୨୦୦ ଗ୍ରେଡ୍ ପେ' ଅନୁସାରେ ଦରମା ମିଳୁଛି। କେନ୍ଦ୍ରୀୟ ହାରରେ ଗ୍ରେଡ୍ ପେ ଅନୁସାରେ ଦରମା ଦେବାକୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୦୧୭ ମସିହାରେ ଦାବି ହୋଇଥିଲା। ସେତେବେଳେ ଗଣଶିକ୍ଷା ମନ୍ତ୍ରୀ ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ପ୍ରତିଶ୍ରୁତି ପୂରଣ ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେଣୁ ପ୍ରାଥମିକ ଶିକ୍ଷକଙ୍କୁ ୨୨୦୦ ପରିବର୍ତ୍ତେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ତୃତୀୟ ଦାବି ହେଲା ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା। ଭାରତର ରାଜସ୍ଥାନ, ଛତିଶଗଡ଼, ପଞ୍ଜାବ ଓ ଝାଡ଼ଖଣ୍ଡରେ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଇଛି। ତେଣୁ ଓଡ଼ିଶାରେ ମଧ୍ୟ ଏହି ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଉ।

ଦେଶର ପ୍ରାୟ ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ୍ ପେ ୪୨୦୦ଟଙ୍କା ରହିଛି। କେବଳ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସମେତ ୫ଟି ରାଜ୍ୟରେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ ନାହିଁ। ଓଡ଼ିଶାରେ ମାତ୍ର ୨୨୦୦ ଗ୍ରେଡ୍ ପେ' ରହିଛି। ଏପରି କି ରାଜ୍ୟରେ ଏସ୍‌ସି/ଏସ୍‌ଟି ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ୨୮୦୦ ଗ୍ରେଡ୍ ପେ'ରେ ଦରମା ମିଳୁଥିବାବେଳେ ଅନ୍ୟ ପ୍ରାଥମିକ ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍ ପେ'ରେ ଦରମା ମିଳିବା ଅତ୍ୟନ୍ତ ପରିତାପର ବିଷୟ। ଶିକ୍ଷକମାନେ ହିଁ ସମାଜକୁ ଦିଗ୍‌ଦର୍ଶନ ଦେଇଥାନ୍ତି। ମାତ୍ର ଶିକ୍ଷକଙ୍କ ପ୍ରତି ସରକାରଙ୍କ ଏଭଳି ଉଦାସୀନ ମନୋଭାବ ଉଚିତ ହେଉ ନାହିଁ। ତେଣୁ ଓଡ଼ିଶାରେ ମଧ୍ୟ ଆସାମ, ବିହାର, ଚଣ୍ଡିଗଡ଼, ଛତିଶଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ, ତାମିଲ୍‌ନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟ ଭଳି ୪୨୦୦ ଗ୍ରେଡ୍ ପେ'ରେ ଦରମା ଦିଆଯାଉ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ କହିଛନ୍ତି। ଅପରପକ୍ଷରେ ନିୟମିତ ପ୍ରାଥମିକ ଶିକ୍ଷକ ସଂଘର ଦାବି ପ୍ରତି ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଶିକ୍ଷକ ସଂଘ ସହିତ ଆଲୋଚନା କରିବା ପରେ ଦାବି ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଅନ୍ୟପଟେ ଶିକ୍ଷକଙ୍କ ଦାବି ଏବଂ ସରକାରଙ୍କ ନିଷ୍ପତ୍ତି ମଧ୍ୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଶିକ୍ଷକଙ୍କ ଦାବି ଯଥାର୍ଥ ହୋଇଥିଲେ ମଧ୍ୟ ପିଲାଙ୍କ ଷାଣ୍ମାଷିକ ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ପିଲାଙ୍କ ଭବିଷ୍ୟତ ଉପରେ ବିଶେଷ ପ୍ରଭାବ ପକାଉଛି ବୋଲି ଅଭିଭାବକ ରମାରଞ୍ଜନ ବଳିୟାରସିଂ କହିଛନ୍ତି।

## ବିଦ୍ୟୁତ୍ ତାର ଲାଗି ଜଳିଗଲେ ଯୁବତୀ

ଖୋର୍ଦ୍ଧା ଅଫିସ,୧।୧୨ : ଖୋର୍ଦ୍ଧା ପୂର୍ବତଟ ରେଳମଣ୍ଡଳ ଅନ୍ତର୍ଗତ ତାପଙ୍ଗ ଷ୍ଟେଶନରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଷ୍ଟେଶନରେ ଛିଡ଼ା ହୋଇଥିବା ମାଲ୍‌ବାହୀ ଟ୍ରେନ୍ ଉପରେ ଚଢ଼ି ଜଣେ ଯୁବତୀ ସେଲ୍ଫି ନେବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଜଙ୍କିଆ ଥାନା ମଳିପଡ଼ା ଗ୍ରାମର ଶିଲ୍ପା ସାହୁ। ପରିବାରଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ।









"ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା

# ଫିଫା ବିଶ୍ୱକପ୍‌ର ମାନସିକ ଓ ଆର୍ଥିକ ପ୍ରଭାବ



ରାଜ ପର୍ସାଉଦ୍

ଫୁଟ୍‌ବଲ ବିଶ୍ୱରେ ସବୁଠୁ ଲୋକପ୍ରିୟ ଖେଳ। ବହୁ ସମୟରେ ଏହା ଜାତୀୟ ପରିଚିତିର ଏକ ପ୍ରତୀକ ଏବଂ ସାମଗ୍ରିକ ଗର୍ବର ଏକ ଉତ୍ସ ହୋଇଥାଏ। ସେଥିପାଇଁ ଫିଫା ବିଶ୍ୱକପ୍ ଯେଉଁଭଳି ଭାବେ ତୀବ୍ର ଭାବାବେଗ ସୃଷ୍ଟି କରିପାରେ ତାହା ଅନ୍ୟ କୌଣସି ଖେଳର ବୃହତ୍ ଟୁର୍ନାମେଣ୍ଟରେ ହୋଇପାରେନାହିଁ। ଚଳିତ ବର୍ଷ କାତାରରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସେଭଳି ଭାବନା ପ୍ରତିଫଳିତ ହୋଇଛି।

୧୯୯୮ ବିଶ୍ୱକପ୍ ଫ୍ରାନ୍ସରେ ଅନୁଷ୍ଠିତ ହୋଇଥିଲା ଓ ଏଥିରୁ କିଛି ଉପାଦେୟ ତଥ୍ୟ ମିଳିଛି। ୨୦୧୨ରେ ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ମାସେ ବ୍ୟାପୀ ଟୁର୍ନାମେଣ୍ଟ ମଧ୍ୟରେ ଫ୍ରାନ୍ସରେ ଆତ୍ମହତ୍ୟା ହାର କମ୍ ଥିଲା। ଏହାସହ ଫ୍ରାନ୍ସ ଫୁଟ୍‌ବଲ ଟିମ୍‌ର ମ୍ୟାଚ ପରଦିନଗୁଡ଼ିକରେ ଆଶ୍ଚର୍ଯ୍ୟଜନକ ଭାବେ ଏହା ୧୯.୯% ହ୍ରାସ ଘଟିଥିଲା। ଫ୍ରାନ୍ସ ଏହି ବିଶ୍ୱକପ ବିଜୟୀ ହୋଇଥିଲା। ୨୦୧୫ର ଏକ ଅନୁଧ୍ୟାନରୁ ଜାଣିବାକୁ ମିଳିଥିଲା ଯେ, ୨୦୧୦ରେ ଦକ୍ଷିଣ ଆଫ୍ରିକା ଫିଫା ବିଶ୍ୱକପର ୯ ମାସ ପରେ ପୁରୁଷ -ମହିଳା ଜନ୍ମ ଅନୁପାତରେ ବଡ଼ ଧରଣର ପରିବର୍ତ୍ତନ ଘଟିଥିଲା। ଗବେଷକଙ୍କ ମତରେ, ଟୁର୍ନାମେଣ୍ଟ ସମୟରେ ଯୌନକ୍ରିୟା ବୃଦ୍ଧି ଯୋଗୁ ଏହା ହୋଇଥିଲା। ଏହାସହ ୧୯୯୮, ୨୦୦୨, ୨୦୦୬ ଏବଂ ୨୦୧୦ ବିଶ୍ୱକପ୍ ବେଳେ ବିଶେଷକରି ବ୍ରାଜିଲ ଟିମ୍ ଖେଳିଥିବା ଦିନଗୁଡ଼ିକରେ ସେହି ଦେଶରେ ହୃଦ୍‌ଘାତ ବୃଦ୍ଧି ପାଇଥିଲା। ସେହିପରି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକ ମାର୍କେଟକୁ ଅତ୍ୟଧିକ ପ୍ରଭାବିତ କରିପାରେ ବୋଲି ଅନେକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ୨୦୧୬ର ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ଇଟାଲୀ ଟିମ୍‌ର ପ୍ରଦର୍ଶନ ସେହି ଦେଶର ଷ୍ଟକ୍ ମାର୍କେଟ ରିଟର୍ନକୁ ପ୍ରଭାବିତ କରିଥିଲା। ସେହିଭଳି ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଟିମ୍ ବିଜୟୀ ହେଲେ ତାହା ନିବେଶକମାନଙ୍କ ମଧ୍ୟରେ ଏକ ଉତ୍ସାହର ଭାବନା ସୃଷ୍ଟି କରିବା ସମ୍ଭାବନା ରହିଛି ବୋଲି ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ପରାଜୟ ବିଶେଷ କରି ଅଣଆନୁଷ୍ଠାନିକ ଖୁଚୁରା ନିବେଶକମାନଙ୍କୁ ଚାପଗ୍ରସ୍ତ କରାଏ। ଆଉ ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ଯେଉଁ ଟିମ୍‌ଗୁଡ଼ିକ ହାରିଯାଆନ୍ତି, ଅପେକ୍ଷାକୃତ ସଫଳତା ଲାଭ କରିଥିବା ଜାତୀୟ ଟିମ୍ ଗୁଡ଼ିକ ତୁଳନାରେ ସେମାନଙ୍କ ଦେଶର ଷ୍ଟକ୍ ମାର୍କେଟ ଉପରେ ତାହାର ଅଧିକ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ଖେଳ ସହ ପୂର୍ବାନୁମାନ ଭାବନା ସମ୍ପର୍କିତ। ଏହା ସମ୍ଭବ ବୋଲି ଅନ୍ତର୍ଜାତୀୟ ସ୍ତରରେ ଟୁର୍ନାମେଣ୍ଟକୁ ନେଇ କରାଯାଇଥିବା ଗବେଷଣାର ଗବେଷକମାନେ ନିଷ୍କର୍ଷରେ ପହଞ୍ଚିଥିଲେ। ସ୍ପେନ୍ ଓ ଇଂଲଣ୍ଡରେ ସେଠାକାର ଫୁଟବଲ ପ୍ରେମୀମାନେ ସେମାନଙ୍କ ଜାତୀୟ ଟିମ୍‌ର ବିଜୟର ପୂର୍ବାନୁମାନ ସହ ଏମିତି ଅଭ୍ୟସ୍ତ ହୋଇପଡ଼ିଥିଲେ ଯେ ସେମାନଙ୍କ ପରାଜୟ ସେହି ଦେଶଗୁଡ଼ିକରେ ବଡ଼ ପ୍ରଭାବ ପକାଇଥିଲା। ଅନ୍ୟ ପକ୍ଷରେ ଯେତେବେଳେ ଟିମ୍ ହାରିବ ବୋଲି ଅଧିକ ଆଶା କରିଥିବ ସେତେବେଳେ ଟିମ୍ ଜିତିଲେ ତୁମେ ଅଧିକ ଖସି ହୋଇଯିବ। ସେମିତି ତୁମ ଟିମ୍ ଜିତିବାର ଆଶା ରଖିଥିଲେ ଯଦି ହାରିଗଲା ତାହା ତୁମକୁ ଅଧିକ ଦୁଃଖ ଦେବ। ତେବେ ବିଜୟକୁ ନେଇ ସ୍ୱତନ୍ତ୍ର ତଥା ବ୍ୟାପକ ଭାବେ ପାଳିତ ଉତ୍ସବଗୁଡ଼ିକୁ ଦେଖିଲେ ଜଣାପଡ଼େ ଯେ, ସାଉଦି ଟିମ୍ ଆର୍ଜେଣ୍ଟିନା ବିପକ୍ଷରେ ଆଶ୍ଚର୍ଯ୍ୟଜନକ ବିଜୟ ହାସଲ କରିବା ପରେ ସମ୍ପୂର୍ଣ୍ଣ ଆନନ୍ଦିତ ଥିଲେ।

ଫୁଟ୍‌ବଲ ଆର୍ଥିକ ଅବଧାରଣା ଉପରେ ବି ସକାରାତ୍ମକ ପ୍ରଭାବ ପକାଇପାରେ। ୨୦୦୬ ଫିଫା ବିଶ୍ୱକପରେ ଜର୍ମାନୀ ଜାତୀୟ ଟିମ୍ ଖେଳିଥିବା ପ୍ରତ୍ୟେକ ମ୍ୟାଚ ପରେ ଟେଲିଫୋନ ସର୍ଭେଗୁଡ଼ିକ ଆଧାରରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜାଣିବାକୁ ମିଳିଥିଲା ଯେ, ଟିମ୍ ଯାହା ଆଶା କରିଥିଲା ତାହାଠାରୁ ଅଧିକ ଭଲ ପ୍ରଦର୍ଶନ ଜର୍ମାନୀ ଲୋକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଥିଲା। ଅନୁଧ୍ୟାନକାରୀମାନଙ୍କ ମତରେ, ଏହା ନିଶ୍ଚିତ ଯେ, ମନସ୍ତାତ୍ତ୍ୱିକ ସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧି ଅଧିକ ଆର୍ଥିକ କାର୍ଯ୍ୟକଳାପ ଲାଗି ପ୍ରେରିତ କରେ। ଏଭଳି ମତକୁ ପ୍ରଥମେ ବ୍ରିଟେନ ଅର୍ଥନୀତିଜ୍ଞ ଜନ୍ ମେନାର୍ଡ କେନିସ୍ ସମର୍ଥନ କରିଥିଲେ। ସେ ଖେଳ ପ୍ରତି ଲୋକମାନଙ୍କ ଆଚରଣର ମାର୍କେଟ ପ୍ରଭାବକୁ ଆକଳନ କରିଥିଲେ। କେନିସ୍ ଦର୍ଶାଇଥିଲେ, ବହୁସମୟରେ ଖେଳଗୁଡ଼ିକର ବାସ୍ତବ ଟ୍ରେଣ୍ଡ ପରିବର୍ତ୍ତେ ଲୋକମାନଙ୍କ ମାନସିକତା ଆକଳନ କରିବା ବିଜ୍ଞତାର କାମ ଓ ଲାଭଦାୟକ। କେନିସ୍‌ଙ୍କ ଗବେଷଣା ଦର୍ଶାଏ ଯେ, ଲୋକମାନଙ୍କ ମାନସିକତାରୁ ସୃଷ୍ଟି ମାର୍କେଟ ଅନିୟମିତତାରୁ ପ୍ରଭାବଶାଳୀ ନିବେଶକ ବା ବ୍ୟବସାୟୀମାନେ ଲାଭ ଉଠାଇପାରନ୍ତି। ୨୦୧୦ରେ ଆମେରିକା (ୟୁଏସ୍)ଷ୍ଟକ୍ ମାର୍କେଟ ଉପରେ ବିଶ୍ୱକପ ପ୍ରଭାବକୁ ନେଇ କରାଯାଇଥିବା ଅନୁଧ୍ୟାନ କେନିସଙ୍କ ଏହି ଅନୁଧ୍ୟାନଭିତ୍ତିକ ତଥ୍ୟକୁ ସମର୍ଥନ କରିଥିଲା। ପ୍ରତ୍ୟେକଟି ଫୁଟ୍‌ବଲ ମ୍ୟାଚର ପରିଣାମ କ'ଣ ହେବ ତାହା କେହି ଆକଳନ କରିପାରୁ ନ ଥିବାବେଳେ ଖେଳ ଭିତରେ ପ୍ରଭାବଶାଳୀ ନିବେଶକମାନଙ୍କ ଶୋଷଣ ପ୍ରବୃତ୍ତିକୁ ଗବେଷକମାନେ ଚିହ୍ନଟ କରିଥିଲେ। ଯେ କୌଣସି ଦେଶର ନିବେଶକଙ୍କ ମଧ୍ୟରୁ ଏକ ସିଂହଭାଗ ଆମେରିକା ଷ୍ଟକ୍ ମାର୍କେଟରେ ନିବେଶ କରିଥିବାରୁ ଖେଳ ସମୟରେ ମାର୍କେଟ ଉପରେ ନକାରାତ୍ମକ ପ୍ରଭାବ ସୁସ୍ପଷ୍ଟ ହେବା ଯୋଗୁ ସେମାନେ ଏହା ଜାଣିବା ସମ୍ଭବ ହୋଇଥିଲା। ବିଶ୍ୱକପ୍ ସମୟରେ ଆମେରିକାର ହାରାହାରି ମାର୍କେଟ ରିଟର୍ନ ୨.୬% ହ୍ରାସ ଘଟିଥିବା ଜଣାପଡ଼ିଥିଲା। କିନ୍ତୁ ୪ଟି ତ୍ରୈମାସିକରେ ଏହା ହାରାହାରି ୧.୨% ବୃଦ୍ଧି ହୋଇଥାଏ। ବିଶ୍ୱକପ୍‌ରେ ହାରୁଥିବା ଦେଶଗୁଡ଼ିକର ସଂଖ୍ୟା ବଢ଼ିବା ଯୋଗୁ ଆମେରିକା ଷ୍ଟକ ମାର୍କେଟ ବା ଶେୟାର ବଜାର ଉପରେ ସାମଗ୍ରିକ ପ୍ରଭାବ ଅଧିକ ବଢୁଛି। ଫଳରେ ମାର୍କେଟ ମାନ୍ଦା ହେଉଛି। ଏହି ଧାରାକୁ ଦେଖିଲେ ଫିଫା ବିଶ୍ୱକପ ସମୟରେ ଧୂର୍ତ୍ତ ନିବେଶକମାନେ ସେମାନଙ୍କ ୟୁଏସ୍ ଶେୟାର ହ୍ରାସ କରିବାକୁ ଚାହିଁପାରନ୍ତି। ଯଦି ଅନେକ ନିବେଶକ ଏହି ରଣନୀତିକୁ ଆପଣାଇବେ ଏବଂ ଲଗାତର ଭାବେ ୟୁଏସ୍ ଶେୟାର ବଜାର ସହ କମ୍ ଜଡ଼ିତ ହେବେ , ତେବେ ଶେୟାର ବଜାରରେ ହ୍ରାସ ଯାହା ଅନୁମାନ କରାଯାଉଛି ତାହା ହିଁ ସତ ପ୍ରମାଣିତ ହେବ।




ମାର୍କେଟକୁ ନେଇ ବିଶ୍ୱକପ୍ ପ୍ରେରିତ ତର୍କହୀନ ବିଚାର ଶୀଘ୍ର ଶେଷ ହେବା ସମ୍ଭାବନା ନାହିଁ। କିନ୍ତୁ ଚଳିତ ବିଶ୍ୱକପ୍‌ରେ ଜର୍ମାନୀକୁ ହରାଇବା ଓ ସାଉଦି ଆରବ ଆର୍ଜେଣ୍ଟିନାକୁ ପରାସ୍ତ କରିବା ଭଳି ଯେତେବେଳେ ତୁମ ଟିମ୍ ଅସମ୍ଭବକୁ ସମ୍ଭବ କରିବ ସେତେବେଳେ ତୁମ ଉତ୍ସାହ ଦଶନ୍ଧିଗୁଡ଼ିକର ଅପମାନ ଦୂରହୋଇ ଅଧିକ ମନୋରଞ୍ଜନ ପ୍ରଦାୟକ ହୋଇଯିବ। ଦୀର୍ଘ ଦିନର ସମ୍ଭାବନା ଦୃଷ୍ଟିରୁ ଏକ ଅଲୌକିକ ପାଇଁ ଏହା ହିଁ ହେଉଛି ସେହି ଆଶା ଯାହା ଖେଳପ୍ରେମୀ, ନିବେଶକ, ଭୋଟର ଏବଂ ସନ୍ତାନପ୍ରାପ୍ତି କିମ୍ବା ବିବାହ କରିବାକୁ ଯୋଜନା କରିଥିବା ବ୍ୟକ୍ତିମାନଙ୍କୁ ପ୍ରେରିତ କରିବ। ଏଗୁଡ଼ିକ ମଧ୍ୟରୁ କୌଣସିଟି ତର୍କସଙ୍ଗତ ନୁହେଁ। କିନ୍ତୁ ଏହା ଏକ ସୁନ୍ଦର ଖେଳ ଭଳି ଜୀବନକୁ ସୁନ୍ଦର କରୁଥିବା ଗୋଟିଏ ଗୋଟିଏ ଅଂଶ ମାତ୍ର।

**ସାଇକିଆଟ୍ରିଷ୍ଟ ଏବଂ 'ମେଣ୍ଟାଲ ଭାକ୍ସିନ ଫର୍ କୋଭିଡ୍-୧୯'ର ଲେଖକ**

# ଆଇନ ଯାଉଛି ତା' ବାଟରେ



ଘାସିରାମ ପଣ୍ଡା

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରସ୍ତୁତ ଭାରତରେ ଅପରାଧ ରିପୋର୍ଟରେ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଅଧୀନରେ ୨୦୨୧ମସିହାରେ ଦେଶରେ ମୋଟ ୧୦୫୦ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୨୦୨୦ରେ ମୋଟ ୭୮୨ଟି ମାମଲା ରୁଜୁ ହୋଇଥିଲା। ୨୦୨୧ରେ ୨୦୨୦ତୁଳନାରେ ୩୪ ଶତକଡ଼ା ଅଧିକ ମାମଲା ଦାଖଲ ହୋଇଛି। ୨୦୧୧ରେ ମାତ୍ର ୧୧୩ଟି ମାମଲା ରୁଜୁ ହୋଇଥିବା ବେଳେ କ୍ରମାଗତ ଭାବରେ ପରବର୍ଷଗୁଡ଼ିକରେ ଏହା ବଢ଼ିଛି। ଓଡ଼ିଶାର ତଥ୍ୟ ଅନୁଧ୍ୟାନ କଲେ ୨୦୧୬ରେ ମାତ୍ର ୧୫ଟି ମାମଲା ଏହି ଆଇନ ଅନୁସାରେ ଦରଜ ହୋଇଥିବା ବେଳେ ୨୦୧୭ରେ ୧୭, ୨୦୧୮ରେ ୨୨, ୨୦୧୯ରେ ୨୨, ୨୦୨୦ରେ ୨୪ ଓ ୨୦୨୧ରେ ୬୪ଟି ମାମଲା ଦରଜ ହୋଇଛି। ଓଡ଼ିଶାରେ ବି ୨୦୨୦ତୁଳନାରେ ୨୦୨୧ରେ ମାମଲା ଦାଖଲ ଯଥେଷ୍ଟ ବଢ଼ିଛି। ଏହି ତଥ୍ୟ ଆସିଲା ପରେ ଅନେକେ ଏହାକୁ ବାଲ୍ୟବିବାହ ହାରରେ ବୃଦ୍ଧି ବୋଲି ଆକଳନ କରିଛନ୍ତି। କିନ୍ତୁ ପ୍ରକୃତରେ ମାମଲା ବୃଦ୍ଧିର ଏହି ହାର ଯଥେଷ୍ଟ ନୁହେଁ କି ଏହା ବାଲ୍ୟବିବାହ ବୃଦ୍ଧିର ହାରକୁ ବି ସୂଚାଉ ନାହିଁ।

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରସ୍ତୁତ ବାର୍ଷିକ ବିବରଣୀ ଅନୁଯାୟୀ ୨୦୧୭ରେ ମାତ୍ର ୩୧୪ଟି ବାଲ୍ୟବିବାହକୁ ରୋକାଯାଇ ପାରିଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ବୃଦ୍ଧି ପାଇଛି। ୨୦୧୮ରେ ୪୧୧, ୨୦୧୯ରେ ୬୫୭, ୨୦୨୦ରେ ୧୧୭୯ ଓ ୨୦୨୧ରେ ୧୭୩୪ଟି ବାଲ୍ୟବିବାହର ସୂଚନା ବିଭାଗକୁ ମିଳିଛି ଓ ବନ୍ଦ କରାଯାଇ ପାରିଛି। କିନ୍ତୁ ଆଇନ ଅଧୀନରେ ଏହି ମାତ୍ରାରେ ମାମଲା ଦରଜ ହୋଇ ନାହିଁ। ୨୦୨୧-୨୨ଆର୍ଥିକ ବର୍ଷରେ କେବଳ ୧୯ ବର୍ଷରୁ କମ୍ ବୟସର୨୪୩୫୫ ଜଣ କିଶୋରୀ ଗର୍ଭବତୀ ମାତୃତ୍ୱ ଲାଭ କରିଛନ୍ତି। ଏମାନଙ୍କ ଭିତରୁ ଅଧିକାଂଶ ୧୮ରୁ କମ୍ ବୟସରେ ବିବାହ ବା ଉଦୁଲିଆ ଯାଇଥିବାର ସମ୍ଭାବନା ରହିଛି। ରୁଜୁ ହୋଇଥିବା ମାମଲାର ସଂଖ୍ୟା ଏହି ସବୁ ସଂଖ୍ୟାଠାରୁ ଯଥେଷ୍ଟ କମ୍ ନୁହେଁ କି?

ବାଲ୍ୟବିବାହ କ୍ଷେତ୍ରରେ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬, ଶିଶୁମାନଙ୍କୁ ଯୌନନିର୍ଯାତନା ନିଷେଧ (ପୋକ୍ସୋ) ଆଇନ, ୨୦୧୨, ଭାରତୀୟ ପେନାଲ କୋଡ୍ ଅନୁଯାୟୀ ମାମଲା ରୁଜୁ ହୋଇପାରିବ। ଆବଶ୍ୟକ ସ୍ଥଳେ ତଫସିଲଭୁକ୍ତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ ଓ ଘରୋଇ ହିଂସା ନିବାରଣ ଆଇନକୁ ମଧ୍ୟ ବ୍ୟବହାର କରାଯାଇ ପାରିବ। ପ୍ରତ୍ୟେକ ବାଲ୍ୟବିବାହ ଘଟଣାକୁ ଏଫ୍‌ଆଇଆର୍ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦିଶା ନିର୍ଦ୍ଦେଶ ଜାରି କରାଯାଇଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ ବିଭିନ୍ନ ସମୟରେ ନିର୍ଦ୍ଦେଶ ଜାରି କରିଛନ୍ତି। ଗତ ଅକ୍ଟୋବର ୧୮ରେ ଏନେଇ ସମସ୍ତ ଜିଲା ଶିଶୁ ଅଧିକାର ସୁରକ୍ଷା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଓ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏହା ସତ୍ତ୍ୱେ ଥାନାରେ ମାମଲା ଦରଜ ହେବା ସହଜ ହେଉ ନାହିଁ।

ବାଲ୍ୟବିବାହ ସମ୍ପର୍କିତ ସୂଚନା ଯଥେଷ୍ଟ ଆଗରୁ ଜଣା ପଡିଗଲେ ପ୍ରାୟତଃ ଆପୋସ ବୁଝାମଣା ଭିତରେ ବାହାଘରକୁ ଅଟକେଇ ଦିଆଯାଏ। ଏଭଳି କ୍ଷେତ୍ରରେ ବୁଝାମଣା ଭଙ୍ଗ ହେବାର ଆଶଙ୍କା ନ ଥିଲେ ମାମଲା ଦରଜ ହେବାର ଆବଶ୍ୟକତା ନାହିଁ। ବରଂ ବୁଝାମଣା ବେଳେ ଗ୍ରାମ୍ୟସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ ସାମିଲ କରାଯିବା ସହିତ ଶିଶୁଟି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବାର ଅନୁଭବ ହେଲେ ଶିଶୁ ମଙ୍ଗଳ କମିଟିରେ ହାଜର କରିବାକୁ ସୁନିଶ୍ଚିତ କରିବା କଥା। ଅପର ପକ୍ଷରେ ବାରମ୍ବାର ବୁଝାମଣା ଓ ତାଗିଦ ସତ୍ତ୍ୱେ ବାହାଘରରେ ସାମିଲ ପକ୍ଷ ଅମାନିଆ ହେଲେ, ନାବାଳକ ବା ନାବାଳିକାଙ୍କ ଅସହମତିରେ ଜୋରଜବରଦସ୍ତି ବାହାଘର ହେଉଥିଲେ, ବାହାଘର ବାହାନାରେ ଚାଲାଣ ହେବାର ସମ୍ଭାବନା ଥିଲେ, ଉଦ୍ଦେଶ୍ୟମୂଳକ ଭାବେ ଲୁଚେଇ ବାହାଘର କରିଦେଉଥିଲେ ବା ହୋଇସାରିଥିଲେ ଥାନାରେ ମମଲା ଦରଜକୁ ସୁନିଶ୍ଚିତ କରିବା ଆବଶ୍ୟକ। କିନ୍ତୁ ଅନେକ ଘଟଣାରେ ସାମାଜିକ ଓ ରାଜନୈତିକ ଚାପ, ପୋଲିସର ବୁଝାମଣାର ଅଭାବ ଓ ବାଲ୍ୟବିବାହ ନିଷେଧ ଅଧିକାରୀ ଦାୟିତ୍ୱରୁ ଓହରିଯିବା ହେତୁ ମାମଲା ଦରଜ ହୋଇପାରୁ ନାହିଁ। ବାଲ୍ୟବିବାହ ପାଇଁ ଦଣ୍ଡ ବିଧାନର ପ୍ରାବଧାନ ବ୍ୟତୀତ ବାଲ୍ୟବିବାହ ପ୍ରଭାବିତଙ୍କ ଆର୍ଥିକ, ସାମାଜିକ ଓ ଆଇନଗତ ସୁରକ୍ଷା ପାଇଁ ମଧ୍ୟ ଅନେକ ପ୍ରାବଧାନ ରହିଛି। ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଗୋଟିଏ ବି ବିବାହ ନିଷିଦ୍ଧ କରିବା ବା ଭରଣପୋଷଣ ପାଇଁ ନ୍ୟାୟିକ ପ୍ରକ୍ରିୟାର ଉଦାହରଣ ନାହିଁ। **ସୁବର୍ଣ୍ଣପୁର**

**ମୋ-୯୪୩୮୩୪୧୭୯୪**

## ଏଇ ଭାରତରେ

ପ୍ରଦୂଷିତ ପରିବେଶ ସୁରକ୍ଷା ଲାଗି ଯେଉଁ କେତେଜଣ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନେଉଛନ୍ତି, ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସାରା ଲକ୍ଷାନି ଅନ୍ୟତମ। ଗଡ଼ଚିରୋଲିରେ ଜନ୍ମିତ ସାରା ବର୍ଜ୍ୟ ପ୍ଲାଷ୍ଟିକ ବ୍ୟାଗ୍ କିମ୍ବା ପଲିଥିନ୍‌ରୁ ସୂକ୍ଷ୍ମ ସୂତା ପ୍ରସ୍ତୁତ କରିବା ସହ ସେଥିରେ ସବୁଠୁ ପୁରୁଣା କନ୍ଥା ଏମ୍ବ୍ରୋଡୋରି ବ୍ୟବହାର କରି ଆକର୍ଷଣୀୟ ପୋଷାକ ତିଆରି କରୁଛନ୍ତି। ଉକ୍ତ ଏମ୍ବ୍ରୋଡୋରିରେ ପତ୍ର, ପକ୍ଷୀ, ଲୋଟସ୍ ଆଦିର ଛବି ରହୁଛି। ସାରାଙ୍କ ଏହି ଡିଜାଇନ ପୋଷାକ ଏବେ ଲାକ୍‌ମି ଫ୍ୟାଶନ ୱିକ୍‌ରେ ପ୍ରଦର୍ଶିତ ହୋଇଛି। ସେ ଟପ୍, ଶାର୍ଟ, ଆଉଟର ଜ୍ୟାକେଟ ଓ ଅନ୍ୟ ପୋଷାକ ଆଦି ତିଆରି କରୁଛନ୍ତି। ସେ ଏନ୍‌ଜିଓ ମାଧ୍ୟମରେ ପ୍ଲାଷ୍ଟିକ ସଂଗ୍ରହ କରୁଛନ୍ତି ଓ ରିସାଇକ୍ଲିଂ କରି ସେଥିରୁ ସୂତା ବାହାର କରୁଛନ୍ତି। ଏହା ବ୍ୟତୀତ ମୁମ୍ବାଇର ଖାଲୁମ ଏନ୍‌ଜିଓ ଦ୍ୱାରା ବର୍ଜ୍ୟ କନା ସଂଗ୍ରହ କରି ସେଥିରୁ ପ୍ରସ୍ତୁତ ସୂତାକୁ ପୋଷାକରେ ବ୍ୟବହାର କରୁଛନ୍ତି। ଏହି ପୋଷାକ ବି ଅପସାଇକେଲ୍ କରାଯାଇପାରିବ ବୋଲି କହିଛନ୍ତି ସାରା। ସୁଦ୍ଧା ଦେଶରେ ପାଖାପାଖି ୩୫ ଲକ୍ଷ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ବାହାରେ ଠୁଳ ହେଉଥିବା ବଳକା ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଏଭଳି ସ୍ଥିତିକୁ ଲକ୍ଷ୍ୟ କରି ସାରା ତାହାକୁ ରିସାଇକ୍ଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୯୭

- ଆଲଜେରିଆରେ ସରକାରୀ ସୈନ୍ୟ ଓ ଇସଲାମୀୟ ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୮୧ ମୃତ।
- ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଅନ୍ତର୍ଗତ ଚାରୋଟି ଜିଲାରେ ପ୍ରବଳ କୁଆପଥର ବୃଷ୍ଟି ହେବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କଂଗ୍ରେସ ସମର୍ଥିତ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ମନ୍ତ୍ରିମଣ୍ଡଳରୁ ମେଘାଳୟର ସମବାୟ ବିଭାଗ ମନ୍ତ୍ରୀ ଏସ୍.ଏସ୍. ଲିଙ୍ଗଡୋହଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 4 | | | | | |
| 7 | | 1 | 6 | | | | | 3 |
| | 6 | | | | | 4 | 7 | |
| | | 3 | | | | | 9 | |
| 2 | | | | 3 | | | | |
| | | 6 | | 5 | | | | |
| | | | 7 | | | 3 | | |
| | 5 | 8 | | 2 | | 1 | 6 | |
| 9 | | | | 6 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 8 | 2 | 4 | 9 | 5 | 3 |
| 9 | 3 | 8 | 5 | 7 | 6 | 1 | 2 | 4 |
| 4 | 5 | 2 | 1 | 9 | 3 | 7 | 6 | 8 |
| 7 | 2 | 5 | 4 | 3 | 8 | 6 | 9 | 1 |
| 3 | 1 | 4 | 7 | 6 | 9 | 2 | 8 | 5 |
| 6 | 8 | 9 | 2 | 5 | 1 | 3 | 4 | 7 |
| 8 | 9 | 7 | 3 | 4 | 2 | 5 | 1 | 6 |
| 5 | 6 | 1 | 9 | 8 | 7 | 4 | 3 | 2 |
| 2 | 4 | 3 | 6 | 1 | 5 | 8 | 7 | 9 |

ଗତକାଲିର ଉତ୍ତର

# ଜଳ ପ୍ରଦୂଷଣ: ଏକ ସାମୂହିକ ଚିନ୍ତନ



ଡା. ଜୀବନ କୃଷ୍ଣ ମିଶ୍ର

ଭୂପୃଷ୍ଠର ସମୁଦାୟ ଜନବସତି ଓ ଉନ୍ନତ ସଭ୍ୟତାକୁ ସୁବିସ୍ତୃତ ଜଳରାଶି ସଦାସର୍ବଦା ଜାଗ୍ରତ ପ୍ରହରୀ ସଦୃଶ ଚାରିପଟୁ ଘେରି ରହିଛି। ସମ୍ପ୍ରତି ସ୍ଥଳଭାଗ ଓ ଆକାଶମାର୍ଗ ପରି ଅମାପ ଜଳରାଶି ମଧ୍ୟ ଅଧୁନା ପ୍ରଦୂଷିତ ହେବାରେ ଲାଗିଛି। ଜଳକୁ ପ୍ରଦୂଷିତ କରିବା ପ୍ରକ୍ରିୟା ହେଉଛି ଜଳ ପ୍ରଦୂଷଣ; ଜନସଂଖ୍ୟାର ବିସ୍ଫୋରଣ ସହିତ ଜଳ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ, ଜନସମାଜ ପାଇଁ ଜୀବନ ଧାରଣ କରିବା କାଠିକର ପାଠ ହୋଇ ଯାଇଛି। ପରିବେଶରୁ ବାହାରୁଥିବା ଆବର୍ଜନା ଓ ଅପରିଚ୍ଛନ୍ନ ବସ୍ତୁ ବିଶେଷଗୁଡ଼ିକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପରିଚ୍ଛନ୍ନ ନ କରି ସିଧାସଳଖ ଜଳାଶୟଗୁଡ଼ିକୁ ନିଷ୍କାସନ କରିବା ଦ୍ୱାରା ଜଳ ପ୍ରଦୂଷିତ ହୋଇଥାଏ। ଜଳ ପ୍ରଦୂଷଣ ହେତୁ ପ୍ରାଣୀ ଓ ଉଭିଦଜଗତ ଉଭୟ ପ୍ରଭାବିତ ହୁଅନ୍ତି। ଜନବହୁଳ ଚାଇନା ଦେଶରେ ପ୍ରାୟ ୭୦%-୮୦% ପାଣି ପ୍ରଦୂଷିତ ହୋଇ ରହିଛି। ଆମେରିକାରେ ୩୨% ନଦୀ ଓ ସମୁଦ୍ର ଜଳ ପ୍ରଦୂଷିତ। ଜଳ ବାସ୍ତବରେ ଜୀବନ ଧାରଣ କରିବା ପାଇଁ ଏକ ବହୁମୂଲ୍ୟ ସମ୍ପଦ। ପାନୀୟ ଜଳ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ଆମକୁ ସହଜରେ ଉପଲବ୍ଧ ହେଉନାହିଁ; ବିଶ୍ୱ ଜନସଂଖ୍ୟା ଆଜିକା ତାରିଖରେ ୮୦୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଜାତିସଂଘ ସୂଚନା ଅନୁଯାୟୀ ଲୋକସଂଖ୍ୟା ସହିତ ଜଳ ପ୍ରଦୂଷଣ ମଧ୍ୟ ବହୁମାତ୍ରାରେ ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ବିଭିନ୍ନ ପ୍ରକାରର ଜୈବିକ ଓ ଅଜୈବିକ ପଦାର୍ଥର ଅପମିଶ୍ରଣ ହେତୁ ଜଳର ଭୌତିକ ଓ ରାସାୟନିକ ଧର୍ମ ନଷ୍ଟ ହୋଇଥାଏ; ବ୍ୟବହାର ଅନୁପଯୋଗୀ ମଧ୍ୟ ହୋଇଥାଏ।

ମନୁଷ୍ୟ ତା'ର ଦୈନନ୍ଦିନ ଜୀବନଯାତ୍ରାରେ ଜଳପାନ କରିବା ପାଇଁ, ବସ୍ତ୍ର ସଫା କରିବା ପାଇଁ ଓ ପାକଶାଳାରେ ଖାଦ୍ୟ ପ୍ରସ୍ତୁତି ପାଇଁ ଜଳ ବ୍ୟବହାର କରିଥାଏ। ପୋଖରୀ, ଜଳାଶୟ ଓ ନଦୀ ପାଣିରେ କପଡ଼ା ପରିଷ୍କାର କରିବା, ନଳିତା ଶଢ଼ାଇବା, ଗୋଜାତିଙ୍କୁ ଅବିଚାରିତ ଭାବେ ଅବଗାହନ କରାଇବା ହେତୁ ଜଳ ପ୍ରଦୂଷଣର ମାତ୍ରା ବେଶ୍ କିଛି ବଢ଼ି ଯାଇଥାଏ। ତୀର୍ଥକ୍ଷେତ୍ରଗୁଡ଼ିକରେ ଥିବା ମାତ୍ରାଧିକ ଜଳାଶୟମାନଙ୍କରେ ଆମ୍ବପତ୍ର, ବିଭିନ୍ନ କିସମର ପୁଷ୍ପ, ନାରିକେଳ, ଅସଂଖ୍ୟ ଦୀପ, ଅମାପ ଚାଉଳ ଓ ରନ୍ଧାଅନ୍ନ ମଧ୍ୟ ଭସା ଯାଇଥାଏ। ଏଗୁଡ଼ିକ ନଷ୍ଟ ହୋଇଗଲେ, ଜଳରେ ପଚିଗଲେ ଜଳ ଦୁର୍ଗନ୍ଧ ହେବା ସହିତ ଭୀଷଣ ଆକାରରେ ଦୂଷିତ ହୋଇଥାଏ। ଆମ ଦେଶରେ ଅଦ୍ୟାବଧି ପୋଖରୀ ଘାଟରେ, ବ୍ୟକ୍ତି ବିଶେଷ ନିଷ୍କାସନ ପ୍ରକ୍ରିୟା ଜାରି ରଖିଥାଆନ୍ତି; ପରିଣାମ ସ୍ୱରୂପ ଜଳ ସମ୍ପୂର୍ଣ୍ଣ ଦୂଷିତ ହୋଇଥାଏ। ବିପଣିରେ ବିକ୍ରି ହେଉଥିବା ପଲିଥିନ୍, ସୋଲୋ ଓ ଥର୍ମୋକୁଲ ଆଦି ଆଣି ପବନରେ ଉଡ଼ି ପାଣି ସଂସ୍ପର୍ଶରେ ଆସି ଅତି ଜଘନ୍ୟ ଭାବେ ଜଳକୁ ପ୍ରଦୂଷିତ କରିଥାଏ, ବିଷାକ୍ତ କୀଟନାଶକ ଔଷଧ ଓ କଳକାରଖାନାରୁ ନିର୍ଗତ ତରଳ ପଦାର୍ଥ ନିକଟସ୍ଥ ନଦୀରେ ନିର୍ଗତ ହୋଇ ଜଳ ପ୍ରଦୂଷିତ କରିଥାଏ; ଏତଦ୍‌ବ୍ୟତୀତ ମହୋଦଧି ନିକଟସ୍ଥ ପଞ୍ଚତାରକା ଭୋଜନାଳୟ ଓ ଯାତ୍ରୀ ନିବାସର ପୂତି ଗନ୍ଧମୟ ଜଳ ସିଧାସଳଖ ମହୋଦଧିର ରମଣୀୟ ନୀଳ ଜଳରାଶିକୁ ନଷ୍ଟ କରି ଦେଇଥାଏ। କାଗଜକଳ, ଲୁଗାକଳ, ଚମଡ଼ା କାରଖାନା ଓ ତୈଳ କାରଖାନାର ବର୍ଜ୍ୟ ପଦାର୍ଥ ଦ୍ୱାରା ମଧ୍ୟ ଜଳ ବିଶଦ ଭାବରେ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ଜଳରେ ଜୀବାଣୁ ଓ ଭୂତାଣୁଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଥାଏ। 'ସାଲମୋନେଲା ଟାଇଫି', 'ନୋରା' ଭାଇରସ୍, 'ପାରାସାଇଟିକ' ଜୀବାଣୁ, 'ଜିଆଡିଆ' ଲାମ୍ବଲିଆ ଇତ୍ୟାଦି ଜୀବାଣୁମାନଙ୍କର ସଂଖ୍ୟା ହୁ ହୁ ପରିମାଣରେ ପ୍ରଦୂଷିତ ଜଳରେ ବଢ଼ି ଯାଇଥାଏ। ନଦୀ ବା ସମୁଦ୍ରରେ ତୈଳକୂପ ଖନନ ଦ୍ୱାରା ମଧ୍ୟ ଜଳ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ପାଣି ହେତୁ ମତ୍ସ୍ୟ ସମୁଦାୟର ଉତ୍ପାଦକ ହାର ଯଥେଷ୍ଟ ପରିମାଣରେ ସଙ୍କୁଚିତ ହୋଇଥାଏ। ପରିଣାମ ସ୍ୱରୂପ ଉତ୍ତମ ମାଛ, ଜିଅନ୍ତା କଙ୍କଡ଼ା ଓ ମନଲୋଭା ଚିଙ୍ଗୁଡ଼ିର ମୂଲ୍ୟ ଅତ୍ୟଧିକ ହୁଏ। ଗ୍ରାହକମାନେ ଯଥେଷ୍ଟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କିଣାବିକା ମଧ୍ୟ କମ୍ ହୋଇଥାଏ। ସୁତରାଂ ମତ୍ସ୍ୟଜୀବୀମାନଙ୍କର ପେଟପାଟଣା ଦୁଃଖଦାୟକ ହୋଇଥାଏ। ଅନିର୍ମଳ ପାଣି ହେତୁ ମନୁଷ୍ୟସମାଜ, 'ଟାଇଫଏଡ୍', 'ଡିସେଣ୍ଟ୍ରି', ଫୁଡ୍ ପଏଜନିଂ ଓ ଜଆଡିଆସିସ ରୋଗ ଇତ୍ୟାଦିର ଶିକାର ହୋଇଥାନ୍ତି।



ଜଳ ପ୍ରଦୂଷଣ ଏକ ଜାଗତିକ ଓ ଚିନ୍ତନୀୟ ସମସ୍ୟା ହେତୁ ଏହାର ନିରାକରଣ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ନିହାତି ଯୁକ୍ତିଯୁକ୍ତ ବୋଲି ମନେହୁଏ। କଡ଼ାକଡ଼ି ଆଇନ ପ୍ରଣୟନ ଦ୍ୱାରା ଜଳ ପ୍ରଦୂଷଣକୁ ରୋକାଯାଇପାରେ; ପ୍ରଦୂଷଣ ଆଇନକୁ ବିରୋଧାଚରଣ କରୁଥିବା କଳକାରଖାନା ଓ ବ୍ୟକ୍ତି ସମୁଦାୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏକ ଯଥାର୍ଥ ପଦକ୍ଷେପ ହେବ। କୃଷି କ୍ଷେତ୍ରରେ ରାସାୟନିକ ସାରର ନିୟନ୍ତ୍ରଣ ଆବଶ୍ୟକ। ଦୂଷିତ ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରାଗଲେ ପ୍ରଦୂଷଣର ମାତ୍ରା ଅନେକ ପରିମାଣରେ ହ୍ରାସ ପାଇଯିବ। ତୈଳ ବିଶୋଧନ, ତୈଳକୂପ ଖନନ ଏବଂ ସର୍ବୋପରି ଜାହାଜ ଦ୍ୱାରା ପେଟ୍ରୋଲିୟମ ତୈଳର ପ୍ରେରଣ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ। ଜଳାଶୟରେ ବୃଦ୍ଧି ପାଉଥିବା ଜଳଜ ଉଭିଦ, ଶୈବାଳ ଓ ଦଳ ପ୍ରଭୃତିକୁ ବାହାର କରି ନଷ୍ଟ କରିଦେଲେ ଜଳାଶୟର ପ୍ରଦୂଷଣ ନିୟନ୍ତ୍ରିତ ହୋଇଥାଏ। ବିଶୁଦ୍ଧ ଜଳର ଉପାଦେୟତା ଓ ଜଳପ୍ରଦୂଷଣର ନିୟନ୍ତ୍ରଣ ଉପରେ ଜନସଚେତନା ସୃଷ୍ଟି କଲେ ଜଳ ପ୍ରଦୂଷଣକୁ ପ୍ରତିରୋଧ କରିବା ଅସମ୍ଭବ ହେବ ନାହିଁ। ପୃଥିବୀରେ କ୍ରମଶଃ ବିଶୁଦ୍ଧ ଜଳର ପରିମାଣ କମିକମି ଯାଉଛି; ଏହା ମାନବ ସଭ୍ୟତା ପାଇଁ ଏକ ସଙ୍କଟଜନକ ସ୍ଥିତି। ତେଣୁ ଜଳ ପ୍ରଦୂଷଣର ଭୟାବହତାକୁ ସର୍ବସାଧାରଣ ଉପଲବ୍ଧି କରିବା ଉଚିତ; ସୁତରାଂ ଜଳ ସଂରକ୍ଷଣ ଓ ପ୍ରଦୂଷଣ ନିରାକରଣ କ୍ଷେତ୍ରରେ ସାମୂହିକ ପଦକ୍ଷେପ ସର୍ବାନ୍ତକରଣରେ ଏକ ସ୍ୱାଗତଯୋଗ୍ୟ ପନ୍ଥା। ତେଣୁ ସମସ୍ତଙ୍କର ମନେରଖିବା ଉଚିତ ଯେ, 'ଜଳ ପ୍ରଦୂଷଣେ ଜୀବନ ନିରସ : ଜଳ ବିଶୋଧନେ ଜୀବନ ସରସ'।

**ମନ୍ଦିର ମାର୍ଗ, ଭୁବନେଶ୍ୱର,**
**ମୋ:୯୯୩୮୬୫୮୭୫୬**

## ପାଠକ ଶ୍ରେଷ୍ଠ ବିଚାରକ

### ବିଡିଏ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ମହାଶୟ,

ବିଏମ୍‌ସି ଅଧୀନ ପୋଖରୀପୁଟରେ ମଧୁସୂଦନ ପାର୍କ ଅବସ୍ଥିତ। ଉକ୍ତ ୩୦ ଏକର ପରିବେଷ୍ଟିତ ପାର୍କ ପରିସରରେ ୧୦ ବର୍ଷ ତଳେ ଏକ ଯୋଗମଣ୍ଡପ ନିର୍ମାଣ କରାଯାଇଥିଲା। ପ୍ରତି ସକାଳେ ଓ ସନ୍ଧ୍ୟାରେ ବହୁ ବରିଷ୍ଠ ନାଗରିକ ଏଠାରେ ଯୋଗ ପାରାୟଣ କରି ଆସୁଛନ୍ତି। କିନ୍ତୁ ମଣ୍ଡପ ଉପରେ ଛାତ ନ ଥିବାରୁ ଖରା ଓ ବର୍ଷା ସମୟରେ ଯୋଗ କରାଯାଇପାରୁନାହିଁ। ବର୍ଷା ହେଲେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣକାରୀ ଆଶ୍ରୟ ନେବା ସମ୍ଭବ ହେଉନାହିଁ। ଯୋଗମଣ୍ଡପରେ ଛାତ ନିର୍ମାଣ କରାଗଲେ ଶତାଧିକ ଭ୍ରମଣକାରୀ ଓ ଯୋଗକରୁଥିବା ବରିଷ୍ଠ ନାଗରିକ ବିଶେଷ ଉପକୃତ ହେବେ। ଏ ସମ୍ପର୍କରେ ବିଏମ୍‌ସିର ମେୟର ଓ ବିଡିଏ ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରିମଳ ବ୍ୟବସ୍ଥାର ଉନ୍ନତୀକରଣ ନିମିତ୍ତ ଦାବି କରାଯାଇଛି। ଏହା ବ୍ୟତୀତ ପାର୍କ ଉତ୍ତର ପାର୍ଶ୍ୱରେ ଥିବା ଚଲାପଥରେ ମାଟି ପକାଇବା ଓ ଏକ ପରିସ୍ରାଗାର ନିର୍ମାଣର ଆବଶ୍ୟକତା ରହିଛି। ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବଭାଗରେ ଥିବା ଖାଲଖମାକୁ ପୋତି ବୃକ୍ଷରୋପଣ କରିବା ପାଇଁ ପ୍ରାତଃ ଭ୍ରମଣକାରୀ ସଂଘ ପକ୍ଷରୁ ଦାବି କରାଯାଉଛି।

**ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସିବ ସେ ଦିନ କେବେ
ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ
ପୁଣି ଦୁଇ ମନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ତୁଷୁରାରେ ପଦଯାତ୍ରା କଲେ ଜୈନମୁନି**

ଗୁଡ଼ଭେଲା,(ଡି.ଏନ.ଏ.): ଜୈନ ଶ୍ୱେତାମ୍ବର ତେରାପନ୍ଥ ଧର୍ମସଂଘର ମୁନିଶ୍ରୀ ରମେଶ କୁମାର ଜୀ ଓ ରତ୍ନ କୁମାର ଜୀ ଗୁରୁବାର ପଦଯାତ୍ରାରେ ଟିଟିଲାଗଡରୁ ଆସି ତୁଷୁରାରେ ପହଞ୍ଚିଥିଲେ। ମୁନିଦ୍ୱୟ ଉପରଝର ଗ୍ରାମରୁ ସକାଳୁ ବାହାରି ପ୍ରାୟ ୧୨କିଲୋମିଟର ପଦଯାତ୍ରାରେ ତୁଷୁରା ପହଞ୍ଚିଥିଲେ। ତୁଷୁରା ସହରରେ ସେମାନେ ସାତଦିନ ରହିବାର କାର୍ଯ୍ୟକ୍ରମ ରହିଥିବା ଜୈନ ତେରାପନ୍ଥ ଯୁବକ ପରିଷଦ ଅଧକ୍ଷ ମନୋଜ ଜୈନ ସୂଚନା ପ୍ରଦାନ କରିଛନ୍ତି।



# ଦାଦନ ଯାଉନାହାନ୍ତି ୨୦ଶ୍ରମିକ ପରିବାର

**ଲାଠୋର, ୧।୧୨(ଡି.ଏନ.ଏ.)**

■ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛନ୍ତି
■ନିୟମିତ କାମ ମିଳିଲେ ଗାଁକୁ ଦାଦନମୁକ୍ତ କରିବୁ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛୁ। ଏଥିରୁ ଯାହା ରୋଜଗାର ହେଉଛି ସେଥିରେ ଖୁସିରେ ପରିବାର ଚଳାଉଛୁ। ନିଜ ଭିଟାମାଟିରେ କାମ କରି ଜୀଇଁବାର ଯେଉଁ ଆନନ୍ଦ ତାହା ବାହାର ରାଜ୍ୟକୁ ଦାଦନ ଖଟି ଯାଇ ମିଳବନି। ସମ୍ମାନ ନଷ୍ଟ, ଶାରୀରିକ ଓ ମାନସିକ ନିର୍ଯାତନାରେ ଜୀବନ ଚାଲି ଯିବାର ଭୟ ନାହିଁ। ଏଇଠି ଆମକୁ ସରକାର କାମ ଯୋଗାଇ ଦିଅନ୍ତୁ। ଆମେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବୁ ନାହିଁ। ପୁରା ଗାଁକୁ ଦାଦନମୁକ୍ତ ଗାଁରେ ପରିଣତ କରିବୁ। ଏହିଭଳି କହିଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କେଲ ଗ୍ରାମର ୨୦ଦାଦନ ଶ୍ରମିକ ପରିବାର। ଏହି ଅଞ୍ଚଳରେ ସେମାନେ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟି ଯିବା ଉପରେ ରୋକ ଲଗାଇବା ପାଇଁ ସରକାର ଏମ୍‌ଜିଏନଆରଇଜିଏସ୍‌ରେ କାମ ଯୋଗାଇ ଦେଉଛନ୍ତି। ଅନେକ ଜାଗାରେ ତାର ବ୍ୟତିକ୍ରମ ଦେଖା ଯାଉଥିଲେ ମଧ୍ୟ ଜଲପାଙ୍କେଲ ଗ୍ରାମରେ ଶ୍ରମିକମାନେ ଏହାର ସଦୁପଯୋଗ କରୁଛନ୍ତି। ନିଜ ପରିବାର ସହ ଆଉ ବାହାର ରାଜ୍ୟକୁ ଦାଦନ ଖଟି ଯାଉ ନାହାନ୍ତି। ଏଥିରୁ ଯାହା ରୋଜଗାର କରୁଛନ୍ତି ପରିବାର ଚଳୁଛି ବୋଲି କହିଛନ୍ତି ଗ୍ରାମର ଛଗନ ଦାସ, ଚତୁର ହଂସ, ମଦନ ରଣା, ଆଶାରାମ ହଂସ, ଚକ୍ରୁ ବେମାଲ, ପୁରନ ଦାସ, ତ୍ରିନାଥ ମାଝି, ମକସିର କଟା, ତୁଲାମଣି ରଣା, ନକୁଲ ହଂସ, ବଳଭଦ୍ର ଭୁଏ, କରୁଣା ଭୁଏ, ସୁଜନ ପୁଟେଲ ଏବଂ ଜିତେନ୍ଦ୍ର ରଣାଙ୍କ ପରିବାର। ୨୦୧୯-୨୦ ମସିହାରେ ଏହି ଦାଦନ ପରିବାରରୁ ଆସୁଥିବା ଛଗନ ଦାସ ଜଲପାଙ୍କେଲ ଗ୍ରାମରେ ଗାଁ ସାଥୀଭାବେ ନିଯୁକ୍ତି ପାଇଲା ପରେ ଚିତ୍ର ବଦଳି ଥିଲା। ବାହାର ରାଜ୍ୟକୁ ଦାଦନ ଖଟି ନ ଯାଇ ନିଜ ଅଞ୍ଚଳରେ କାମ କଲେ କଣ ସବୁ ଲାଭ ମିଳିଥାଏ ଶ୍ରମିକ ପରିବାରଙ୍କୁ ବୁଝାଇ ଥିଲେ। ଫଳରେ ଗ୍ରାମରେ ଥିବା ୩୦ପରିବାରଙ୍କ ମଧ୍ୟରୁ ୨୦ପରିବାର ଦାଦନ ଖଟିବାକୁ ଯିବା ବନ୍ଦ କରି ଗାଁରେ କାମ କଲେ। ଏବେ ୧୦ ପରିବାର ଦାଦନ ଖଟି ଯାଉଛନ୍ତି। ଯେଉଁ ପରିବାର ଦାଦନ ଖଟି ଯାଉ ନାହାନ୍ତି ସେମାନେ ଏମଜିଏନଆଇଜିଏସ କାମ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଆଗାମୀ ଦିନରେ ଜଲପାଙ୍କେଲ ଗ୍ରାମକୁ ସମ୍ପୂର୍ଣ୍ଣ ଦାଦନ ଶ୍ରମିକ ମୁକ୍ତ ଗ୍ରାମରେ ପରିଣତ କରିବା ଲକ୍ଷ୍ୟ ରଖିଛି ବୋଲି ଛଗନ ପ୍ରକାଶ କରିଛନ୍ତି।

## ପର୍ଯ୍ୟାପ୍ତ କାମ ଯୋଗାଇଦେବାକୁ ବିଡିଓଙ୍କୁ ଫେରାଦ



କାମ ମାଗିବାକୁ ବ୍ଲକ ଅଫିସ ଆସିଥିବା ଶ୍ରମିକମାନେ।

**ଖପ୍ରାଖୋଲ, ୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଜଲପାଙ୍କେଲ ଗାଁ ମହାବନ୍ଧ କାମରେ ଶ୍ରମିକଙ୍କୁ ଆବଶ୍ୟକ କାମ ମିଳୁନାହିଁ। ଏପରି ଅଭିଯୋଗ କରି ଶ୍ରମିକମାନେ ଗୁରୁବାର ବିଡ଼ିଓଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭେଟିଥିଲେ। ଅଭିଯୋଗ ଅନୁସାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମହାବନ୍ଧ କାମ ହେଉଛି। ହେଲେ ଶ୍ରମିକମାନଙ୍କୁ ଆବଶ୍ୟକ କାମ ବଦଳରେ ପରିବାର ପ୍ରତି ଜଣେ ବ୍ୟକ୍ତିକୁ କାମ କରିବାକୁ କୁହାଯାଉଛି। ବିଡ଼ିଓ ରଶ୍ମି ରଞ୍ଜନ ରାଉତ ଶ୍ରମିକଙ୍କ ଦାବିପତ୍ର ଗ୍ରହଣ କରିବା ପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ତାଲୁକ ଆଇନ ସମିତି ପାଳିଲା ଏଡ୍ସ ଦିବସ

**ଟିଟିଲାଗଡ,୧।୧୨(ଡି.ଏନ.ଏ.):** ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକିଶୋର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ନାନାଝେର ଗ୍ରାମରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏନେଇ ସମିତି ପକ୍ଷରୁ ସଭାସମିତି ସହ ଶୋଭାଯାତ୍ରା କରି ମହାମାରୀ ଏଡ୍ସ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଟିଟିଲାଗଡ଼ ସିନିୟର ସିଭିଲ ଜଜ ରମାକାନ୍ତ ମହାନ୍ତି, ଜେଏମ୍‌ଏଫସି ଅଭିନନ୍ଦନ ରାୟ, ଆଇସିଟିସି କାଉନସିଲର ସତ୍ୟଜୀବନ ଦାଶ, ଡ଼ିଆଏସଆରସି ରାମୋଜ କୁମାର, ସାଇ ଏନଜିଓ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ପାତ୍ରୀ ଉପସ୍ଥିତ ଥିଲେ।

### ଧାରଣାସ୍ଥଳରେ ମା ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା

**ଗୁଡ଼ଭେଲା,୧।୧୨(ଡି.ଏନ.ଏ.):** ୮ଦଫା ଦାବିରେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ୧୧ଦିନ ହେଲା ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀମାନେ ଧାରଣ ଦେଇଛନ୍ତି। ମାର୍ଗଶିର ମାସ ଗୁରୁବାର ଥିବାରୁ ସେମାନେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିଲେ। ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ନାରାବାଜି କରିଥିଲେ। ଏହି ଧାରଣାରେ ଟିକେମଣୀ ଛତ୍ରିଆ, ବିଦୁଲତା ସାମଲ, ତୃପ୍ତିମୟୀ ସୁନା, ସବିତା ହରପାଲ, ରୀତା ଭୋଇ, ଗାୟତ୍ରୀ ମହାରଣା, ଖୁଲାନ ଜେନାଙ୍କ ସମେତ ବ୍ଲକର ୧୧୫ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ସାମିଲ ଥିଲେ।

### ଧାରଣାରେ ବସିଛନ୍ତି ଅଙ୍ଗନୱାଡ଼ି କର୍ମୀ, ସହାୟିକା

**ଖପ୍ରାଖୋଲ,୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଗତ ନଅ ଦିନ ହେଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଧାରଣାରେ ବସିଛନ୍ତି। ଏଥିଯୋଗୁ ଶିଶୁ ଓ ମହିଳା ବିକାଶ କାର୍ଯ୍ୟକ୍ରମ ବନ୍ଦ ପଡିଛି। ବ୍ଲକରେ ୧୮୩ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଝୁଲୁଛି। ଟିଏଚଆର୍ ବଣ୍ଟନ ଓ ପ୍ରାକ ବିଦ୍ୟାଳୟ ବନ୍ଦ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଙ୍ଗନୱାଡ଼ି କର୍ମୀ ସଂଘ ବ୍ଲକ ସଭାନେତ୍ରୀ ମଞ୍ଜୁଲତା ବେହେରା ପ୍ରକାଶ କରିଛନ୍ତି। ସିଡିପିଓ ସୁଜାତା ଡୋରା କହିଛନ୍ତି, ଆନ୍ଦୋଳନ ଯୋଗୁଁ ବିଭିନ୍ନ ସେବା ବ୍ୟାହତ ହେଉଛି। ଏସ୍‌ଏଚ୍‌ଜି ମହିଳା ଓ ସୁପରଭାଇଜରଙ୍କ ଜରିଆରେ ଶିଶୁ ଓ ଗର୍ଭବତୀଙ୍କୁ ଟିଏଚଆର ବଣ୍ଟନ କରିବାକୁ ଚେଷ୍ଟା ଚାଲିଥିବା କହିଛନ୍ତି।

### ଅନୁଦାନ ଅର୍ଥ ବିନିଯୋଗ ଉପରେ ଗୁରୁତ୍ୱ

**ହରିଶଙ୍କର ମନ୍ଦିର ବିକାଶ ପ୍ରସଙ୍ଗ**

**ଖପ୍ରାଖୋଲ,୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ହରିଶଙ୍କର ମନ୍ଦିର ଚତୁଃପାର୍ଶ୍ୱ ବିକାଶ ସମ୍ପର୍କିତ ବୈଠକ ଦେବୋତ୍ତର ବିଭାଗ ତରଫରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ବିଜୟାନନ୍ଦ ସେଠୀ ଏଥିରେ ଅଧକ୍ଷତା କରିଥିଲେ। କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅର୍ଜୁନ କୁମାର ବେହେରା, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ବୈଠକରେ ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ତରଫରୁ ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୧୫ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ବିଭିନ୍ନ କାର୍ଯ୍ୟ ମଧ ଆରମ୍ଭ ହୋଇଛି। କାର୍ଯ୍ୟ କିଭଳି ଶେଷ ହୋଇପାରିବ ସେ ନେଇ ଆଲୋଚନା ହେବା ସହ ଓପନ କମ୍ପ୍ଲେକ୍ସ, ରୋଷେଇ ଘର, ଭୋଗ ମଣ୍ଡପ, ମିଉଜିୟମ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ସମ୍ପର୍କରେ ଦେବୋତ୍ତର କମିଟି, ସବ୍‌କମିଟି ଓ ବଣିକ ସଂଘ ସଦସ୍ୟଙ୍କ ସହ କାର୍ଯ୍ୟର ଖସଡ଼ା ନକ୍ସା ବୁଲି ଦେଖିଥିଲେ। ବୈଠକରେ ଦେବୋତ୍ତର କମିଟି ସଦସ୍ୟ ଶଶି ପୂଝାରୀ, ବିପ୍ର ବିଶି, ଅଭୟ ତ୍ରିପାଠୀ, ପଞ୍ଚୁଦେବ ସାହୁ, ସୁନୀଲ ଗୋଏଲ, ଇନ୍ଦୁଭୂଷଣ ଠାକୁର, ରୋହିତ ମେହେର, ନବୀନ ମେହେର, ଅର୍ଜୁନ ଅଗ୍ରୱାଲ, ଝାରୁ ମେହେର, ଗଜ ନାଗ, ଶତ୍ରୁଘ୍ନ ନାଏକ, ପଞ୍ଚମ ପଧାନ, ସୁଶିଲ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଜମା ହୋଇଛି, ମିଳିନି ବିଦ୍ୟୁତ୍ ସଂଯୋଗ

**ସୌଭାଗ୍ୟ ଜ୍ୟୋତି ଯୋଜନା**

**ଲୋଇସିଂହା,୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର କେତେକ ପରିବାର ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହୋଇଛନ୍ତି। ଟଙ୍କା ଜମା ପରେ ମଧ୍ୟ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ବାଦିବାହାଲ ପଞ୍ଚାୟତ ସଦର ଗାଁର ରତ୍ନାକର ମେହେର, ବୈଷ୍ଣବ ବିଶି, ହରିଶ୍ଚନ୍ଦ୍ର ନାୟକ, ହିମାଂଶୁ ବେହେରା, ମିନକେତନ ଭୋଇ, ଦର୍ଶନ ଧରୁଆ ଓ ହାଡୁ ସାହୁଙ୍କ ପରିବାର ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇବାରୁ ବଞ୍ଚିତ ରହିଛନ୍ତି। ବିଦ୍ୟୁତ ବିଭାଗ ଓ ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ ଗ୍ରାମରେ ବର୍ଷକ ତଳୁ ଉକ୍ତ ଯୋଜନାରେ ସଂଯୋଗ ଦିଆଯାଇଛି। ହେଲେ ୬ ମାସ ହେବା ହାଡୁ ଓ ଦର୍ଶନକୁ ଛାଡି ବାକି ୫ ଜଣ ବିଭାଗ ନିକଟରେ ୨ ହଜାର ଲେଖାଏ ଟଙ୍କା ଜମା କରିଥିଲେ ହେଁ ସଂଯୋଗ ଦିଆଯାଉନାହିଁ। ଏଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ତେଲଙ୍ଗାନାରୁ ଫେରିଲେ ନିର୍ଯାତିତ ଦାଦନ



ରେଳ ଷ୍ଟେଶନରେ ତେଲଙ୍ଗାନାରୁ ଫେରିଥିବା ଦାଦନ ଶ୍ରମିକ।

**ଲୋଇସିଂହା,୧।୧୨(ଡି.ଏନ.ଏ)**

■ଏସ୍‌ପି, ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିଲେ
■ସର୍ଦ୍ଦାର, ଇଟାଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
■କାମ ଯୋଗାଇ ଦେବାକୁ ନିବେଦନ କଲେ

ତେଲଙ୍ଗାନାରେ ନିର୍ଯାତିତ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବାବୁପାଲି ଏବଂ ବରଗଡ ଜିଲାର ୨୬ଜଣ ଦାଦନ ଶ୍ରମିକ ଜିଲା ପ୍ରଶାସନର ଉଦ୍ୟମକ୍ରମେ ନିର୍ଯାତିତ ଶ୍ରମିକ ଉଦ୍ଧାର ହୋଇ ଗାଁକୁ ଫେରିଛନ୍ତି। ଗୁରୁବାର ସେମାନେ ଏସ୍‌ପି ନୀତିନ କୁଶଲକର ଓ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ଇଟାଭାଟି ମାଲିକ ସେମାନଙ୍କ ପ୍ରତି ଘଟାଇଥିବା ଅମାନବୟୀ କାଣ୍ଡ ସମ୍ପର୍କରେ ଲିଖିତ ଫେରାଦ ହୋଇଥିଲେ। ଦାଦନ ସର୍ଦ୍ଦାର ଓ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଠାରେ କାମ ଯୋଗାଇ ଦେବାକୁ ସେମାନେ ନିବେଦନ କରିଥିଲେ।

କଳାହାଣ୍ଡି ଜିଲା ଧରବଗଡ ଥାନା ଖପସି ଗ୍ରାମର ଜଣେ ଦାଦନ ସର୍ଦ୍ଦାରଙ୍କ ସହାୟତାରେ ବାବୁପାଲି ଗ୍ରାମର ଭୀଷ୍ମଦେବ ବିଶି, ସହଦେବ ବିଶି ଓ ଧରୁଆ ଭୋଇଙ୍କ ୩ ପରିବାରର ସଦସ୍ୟଙ୍କ ସହ ବରଗଡ ଜିଲା ସୋହେଲା ଓ ବିଜେପୁର ଅଞ୍ଚଳର ୨୬ଜଣ ସଦସ୍ୟ ତେଲଙ୍ଗାନା ରାଜ୍ୟ ଭଟକେଶ୍ୱର ଥାନା ବିବିନଗରକୁ ଦାଦନ ଖଟି ଯାଇଥିଲେ। ସେଠାକାର ଏକ ଇଟାଭାଟିରେ ୩ମାସ ହେଲା ସେମାନେ କାମ କରୁଥିଲେ। ଶ୍ରମିକଙ୍କୁ ଇଟାଭାଟିରେ ଅଧିକ ସମୟ ଖଟାଇବା ସହ ଶାରିରୀକ ଓ ମାନସିକ ନିର୍ଯାତନ ଦେଉଥିଲେ ମାଲିକ। ନିର୍ଯାତନା ଅସହ୍ୟ ହେବାରୁ କେତେକ ନିର୍ଯାତିତ ଗତ ରବିବାର ବାବୁପାଲି ଗ୍ରାମର କେତେକଙ୍କୁ ଫୋନରେ ଜଣାଇ ଉଦ୍ଧାର ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏହାପରେ କେତେକ ଗ୍ରାମାବସୀ ସେହିଦିନ ଲୋଇସିଂହା ଥାନାକୁ ଯାଇ ଜଣାଇଥିଲେ। ହେଲେ ଥାନା କର୍ତ୍ତୃପକ୍ଷ ଅସହାୟ ପ୍ରକାଶ କରି ବଲାଙ୍ଗୀରକୁ ଯିବାକୁ ପରାମର୍ଶ ଦେଇଥିଲେ। ସୋମବାର ଝାରମୁଣ୍ଡାରେ ଚାଲିଥିବା ଜିଲାପଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଫେରଦ ହୋଇଥିଲେ ଗ୍ରାମବାସୀ। ଜିଲାପାଳ ସେଠାରେ ଉପସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଚେତନତାରେ ନିରାକରଣ

**ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ ପାଳନ**

**ଦେଓଗାଁ, ୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଓ ଜରାସିଂହା କଲେଜରେ ଗୁରୁବାର ବିଶ୍ୱଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଦେଓଗାଁ ଡିଗ୍ରୀ କଲେଜରେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତା ଏବଂ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ରୋଗର ଉତ୍ପତ୍ତି,ସଂକ୍ରମଣର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ରେଡକ୍ରସ ସଂଯୋଜକ ମଳୟ ରଞ୍ଜନ ରଣା ସ୍ୱାଗତ ଭାଷଣ, ଅଧ୍ୟାପକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧକ୍ଷତା ତଥା କାଉନସେଲର ନିବାସ ଗଡତ୍ୟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବ୍ୟାସଦେବ ଦଣ୍ଡସେନା, ଜଗଦୀଶ ସିଂବାବୁ, ସୁରେଶ ଚନ୍ଦ୍ର ବାରିକ, ବିଷ୍ଣୁ ସାହୁ, ବିନ୍ଦୁସାଗର ବେହେରା, ସଙ୍ଗୀତା ପ୍ରଧାନ, ନଳିନୀକାନ୍ତ ପ୍ରଧାନ ଅତିଥିଭାବେ ବକ୍ତବ୍ୟ ରଖିଥିଲେ। ଧନେଶ୍ୱର ଥନାପତି ସଭା ସଂଯୋଜନା କରିଥିଲେ। ତଦ୍ରୂପ ଉଚ୍ଚମାଧମିକ ବିଦ୍ୟାଳୟରେ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ହୋଇଥିବା ସଭାରେ ମୁଖ୍ୟ ଅତିଥିଭାବେ ଅଧକ୍ଷ ବସନ୍ତ କୁମାର ମନହୀରା ଯୋଗଦେଇଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗ ଚାମ୍ପିୟନ

**ଦ୍ୱିତୀୟ ଯୁଧିଷ୍ଠିର ମିଶ୍ର ସ୍ମାରକୀ କ୍ରିକେଟ କପ୍**

**ବଲାଙ୍ଗୀର ଅଫିସ, ୧।୧୨**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ଯୁଧିଷ୍ଠିର ମିଶ୍ର ସ୍ମାରକୀ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଛି। ଗତ ରବିବାରଠାରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଫାଇନାଲ ମ୍ୟାଚରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଓ ବାଣିଜ୍ୟ ବିଭାଗ ମୁହାଁମୁହିଁ ହୋଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ବାଣିଜ୍ୟ ବିଭାଗକୁ ହରାଇ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହ ବିଜୟୀ ଏବଂ ଉପବିଜୟୀ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବାଣିଜ୍ୟ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ଟି ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରିଥିଲା । ଉଦ୍ଭିଦ ବିଜ୍ଞାନ ବିଭାଗ ୬.୪ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଛାତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମିଶ୍ର ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୁଲୁ ଦାନୀ, ମନୀଶ ମିଶ୍ର, ଜୁଲୁ ପଟ୍ଟନାୟକ, ଅଜୟ ବାଲି, ବ୍ୟାସଦେବ ନନ୍ଦ, ଲୋପନ ମିଶ୍ର, ଅଜିତ ମହାନନ୍ଦ, ଅଙ୍କିତ ସାହୁ, ଶୁଭେନ୍ଦୁ ସାହୁ, ଅଞ୍ଚଳ ପଣ୍ଡା, ସରୋଜ ସାହୁ, କ୍ଷତିଚନ୍ଦ୍ର ମନହୀରା, ଚିନ୍ମୟ ବେହେରା, ନିତିଶ ପଧାନ, ଆୟୁଷ୍ମାନ ସ୍ୱାଇଁ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ମ୍ୟୁଜିକାଲ ଚେୟାରର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଲୋକକଳା ଅନୁଷ୍ଠାନ ଉଦ୍‌ଘାଟିତ

**ଲୋଇସିଂହା,୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାରେ ନୂତନ ଭାବେ ଲୋକକଳା ଅନୁଷ୍ଠାନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୁରୁଣା କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଓ ଜନସାଧାରଣଙ୍କୁ ସଚେତନତା ଧର୍ମୀ ବାର୍ତ୍ତା ବାଣ୍ଟିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନ ଶୁଭାରମ୍ଭ ହୋଇଥିବା ଆୟୋଜକ କହିଛନ୍ତି। ସ୍ଥାନୀୟ ବରିଷ୍ଠ ତଥା ଦକ୍ଷ କଳାକାର ବ୍ରଜ ବିଶୋଇଙ୍କ ଉଦ୍ୟମକ୍ରମେ ଲୋଇସିଂହା ଗାନ୍ଧୀ ଛକଠାରେ ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଯୁବ କଳାକାର ସରୋଜ ବିଶ୍ୱାଳ, ସରୋଜ ମହାକୁର, କୁନା ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜାର୍ଚ୍ଚନା କରି ଲୋକକଳା ଅନୁଷ୍ଠାନକୁ ଅତିଥି ଉଦ୍‌ଘାଟନ କରିଥିଲେ। ୧୫ବିଶିଷ୍ଟ କଳାକାରକୁ ନେଇ ଏହି ଅନୁଷ୍ଠାନ ଗଠନ କରାଯାଇଛି। ହଜିହଜି ଯାଉଥିବା ପୁରୁଣା ବାଦ୍ୟଯନ୍ତ୍ର ମାଧ୍ୟମରେ ଲୋକକଳା ପରିବେଷଣ କରି ପୁରଣା ସ୍ମୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପ୍ରମୁଖ ଉଦ୍ୟମ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଅନୁଷ୍ଠାନ ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# ଫେଲ ମାରିଛି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା

**ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

■ ନାହାନ୍ତି ବିଶେଷଜ୍ଞ ଡାକ୍ତର

**ଦେଓଗାଁ,୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ନାନା ଅବ୍ୟବସ୍ଥା ଘେରରେ ଚାଲିଛି। ଆବଶ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବ ଯୋଗୁଁ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି ଜନସାଧାରଣ। ଅନ୍ୟପକ୍ଷେ ଶିଶୁ ଓ ସ୍ତ୍ରୀ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ନଥିବାରୁ ଜନସାଧାରଣ ବାହାରକୁ ଯାଇ ଖର୍ଚ୍ଚାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

୨୦୧୦ ମସିହାରେ ଏଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଲା। ଫଳରେ ବ୍ଲକର ଜନସାଧାରଣ ଉନ୍ନତ ସେବା ମିଳିବାର ଯଥେଷ୍ଟ ଆଶା ରଖିଥିଲେ। ହେଲେ ଆଜକୁ ୧୨ବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ର ସେହି ପୁରୁଣା କୋଠାରେ ଅବ୍ୟବସ୍ଥା ଘେରରେ ଚାଲିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା କେବଳ କାଗଜ କଲମରେ ସୀମିତ ରହିଯାଇଛି । ସରକାରୀ ନିୟମାନୁସାରେ ଏହି କେନ୍ଦ୍ରରେ ୨ଜଣ ବିଶେଷଜ୍ଞଙ୍କ ସମେତ ୧୨ଜଣ ଡାକ୍ତର ନିଯୁକ୍ତି ହେବା କଥା। ହେଲେ ବର୍ତ୍ତମାନ ଏଠାରେ ମାତ୍ର ୨ଜଣ ଡାକ୍ତର ରହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଚିତ୍ତରଞ୍ଜନ ମିଶ୍ରଙ୍କୁ ରାମଚନ୍ଦ୍ରପୁର ପ୍ରାଥମିକ ଚିକିତ୍ସାଳୟକୁ ଫେରାଇନିଆଯାଇଛି। ଏପଟେ ଡା. ମିଲନମୟୀ ପାଣିଗ୍ରାହୀ ପିଜି କୋର୍ସ ଅଧୟନ ପାଇଁ ବାହାରକୁ ଯିବା ସ୍ଥିର ହୋଇଛି। କିଛି ଦିନତଳେ ଠିକା ଚୁକ୍ତିଭିତ୍ତିକ ଭାବେ ଯୋଗଦେଇଥିବା ୨ଜଣ ଡାକ୍ତର ଇସ୍ତଫା ଦେଇଥିଲେ। ଫଳରେ ବର୍ତ୍ତମାନ ନିୟମିତ ଡାକ୍ତର ଗୀତାଞ୍ଜଳି ସାହୁ ଓ ପାଟଣାଗଡରୁ ଡେପୁଟେସନରେ ଆସିଥିବା ଡା.ଏସ.ମଲ୍ଲିକ କାର୍ଯ୍ୟରତ ରହିଛନ୍ତି। କେବଳ ଡାକ୍ତର ନୁହନ୍ତି, ଚିକିତ୍ସାଳୟରେ ୧୦ଜଣ ନର୍ସ ରହିବା ସ୍ଥଳେ ମାତ୍ର ୨ଜଣ ଅଛନ୍ତି। କିରାଣୀ ଉତ୍ତମ ବାଗଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସପ୍ତାହକ ୩ଦିନ ପାଇଁ ଡେପୁଟେସନ ଦାୟିତ୍ୱ ଦିଆଯାଇଛି। ଫଳରେ ରୋଗୀସେବା ସହ କାର୍ଯ୍ୟାଳୟ କାମ ବ୍ୟାହତ ହେଉଛି। ଏଣୁ ଏଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ତ ଦୂରର କଥା ଠିକରୂପେ ୬ଘଣ୍ଟାର ସ୍ୱାସ୍ଥ୍ୟସେବା ମଧ ଲୋକଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ଗତ ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ପଞ୍ଚାୟତ ଜନପ୍ରତିନିଧିମାନେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବାପାଇଁ ବିଧାୟକ ନରସିଂହ ମିଶ୍ରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହାସହ ରୋଗୀ କଲ୍ୟାଣ ସମିତି ବୈଠକରେ ମଧ ଡାକ୍ତର ଓ ନର୍ସ ଅଭାବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନକୋଠା ନିର୍ମାଣ, ଗାଡିପାର୍କିଂ ଜୋନ, ବ୍ଲକ ଛକରେ ଗେଟ ନିର୍ମାଣ ଆଦି ଦାବି ଉପସ୍ଥାପନ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଉପରୋକ୍ତ ସମସ୍ୟା ଉପରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।




ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**କୁଚିଣ୍ଡା,୧।୧୨(ଡି.ଏନ.ଏ.):** କୁଚିଣ୍ଡା ଥାନା ଡିମିରିମୁଣ୍ଡା ପଞ୍ଚାୟତ ବାବେୟୁରୀ ଗ୍ରାମର ରାମକୃଷ୍ଣ ସିଂ (୫୮) ହାତୀ ଆକ୍ରମଣରେ ଗୁରୁତର ହୋଇ କୁଚିଣ୍ଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ରାମକୃଷ୍ଣ ବୁଧବାର ସନ୍ଧ୍ୟାରେ ବାମଣ୍ଡାଗଡରୁ ନିଜ ଗାଁକୁ ଫେରୁଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ମେଡିକାଲ ଯାଇ ଆହତ ରାମକୃଷ୍ଣଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଶରତ ଚନ୍ଦ୍ର ପଣ୍ଡା କହିଛନ୍ତି, ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ତାଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ।

### ଏଡ୍‌ସ ସଚେତନତା ଓ ରକ୍ତଦାନ ଶିବିର

**ନାକଟିଦେଉଳ,୧।୧୨(ଡ଼ି.ଏନ.ଏ.):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳନ ସହ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ଏଥିରେ ରେଢାଖୋଲ ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡ଼ା. ଦିଲୀପ କୁମାର ମହାନ୍ତି, ଟେକ୍ନିସିଆନ ଇନ୍ଦ୍ରମଣୀ ବେହେରା ଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ୟୁଥ୍ ରେଡ଼କ୍ରସ ଅଧିକାରୀ ଅଧାପକ ଦେବେଶ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପିକା ପୁଷ୍ପାଞ୍ଜଳି ରବଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଭଜମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଶିବିରରେ ସମୁଦାୟ ୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ ଓ ବିଭିନ୍ନ ବ୍ୟକ୍ତିବିଶେଷ ରକ୍ତଦାନ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୧।୧୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଦର୍ଶନୀ ଷଣ୍ଢଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ମିନାରାଣୀ ମଙ୍ଗଳ ମୁଖ୍ୟଅତିଥି ଓ ସରାପାଲି ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ କୁଅଁର, ବରିଷ୍ଠ ନାଗରିକ ରଘୁନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଷଣ୍ଢ ଜଣେ ମେଳାପି, ଛାତ୍ରବତ୍ସଳ ଥିଲେ ବୋଲି କହିଥିଲେ। ପରେ ଅତିଥିମାନେ ତାଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

**ସମ୍ବଲପୁର,୧।୧୨(ବ୍ୟୁରୋ)**


ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱ ଜମାଦାରପାଲିଠାରେ ଗୁରୁବାର ହୀରାକୁଦ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମୋଡ୍‌ରେ ହୀରାକୁଦ ସମେତ ଓଡ଼ିଶାର ଛଅଗୋଟି ସ୍ଥାନରେ ଇକୋ ରିଟ୍ରିଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବି. ଗଙ୍ଗାଧର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆରଡ଼ିସି ଡ. ଦଳେଇ କହିଛନ୍ତି, ରାଜ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା

**ହୀରାକୁଦ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ**

ଲାଗି ଏହା ଏକ ବଡ଼ ପଦକ୍ଷେପ। ଦେଶର ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକଙ୍କ ସମାଗମ ହୋଇ ଭାବର ଆଦାନପ୍ରଦାନ ହେବ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସାମାଜିକ, ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଘଟିବ। ୨ବର୍ଷ ହେଲା କୋଭିଡ୍ ଯୋଗୁ ଇକୋ ରିଟ୍ରିଟରେ ବାଧା ସୃଷ୍ଟି ହୋଇଥିଲା। ହେଲେ ଏବର୍ଷ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି। ଜିଲାପାଳ ଦାସ କହିଛନ୍ତି, ଚଳିତବର୍ଷ ବହୁତ ଆକର୍ଷଣୀୟ ଭାବେ ଇକୋ ରିଟ୍ରିଟ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ମଧ୍ୟ ରହିଛି। ଅଧିକ ପର୍ଯ୍ୟଟକ ଆସି ଏହାର ଲାଭ ନେଇପାରିବେ ବୋଲି ଆଶା ରହିଛି। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାର ସହିତ ପର୍ଯ୍ୟଟକମାନେ ଡେବ୍ରିଗଡ଼, ଘଣ୍ଟେଶ୍ୱରୀ ମନ୍ଦିର, ଜିରୋ ପଏଣ୍ଟ, ହୁମା ବକ୍ର ମନ୍ଦିର, ସମଲେଶ୍ୱରୀ ମନ୍ଦିର ଭଳି ବିଭିନ୍ନ ଶକ୍ତିପୀଠ ଓ ପର୍ଯ୍ୟଟନ ସ୍ଥଳ ଦେଖିପାରିବେ। ପର୍ଯ୍ୟଟକ ଇକୋ ରିଟ୍ରିଟରେ ରହିବା ସହ ପର୍ଯ୍ୟଟନସ୍ଥଳ ବୁଲି ମଜା ନେଇପାରିବେ। ଚଳିତଥର ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ ରହିଛି। ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନୁରେ ସୁସ୍ୱାଦୁ ବ୍ୟଞ୍ଜନ ଗୁଡ଼ିକ ରହିଛି। ଓଟିଡିସି ପକ୍ଷରୁ ଏହାକୁ ପରିଚାଳନା କରାଯାଉଛି।

# ଶିକ୍ଷାବିତ୍ ମନମୋହନ ପଟ୍ଟନାୟକଙ୍କ ଜୟନ୍ତୀ

**ସମ୍ବଲପୁର,୧।୧୨(ବ୍ୟୁରୋ)**

ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଶିକ୍ଷାବିତ୍ ମନମୋହନ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ପାଳନ କରାଯାଇଛି। ସଂଘର ବରିଷ୍ଠ ସଦସ୍ୟ ରତ୍ନଭୂଷଣ ପୃଷେଠ ଅଧ୍ୟକ୍ଷତା କରିଥିବା ବେଳେ ଅଖିଳ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅରବିନ୍ଦ ମହାପାତ୍ର ଯୋଗଦେଇ ଶିକ୍ଷା ଓ ସମାଜ ଉପରେ ଆଲୋକପାତ କରିଥିଲେ। ପରେଶ ଚନ୍ଦ୍ର ଦାନି, ରାଜେଶ ପଣ୍ଡା, ସୁକାନ୍ତ ବହିଦାର, ପ୍ରଫୁଲ୍ଲ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ବହିଦାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ମହିପାଳ ସ୍ୱାଇଁ, ଦୀପାଳି ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା।


ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ସମ୍ମାନିତ କରାଯାଉଛି ।

# ନୂତନ ଚିନ୍ତାଧାରା, ସୃଜନଶୀଳତା ସୃଷ୍ଟିର କ୍ଷେତ୍ର

**ସମ୍ବଲପୁର,୧।୧୨(ବ୍ୟୁରୋ)**

ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଏକାଡେମିକ ଡାଇରେକ୍ଟର ଜି. ରାମକୃଷ୍ଣ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଫାଷ୍ଟ ଷ୍ଟେପ ଅଧକ୍ଷା ଭି. ଶୈଳଜା, ବିକାଶ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ କହିଥିଲେ, ୨୦୦୨ରେ ଆରମ୍ଭ ହୋଇଥିବା ଅନୁଷ୍ଠାନ ବର୍ତ୍ତମାନ ଅଭିଭାବକଙ୍କ ପ୍ରଥମ ପସନ୍ଦ। ବରଗଡ଼, ସମ୍ବଲପୁର, ବୁର୍ଲାଠାରେ ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲ୍ ଏବଂ ଚିଲିକାରେ ବୋଟ ହାଉସ ତିଆରି କରି ପର୍ଯ୍ୟଟନ ମାନଚିତ୍ରରେ ନିଜକୁ ସ୍ଥାନିତ କରିପାରିଛି ବୋଲି କହିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର


ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

**ଶାସନ ବିକାଶ ସ୍କୁଲରେ ବାର୍ଷିକୋତ୍ସବ**

ରାଓ ଏହି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ନୂତନ ଚିନ୍ତାଧାରା ଓ ସୃଜନଶୀଳତା ସୃଷ୍ଟିର କ୍ଷେତ୍ର ବୋଲି କହିଥିଲେ। ବିକାଶ ଗ୍ରୁପର ଚେୟାରମେନ ଡି. ମୁରଲୀ କ୍ରିଷ୍ଣା ଶିକ୍ଷାର ବିକାଶ ନିମନ୍ତେ ବିକାଶ ଅନୁଷ୍ଠାନ ସ୍କିଲ ବେସ୍‌ଡ ଲର୍ନିଂ ଉପରେ ଗୁରୁତ୍ୱ ଦେଇଆସିଛି ବୋଲି ମତ ରଖିଥିଲେ। ନୂତନ ଶିକ୍ଷାନୀତି ଉପରେ ଆଗାମୀ ଦିନରେ ନିଜର ପାଠ୍ୟକ୍ରମ ପ୍ରସ୍ତୁତି ଉପରେ ମତ ଦେଇଥିଲେ। ମୁଖ୍ୟଅତିଥି ବର୍ତ୍ତମାନ ସମୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ବନ୍ଧ ରହିବା ଉଚିତ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ସାମାଜିକ ଅନୁଷ୍ଠାନ ସମ୍ବଲର ଉତ୍ସର୍ଗୀକୃତ ସେବା ପାଇଁ ସଦସ୍ୟମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ବିକାଶ ପରିଚାଳନା ସଦସ୍ୟମାନେ ସ୍ମୃତିଫଳକ ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ଏକାଡେମିକ ଅଫିସର ସମ୍ବଲପୁର ପୁଷ୍ପିତା ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସମ୍ମିଳିତ ଆଦିବାସୀ ସମାଜର ପ୍ରଥମ ବିଜୟ ଯାତ୍ରା

**ଝାରସୁଗୁଡ଼ା ଅଫିସ,୧।୧୨**

ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଗୁରୁବାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ୮୪ତମ ଜୟନ୍ତୀ ସହିତ ଆଦିବାସୀ ସମାଜର ପ୍ରଥମ ବିଜୟ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି, ପୂର୍ବତନ ବରିଷ୍ଠ ନାଗରିକ ସଂଘ ସଭାପତି ଅର୍ଜ୍ଜୁନ ମୋର, ଓଡ଼ିଶା ହକି ଆସୋସିଏଶନର ଉପସଭାପତି ଜୀବନ ମହାନ୍ତି, ପୂର୍ବତନ ଓକିଲ ସଂଘ ସଭାପତି ସିୟାରାମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ

**ହେମାନନ୍ଦ ବିଶ୍ୱାଳଙ୍କ ୮୪ତମ ଜୟନ୍ତୀ**

ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କହିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସଭାରେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ ସଭାପତିତ୍ୱ କରିଥିବା ବେଳେ ମହାସଚିବ ଅଶୋକ କୁମାର ମାଝି, ବିନୋଦ ବିହାରୀ ବାଗ ସଭା ପରିଚାଳନା କରିଥିଲେ। ଏଥିରେ ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭା ଜିଲା ସଭାପତି ଉମ୍ବରୁଧର ନାଏକ, ଉପସଭାପତି ଫକୀର ନାଏକ, ମହାସଚିବ ଶ୍ୟାମଲାଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଫେବୃୟାରୀ ୧ରୁ ରାଉରକେଲା ପୁସ୍ତକ ମେଳା

**ରାଉରକେଲା ଅଫିସ,୧।୧୨**

ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପଡିଆରେ ଆଦର୍ଶ ପାଠାଗାର ପକ୍ଷରୁ ରାଉରକେଲା ପୁସ୍ତକ ମେଳା ୨୦୨୩ ଫେବୃଆରୀ ୧ ତାରିଖରୁ ଆରମ୍ଭ ହେବ । ଏ ନେଇ ପାଠାଗାରର ବରିଷ୍ଠ ସଦସ୍ୟ ଜ୍ଞାନରଞ୍ଜନ ଦାଶ ଅବଗତ କରାଇବା ସହ ଏହି ମେଳା ୧୦ ଦିନ ଧରି ଚାଲିବ ବୋଲି ସୂଚନା ଦେଇଛନ୍ତି। କରୋନା ମହାମାରୀ ପାଇଁ ଗତ ଦୁଇବର୍ଷ ଧରି ଏହି ମେଳା ବନ୍ଦ ଥିବାବେଳେ ବର୍ତ୍ତମାନ ପୁଣିଥରେ ଆରମ୍ଭ ହେବ।

# ଆରଏସ୍‌ପି ପାଭିଲିୟନ ଉଦ୍‌ଘାଟିତ

**ରାଉରକେଲା ଅଫିସ,୧।୧୨**

ଭୁବନେଶ୍ୱରରେ ଆୟୋଜିତ ମେକ୍ ଇନ୍ ଓଡିଶା କନକ୍ଲେଭରେ ରାଉରକେଲା ଇସ୍ପାତ କାରଖାନାର ଆକର୍ଷଣୀୟ ପାଭିଲିୟନ୍‌କୁ ସେଲ୍ ଅଧକ୍ଷା ସୋମା ମଣ୍ଡଳ ଉଦ୍‌ଘାଟନ କରିଛି। ଏହି ଅବସରରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ସେଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଆର୍‌ଏସ୍‌ପି ପାଭିଲିୟନରେ ପ୍ରଦର୍ଶିତ ପ୍ୟାନେଲ ଓ ଅଡିଓ ଭିଜୁଆଲରେ ସେଲ୍ ଅଧକ୍ଷ ଆଗ୍ରହ ଦେଖାଇଥିଲେ। ଏହି ପାଭିଲିୟନ ଓଡିଶା ସହ ମିଳିତ ଭାବେ କମ୍ପାନୀର ବିକାଶ ଓ ଅଭିବୃଦ୍ଧି ପ୍ରଦର୍ଶନ କରୁଛି। ଚଳିତ ବର୍ଷର କନକ୍ଲେଭ୍ ବିଷୟବସ୍ତୁ ସହିତ ସେଲ୍‌ର ଆର୍‌ଏସ୍‌ପି ପ୍ୟାଭିଲୟନରେ ଡିଜିଟାଇଜ୍‌ଡ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍ ହକି ଆୟୋଜନକୁ ଦୃଷ୍ଟିରେ ରଖି ଏକ ହକି ଷ୍ଟିକ୍ ଓ ବଲ ସହିତ ସେଲ୍‌ଫି ପଏଣ୍ଟ ପାଭିଲିୟନର ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଛି।

# ମାରୁତି ଏକାଦଶ କ୍ରିକେଟ: ସେମିରେ ଡାଇମଣ୍ଡ ଏକାଦଶ

**ବ୍ରଜରାଜନଗର,୧।୧୨(ଡି.ଏନ.ଏ.)**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ତେଲଏନ ପାଲି ହାଇସ୍କୁଲ ପଡିଆଠାରେ ମାରୁତି ଏକାଦଶ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ରଜରାଜନଗର ପୌର ଉପାଧ୍ୟକ୍ଷ ଗୋପାଳ ସୀତାନି ମୁଖ୍ୟଅତିଥି ଓ କାଉନସିଲର ନିକିତା ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଡାଇମଣ୍ଡ ଏକାଦଶ ଓ ଶର୍ପ୍‌ପିଟ୍ ବଏଜ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ଡାଇମଣ୍ଡ ଏକାଦଶ ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚ ଗଙ୍ଗାନଗର ଓ ଡାଇମଣ୍ଡ ଏକାଦଶ ମଧ୍ୟରେ ହୋଇଥିବାବେଳେ ଡାଇମଣ୍ଡ ଏକାଦଶ ବିଜୟୀ ହୋଇ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସଞ୍ଜୀବ କରାଳି ଓ ରାକେଶ ବରାଳ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବାବେଳେ ଏହା ୫ ଦିନ ଧରି ଚାଲିବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି।

# ବିଜ୍ଞାନ ପ୍ରକଳ୍ପ ମେଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୧।୧୨**

ରାଉରକେଲା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ମମତା ରାୟଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଛି। ଉଦିତନଗର ସିଆରସିସି ଦୀପ୍ତିମୟୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କ ପ୍ରକଳ୍ପ ଗୁଡ଼ିକ ବ୍ଲକସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବ। ଶିକ୍ଷକ ପ୍ରମୋଦ ବାଡତ୍ୟା, ସତ୍ୟବାଦୀ ବେହେରା, ନୁରୁଯାହାନ ଖାତୁନ ସହଯୋଗ କରିଥିଲେ।

# ଲାଲ ରିବନ ଧରି ସଚେତନତା

**ସମ୍ବଲପୁର,୧।୧୨(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମ୍‌ସାରଠାରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଛାତ୍ରୀମାନେ ଭିମ୍‌ସାର ପରିସରରେ ଥିବା ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ତଳେ ଲାଲ ରିବନ ଧରି ସଚେତନତା ସୃଷ୍ଟି କରିଥିଲେ। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍‌ସ ଲକ୍ଷଣ, ନିରାକରଣ ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନୀୟ ଅତିଥିଭାବେ ଅଧିକ୍ଷକ ଡା. ପ୍ରଫେସର ଲାଲ ମୋହନ ନାଏକ, ଡିନ୍ ବିବି ପଣ୍ଡା, ନର୍ସିଂ କଲେଜ ଅଧକ୍ଷା ଗୀତାଞ୍ଜଳି ବେହେରା ଉପସ୍ଥିତ ଥିଲେ। ଡା. ସୁବ୍ରତ ପ୍ରଧାନ, ଆସିଷ୍ଟାଣ୍ଟ ପ୍ରଫେସର ଡା. ସଞ୍ଜୀବ କୁମାର ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ଭଳି ଏଡ୍‌ସ ରୋଗୀଙ୍କ ସମାଜରେ ସମାନ ଅଧିକାର ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଡା. ସତ୍ୟ ତ୍ରିପାଠୀ, ଡା. ତୃପ୍ତି ମେହେର, ଡା. ପ୍ରଣବ ବେହେରା, ଡା. ଜ୍ୟୋତି ବେହେରା ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଏଡ୍‌ସ ସଚେତନତା ରାଲି କରାଯାଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉଦ୍‌ଘାଟନ କରି ଏଡ୍‌ସ ସଚେତନତାର ବାର୍ତ୍ତା ଦେଇଥିଲେ। ଉପକୁଳ ସଚିବ ଡ. ଉମାଚରଣ ପତି ଯୋଗଦାନ କରି ଏଡ୍‌ସର ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ମନସ୍ତତ୍ତ୍ୱ ବିଭାଗୀୟ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସମସ୍ତ ବିଭାଗକୁ ଯାଇ ମାରାତ୍ମକ ବ୍ୟାଧିକୁ କିଭଳି ପ୍ରତିରୋଧ କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ।


ଛାତ୍ରୀମାନେ ଲାଲ ରିବନ ଧରି ସଚେତନତା ସୃଷ୍ଟି କରୁଛନ୍ତି ।

# ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

**ଝାରସୁଗୁଡ଼ା ଅଫିସ,୧।୧୨**

କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସୁଶୀଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ର, ଅଧାପିକାଅଧାପକ ଏକ ଶୋଭାଯାତ୍ରାରେ କୋଲାବିରା ଗ୍ରାମ ପରିକ୍ରମା କରି ସଚେତନତା ହିଁ ଏଡ୍‌ସ ରୋକିବାର ଏକମାତ୍ର ବିକଳ୍ପ ବୋଲି ବାର୍ତ୍ତା ଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ସଂଯୋଜକ ସରୋଜ ପଟେଲ, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଡ. ନରେଶ ସାହୁ, ରୋହିତ ଖରସେଲ, ସରିତା ବେହେରା, ସସ୍ମିତା ବେହେରା, ରତୁପର୍ଣ୍ଣା ଧୁରୁଆ, ନମିତା ପଟେଲ, ସୁମନ୍ତ ପଟେଲ ପ୍ରମୁଖ ଅଧାପିକାଅଧାପକ ସହଯୋଗ କରିଥିଲେ।

ସେହିପରି ଝାରସୁଗୁଡ଼ା ବ୍ଲକ ଶ୍ରୀପୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନିରାମ ପଟେଲଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡା. ଦିବେନ୍ଦୁ ସାହୁ, ଡା. ପ୍ରତ୍ୟୁଷ ମହାପାତ୍ର, ଫାର୍ମାସିଷ୍ଟ ହିମାଂଶୁ କର ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୧।୧୨:** ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ରାଲିରେ ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ବିଭାଗର ଅଧିକାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଆୟୋଜିତ ସଭାରେ ଭାବେ ସୁରେନ ପ୍ରଧାନ ମୁଖ୍ୟ ଅତିଥି ଓ ଡା. ଅମର ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ବିଷୟରେ ଆଲୋଚନା କରିଥିଲେ। ଅଧାପକ ବୃନ୍ଦାବନ ନାହାକ, ନିରଦ ପ୍ରଧାନ, ଅଧାପିକା ପ୍ରୀତି ଦାସ, ଚେତନା ପ୍ରଧାନ, ଲାଇବ୍ରେରିଆନ ରାନୀ ମାହାତୋ ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା (ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ଗୁରୁବାର ଚାଇଲ୍ଡଲାଇନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଦାୟିତ୍ୱରେ ଥିବା ଅଧାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ଏଡ୍‌ସର ପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। କୁଚିଣ୍ଡା ଚାଇଲ୍ଡଲାଇନ ଟିମ୍ ସଦସ୍ୟା ଶ୍ୱେତାଙ୍ଗିନୀ ବାରିକ, ଅଧାପକ ସୁଧୀର ନାଏକ, ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁଇଜ୍ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଦେଇଥିଲେ।

**ରେଙ୍ଗାଲି (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ଡ଼ା. ସୁଧାମୟ ନାୟକ ମୁଖ୍ୟଅତିଥି, ମେଡିକାଲ ଅଧିକାରୀ ଟେକଚାନ୍ଦ ପଟେଲ, ବରିଷ୍ଠ ଟେକ୍ନିସିଆନ ଜଗବନ୍ଧୁ ହାତୀ, ବିଜୟ ସାହୁ, ଡା. ମୃତ୍ୟୁଞ୍ଜୟ ସେଠୀ, ନେହା ରାଣୀ ନାୟକ, ଦେବେନ୍ଦ୍ର ମେହେର, ଜ୍ଞାନ ରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନ କରିଥିଲେ।

**ରେଙ୍ଗାଲି (ଡି.ଏନ.ଏ.):** ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଯଦୁମଣି ଗଣିକ, ମୁରଲୀ ବିଶ୍ୱାଳ, ଶରତ କୁମାର ସାହୁ, ଆଦିତ୍ୟ ଆଲୁମିନିୟମ କମ୍ପାନୀର ମନୋରଞ୍ଜନ ବେହେରା ଯୋଗଦେଇଥିଲେ। ଶଶାଙ୍କ ସୁନ୍ଦର ସିଂ (ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍‌ଆର), ନରେନ୍ଦ୍ର ମେହେର (ମିଶନ ଶକ୍ତି) ତାପସ କୁମାର ମିଶ୍ର (ଆଦିତ୍ୟ ଆଲୁମିନିୟମ, ଲପଙ୍ଗା,) ସରୋଜ କୁମାର ସାହୁ (ଆଦିତ୍ୟ ଆଲୁମିନିୟମ, ଲପଙ୍ଗା) ମଧ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ।



କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସଚେତନତା ଶୋଭାଯାତ୍ରା।

**ନାକଟିଦେଉଳ (ଡି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷା ସୁଶ୍ରୀତା ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ସମସ୍ତ ଅଧାପିକା ଅଧାପକ ଯୋଗଦେଇ ଏଡ୍‌ସ ରୋଗର କାରଣ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ରେଡ୍‌କ୍ରସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସୁରେଶ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ନାକଟିଦେଉଳଠାରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଦେଶ ପାଇଁ ଛିଡ଼ା ହୁଅନ୍ତୁ ଲୋକେ

## ଭାରତ ଯୋଡ଼ୋ ଯାତ୍ରାରେ ସ୍ୱରା ଭାସ୍କର

ଉଜ୍ଜୟିନୀ,୧।୧୨

କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରରେ ନେତା ରାହୁଲ ଗାନ୍ଧୀଙ୍କ ସହ ଜଣେ ପରେ ଜଣେ ସେଲିବ୍ରିଟି ସାମିଲ ହେବାରେ ଲାଗିଛନ୍ତି। ଏହି କ୍ରମରେ ଗୁରୁବାର ଅଭିନେତ୍ରୀ ସ୍ୱରା ଭାସ୍କର ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲଙ୍କ ସହିତ ପଦଯାତ୍ରା କରିଥିଲେ। ଏହି ବିଶାଳ ଜନସମ୍ପର୍କ କାର୍ଯ୍ୟକ୍ରମରେ ନାଗରିକମାନେ ସାମିଲ ହୋଇ ଦେଶ ପାଇଁ ଛିଡ଼ା ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜ ମତାମତ ରଖୁଥିବା ଆକ୍ଟ୍ରେସ୍ ସ୍ୱରା ରାହୁଲଙ୍କ ନେତୃତ୍ୱାଧୀନ ପଦଯାତ୍ରରେ ଭାଗନେଇଥିବାରୁ ଟୁଇଟରରେ ଖୁସି ବ୍ୟକ୍ତ କରିଛନ୍ତି। ଜଣେ ବ୍ୟକ୍ତି ରାହୁଲଙ୍କ ସଂସ୍ପର୍ଶରେ ଆସିବା ପାଇଁ ତାଙ୍କୁ ଏକ ଫୁଲତୋଡ଼ା ବଢ଼ାଇଦେଇଥିଲେ। ଆପଣମାନେ ମଧ୍ୟ ଯାତ୍ରାରେ ଯୋଡ଼ିହୋଇ ସେହି ଶକ୍ତି ଓ ଭଲ ପାଇବା ଅନୁଭବ କରିପାରିବେ। ନିଜ ଦେଶ ପାଇଁ ଛିଡ଼ା ହୁଅନ୍ତୁ। ଘୃଣା ଓ ବର୍ବର ଅପରାଧକୁ ପ୍ରତିରୋଧ କରନ୍ତୁ ବୋଲି ସ୍ୱରା ନିବେଦନ କରିଛନ୍ତି। ଏହା ପୂର୍ବରୁ ଅମୋଲ ପାଲେକର, ସନ୍ଧ୍ୟା ଗୋଖଲେ, ପୂଜା ଭଟ୍ଟ, ରିୟା ସେନ, ସୁଶାନ୍ତ ସିଂ, ମୋନା ଅମ୍ବେଗାଓଁକର, ରଶ୍ମି ଦେଶାଇ ଓ ଆକାଂକ୍ଷା ପୁରୀଙ୍କ ଭଳି ସିନେ ବ୍ୟକ୍ତିତ୍ୱମାନେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇସାରିଛନ୍ତି। ଏପରି କି ହଲିଉଡ୍ ଷ୍ଟାର ଜନ୍ କୁସାକ୍ ମଧ୍ୟ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା କଂଗ୍ରେସର ଏହି ଅଭିଯାନ ସପକ୍ଷରେ ଟୁଇଟ୍ କରିଥିଲେ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲ ଗାନ୍ଧୀଙ୍କ ସହ ଅଭିନେତ୍ରୀ ସ୍ୱରା ଭାସ୍କର।

# ବୁଥ୍‌କୁ ସିଲିଣ୍ଡର ବୋହି ପ୍ରତିବାଦ

ଅହମ୍ମଦାବାଦ,୧।୧୨

ଗୁଜରାଟରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଗୁରୁବାର ରନ୍ଧନ ଗ୍ୟାସ୍ ପ୍ରତିବାଦର ପ୍ରତୀକ ପାଲଟିଛି। ହୁ ହୁ ହୋଇ ବଢ଼ୁଥିବା ଦରଦାମ ପ୍ରତିବାଦରେ କେତେଜଣ ଭୋଟର ନିଜ କାନ୍ଧରେ ଗ୍ୟାସ୍ ସିଲିଣ୍ଡର ବୋହି ଭୋଟ ଦେବାକୁ ଯାଇଥିଲେ। ଜୁନାଗଡ଼ରେ ଜଣେ କଂଗ୍ରେସ ନେତା ଏଲ୍‌ପିଜି ସିଲିଣ୍ଡର ବୋହି ପୋଲିଂ ଷ୍ଟେଶନକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇବାରୁ ବିବାଦୀୟ ସ୍ଥିତି ଉପୁଜିଥିଲା। ସେହିପରି ମାଲଧାରୀ ସମ୍ପ୍ରଦାୟର ଜଣେ ଭୋଟର ପୋଲିଂ ଷ୍ଟେଶନକୁ ଗାଈ ବାଛୁରୀ ଧରି ଭୋଟ ଦେବାକୁ ଯାଇଥିଲେ। ସଦ୍ୟ ବିବାହ କରିଥିବା ଏକ ଯୋଡ଼ି ବୋତାଡ୍ ଜିଲାର ଏକ ପୋଲିଂ ସେଣ୍ଟରକୁ ବ୍ୟାଣ୍ଡ ବାଜା ନେଇ ଯାଇଥିଲେ।



# ଗୁଜରାଟ ନିର୍ବାଚନ: ୫୯.୨% ମତଦାନ

ଅହମ୍ମଦାବାଦ,୧।୧୨

୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାର ୮୯ ଆସନରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ସୌରାଷ୍ଟ୍ର-କଚ୍ଛ ଓ ଦକ୍ଷିଣାଞ୍ଚଳର ୧୯ ଜିଲାରେ କଡ଼ା ସୁରକ୍ଷାରେ ଅପରାହ୍ନ ୫ଟା ସୁଦ୍ଧା ୫୯.୨% ମତଦାନ ହୋଇଛି। ଏଥିସହ ମଇଦାନକୁ ଓହ୍ଲାଇଥିବା ୭୮୮ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ଏଥର ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟରେ ହେଉଥିବାବେଳେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି), ସିପିଆଇଏମ୍ ଏବଂ ଭାରତୀୟ ଟ୍ରାଇବାଲ ପାର୍ଟି ସମେତ ୩୬ଟି ଦଳ ବିଭିନ୍ନ ଆସନରେ ପ୍ରାର୍ଥୀ ଦେଇଥିଲେ। ତେବେ ଏଥର ଆଦିବାସୀ ଅଧ୍ୟୁଷିତ ତପି ଜିଲାରେ ସର୍ବାଧିକ ୭୨.୩୨% ମତଦାନ ହୋଇଛି।

ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇଥିଲା। କିଛି ଛୋଟକାଟିଆ ଘଟଣା ଏବଂ ଇଭିଏମ୍ ଅଚଳକୁ ବାଦ୍ ଦେଲେ ମୋଟାମୋଟି ଭାବେ ଭୋଟିଂ ଶାନ୍ତିପୂର୍ଣ୍ଣ ରହିଥିଲା। ରାମଜୀଭାଇ ନାମକ ଜଣେ ୧୦୪ ବର୍ଷୀୟ ଭୋଟର ଘରେ ଥାଇ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବା ପରିବର୍ତ୍ତେ ନିଜ ବୁଥ୍‌କୁ ଯାଇ ମତଦାନ ସାବ୍ୟସ୍ତ କରିଥିଲେ। ତାଙ୍କ ଫଟୋକୁ ଟୁଇଟ୍ କରି ନିର୍ବାଚନ କମିଶନ ପ୍ରଶଂସା କରିଛନ୍ତି। ଅବଶିଷ୍ଟ ଆସନଗୁଡ଼ିକରେ ଆସନ୍ତା ୫ରେ ଭୋଟ ଗ୍ରହଣ କରାଯିବ।

# ଆଜି ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

**ପଦ୍ମପୁର ଉପନିର୍ବାଚନ**

- ଶେଷ ପର୍ଯ୍ୟାୟରେ ପ୍ରଚାର ଜୋର୍‌ଦାର ପାଇଁ ବିରୋଧୀଙ୍କ ଯୋଜନା
- ଆଜି ଚାଷୀ ପ୍ରସଙ୍ଗରେ ଭାଜପାର ବିଧାନସଭା ଘେରାଉ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋରରେ ଚାଲିଛି। ପ୍ରଚାର ପାଇଁ ହାତରେ ଆଉ ଦିନ କେଇଟା ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ହେଭିୱେଟ୍ ନେତାମାନେ ପଦ୍ମପୁର ଗସ୍ତରେ ଅଛନ୍ତି। ଉପନିର୍ବାଚନ ପ୍ରଚାର ଆସନ୍ତା ୩ ତାରିଖ ୫ଟା ସୁଦ୍ଧା ଶେଷ ହେବ। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ପୂର୍ବରୁ ବହୁ ଉପନିର୍ବାଚନରେ ନବୀନ ଆଭାସି ଜରିଆରେ ପ୍ରଚାର କରିଥିବାବେଳେ ପଦ୍ମପୁରରେ ସିଧାସଳଖ ପ୍ରଚାରକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଶୁକ୍ରବାର ପାଇକମାଳ, ଝାରବନ୍ଧ ଏବଂ ପଦ୍ମପୁରଠାରେ ଆୟୋଜନ ହେବାକୁ ଥିବା ନିର୍ବାଚନୀ ସଭାରେ ନବୀନ ଯୋଗଦେବା ସହ ଲୋକଙ୍କୁ ସମ୍ବୋଧନ କରିବେ। ୧୧ଟା ୨୫ ମିନିଟ୍‌ରେ ଝାରବନ୍ଧ ବ୍ଲକର ଶକ୍ତିଛକ ହେଲିପ୍ୟାଡ୍‌ରେ ପହଞ୍ଚି ଏକ ଜନସଭାକୁ ସମ୍ବୋଧନ କରିବେ। ମଧ୍ୟାହ୍ନ ୧୨ଟା ୩୦ରେ ପାଇକମାଳ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଉଦ୍‌ବୋଧନ ଦେବେ। ସେହିପରି ଅପରାହ୍ନ ୧ଟା ୩୦ରେ ପଦ୍ମପୁର ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯିବେ। ସେଠାରୁ ୩ଟା ୧୫ ମିନିଟ୍‌ରେ ସଡ଼କ ଯୋଗେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଅଭିମୁଖେ ଯାଇ ସେଠାରେ ଜନସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ସନ୍ଧ୍ୟା ୫ଟା ୨୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପଦ୍ମପୁର ନିର୍ବାଚନମଣ୍ଡଳୀରେ ସବୁଆଡ଼େ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ବ୍ୟାନର ଛାଇଯାଇଛି। ଏହାସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଭାଜପା ପକ୍ଷରୁ ଚାଷୀ ପ୍ରସଙ୍ଗରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେପଟେ ପ୍ରଚାରକୁ ଆଉ ମାତ୍ର ୨ ଦିନ ଥିବାବେଳେ ଏହାକୁ ଶେଷ ପର୍ଯ୍ୟାୟରେ ଜୋର୍‌ଦାର କରି ଶାସକ ଦଳକୁ ଟାର୍ଗେଟ କରିବାକୁ ଲକ୍ଷ୍ୟ ରଖାଯାଇଛି।



## ଭାଜପାରେ ମିଶିଲେ ପୂର୍ବତନ କଂଗ୍ରେସ ଏମ୍‌ପି

ପଦ୍ମପୁର/ବରଗଡ ଅଫିସ,୧।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ଘଡିକେ ଘୋଡା ଛୁଟୁଛି। ଗୁରୁବାର ପଦ୍ମପୁରରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ବରଗଡ଼ର ପୂର୍ବତନ କଂଗ୍ରେସ ଏମ୍‌ପି ସଞ୍ଜୟ ଭୋଇ କଂଗ୍ରେସ ଛାଡି ଭାଛପାରେ ମିଶିଛନ୍ତି। ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ପୁଅ ଅଟନ୍ତି। ସେହିପରି ପୂର୍ବତନ ବିଧାୟକ ମୁରାରୀ ମିଶ୍ରଙ୍କ ଝିଅ ରାଜଲକ୍ଷ୍ମୀ ମିଶ୍ର ମଧ୍ୟ କଂଗ୍ରେସ ଛାଡି ବିଧିବଦ୍ଧ ଭାବେ ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ସୁରେଶ ପୂଜାରୀ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।



ସଞ୍ଜୟ ଭୋଇ

# 'ନିର୍ବାଚନ ପୂର୍ବରୁ ଆଇଆଇସିଙ୍କୁ ଆଣିଛନ୍ତି ମନ୍ତ୍ରୀ, ମାମଲା ହେଉନି'

## ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ନିରୁପମା ବାଗ ଗତ ୩୦ ତାରିଖ ଅପରାହ୍ନରେ ଭାଜପା ପକ୍ଷରୁ ପ୍ରଚାର କରୁଥିଲେ। ତାଙ୍କୁ ବିଜେଡିର ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ନିର୍ଦ୍ଦେଶରେ ଶାସକ ଦଳ ଗୁଣ୍ଡାମାନେ ମାଡ଼ମାରି ଗୁରୁତର କରିଛନ୍ତି। ଏନେଇ ନିରୁପମା ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପାଇକମାଳର ଆଇଆଇସି ଏପର୍ଯ୍ୟନ୍ତ ମାମଲା ଦାୟର କରିନାହାନ୍ତି। ମନ୍ତ୍ରୀ ନବକିଶୋର ଦାସ ଏଥିଲାଗି ପାଇକମାଳ ଆଇଆଇସିଙ୍କୁ ନିର୍ବାଚନର ୫ଦିନ ପୂର୍ବରୁ ଝାରସୁଗୁଡ଼ାରୁ ଆଣି ଏଠାରେ ଅବସ୍ଥାପିତ କରିଥିବା ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏହି ପ୍ରତିନିଧି ଦଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ପାଇକମାଳ ଆଇଆଇସି ବିଜେଡି କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ରକ୍ଷକ ଯଦି ଭକ୍ଷକ ସାଜେ ବିରୋଧୀ କାହା ପାଖରେ ଫେରାଦ ହେବେ। ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ଉପନିର୍ବାଚନର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନର ପକ୍ଷପାତ ଆଚରଣ ଯୋଗୁ ଶାସକ ଦଳ ନେତା ଓ ମନ୍ତ୍ରୀ ବେଫିକର ହୋଇ ବିରୋଧୀଙ୍କୁ ଦମନ କରିବାର ଅପପ୍ରୟାସ ଚଳାଇଛନ୍ତି। ଶାସନ କଳର ଅପବ୍ୟବହାର ସହିତ ମରଣାନ୍ତକ ଆକ୍ରମଣକରି ନିର୍ବାଚନ ବୈତରଣୀ ପାରି ହେବାକୁ ଅନବରତ ପ୍ରଚେଷ୍ଟା ଜାରି ରଖିଥିବା ବିଜେଡି ପୋଲିସ ଓ ପ୍ରଶାସନକୁ ମଧ୍ୟ ବ୍ୟବହାରକରି ହିଂସାକାଣ୍ଡ ଭିଆଇବାକୁ ପଛାଉନାହିଁ। ଶାସକ ଦଳର ଗୁଣ୍ଡାରାଜ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନକୁ ନେଇ ଭାଜପା ପକ୍ଷରୁ ବାରମ୍ବାର ଜିଲା ନିର୍ବାଚନ ଅଧିକାରୀ ଏବଂ ସିଇଓଙ୍କ ନିକଟରେ ତଥ୍ୟ, ପ୍ରମାଣ ସହ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେମାନେ ସିଇଓଙ୍କୁ ଜଣାଇଛନ୍ତି।




## ବର୍ଷାଙ୍କ ରୋଡ୍ ଶୋ

ପାଇକମାଳ,୧।୧୨(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପ୍ରଚାରକୁ ଆଉ ଦୁଇ ଦିନ ଥିବାବେଳେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ଗୁରୁବାର ଅପରାହ୍ନରେ ପାଇକମାଳ ବ୍ଲକ ବାଦିକଟା, ବୁକୁରାମୁଣ୍ଡା, ଟେମରି ଆଦି ପଞ୍ଚାୟତରେ ପ୍ରଚାର କରିଛନ୍ତି। ଅପରାହ୍ନ ୫ଟାରେ ବୁକୁରାମୁଣ୍ଡା ପଞ୍ଚାୟତ ଲହଙ୍ଗିରରେ ବର୍ଷା ଏକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ସେଠାରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, କୋ ଅବଜର୍ଭର ସଞ୍ଜିତ ସାହୁ, ପଞ୍ଚାୟତ ସଭାପତି କୁମୁଦ ବାଗ, ଯୁବ ସଙ୍ଗଠକ ସୂର୍ଯ୍ୟକାନ୍ତ ସିଂ ବରିହା ପ୍ରମୁଖ ବର୍ଷା ସିଂ ବରିହାଙ୍କୁ ଶଂଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ।

# ଧର୍ମେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

## ସିଇଓଙ୍କୁ ଭେଟି ଦାବି କଲା ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ଏବଂ ଭାଜପା ମଧ୍ୟରେ ପ୍ରତିଯୋଗିତା ସେତିକି ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ଉଭୟ ଦଳ ନେତାମାନେ ପରସ୍ପର ବିରୋଧରେ ଅଭିଯୋଗ ଧରି ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହେଉଛନ୍ତି। ବିଜେଡି ପକ୍ଷରୁ ଗୁରୁବାର ପ୍ରଥମେ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସିଇଓଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଜରିଆରେ ଦେଖିବାକୁ ମିଳିଛି; ଯେଉଁଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଦ୍ମପୁର ଉପନିର୍ବାଚନର ପ୍ରଚାର ସମୟରେ ଏକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଡାକି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ ରାଜାଙ୍କୁ ମାରିବାକୁ କହିଛନ୍ତି। ଏହାର ପ୍ରମାଣ ରହିଛି। ତେଣୁ ଧର୍ମେନ୍ଦ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସେହିପରି ବିଜେଡିର ଆଉ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଆଉ ଭେଟି ଅଭିଯୋଗ କରିଛି ଯେ, ଭାଜପା ଏବେ ପଦ୍ମପୁର ଉପନିର୍ବାଚନରେ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାଙ୍କୁ ଆକ୍ରମଣ କରିଛି। ଜଣେ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଭାଜପା କର୍ମୀ ଆକ୍ରମଣ କରିବା ସହିତ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ତେଣୁ ଏଭଳି ହିଂସା ଘଟାଇଥିବା ଭାଜପା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସିଇଓଙ୍କ ନିକଟରେ ବିଜେଡି ପକ୍ଷରୁ ଦାବି କରାଯାଇଛି।



# ଏସ୍‌ଏଚ୍‌ଜିଙ୍କ ସହ ପ୍ରତାରଣା କରୁଛି କେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ରାଜ୍ୟର ଏସ୍‌ଏଚ୍‌ଜିମାନଙ୍କୁ ୦% ସୁଧ ହାରରେ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରୁଥିବାବେଳେ କେନ୍ଦ୍ର ସରକାର ଏତିକି ପରିମାଣର ଋଣ ପାଇଁ ୧୦% ସୁଧ ଆଦାୟ କରୁଛନ୍ତି । ରାଜ୍ୟର ଏସ୍‌ଏଚ୍‌ଜିଙ୍କୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଶୂନ ସୁଧ ହାରରେ ଋଣ ଯୋଗାଇବା ପରିବର୍ତ୍ତେ ସେମାନଙ୍କ ସହିତ ପ୍ରତାରଣା ଉଦ୍ୟମ କରୁଥିବା ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି । ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ନିର୍ବାଚନୀ ସଭାରେ କହିଥିଲେ, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ଗ୍ରାମ୍ୟ ଜୀବନ ମିଶନ ଅଧୀନରେ କେନ୍ଦ୍ର ସରକାରଙ୍କ ବ୍ୟାଙ୍କରେ ସୁଧ ହାର ୧୧% ପ୍ରତିଶତ ରହିଛି। ସୁଧ ସହାୟତା ବାବଦରେ କେନ୍ଦ୍ର ସରକାର ୭% ପଇଠ କରୁଥିବାବେଳେ ରାଜ୍ୟ କେବଳ ୪% ପଇଠକରି ବାହାବା ନେଉଛି । ଦୀନ୍ ଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ଗ୍ରାମ୍ୟ ଜୀବିକା ମିଶନ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୨ ଜୁଲାଇ ୨୦ରେ ମାଷ୍ଟର ସର୍କୁଲାର ଜାରି କରିଛନ୍ତି । ଆର୍‌ବିଆଇର ଏହି ଦସ୍ତାବିଜର ଭାଗ-୨ର କ୍ରମିକ ନଂ. ୨ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଏସ୍‌ଏଚ୍‌ଜି ପାଇଁ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ୭% ହେବ । ୩ ଲକ୍ଷରୁ ଅଧିକ ଏବଂ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ୧୦% ହେବ। ତେବେ କେନ୍ଦ୍ରମନ୍ତ୍ରୀ କ'ଣ ଓଡ଼ିଶା ବିଶେଷକରି ପଦ୍ମପୁରର ଏସ୍‌ଏଚ୍‌ଜିଗୁଡ଼ିକୁ ବିଭ୍ରାନ୍ତ କରୁନାହାନ୍ତି କି ବୋଲି ସସ୍ମିତ କହିଛନ୍ତି।

# ଯିଏ ପାର୍ଟିର ନୁହଁ, ସେ ମାଟିର ନୁହଁ : ଜୁଏଲ

ଝାରବନ୍ଧ,୧।୧୨(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ପ୍ରଚାର ଜୋର୍ ଧରିଥିବା ବେଳେ ଗୁରୁବାର ଭାଜପା ପକ୍ଷରୁ ଝାରବନ୍ଧ ଖେଳ ପଡିଆଠାରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ ନିଶାନା କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ତାଙ୍କ ଭାଷଣରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯିଏ ଜାତିର ନୁହଁ ସେ ପାର୍ଟିର ନୁହଁ, ଯିଏ ପାର୍ଟିର ନୁହଁ ସେ ମାଟିର ନୁହଁ । ବିଜେଡି ପ୍ରାର୍ଥିନୀଙ୍କ ନାଁ ମଧ୍ୟ ବର୍ଷା ବରିହା ନୁହଁ, ବଳିଆରସିଂ ବୋଲି ଜୁଏଲ କହିଥିଲେ।



ଜୁଏଲ ଓରାମ

## ଝାରବନ୍ଧରେ ଭାଜପାର ନିର୍ବାଚନୀ ପ୍ରଚାର

ଏହି ସଭାରେ ମହାସମୁନ୍ଦ ଏମ୍‌ପି ଚୁନିଲାଲ ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରୂପକୁମାରୀ ଚୋଧୁରୀ, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ପ୍ରମୁଖ ଯୋଗଦାନ କରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ଭୋଟ୍‌ଭିକ୍ଷା କରିଥିଲେ। ହରିହର ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ପଣ୍ଡା, ଗୋବର୍ଦ୍ଧନ ଅଗ୍ରୱାଲ, ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହେଲାଣି'

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ଭାଜପା ଏମ୍‌ପି ଜୁଏଲ ଓରାମ ଜଣେ ନାରୀଙ୍କୁ ଅପମାନ କରିଛନ୍ତି । ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହୋଇଗଲାଣି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀମୟୀ କହିଛନ୍ତି, ଜୁଏଲ ଓରାମ ପଦ୍ମପୁରର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ଅଶାଳୀନ, ଅରୁଚିକର। ଏହା ଜୁଏଲଙ୍କ କୁତ୍ସିତ ମାନସିକତାର ପରିଚୟ। ଏହା କେବଳ ବର୍ଷାଙ୍କ ପ୍ରତି ଅପମାନ ନୁହେଁ, ସମଗ୍ର ନାରି ଜାତି ପ୍ରତି ଅପମାନ। ଏହା ପୂର୍ବରୁ ପ୍ରଦୀପ ପୁରୋହିତ ଏବଂ ଜୟନାରାୟଣ ମିଶ୍ର ମଧ୍ୟ ବର୍ଷାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇ ତାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ସେମାନେ କ'ଣ ତାଙ୍କ ଘରେ ନାରୀମାନଙ୍କ ପ୍ରତି ଏଭଳି ଅଶାଳୀନ ମନ୍ତବ୍ୟ ଦିଅନ୍ତି କି ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି । କିଛି ଦିନ ତଳେ ଜୁଏଲ ତାଙ୍କ ଝିଅ ବୟସର ଜଣେ ନେତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏଥିପାଇଁ ଉକ୍ତ ନେତ୍ରୀ ଜଣକ ଥାନାରେ ଏତଲା ଦେବା ସହ ଗଣମାଧ୍ୟମରେ ଏ ବିଷୟରେ ପ୍ରକାଶ କରି ଜୁଏଲଙ୍କ ଅସଲ ରୂପକୁ ପଦାରେ ପକାଇ ଦେଇଥିଲେ। ଜୁଏଲଙ୍କ ଏଭଳି କାରନାମା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ତାଙ୍କୁ କିଛିଦିନ ଏଥିପାଇଁ ଲୁଚିବାକୁ ମଧ୍ୟ ପଡ଼ିଥିଲା। ଯେଉଁମାନେ ଜଣେ ମାଟିର ଝିଅକୁ ଅଶାଳୀନ ମନ୍ତବ୍ୟ ଦେଇ ବାରମ୍ବାର ଏଭଳି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ପଦ୍ମପୁରବାସୀ ଆସନ୍ତା ୫ ତାରିଖରେ ଉଚିତ ଜବାବ ଦେବେ ବୋଲି ଶ୍ରୀମୟୀ କହିଛନ୍ତି।



ଶ୍ରୀମୟୀ ମିଶ୍ର

**ଭିଡିଓ ବାର୍ତ୍ତା ଜରିଆରେ ବର୍ଷିଲା ବିଜେଡି**

# ଖାଦ୍ୟ ଯୋଗାଣ, ସମବାୟ ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ

## ଅନ୍ୟ ବିଭାଗ ଗିଲୋଟିନରେ ପାରିତ ହେଲା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୬୮ କୋଟି ୦୮ଲକ୍ଷ ୩୨ ହଜାର ଏବଂ ସମବାୟ ବିଭାଗର ୧୩ କୋଟି ୩ ଲକ୍ଷ ୯୮ ହଜାର ଟଙ୍କାର ପ୍ରସ୍ତାବିତ ଅତିରିକ୍ତ ଖର୍ଚ୍ଚଦାବି ଗୁରୁବାର ବିଧାନସଭାରେ ଗୃହୀତ ହୋଇଛି । ଏହାଛଡା ଅନ୍ୟ ବିଭାଗଗୁଡିକର ଖର୍ଚ୍ଚ ଦାବି ଗିଲୋଟିନ ଜରିଆରେ ପାରିତ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ୧୬୮ କୋଟି ମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୨ କୋଟି ୪୬ ଲକ୍ଷ ୨୫ ହଜାର ଟଙ୍କା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦ ପାଇଁ ମୋଟ ୧୬୫ କୋଟି ୬୨ଲକ୍ଷ ୭ହଜାର ଟଙ୍କା ଅତିରିକ୍ତ ବ୍ୟୟବରାଦ କରାଯାଇଛି । କାର୍ଯ୍ୟକ୍ରମ ବ୍ୟୟବରାଦ ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନାରେ ରିହାତି ବାବଦକୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ମୁଣ୍ଡ ପିଛା ମାସିକ ୫ କିଗ୍ରା ଚାଉଳ କିମ୍ବା ଗହମ କିମ୍ବା ଉଭୟ ବଣ୍ଟନ କରିବା ପାଇଁ ୧୬୪କୋଟି ୪୬ ଲକ୍ଷ ୨୦ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଅନ୍ନପୂର୍ଣ୍ଣା ଯୋଜନାରେ ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ବଣ୍ଟାଯାଇଥିବା ଚାଉଳର ଖର୍ଚ୍ଚ ବାବଦକୁ ଟୋକନ ପ୍ରତିବଦଳରେ ୧କୋଟି ୧୫ ଲକ୍ଷ ୮୭ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଓଡ଼ିଶାରେ ଗୋଟିଏ ଦେଶ ଗୋଟିଏ ରାଶନ କାର୍ଡ (ୱାନ ନେଶନ ୱାନ ରାଶନ) ଯୋଜନା ୨୦୨୧ ଜୁଲାଇ ମାସଠାରୁ ଲାଗୁ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଅନୁସାରେ ସାମିଲ ହୋଇଥିବା ହିତାଧିକାରୀ ଦେଶରେ ନିଜ ପସନ୍ଦର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ ନିଜ ପ୍ରାପ୍ୟ ଖାଦ୍ୟ ସାମଗ୍ରୀ ଉଠାଇ ପାରିବେ। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏସ୍)ରେ ସାମିଲ ହୋଇଥିବା ହିତାଧିକାରୀମାନେ ରାଜ୍ୟର ଯେ କୌଣସି ସୁଲଭ ମୂଲ୍ୟ ଦୋକାନରୁ ସେମାନଙ୍କ ପ୍ରାପ୍ୟ ରାଶନ ନେଇ ପାରିବେ। ପୁଷ୍ଟିହୀନତାଜନିତ ସମସ୍ୟାର ସମାଧାନ ନିମିତ୍ତ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସଞ୍ଚାଳିତ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ୍-ପୋଷଣ (ପୂର୍ବତନ ମଧ୍ୟାହ୍ନଭୋଜନ ଯୋଜନା) ରେ ଉପକୃତ ହେଉଥିବା ହିତାଧିକାରୀଙ୍କ ନିମନ୍ତେ ୨୦୨୧-୨୨ ବର୍ଷଠାରୁ ଭିଟାମିନଯୁକ୍ତ ଚାଉଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ମାଲକାନଗିରି ପାଇଲଟ ଜିଲାରେ ୨୦୨୧ ଜୁଲାଇଠାରୁ ହିତାଧିକାରୀଙ୍କୁ ଭିଟାମିନଯୁକ୍ତ ଚାଉଳ ଯୋଗାଇ ଦିଆଯାଉଛି ଓ ଅବଶିଷ୍ଟ ଜିଲାଗୁଡିକରେ ଏହି ଯୋଜନା ପର୍ଯ୍ୟାୟକ୍ରମେ ଲାଗୁ କରାଯିବ।

# ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଧାରଣା



ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବସ୍ ମାଲିକମାନେ।

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର

■ଧାରଣାସ୍ଥଳରେ ରାଜ୍ୟ ପରିବହନ କମିଶନରଙ୍କ ଆଲୋଚନା

କଟକ ଅଫିସ,୧।୧୨

ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସ୍ ଚଳାଚଳ ସମସ୍ୟାର ସମାଧାନ ପାଇଁ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉନାହିଁ। ଏନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିବାବେଳେ ପରିବହନ କମିଶନର ଅରୁଣ ବୋଥ୍ରା ପହଞ୍ଚି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ୮ ଦଫା ଦାବିପତ୍ରକୁ ଗ୍ରହଣ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ବସ୍‌ର ପରମିଟ୍‌ଗୁଡ଼ିକ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା, ସ୍ଲିପର ବସ୍ ବଡିକୋର୍ଡ ଆଇନ୍ ଅନୁସାରେ ତିଆରି ହୋଇଥିବାରୁ ଦିନବେଳା ସେଗୁଡ଼ିକୁ ଚଳାଇବା ଅନୁମତି ପ୍ରଦାନ, ମଙ୍ଗୁଳିଠାରୁ ସମ୍ବଲପୁର ଓ ବଲାଙ୍ଗୀରଠାରୁ ବରଗଡ଼ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ମରାମତି, ମୋଟରଯାନ ଆଇନ ଅନୁସାରେ ୧୫ ବର୍ଷ ଅତିକ୍ରମ କରିଥିବା ବସ୍‌ଗୁଡ଼ିକର ସ୍ଥାୟୀ ପରମିଟ୍ ନବୀକରଣ, ମୋ ବସ୍ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଚଳାଚଳ ନ କରି କେବଳ ସହରାଞ୍ଚଳରେ ସୀମିତ ରହୁ, ବିଭିନ୍ନ ବସ୍‌ଷ୍ଟାଣ୍ଡରେ ବେଆଇନ୍ ପାର୍କିଂ ଫି' ଆଦାୟ ବନ୍ଦ ଓ ବରଗଡ଼ ନୂତନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ବିଶ୍ରାମକକ୍ଷ, ପରିସ୍ରାଗାର ଆଦି ନିର୍ମାଣ ଉପରେ ଆଲୋକପାତ କରାଯାଇଛି। ରାଜ୍ୟ ସଂଘ ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ଦେବାଶିଷ ନାୟକ, ଭୁବନେଶ୍ୱର ସଂଘ ସଭାପତି ଦେବବ୍ରତ ପଟ୍ଟନାୟକ, କଟକ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ବାଲେଶ୍ୱର ସଭାପତି ମାଧବାନନ୍ଦ ମିଶ୍ର, ବରଗଡ଼ ସମ୍ପାଦକ ସେକ୍ ନାଜୁଙ୍କ ସମେତ ରାଜ୍ୟର ବହୁ ବସ୍ ମାଲିକ ଧାରଣାରେ ସାମିଲ ହୋଇଥିଲେ।

# 'ନିର୍ବାଚନ କରି ବାର୍ କାଉନସିଲ ପରିଚାଳନା କରାଯାଉ'



ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଓଲା ସଭାପତିଙ୍କ ବୈଠକ।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

■ଆନ୍ଦୋଳନକୁ ଓଲାର ସମର୍ଥନ

■ ୨୯ ଓକିଲଙ୍କ ନାମରେ ମାମଲା ରୁଜୁ

ସମ୍ବଲପୁର,୧।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ବୁଧବାର ଓକିଲ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣା ପରେ ଗୁରୁବାର ନିଖିଳ ଓଡ଼ିଶା ଓକିଲ ସଂଘ (ଓଲା) ସଭାପତି ଜ୍ଞାନରଞ୍ଜନ ମହାନ୍ତି ସମ୍ବଲପୁର ଗସ୍ତରେ ଆସିଥିଲେ। ଜିଲା ଓକିଲ ସଂଘ ଓ ସିଏସି ସଦସ୍ୟଙ୍କ ସହିତ ଜିଲା ବାର ସମ୍ମିଳନୀ କକ୍ଷରେ ସେ ବୈଠକ କରି ଘଟଣା ଉପରେ ଆଲୋଚନା କରିଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟକୁ ସେ ନିନ୍ଦା କରି କହିଥିଲେ, ଏହା ଲୋକମାନଙ୍କ ନ୍ୟାଯ୍ୟ ଦାବି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଦାବି ଉପରେ ବିଚାର କରି ପଦକ୍ଷେପ ଗ୍ରହଣ କରନ୍ତୁ। ଆଲୋଚନାରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଜିଲା କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦିପ କୁମାର ବହିଦାର ଓ ସିଏସି ସାଧାରଣ ସମ୍ପାଦକ ବିଜିତେନ୍ଦ୍ରୀୟ ପ୍ରଧାନ ଉପସ୍ଥିତ ଥିଲେ।

ବୈଠକ ପରେ ଓଲା ସଭାପତି ମହାନ୍ତି କହିଥିଲେ, ରାଜ୍ୟ ସରକାର ୨୦୦୭ରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ରହିଛି ବୋଲି ସ୍ପଷ୍ଟ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ବଜେଟ ମଧ୍ୟ ଅନୁମୋଦନ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ଚିଠି କରିଛନ୍ତି। ଏହା ସହ ଓଡ଼ିଶା ହାଇକୋର୍ଟକୁ ମଧ୍ୟ ପକ୍ଷ ରଖିବାକୁ ଅନୁରୋଧ କରିଛନ୍ତି। ହେଲେ ଉଭୟ ସରକାରଙ୍କ ଭିତରେ ସମନ୍ୱୟ ଅଭାବ ଯୋଗୁ ଆଗେଇପାରୁ ନାହିଁ। ଓକିଲମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଲ ଇଣ୍ଡିଆ ବାର୍ କାଉନସିଲ ଓ ରାଜ୍ୟ ବାର୍ କାଉନସିଲ ରହିଛି। ହେଲେ ବହୁବର୍ଷ ହେବ ରାଜ୍ୟରେ ବାର୍ କାଉନସିଲରେ ନିର୍ବାଚିତ ପ୍ରତିନିଧି ନାହାନ୍ତି। ସ୍ୱତନ୍ତ୍ର ଭାବେ ମନୋନୀତ କରାଯାଇ କାମ ହେଉଛି। ତେଣୁ ଠିକ୍ ଭାବେ କାମ ହେଉନାହିଁ। ତେଣୁ ବାର୍ କାଉନ୍‌ସିଲକୁ ଭାଙ୍ଗି ଶୀଘ୍ର ନିର୍ବାଚନ କରି ନିର୍ବାଚିତ ପ୍ରତିନିଧି ବାର କାଉନସିଲକୁ ପରିଚାଳନା କରନ୍ତୁ। ୫୦ ହଜାର ଓକିଲଙ୍କ ସମସ୍ୟାକୁ ନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ସୁପ୍ରିମକୋର୍ଟ ସର୍ବୋଚ୍ଚ। ତାଙ୍କ ରାୟ ପ୍ରତି ସମ୍ମାନ ରହିଛି। ହେଲେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ। ଆମକୁ ଲାଇସେନ୍ସ ଦେଇଥିବା ବାର୍ କାଉନସିଲ ପଦକ୍ଷେପ ଗ୍ରହଣ କରିବେ। ଏଭଳି ଉପାୟରେ ସମାଧାନ ହୋଇ ପାରିବ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ସୁପ୍ରିମକୋର୍ଟ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରି ଓକିଲଙ୍କ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନାଗରିକ କମିଟି ଆହ୍ୱାନ କ୍ରମେ ଜିଲା ଓକିଲ ସଂଘ ନିଜ ଜିଦ୍‌ରେ ଅଟଳ ରହି ବୁଧବାର ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଚାରପତିମାନଙ୍କୁ କଡା ସୁରକ୍ଷା ବଳୟରେ ପୋଲିସ କୋର୍ଟ ପରିସରକୁ ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୋଲିସ ଓ ଓକିଲମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାକୁ ନେଇ ୨୯ଜଣ ଓକିଲଙ୍କ ନାମରେ ଟାଉନ ଥାନାରେ ଏକ ମାମଲା (ନଂ.୪୬୦/୨୨) ରୁଜୁ କରାଯାଇ ୮ ଗୋଟି ଦଫା ଲଗାଯାଇଛି।

# କୋଭିଡ୍‌ରେ ୨୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀରେ ୨୦୨୦ରୁ ୨୦୨୨ ମଧ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହି ମୃତ୍ୟୁ ସଂଖ୍ୟା ୯୨୦୪ ବୋଲି ଦର୍ଶାଉଥିଲେ ମଧ୍ୟ ଏହି ସଂଖ୍ୟା ୨୦ହଜାରରୁ ଅଧିକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି । ଗୁରୁବାର ବିଧାନସଭାରେ ଭାଜପା ସଭ୍ୟ ନବ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ରୁ ୨୦୨୨ ମଧ୍ୟରେ ଏପର୍ଯ୍ୟନ୍ତ ୨୦ହଜାରରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟରେ ୨୦୧୨ରୁ ୨୦୨୨ ମଧ୍ୟରେ ବାତ୍ୟା, ବନ୍ୟା, ମରୁଡ଼ି ଓ ବର୍ଷା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲେ ମଧ୍ୟ ସେଥିରେ ମୃତ୍ୟୁ ସଂଖ୍ୟା ମାତ୍ର ୨୨୭ ମଧ୍ୟରେ ସୀମିତ ରହିଛି। ୨୦୧୨ ଓ ୨୦୧୬ରେ ରାଜ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସି ନ ଥିବାବେଳେ ୨୦୧୮ ମସିହାର ବାତ୍ୟା 'ତିତ୍‌ଲି'ରେ ସର୍ବାଧିକ ୭୨ଜଣ ଓ ବାତ୍ୟା 'ଫନି'ରେ ୬୪ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୦ରେ ପ୍ରବଳ ବନ୍ୟା ଓ ବର୍ଷା ଯୋଗୁ ୩୮ଜଣ, ୨୦୨୧ରେ ବନ୍ୟା ଓ ବର୍ଷା ଯୋଗୁ ୧୩ ଜଣ ଏବଂ ୨୦୨୨ରେ ବନ୍ୟା ଓ ବର୍ଷାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ସରକାର କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ଲୁଚାଉଛନ୍ତି ଓ ଏଥିପାଇଁ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି ।

# ସାକ୍ଷୀଙ୍କୁ ଧମକ ଘଟଣାରେ କଲେଜ ଅଧ୍ୟକ୍ଷଙ୍କ ସହ ୨ ଗିରଫ

## ମମିତା ମେହେର ହତ୍ୟା ମାମଲା

ବଲାଙ୍ଗୀର ଅଫିସ, ୧।୧୨

କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ଚାଲିଥିବାବେଳେ ବୁଧବାର ଜଣେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ସାକ୍ଷ୍ୟ ଦେବାକୁ ଆସିଥିବା ମହାଲିଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଏଡିଜେ କୋର୍ଟରେ ସାକ୍ଷୀ ଦେବା ପୂର୍ବରୁ ତାଙ୍କୁ କେତେକ ଲୋକ ଧମକ ଦେଇଥିବା ନେଇ ଏଡିଜେଙ୍କୁ ଜଣାଇଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ବିରୋଧରେ କୌଣସି ସାକ୍ଷୀ ହେଲେ ଅସୁବିଧାରେ ପଡିବେ ବୋଲି ତାଙ୍କୁ କୁଆଡେ ଧମକ ଦିଆଯାଇଥିଲା। ଏନେଇ ସାକ୍ଷୀ ଜଣକ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକଙ୍କୁ ଜଣାଇବା ସହ କଣ୍ଟାବାଞ୍ଜି ଥାନାରେ ଲିଖିତ ଜଣାଇଥିଲେ। ଅଭିଯୋଗ ପାଇବା ପରେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗରେ କଣ୍ଟାବାଞ୍ଜି ଥାନା ପୋଲିସ ଗୁରୁବାର କଳାହାଣ୍ଡି ଜିଲା ମହାଲିଙ୍ଗ କଲେଜ ଅଧ୍ୟକ୍ଷ ରଞ୍ଜିତ ସାହୁ ଏବଂ ଶିକ୍ଷକ କୃତି ଚନ୍ଦନଙ୍କୁ ଗିରଫ କରିଛି। ଅଧ୍ୟକ୍ଷ ସାହୁ ଏବଂ ଶିକ୍ଷକ ଚନ୍ଦନ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ୯ ନମ୍ବର ସାକ୍ଷୀଙ୍କୁ ସାକ୍ଷ୍ୟ ଦେବା ପୂର୍ବରୁ ମହାଲିଙ୍ଗ ଗାଁରେ ଧମକ ଚମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। କଣ୍ଟାବାଞ୍ଜି ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଗୁରୁବାର ଅଭିଯୁକ୍ତ କଲେଜ ଅଧ୍ୟକ୍ଷ ସାହୁ ଓ ଅଧ୍ୟାପକ ଚନ୍ଦନଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ବୁଧବାର ମମିତା ହତ୍ୟା ମାମଲାର ସାକ୍ଷୀଙ୍କୁ ଧମକ ଦେଇଥିବା ନେଇ ସାକ୍ଷୀ ନିଜେ ଅଭିଯୋଗ କରିବା ପରେ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ହିମାଂଶୁ ଶେଖର ମଲ୍ଲିକଙ୍କ ନିର୍ଦ୍ଦେଶରେ ପର୍ଦ୍ଦାଘେରରେ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

# କୋଟିଏରୁ ଊର୍ଦ୍ଧ୍ୱ ଠକେଇ, ୬ ଅଭିଯୁକ୍ତ ଗିରଫ

ମଙ୍ଗୁଳି/ଜଗତପୁର,୧।୧୨(ଡି.ଏନ.ଏ.)

ବ୍ୟାଙ୍କ୍‌ରେ ଜାଲ୍ କାଗଜପତ୍ର ଦେଇ ୧କୋଟି ୬ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଜଗତ୍‌ପୁର ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଥାନା ଅଧୀନ ଚରମ୍ପା ବୈକୁଣ୍ଠ ବିହାରର ରବୀନ୍ଦ୍ର କୁମାର ଜେନା, ଜଗତପୁର ଥାନା ମହାଜନପୁରର ନିମାଇଁ ଚରଣ ବାରିକ, ବହୁଗ୍ରାମର କିଶୋର କୁମାର ରାୟ, ମଧୁସୂଦନ ବେହେରା, ସତ୍ୟଭାମାପୁରର ପୂର୍ଣ୍ଣ ଚରଣ ସାହୁ ଓ ମହାଜନପୁରର ଶ୍ରୀଧର ବାରିକ। ପୋଲିସ ସୂଚନା ଅନୁଯାୟୀ, ୨୦୧୨ ମାର୍ଚ୍ଚରେ ଜଗତ୍‌ପୁରସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମପୁର ଶାଖାରେ ଅଭିଯୁକ୍ତମାନେ ଜାଲ୍ କାଗଜପତ୍ର ଦେଇ ଉକ୍ତ ଟଙ୍କା ଲୋନ୍ ଆକାରରେ ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଲୋନ୍ ନ ଶୁଝି ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ୍‌ର ବ୍ରାଞ୍ଚ ମ୍ୟାନେଜର ଦେବାଶିଷ ସାହୁ ୨୦୧୩ ମେ' ୧୩ରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୯/୧୩) ରୁଜୁ କରିଥିଲା। ବୁଧବାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ପୋଲିସ ଭଦ୍ରକରୁ ଗିରଫ କରିଥିଲା।

# ୬ ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ



■ ୪ର୍ଥ ସଂସ୍କରଣକୁ ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ବେଞ୍ଚମାର୍କ ସ୍ଥାପନ କରିବ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ଏକ ବେଞ୍ଚମାର୍କ ସ୍ଥାପନ କରିବ। ପର୍ଯ୍ୟଟକଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ତଥା ଚମତ୍କାର ଅନୁଭୂତି ପ୍ରଦାନ କରିବ। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରର ସର୍ବୋତ୍ତମତାକୁ ଆବିଷ୍କାର କରିବା ପାଇଁ ପର୍ଯ୍ୟଟକଙ୍କ ଲାଗି ଏହା ଏକ ଗେଟ୍‌ୱେ ଭାବେ କାର୍ଯ୍ୟ କରିବ। ଓଡିଶା ଏବେ ଭାରତର ଏକ ଅଗ୍ରଣୀ ଦାୟିତ୍ୱସମ୍ପନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ସ୍ପଟ୍‌ଲାଇଟ୍‌ରେ ରହିଛି ବୋଲି ଗୁରୁବାର ଓଡ଼ିଶା ପର୍ଯ୍ୟଟନର ଶ୍ରେଷ୍ଠ ୩ଟି ଫ୍ଲାଗ୍‌ଶିପ୍ ଇଭେଣ୍ଟକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ପ୍ରଥମେ କୋରାପୁଟ ଜିଲାର ପୁଟସିଲ୍, ଗଞ୍ଜାମ ଜିଲାର ସୋନାପୁର, କଟକ ଜିଲାର ସାତକୋଶିଆ, କେନ୍ଦ୍ରାପଡ଼ା ଜିଲାର ଭିତରକନିକା, ସମ୍ବଲପୁର ଜିଲାର ହୀରାକୁଦ ଓ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ଦ୍ୱାଦଶ ସଂସ୍କରଣ ଓ ସନ୍ଧ୍ୟାରେ କୋଣାର୍କ ମହୋତ୍ସବର ୩୩ତମ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡ଼ିଶାର ଶ୍ରେଷ୍ଠ ପର୍ଯ୍ୟଟନ ପ୍ରୟାସର ସଫଳତା କାମନା କରିଥିଲେ।

ସେ କହିଲେ, ପର୍ଯ୍ୟଟନ କ୍ଷେତ୍ରରେ ଏହି ସ୍ୱତନ୍ତ୍ର ପ୍ରୟାସର ଆକାର ଓ ବ୍ୟାପକତାକୁ ପ୍ରତି ବର୍ଷ ବୃଦ୍ଧି କରାଯାଉଛି। ଇକୋ ରିଟ୍ରିଟ୍ ମାଧ୍ୟମରେ ଓଡ଼ିଶାର ସ୍ଥାୟୀ ଇକୋ ଟୁରିଜମ୍‌କୁ ପ୍ରୋତ୍ସାହିତ କରାଯିବା ଉଲ୍ଲେଖନୀୟ ପଦକ୍ଷେପ। କ୍ରମାଗତ ଭାବରେ ସଫଳତାର ସହିତ ତିନୋଟି ସଂସ୍କରଣର ଆୟୋଜନ କରିବା ପରେ ଓଡିଶା ସରକାରଙ୍କ ଫ୍ଲାଗସିପ୍ ଇକୋ ରିଟ୍ରିଟ ଏହାର ପରିବେଶ ନିରନ୍ତର ମଡେଲ ପାଇଁ ପର୍ଯ୍ୟଟନ ତଥା ପର୍ଯ୍ୟଟନ ଭ୍ରାତୃଭାବ ଦ୍ୱାରା ବହୁ ପ୍ରଶଂସା କରାଯାଇଛି। ଚଳିତ ବର୍ଷ ଇକୋ ରିଟ୍ରିଟ ପର୍ଯ୍ୟଟକଙ୍କ ପାଇଁ ଓଡିଶାର ପର୍ଯ୍ୟଟନ ତଥା ଆତିଥ୍ୟର ସର୍ବୋତ୍ତମ ସ୍ଥାନ ଅନୁସନ୍ଧାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ପର୍ଯ୍ୟଟନ ଋତୁରେ ରାଜ୍ୟର ୭ଟି ସ୍ଥାନରେ ଇକୋ ରିଟ୍ରିଟ୍‌କୁ ପରିଚାଳନା କରାଯାଉଥିବାବେଳେ କୋଣାର୍କ ଇକୋ ରିଟ୍ରିଟ୍ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଯାଉଛି। ଏହା ୩ ମାସ ପାଇଁ ପର୍ଯ୍ୟଟକଙ୍କ ଲାଗି ଖୋଲା ରହିବ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତିଥି ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟସ୍ଥ ଗନ୍ତବ୍ୟସ୍ଥଳୀ, ସଂସ୍କୃତି, ଐତିହାସିକ ଓ ସ୍ଥାପତ୍ୟଗୁଡିକୁ ଭ୍ରମଣ ପାଇଁ ମାର୍ଗଦର୍ଶନ ଦିଆଯିବ। ଏଥିସହିତ ଆଡ୍ରେନାଲାଇନ୍-ଇଣ୍ଡ୍ୟୁସିଙ୍ଗ୍ ୱାଟର ସ୍ପୋର୍ଟସ୍, ଏଟିଭି ରାଇଡ୍, ବିଚ୍ ଭଲିବଲ, ଆର୍‌ଚେରୀ ଆଦିର ସୁବିଧା ପ୍ରଦାନ କରାଯିବ।

# ପ୍ରେମ ପାଇଁ ସ୍ୱାମୀଙ୍କ ତଣ୍ଟି କାଟି ହତ୍ୟା

## ଅଜଣା ଯୁବକଙ୍କୁ ହତ୍ୟା ଘଟଣା

### ସ୍ତ୍ରୀ, ପ୍ରେମିକଙ୍କ ସମେତ ୩ କୋର୍ଟଚାଲାଣ

ବିଶୋଇ,୧।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥସ୍ଥିତ ମହୁଭଣ୍ଡାର ପୋଲ ନିକଟସ୍ଥ ଏକ ନିଛାଟିଆ ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ଅଜଣା ଯୁବକଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ମୃତକଙ୍କ ପରିଚୟ ମିଳିବା ସହିତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ବିଶୋଇ ପୋଲିସ ଧରିବାରେ ସଫଳ ହୋଇଛି। ପ୍ରେମଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ହତ୍ୟାକାରୀମାନେ ସ୍ୱୀକାର କରିଥିବା ପୋଲିସ କହିଛି। ମୃତ ଯୁବକ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କେନ୍ଦୁପଡ଼ା ଗ୍ରାମର ଜୟକୃଷ୍ଣ ନାୟକଙ୍କ ପୁଅ ପୁରେନ୍ଦ୍ର ନାୟକ (୪୦)। ସେହିପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ମୃତକଙ୍କ ସ୍ତ୍ରୀ ସେବତୀ ନାୟକ(୩୫) ଓ ତାଙ୍କ ପ୍ରେମିକ ତଥା ମୁଖ୍ୟ ଅଭିଯୁକ୍ତ କଙ୍କଡ଼ାହାଡ଼ ଥାନା ଖରଖରୀ ଗ୍ରାମର ଉମେଶ ମହାନ୍ତ (୪୫) ଏବଂ ସହଯୋଗୀ କାର୍ ଡ୍ରାଇଭର ଗୋଡିସାହି ଗ୍ରାମର ଲିଟୁ ପରିଡା(୩୪)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ହତ୍ୟା ଘଟଣାରେ ବ୍ୟବହୃତ କାର୍ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ମୃତକଙ୍କ ସହିତ ସମସ୍ତ ଅଭିଯୁକ୍ତ ଏକ କାର୍ ଯୋଗେ ମୟୂରଭଞ୍ଜ ଜିଲାକୁ ବୁଲିବାକୁ ଆସିଥିଲେ। ମୃତକ ପୁରେନ୍ଦ୍ର ତାଙ୍କ ପିଉସୀ ଶାଶୁ ଘର ଘାଘରାବେଡ଼ା ଥାନା ଡେନୁଁଆ ଗ୍ରାମକୁ ଯାଇ ସେଠାରେ ସେବତୀଙ୍କୁ ଛାଡ଼ି ଡ୍ରାଇଭର ଲିଟୁ ଓ ଉମେଶଙ୍କ ସହ କାର୍ ଯୋଗେ ବିଶୋଇ ଅଭିମୁଖେ ଆସିଥିଲେ। ବିଶୋଇ ଅଞ୍ଚଳର ଏକ ଢାବାରେ ଖାଇସାରି ମହୁଭଣ୍ଡାର ପୋଲ ନିକଟ ନିଛାଟିଆ ସ୍ଥାନରେ ପହଞ୍ଚିଥିଲେ। ଯୋଜନା ମୁତାବକ ଘଟଣାସ୍ଥଳରେ ଲିଟୁ ଓ ଉମେଶ ପୁରେନ୍ଦ୍ରଙ୍କୁ ପ୍ରଚୁର ମଦ ପିଆଇ ଦେଇ ଏକ ଧାରୁଆ ଛୁରୀରେ ତାଙ୍କ ତଣ୍ଟି କାଟି ଅତି ବିଭତ୍ସ ଭାବରେ ହତ୍ୟା କରି କାର୍ ଯୋଗେ ସେଠାରୁ ଚମ୍ପଟ ମାରିଥିଲେ। ପର ଦିନ ବିଶୋଇ ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୧୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଏସ୍‌ପି କେ.ଆର. ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ତଦନ୍ତ ଚଳାଇ ବିଶୋଇ ଅଞ୍ଚଳର ଏକ ମଦ ଦୋକାନରୁ ମିଳିଥିବା ସିସିଟିଭି ଫୁଟେଜ୍ ଓ ମୋବାଇଲ ଟ୍ରାକିଂ ସହାୟତାରେ ମଙ୍ଗଳବାର କାର୍ ଡ୍ରାଇଭର ଲିଟୁ ପରିଡ଼ାଙ୍କୁ ପୁରୀରୁ ଗିରଫ କରିଥିଲେ। ସେହିପରି କେନ୍ଦୁପଡ଼ା ଗ୍ରାମରୁ ମୁଖ୍ୟ ଅଭିଯୁକ୍ତ ଉମେଶ ମହାନ୍ତ ଓ ମୃତକଙ୍କ ସ୍ତ୍ରୀ ସେବତୀଙ୍କୁ ମଧ୍ୟ ଗିରଫ କରି ବିଶୋଇ ଥାନାକୁ ଅଣାଯାଇଥିଲା। ସେବତୀ ଓ କେନ୍ଦୁପଡ଼ା ଗ୍ରାମରେ ଶିକ୍ଷକତା ଚାକିରି କରୁଥିବା ଉମେଶଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ରହିଥିଲା। ଏଥିରେ କଣ୍ଟା ସାଜିଥିବା ପୁରେନ୍ଦ୍ରଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ପାଇଁ ସ୍ତ୍ରୀ ସେବତୀ ପ୍ରେମିକ ଉମେଶ ମିଶି ଡ୍ରାଇଭର ଲିଟୁ ପରିଡ଼ାଙ୍କ ସହାୟତାରେ ଯୋଜନାବଦ୍ଧ ଭାବେ ପୁରେନ୍ଦ୍ରଙ୍କ ଗଳାକାଟି ହତ୍ୟା କରିଥିବା ଜିଲା ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଦେପୁର ଛକଠାରେ ବୁଧବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଷ୍ଟିକୁଡିର ରାଜିନ ଗୌଡ଼ । ଛତିଗୁଡାକୁ ଯାଇ ସେ ଫେରୁଥିବା ବେଳେ ଦେପୁର ଛକଠାରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ଜୈବିକ କପା ଚାଷୀଙ୍କୁ ନେଇ ବୈଠକ

ଲାଞ୍ଜିଗଡ଼,୧।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବନ୍ଧପାରି ପଞ୍ଚାୟତ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ଜୈବିକ କପା ଚାଷୀମାନଙ୍କୁ ନେଇ ଆଇଏଫଏଚଡି ଓ ଚେତନା ଅର୍ଗାନିକର ମିଳିତ ସହଯୋଗକ୍ରମେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭରତ ଭୂଷଣ ପଟନାୟକ ଚାଷୀଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଏଫଏଚଡିର ମୁଖ୍ୟ ପରିଚାଳନା ଅଧିକାରୀ ଭେଙ୍କଟ ରମଣ ଚାଷୀଙ୍କୁ ଜୈବିକ କପା ଚାଷର ଉପକରିତା ଏବଂ ଭିଏନଭିର କାର୍ବୋନ କ୍ରେଡିଟ ପ୍ରକଳ୍ପ ମାଧମରେ ଚାଷୀ କିପରି ଅଧିକ ଲାଭ ପାଇପାରିବେ ତାହା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆଇଏଫଏଚଡି କର୍ମକର୍ତ୍ତା ସୁବାଷ ନାୟକ, ସୁଦର୍ଶନ ବରାଡ଼ ଏବଂ ଗନ୍ଧର୍ବ ଗୌଡ଼ ରହିଥିବା ବେଳେ ଚେତନା ଅର୍ଗାନିକ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ତୁଣ୍ଡଲା,୧।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦୟନାଥ ସିଂଙ୍କ (୯୪) ବୁଧବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଶିକ୍ଷା ପ୍ରେମୀ, ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ L ସେ ସରପଞ୍ଚ ଥିବା ସମୟରେ ଅନେକ ଗରିବ ଲୋକଙ୍କୁ ସାହାଯ୍ୟ କରି ନିଜ ନାମ ରଖି ଯାଇଛନ୍ତି। ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭକରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଅନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନାରେ ତାଙ୍କର ସକ୍ରିୟ ଯୋଗଦାନ ରହିଛି L ତାଙ୍କ ମୃତ୍ୟୁ ଶଯ୍ୟା ସମୟରେ ତାଙ୍କ ଦୁଇ ପୁଅ, ପୁତ୍ରବଧୂ, ନାତିନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ସାନପୁଅ ପ୍ରମୋଦ ସିଂହ ମୁଖାଗ୍ନି ଦେଇଥିଲେ। ଏହି ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲା ପରିଷଦ ପାଣ୍ଠି ବୃଦ୍ଧି ପାଇଁ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର



ଭବାନୀପାଟଣା,୧।୧୨(ସ୍ୱ.ପ୍ର.): ଜିଲା ପରିଷଦଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ସାକ୍ଷାତ କରିଛନ୍ତି କଳାହାଣ୍ଡି ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଜୋନର ଜିଲା ପରିଷଦ ସଭ୍ୟାସଭ୍ୟା। ପରେ ଏ ନେଇ କଳାହାଣ୍ଡି ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ମନ୍ତ୍ରୀ ଅମାତଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରଛନ୍ତି। ଜିଲା ପରିଷଦଙ୍କ ପାଣ୍ଠି (ଅନୁଦାନ) କମ୍ ରହୁଥିବାରୁ ନିଜ ଜୋନରେ ଉନ୍ନତି ମୂଳକ କାର୍ଯ୍ୟ କରିବାରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ତେଣୁ ଜିଲା ପରିଷଦ ପାଣ୍ଠିକୁ ବୃଦ୍ଧି କରାଗଲେ ଜୋନ୍‌ର ଉନ୍ନତି ମୂଳକ କାର୍ଯ୍ୟରେ ଅଗ୍ରଗତି ହେବ ବୋଲି ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି।

### ରାସ୍ତା ନିର୍ମାଣରେ ବିଳମ୍ବ, ଯାତାୟାତରେ ବାଧା

ତୁଣ୍ଡଲା,୧।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଛକରୁ ପଲମ ଛକକୁ ସଂଯୋଗ ପିଡବ୍ଲୁଡି ମୁଖ୍ୟ ରାସ୍ତା କାମ ମନ୍ଥର ଗତିରେ ଚାଲିଛି। ଫଳରେ ଯାନବାହନ ଚଳାଚଳରେ ବ୍ୟାହତ ହେଉଛି। ବିଶେଷ କରି ଦୁଇଚକିଆ ଏବଂ ସାଇକେଲରେ ଯାତାୟାତ କରୁଥିବା ଛାତ୍ରୀଛାତ୍ରମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ସମୟରେ କୌଣସି ଚାରିଚକିଆ ଗାଡ଼ି ଆସିଲେ ମେଟାଲ ଗେଟି ବାହାରି ଥିବା ହେତୁ ରାସ୍ତାରୁ ଧୂଳି ଉଡୁଥିବା ଯୋଗୁ ଅସୁବିଧା ହେଉଛି। ଉକ୍ତ ମୁଖ୍ୟ ରାସ୍ତା ହୋଇଥିବା ବେଳେ ପ୍ରତିଦିନ ଶହଶହ ଯାନବାହନ ଯାତାୟାତ କରିଥାଏ। ରାସ୍ତା ଉପରେ ପାଣି ସିଞ୍ଚନ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର କହୁଥିଲେ ମଧ ଠିକାଦାର ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରତିଦିନ ରାସ୍ତାରେ କିଭଳି ପାଣି ସିଞ୍ଚନ କରାଯିବ, ସେଥିପ୍ରତି ଜିଲା ପ୍ରଶାସନ ଠିକାଦାରଙ୍କୁ ତାଗିଦ କରି କାମ ଶୀଘ୍ର କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଅସୁରକ୍ଷିତ ଗୋଧଁସ ଜଳପ୍ରପାତ

ନୂଆପଡ଼ା ଅଫିସ,୧।୧୨

■ବର୍ଷେ ମଧରେ ୭ଜଣଙ୍କ ଜୀବନ ଯାଇଛି
■ସୁରକ୍ଷିତ ମଣୁନାହାନ୍ତି ପର୍ଯ୍ୟଟକ

ବର୍ତ୍ତମାନ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଛି। ପର୍ଯ୍ୟଟକମାନେ ଏହାର ମଜା ନେଉଛନ୍ତି। ନୂଆପଡ଼ା ଜିଲାରେ ଥିବା ୩ଟି ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ ହେଉଥିଲେ ମଧ୍ୟ ଅବହେଳତ ଅବସ୍ଥାରେ ଥିବାରୁ ପର୍ଯ୍ୟଟକଙ୍କ ଜୀବନ ସୁରକ୍ଷିତ ନୁହେଁ। ନୂଆପଡା ଜିଲା ଛତିଶଗଡ ସୀମାନ୍ତରେ ଥିବାରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଛତିଶଗଡ ସମେତ ପଡୋଶୀ ଜିଲା ବରଗଡ, କଳାହାଣ୍ଡି, ବଲାଙ୍ଗୀର ତଥା ଅନ୍ୟ ଜିଲାରୁ ବଣଭୋଜି କରିବା ପାଇଁ ଆଗମନ ହୋଇଥାଏ। ଜିଲାର ସୁନାବେଡା ଅଭୟାରଣ୍ୟ ଭିତରେ ଗୋଧଁସ, ବେନିଆଧଁସ, ଖରଲଧଁସ ୩ଟି ଜଳପ୍ରପାତ ରହିଥିବା ବେଳେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଅନ୍ୟତମ। ସେହିପରି କୋମନା ଓ ଖଡିଆଲ ବ୍ଲକ ମଧ୍ୟ ଭାଗରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ତିଖାଲି, ସିନାପାଲି ବ୍ଲକ ଥିପାଖୋଲରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ ଜମିବାରେ ଲାଗିଲାଣି। ବୋଡେନ ବ୍ଲକ ପାତାଳଗଙ୍ଗା ଓ ଉପକାଗଙ୍ଗା ଧାର୍ମିକ ସ୍ଥଳ ହୋଇଥିବାରୁ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭିଡ ହେଉଛି। ଅନ୍ୟ ସ୍ଥାନ ମଧ୍ୟରୁ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ୩ଟି ଧଁସ ବା



ଗୋଧଁସ ଜଳପ୍ରପାତ।

ଜଳପ୍ରପାତରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରହିଥିବାରୁ ପର୍ଯ୍ୟଟକଙ୍କ ଅତ୍ୟଧିକ ଭିଡ ହୁଏ। ହେଲେ ଏହି ଧଁସ ବା ଜଳପ୍ରପାତରେ ଲୋକେ ସୁରକ୍ଷିତ ମଣୁନାହାନ୍ତି। ୨୦୨୧ ସେପ୍ଟେମ୍ବର ୧୬ରେ ଗୋଧଁସ ଜଳପ୍ରପାତରେ ନୂଆପଡା ସହର ବିଦେଶୀ ମଦ ଦୋକାନ କର୍ମଚାରୀ ଗଣେଶ ମୂର୍ତ୍ତି ବିସର୍ଜନ କରି ନେଇଥିବା ବେଳେ ମ୍ୟାନେଜର ନିଲେସ ଗୁପ୍ତା (୩୩), ସେଲ୍ସ ମ୍ୟାନ ରାଜକୁମାର ଗୁପ୍ତା (୨୪) ଓ କର୍ମଚାରୀ ଅମିତ କୁମାର ଗୁପ୍ତା (୨୫) ଜଳପ୍ରପାତିରେ ବୁଡି ପ୍ରାଣ ହରାଇଥିଲେ। ୨୦୨୧ ସେପ୍ଟେମ୍ବର ୨୪ରେ ୨ଜଣ ପ୍ରେମୀ ଯୁଗଳ ଡେଇଁ ଆତ୍ମହତ୍ୟା କରିଥିଲେ। ୨୦୨୧ ଅକ୍ଟୋବର ୧୮ରେ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ସେନନାମୁଣ୍ଡା ଗାଁର ମହେଶ ନାଗ (୧୮) ଗୋଧଁସ ପ୍ରପାତରୁ ପଡି ଯାଇ ପ୍ରାଣ ହରାଇଥିଲେ। ସେହିପରି ୨୦୨୨ ନଭେମ୍ବର ୧୩ରେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ଡ୍ରାଇଭର ସଂଘ ଗୋଧଁସକୁ ବଣଭୋଜି କରିଯାଇଥିବା ବେଳେ ନୂଆପଡା ସଦର ଥାନା ଗୋଡଫୁଲା ଗାଁର ଡ୍ରାଇଭର ରାମକିଶନ ରାଉତ (୩୫) ପ୍ରପାତରେ ଜୀବନ ଯାଇଥିଲା। ବର୍ଷେ ମଧରେ ୭ଜଣଙ୍କ ଜୀବନ ଯାଇଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ବନ୍ୟଜନ୍ତୁ ବିଭାଗର ଚେତା ପଶୁନାହିଁ। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରାଙ୍କୁ ପଚାରିବାରୁ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ୩ଟି ଧଁସ ବନ୍ୟଜନ୍ତୁ ବିଭାଗ ଅଧୀନରେ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ କିଛି କରାଯାଇପାରୁ ନାହିଁ। କିନ୍ତୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ତତ୍କାଳିନ ଜିଲାପାଳ ମଧୁସ୍ମିତା ସାହୁ ତାର ବାଡ କରିଥିଲେ। ତାହା ସବୁ ନଷ୍ଟ ହୋଇ ଗଲାଣି ବୋଲି ପ୍ରକାଶ କରିଥିଲେ। ଏ ନେଇ ନୂଆପଡା ଡିଏଫଓ ବିନାୟ ଭାଷନ କୁମାର ବିଶ୍ୱାସଙ୍କ ଫୋନ ନଂ ୯୪୩୭୯୬୬୩୭୨କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ସହ ସମ୍ପର୍କ ହୋଇ ନ ଥିବାରୁ ମତାମତ ମିଳିପାରିନାହିଁ।

## ପୂର୍ବତନ ସରପଞ୍ଚଙ୍କୁ ୨ବର୍ଷ ଜେଲ ଦଣ୍ଡ

ଭବାନୀପାଟଣା,୧।୧୨(ସ୍ୱ.ପ୍ର.)

**ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତରେ ୧୯୯୭-୯୮ଠାରୁ ୨୦୦୨-୦୩ ଆର୍ଥିକ ବର୍ଷ ମଧରେ ୪ଟି ପାଣ୍ଠିର ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଜୁନାଗଡ ଗ୍ରାମ ନ୍ୟାୟାଳୟ ଓ ଜେଏମ୍‌ଏଫ୍‌ସି ବିଚାରପତି ପି.ସୀତାଲକ୍ଷ୍ମୀ ସମସ୍ତ ସା ଓ ପ୍ରମାଣକୁ ଭିତ୍ତିକରି ତତ୍କାଳୀନ ସରପଞ୍ଚ ବିରଞ୍ଚି ନାଏକଙ୍କୁ ଆଇପିସି ୪୦୯ ଦଫାରେ ୨ ବର୍ଷ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ମଧ କରିଛନ୍ତି। ଜରିମାନା ଅନାଦେୟ ଆହୁରି ୨ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସମ୍ପାଦକ ସାନ୍ତନୁ ପଣ୍ଡାଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ଏହି ମାମଲାରୁ ବାଦ୍ ଦିଆଯାଇଛି। ସୂଚନା ଯେ, ୧୯୯୭-୯୮ଠାରୁ ୨୦୦୨-୨୦୦୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଥିବା ତତ୍କାଳୀନ ସରପଞ୍ଚ ବିରଞ୍ଚି ଓ ସମ୍ପାଦକ ସାନ୍ତନୁ ସ୍ଥାନୀୟ ଜିପି ଫଣ୍ଡ, ଇଲେଭେନ ଫାଇନାନ୍ସ କମିଶନର ଫଣ୍ଡ, ଜବାହାର ଗ୍ରାମ ସଡକ ଯୋଜନା ଫଣ୍ଡ ଓ ପବ୍ଲିକ ଡ୍ରିଷ୍ଟ୍ରିବ୍ୟୁଟନ ସିଷ୍ଟମ ଫଣ୍ଡ ଆଦି ୪ଟି ପାଣ୍ଠିରେ ୩ ଲକ୍ଷ ୯୭ ହଜାର ୨୯୫ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିବା ଅଡିଟ ରିପୋର୍ଟରୁ ଜଣାପଡିଥିଲା। ଏହାପରେ ତତ୍କାଳୀନ ଜିଲାପାଳ ତତ୍କାଳୀନ ଜୁନାଗଡ ବିଡିଓଙ୍କୁ ଉପରୋକ୍ତ ପଞ୍ଚାୟତ ସରପଞ୍ଚ ଓ ସମ୍ପାଦକ ନାଁରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଉଭୟଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପରେ ଏହି ମାମଲା କୋର୍ଟକୁ ଆସିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

## ଲଡୁଗାଁରେ ଲକ୍ଷ୍ମୀ ପୂଜା

କୋକସରା,୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ମାଣବସା ଗୁରୁବାର ଉପଲକ୍ଷେ ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ବୁଧବାରଠାରୁ ମହାଲକ୍ଷ୍ମୀ ପୂଜା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ପୂଜାକର୍ତ୍ତା ଭାବେ ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ ସପତ୍ନୀକ ପୂଜାକାର୍ଯ୍ୟ ତୁଲାଉଥିବା ବେଳେ ପଣ୍ଡିତ ବୃନ୍ଦାବନ ପାଢ଼ୀ ପୂଜାକାର୍ଯ୍ୟ ତୁଲାଉଛନ୍ତି। ବୁଧବାର ରାତିରେ ସୁସଜ୍ଜିତ ବିମାନରେ ଭକ୍ତିମୟ ପରିବେଶ ମଧ୍ୟରେ ମା' ଲକ୍ଷ୍ମୀ ନଗର ଭ୍ରମଣ କରିଛନ୍ତି। ପୂଜା କମିଟି ସଭାପତି ଆଲୋକ ରଞ୍ଜନ ଦାସ, ଉପସଭାପତି ରାଜେଶ କୁମାର ମାଝି, ସମ୍ପାଦକ ବାସୁଦେବ ନାଏକ, ସହସମ୍ପାଦକ ତୁଷାର ଧଙ୍ଗଡା ମାଝି, କୋଷଧକ୍ଷ୍ୟ ଭୁପେନ୍ଦ୍ର କୁମାର ଦାସ, ପୁରାତନ କମିଟି ସଭାପତି ଗଗନ ବିହାରୀ ଦାସ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ସୁଦର୍ଶନ ନାଏକ ପ୍ରମୁଖ ରହିଥିଲେ।

## ଧାରଣାସ୍ଥଳରେ ଅଙ୍ଗନୱାଡି, ସହାୟିକାଙ୍କ ଲକ୍ଷ୍ମୀ ପୂଜା

ଖଡ଼ିଆଳ/ସିନାପାଲି, ୧।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକସ୍ତରୀୟ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ୮ଦଫା ଦାବି ନେଇ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୧ ଦିନ ହେବ ଧାରଣା ଜାରି ରହିଛି। ଏହିକ୍ରମରେ ଅଙ୍ଗନୱାଡି ଓ ସହାୟିକା ଗୁରୁବାର ଧାରଣାସ୍ଥଳରେ ଲକ୍ଷ୍ମୀ ପୂଜା କରିଛନ୍ତି। ଅଙ୍ଗନୱାଡ଼ି କର୍ମୀମାନେ ନିଜର ସମସ୍ୟା ନେଇ ଦୀର୍ଘ ଦିନ ଧରି ଦାବି ଗୁଡିକ ପୂରଣ ନେଇ ଦାବି କରି ଆସୁଥିଲେ ମଧ ବିଭାଗ ନିରବ ଥିଲା ଯୋଗୁ ଅସନ୍ତୋଷ ପ୍ରକାଶ କରିବା ସହିତ ୮ଦଫା ଦାବି ତୁରନ୍ତ ପୂରଣ କରିବାକୁ ଦାବି କରିଛନ୍ତି। ଦାବିଗୁଡିକ ମଧରେ ୨୦୧ରେ ଆନ୍ଦୋଳନ ସମୟରେ ବହିଷ୍କୃତ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ, ମିନି ଅଙ୍ଗନୱାଡ଼ି ଉଚ୍ଛେଦ କରି ମିନି ଅଙ୍ଗନୱାଡ଼ି କର୍ମୀକୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀ ମାନ୍ୟତା



ଖଡ଼ିଆଳ ସିଡିପିଓ ଅଫିସ ସମ୍ମୁଖରେ କର୍ମୀମାନେ ଧାରଣାସ୍ଥଳରେ ଲକ୍ଷ୍ମୀ ପୂଜା କରୁଛନ୍ତି।

ପ୍ରଦାନ, ୫୦ % ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ଦିଆଯାଉଥିବା ବେଳେ ଆଉ ୫୦ % ସ୍ନାତକ ଓ ତାଦୁଦ୍ଧ ଯୋଗ୍ୟତା ଥିବା ଅଙ୍ଗନୱାଡିଙ୍କୁ ସୁପରଭାଇଜର ପଦବୀରେ ପଦୋନ୍ନତି ଦିଆଯିବା ଆଦି ଦାବି ରହିଛି। ଖଡ଼ିଆଳ ବ୍ଲକ ସଭାପତି ରେଶମା ବାନୁ, ସମ୍ପାଦକ ଗୀତାଞ୍ଜଳି ବିଶି, ଢ଼ଲୁ ସୁନା, କୁମୁଦିନି ଭୋଇ, ରିତା ଦାସ, ମିତା ଟେଣ୍ଡକାରୀ, ଜ୍ୟୋସ୍ନା ସୁନା, ରୂପାଳି ତାଣ୍ଡି, ମମତା ମେହେର, ସୁନିତା ପ୍ରିୟଶ୍ରୀ ବିଶିଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମିଲ ହୋଇଥିଲେ। ସେହିପରି ସିନାପାଲି ବ୍ଲକ ସିଡିପିଓ ଅଫିସ ସମ୍ମୁଖରେ ମାଣବସା ଗୁରୁବାର ଅଙ୍ଗନୱାଡି କର୍ମୀ ଓ ସହାୟିକା ପାଳନ କରିଛନ୍ତି। ସିନାପାଲି ଅଙ୍ଗନୱାଡି କର୍ମୀ ସଂଘ ଉପସଭାନେତ୍ରୀ ଉର୍ମିଳା ସୁନାନୀ, ସମ୍ପାଦିକା ଭାନୁମତୀ ନାଏକ, ସରୋଜିନୀ ଦାସ, ସୁନୀତା ପତି, ବେଲମତି ମାଝି, ମଥୁରା ଦଣ୍ଡସେନା, ନିଲିମା ମାଝି, ଅଷ୍ଟମୀ ହଂସ, ସଂଙ୍ଗିତା ହଂସଙ୍କ ସମେତ ଶହଶହ କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୋକସରା,୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ ଅଗସ୍ତି ରାଉତ ଚାକିରିରୁ ଅସରଗ୍ରହଣ କରିଛନ୍ତି। ସେ ମୂଷାପାଲି ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ। ବୁଧବାର ତାଙ୍କୁ ସ୍କୁଲ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଦୟାନିଧି ଘିଙ୍କ ସଭାପତିତ୍ୱରେ ମୂଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ରାମ ଧରୁଆ, ଦିଗାମ୍ବର ଦଳପତି, ଗଗନ ବିହାରୀ ପଟ୍ଟନାୟକ, ଗୌରାଙ୍ଗ ମେହେର, ହୃଷିକେଶ ରାଉତ, ଗୋବିନ୍ଦ ବେହେରା ଉପସ୍ଥିତ ରହିଥିଲେ। କ୍ଷୀରୋଦ କୁମାର ପଣ୍ଡା ଓ ପ୍ରମୋଦ କୁମାର ନାଏକ ପରିଚାଳନା କରିଥିଲେ। ବିନାୟକ ସାହା, କୁଞ୍ଜେଶ୍ୱର ପୋଟା, ବିଶ୍ୱନାଥ ନାଏକ, ଦିଗ ବିଜୟ ନାଏକ, ହରିପ୍ରିୟା ନାଏକ, ଉର୍ମିଳା ନାଏକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପରେ ମୂଷାପାଲି ଗ୍ରାମବାସୀ ଓ ଛାତ୍ରୀଛାତ୍ର ବାଜା ବଜାଇ ଶିକ୍ଷକଙ୍କୁ ଗାଁ ପରିକ୍ରମା କରିବା ସହ ବିଦାୟ ଦେଇଛନ୍ତି।

## ଏଡ୍‌ସ ଦିବସରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରା କରି ସହର ପରିକ୍ରମା କରି ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ସଭାଗୃହରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ମାଣିକ୍ୟ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ନୀତିଶ କୁମାର ଝା, ଡ଼ାକ୍ତର ଦଳେଇ, ଯୁବ ରେଡକ୍ରସ ଅନୁଷ୍ଠାନ ଅଧିକାରୀ ସରୋଜ ପଟଯୋଶୀ, ଶେଖ ଅକ୍ତର, ଉଦ୍ଧବ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ଅଧାପକ ବାବୁ ବାହାନ ବୁଦ୍ଧିଆ ପରିଚାଳନା କରିଥିଲେ। ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଭୁତକୋଠି ପାଲଟିଛି ରାଜିବ ଗାନ୍ଧୀ ସେବାକେନ୍ଦ୍ର

ପଲମ,୧।୧୨(ଡି.ଏନ.ଏ.)

■ପାଣି ଟାଙ୍କି, ବିଦ୍ୟୁତ୍ ସଂଯୋଗ ହୋଇନାହିଁ
■ମଦ୍ୟପ, ଜୁଆଡିଙ୍କ ଆଡ୍ଡାସ୍ଥଳି ପାଲଟିଛି

କଳାହାଣ୍ଡିଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ମାଣ୍ଡେଲ ଗ୍ରାମରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ବର୍ତ୍ତମାନ ଭୁତକୋଠି ପାଲଟିଛି। ୨୦୧୦-୧୧ରେ ନର୍ଲା ବ୍ଲକର ବିଭିନ୍ନ ସ୍ଥାନରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁରି ହୋଇ କାର୍ଯ୍ୟାରମ୍ଭ କରାଯାଇଥିଲା। ପ୍ରକଳ୍ପରେ ବିଦ୍ୟୁତ୍ ଓ ପାଣି ଟାଙ୍କି ପାଇଁ ବ୍ୟୟ ଅଟକଳ ରହିଥିଲେ ମଧ ସେସବୁ କରା ନ ଯାଇ ଫାଇନାଲ ବିଲ ହୋଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସୁଦ୍ଧା ସେବା କେନ୍ଦ୍ରରେ ଅଦ୍ୟାବଧି ପାଣି ଟାଙ୍କି କିମ୍ବା ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ନିର୍ମାଣ ଶେଷ ହେବା ଦିନଠାରୁ ଏହି ସେବାକେନ୍ଦ୍ର ପଞ୍ଚାୟତବାସୀଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ। ଗତ ୧୧ ବର୍ଷ ମଧରେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଭୁତକୋଠି ପାଲଟିଯାଇଛି। ବର୍ତ୍ତମାନ ଏହା ମଦ୍ୟପ ଓ ଜୁଆଡିଙ୍କ ଆଡ୍ଡାସ୍ଥଳି ଭାବେ ବ୍ୟବହୃତ ହେଉଥିବା ଅଭିଯୋଗ ହେଉଛି। ବାରମ୍ବାର ଜିଲା ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ତତ୍କାଳିନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପମ ବିଶ୍ୱାଳଙ୍କୁ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନାହିଁ। ଏ ବିଷୟରେ ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଏହାର କାର୍ଯ୍ୟକ୍ଷମ ନେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।



ରାଜିବ ଗାନ୍ଧୀ ସେବାକେନ୍ଦ୍ର।

## ଏଡ୍‌ସ ଦିବସରେ ସଚେତନତା ଶୋଭାଯାତ୍ରା



ଗୋଲାମୁଣ୍ଡାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।




କୋକସରା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏଡ୍‌ସ ସଚେତନତା ରାଲି।

ଗୋଲାମୁଣ୍ଡା/କୋକସରା, ୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅଧକ୍ଷ ଜୟନ୍ତ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ ସମ୍ମାନିତ ଅତିଥି, ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ଏହାର ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଆୟୋଜିତ ସଚେତନତା ଶୋଭାଯାତ୍ରାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଏଡ୍‌ସ ନିରାକରଣ ସମ୍ପର୍କିତ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଅଧ୍ୟାପକ ବିଜୟ କୁମାର ସାହୁ, ପ୍ରବୀର କୁମାର ରାୟ, କବି ପ୍ରସାଦ ପଟ୍ଟନାୟକ, ଯଯାତି କେଶରୀ ରାଉତ, ତ୍ରିନାଥ ପଟ୍ଟନାୟକ, ସୋଭଗିନୀ ନାୟକ, ପ୍ରିୟମ୍ବଦା ରଥ ଓ ଭାରତ ସ୍କାଉଟ ରୋଭର୍ ଲିଡର ସନ୍ତୋଷ କୁମାର ବାରିକ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ତଥା ରେଡ ରିବନ କ୍ଲବ ଅଧିକାରୀ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ସଚେତନତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କୋକସରା ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୟୁଥ ରେଡ଼କ୍ରସ ଓ ଏନ୍‌ଏସ୍‌ଏସ୍ ମିଳିତ ଆନୁକୂଲ୍ୟରେ ଏଡ୍‌ସ ସଚେତନତା ଦିବସ ପାଳିତ ହୋଇଛି। ଉଭୟ କଲେଜ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ନେଇ ସହର ପରିକ୍ରମା କରି ଏଡ୍‌ସ ରୋଗ ନିରାକରଣ ଉପରେ ଲୋକଙ୍କୁ ସଚେତନ କରିଛନ୍ତି। ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ଗୁଣାକାର ପଣ୍ଡାଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋକସରା ତହସିଲଦାର ଦେବବ୍ରତ କରାଟି, ଡ଼. ଅନୀଲ ମେହେର ଏନ୍‌ସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଏନ୍‌ଏସ୍‌ଏସ୍ ସଂଯୋଜକ ଅଇରୀ ନାସନ ଚିନ୍ଦା, ଅଧ୍ୟାପକ ଜଗନ ଚନ୍ଦାନି, ପୁଷ୍ପରାଜ ମେହେର ମଞ୍ଚାସିନ ରହିଥିଲେ। ୟୁଥ ରେଡ଼କ୍ରସ ପରାମର୍ଶ ଦାତା ଅଧ୍ୟାପକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଉପେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଡ଼. ପ୍ରଭାତ କୁମାର ଶୁକ୍ଳା, ଦେବେନ୍ଦ୍ର ମେହେର, ଜୟରାମ ସୁନାନୀ, ପବିତ୍ର କେତକି ଉପସ୍ଥିତ ରହି ଏଡ୍‌ସ ଉପରେ ଆଲୋଚନା କରିଥିଲେ। ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୟୁଥ ରେଡ଼ କ୍ରସ ପରାମର୍ଶ ଦାତା ସଞ୍ଜୟ କୁମାର ପୁରୋହିତଙ୍କ ପରିଚାଳନାରେ ସଚେତନତା କାର୍ଯ୍ୟକ୍ରମରେ ଅଧକ୍ଷ ଡ଼. ନିହାରକାନ୍ତ ପଣ୍ଡା ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଡ଼. ରଜତ ସୌମ୍ୟ ଅନୁରାଗ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଉପସ୍ଥିତ ରହିଥିଲେ। ଏହି ଅବସରରେ ବକ୍ତୃତା, ରଚନା, ଚିତ୍ରଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି।

## ବେଆଇନ ବାଲି ଚୋରାଚାଲାଣ: ଜରିମାନା ଆଦାୟ

ବାଉଁଶୁଣୀ,(ଡି.ଏନ.ଏ.): ଗୁରୁବାର ସକାଳେ ବୌଦ୍ଧ ତହସିଲ ଅନ୍ତର୍ଗତ ଡମ୍ବରୁଗଡ ନଦୀ ଘାଟରେ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ, ଆଡିସିନାଲ ତହସିଲଦାର ଏମ. ରସୁଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲି ଚୋରାଚାଲାଣ କରୁଥିବା ଦୁଇ ଗୋଟି ଟ୍ରାକ୍ଟର ଉପରେ ଚଢ଼ାଉ କରାଯାଇଥିଲା । ସେଠାରେ କାଗଜପତ୍ର ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ନ ଥିବା ଜଣାପଡିଥିଲା । ଫଳରେ ଟ୍ରାକ୍ଟର ମାଲିକଙ୍କ ଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ସଂକ୍ଷେପରେ

### କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ

**ବାଉଁଶୁଣୀ,୧।୧୨(ଡି.ଏନ.ଏ.):** ଲଭ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସ୍ଥାନୀୟ ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳନ ସହ କୁଇଜ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିତର୍କ ପ୍ରତିଯୋଗିତାରେ ଲିପ୍ସା ରାଣୀ ସେଠୀ ପ୍ରଥମ , ଦେବକୀ ମେହେର ଦ୍ୱିତୀୟ , ନିକିତା ପ୍ରଧାନ ତୃତୀୟ ହୋଇଥିଲେ । ସେହିପରି କୁଇଜ ପ୍ରତିଯୋଗିତାରେ ରୂପା ପାତ୍ର, ବର୍ଷାରାଣୀ ମାଝୀ ପ୍ରଥମ, ଦ୍ୱିତୀୟ ଦୀପାଞ୍ଜଳି ମେହେର, ସୋନାଲି ଥାଟି, ତୃତୀୟ ଅଂଶିକା ମହାପାତ୍ର,ମହାମାୟା ଭୋଇ ହୋଇଥିଲେ। ଗୁରୁବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ କୁମାର ଭୁକ୍ତା,ଦେବର୍ଚ୍ଚନ ବେହେରା , ମକରଧ୍ୱଜ ମହାରଣା ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅର୍ଗାନାଇଜେଶନର ସଭାପତି କୃଷ୍ଣାପଣ ଦନାୟକ, ଉପସଭାପତି ଦୀପକ କୁମାର ମେହେର, ସମ୍ପାଦକ ଗୋପାଳ କୃଷ୍ଣ ଥପା,ସହ ସଂପାଦକ ବିମଳ ଦଳେଇ, ଅର୍ଗାନାଇଜେସନର ଅଗ୍ରଣୀ ସ୍ୱେଚ୍ଛାସେବୀ ସମୀର ନାୟକ, ପୂଣ୍ୟଶ୍ଳୋକ ଦନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ତ୍ରୁଟିପୂର୍ଣ୍ଣ ଇତିହାସ ସଂଶୋଧନ ପାଇଁ ଦାବିପତ୍ର

ପାଇକମାଲ,୧।୧୨(ଡି.ଏନ.ଏ.) ଗନ୍ଧମାର୍ଦ୍ଧନ ସୁରକ୍ଷା ଆନ୍ଦୋଳନ ଇତିହାସକୁ ପାଠ୍ୟ ପୁସ୍ତକରେ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି। ଏହାକୁ ନେଇ ଗନ୍ଧମାନ ସୁରକ୍ଷା ଯୁବ ପରିଷଦ ଓ କପିଳ ମୁନି ଆଶ୍ରମ ବାରମ୍ବାର ପ୍ରତିବାଦ ପୂର୍ବରୁ ଆନ୍ଦୋଳନ କରିଆସୁଛି। ଜଣେ ମାତ୍ର ବ୍ୟକ୍ତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଗନ୍ଧମାର୍ଦ୍ଧନ ସୁରକ୍ଷା ଆନ୍ଦୋଳନ ହୋଇ ସଫଳତା ପ୍ରାପ୍ତି ହୋଇଥିବା କଥା ପୁସ୍ତକରେ ଉଲ୍ଲେଖ ଥିବାରୁ ଏହା ସମ୍ପୂର୍ଣ୍ଣ ମିଛ। ତେଣୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ୨୦୧୭ ଅକ୍ଟୋବର ୩୧ରେ ଏହାର ସଂଶୋଧନ ପାଇଁ ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଅଦ୍ୟାବଧି ତାହା ହୋଇନାହିଁ। ଏଣୁ ଗନ୍ଧମାର୍ଦ୍ଧନ ସୁରକ୍ଷା ଯୁବ ପରିଷଦ ଓ କପିଳ ମୁନି ଆଶ୍ରମ ତରଫରୁ ଗୁରୁବାର ପୁଣି ଥରେ ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ଦେବା ସମୟରେ ଉପଦେଷ୍ଟା ରାଜ କିଶୋର ସେଠ, ଆଇନଜୀବୀ ପ୍ରଶାନ୍ତ ମାଝୀ, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ସୁଶୀଲ ନାୟକ, ଶାନ୍ତନୁ ବୁଧିଆ, ଯଶଲାଲ ବାବା, ଚତୁର୍ଭୁଜ ସାହୁ, ମୀନକେତନ ବଢ଼େଇ, ଲୋକନାଥ ରାଉତ, ମୋହନ ଜଗତ, ଆନନ୍ଦ ପଟେଲ, ଲୋକନାଥ ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ବାଉଁଶୁଣୀ,୧।୧୨(ଡି.ଏନ.ଏ.):** ବୌଦ୍ଧ ଜିଲା ୫୭ ନଂ ଜାତୀୟ ରାଜପଥ ବାଉଁଶୁଣୀ ଥାନା ଅନ୍ତର୍ଗତ ମାନେଶ୍ୱର ଛକ ନିକଟରେ ଏକ ଟ୍ରକ ବୋଲେରୋକୁ ଧକ୍କା ଦେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଶରତ ପ୍ରଧାନ । ପ୍ରକାଶ ଯେ, ବରଗଡ଼ ଜିଲା ଭେଡେନ ଗ୍ରାମର ୭ ଜଣ ବ୍ୟକ୍ତି କୌଣସି କାମରେ ଭୁବନେଶ୍ୱର ଯାଇ ନିଜ ଗ୍ରାମକୁ ବୋଲେରୋରେ ଫେରୁଥିବା ବେଳେ ବୁଧବାର ରାତି ପ୍ରାୟ ୨ଟା ସମୟରେ ରାସ୍ତା କଡରେ ଗାଡି ରଖି ୬ ଜଣ ପରିସ୍ରା କରିବାକୁ ଯାଇଥିଲେ । ଏହି ସମୟରେ ଏକ ଟ୍ରକ ବୋଲେରୋକୁ ଧକ୍କା ଦେବାରୁ ଗାଡିରେ ବସିଥିବା ଶରତ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୋଲେରୋକୁ ଧକ୍କା ଦେଇଥିବା ଟ୍ରକ ଫେରାର ହୋଇଯାଇଛି । । ଏନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି । ସେହିପରି ଗୁରୁବାର ପୂର୍ବାହ୍ନରେ ମାନେଶ୍ୱର ଛକ ନିକଟରେ ଦୁଇଟି ବାଇକ୍ ମଧରେ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ର ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତମାନେ ହେଲେ ଜାନକିପୁର ଗ୍ରାମର ଦୁର୍ଯୋଧନ ଷାଣ୍ଡ, ବଡଖଲି ଗାଁର ସୁମନ୍ତ ରଣା ଓ ଶ୍ରୀକାନ୍ତ ସାହୁ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ୩ ଯୁବକଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି ।

## ପଦ୍ମପୁର ଉପନିର୍ବାଚନ

# ତରୁଣ, ପ୍ରବୀଣ କଡ଼ା ମୁକାବିଲା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧।୧୨


ବର୍ଷା ସିଂ ବରିହା


ପ୍ରଦୀପ ପୁରୋହିତ


ସତ୍ୟଭୂଷଣ ସାହୁ

- କଂଗ୍ରେସ, ଭାଜପା ପ୍ରାର୍ଥୀ ପୁରୁଖା ନେତା
- ନିର୍ବାଚନରେ ବିଜେଡିର ବର୍ଷା ନବାଗତା
- ଆସନ ଉପରେ ସବୁ ଦଳ ପ୍ରାର୍ଥୀଙ୍କ ଆଶା

ପଦ୍ମପୁର ଉପନିର୍ବାଚନ ୩ ପ୍ରମୁଖ ଦଳ ବିଜେଡ଼ି, ଭାଜପା, କଂଗ୍ରେସ ପାଇଁ ଗୁରୁତ୍ୱ ବହନ କରୁଛି। ଉକ୍ତ ନିର୍ବାଚନ ମଣ୍ଡଳୀରେ ପୁରୁଖା ଓ ପ୍ରବୀଣ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଥିଲା। କିନ୍ତୁ ଚଳିତ ଉପନିର୍ବାଚନରେ ସେଥିରେ ବ୍ୟତିକ୍ରମ ଦେଖାଯାଇଛି। କଂଗ୍ରେସ ଏବଂ ଭାଜପାର ୨ ପୁରୁଖା ତଥା ପ୍ରବୀଣ ନେତାଙ୍କ ସହିତ ବିଜେଡ଼ିର ତରୁଣ ତଥା ନବାଗତାଙ୍କ ଲଢ଼େଇ ଚାଲିଛି। ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏଠାରେ କିଏ ବିଜୟ ମୁକୁଟ ପିନ୍ଧିବ, ତାହା ଆକଳନ କରିବା ସହଜ ହେଉନାହିଁ। କିନ୍ତୁ ଏଠାରେ ପ୍ରଥମଥର ପାଇଁ ପ୍ରବୀଣ ଓ ତରୁଣଙ୍କ ମଧରେ ଲଢ଼େଇ ଚାଲିଛି, ଏହାକୁ କେହି ଅସ୍ୱୀକାର କରିପାରିବେନାହିଁ । ପଦ୍ମପୁର ଉପନିର୍ବାଚନରେ ଏଥର ୧୦ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବର୍ତ୍ତମାନ ସ୍ଥିତିକୁ ଅନୁଧ୍ୟାନ କଲେ ୩ ପ୍ରମୁଖ ଦଳ ବିଜେଡ଼ି, ଭାଜପା ଏବଂ କଂଗ୍ରେସ ମଧ୍ୟ ସିଧାସଳଖ ଲଢ଼େଇ ଚାଲିଛି । ବିଜେଡ଼ିରୁ ବର୍ଷା ସିଂ ବରିହା, ଭାଜପାରୁ ପ୍ରଦୀପ ପୁରୋହିତ ଏବଂ କଂଗ୍ରେସରୁ ସତ୍ୟଭୂଷଣ ସାହୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ପ୍ରଦୀପ ଏବଂ ସତ୍ୟଭୂଷଣ ଏହି ଆସନ ପାଇଁ ନୂଆ ନୁହନ୍ତି। ଉଭୟେ ପୂର୍ବରୁ ଏହି ଆସନରେ ବିଧାୟକ ଥିବାବେଳେ ସେମାନେ ରାଜନୀତିରେ ଅଭିଜ୍ଞ ଏବଂ ପୁରୁଖା। କିନ୍ତୁ ବର୍ଷା ନିର୍ବାଚନ ମଇଦାନରେ ସମ୍ପୂର୍ଣ୍ଣ ନୂଆ। ସେ ରାଜନୈତିକ ପରିବାରର ଝିଅ ଏବଂ ରାଜନୈତିକ ପରିବାରର ବୋହୂ ମଧ୍ୟ। ବର୍ଷାଙ୍କ ସହିତ ୨ ପୁରୁଖାଙ୍କ ଲଢ଼େଇ ଏବେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି ।

ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ପ୍ରଦୀପଙ୍କ ବ୍ୟକ୍ତିତ୍ୱ ନିଆରା। ରାଜନୀତିକୁ ପ୍ରବେଶ କରିବା ପୂର୍ବରୁ ସେ ବାଲ୍‌କୋ ଆନ୍ଦୋଳନ, ଗନ୍ଧମାର୍ଦ୍ଧନ ସୁରକ୍ଷା ଆନ୍ଦୋଳନରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଛନ୍ତି। ସେହିପରି ଆଞ୍ଚଳିକ ସମସ୍ୟା, ଚାଷୀ ଆନ୍ଦୋଳନରେ ମଧ୍ୟ ସାମିଲ ହୋଇ ଜନସମ୍ପର୍କ ରଖିଛନ୍ତି। ଏଥିପାଇଁ ରାଜ୍ୟରେ ବିଜେଡ଼ି ଶାସନ ଚାଲିଥିଲେ ସୁଦ୍ଧା ଗତ ୨୦୧୪ ସାଧାରଣ ନିର୍ବାଚନରେ ପ୍ରଦୀପ ଜିଲାର ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ପଦ୍ମପୁର ଆସନକୁ ଦଖଲ କରିଥିଲେ। କେବଳ ସେତିକି ନୁହେଁ, ସେତେବେଳେ ଜିଲାରେ ଭାଜପା ଜିଲା ପରିଷଦ ଗଠନ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଦୀପ ଲୋକଙ୍କ ଆସ୍ଥା ହରାଇଥିଲେ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ହାତକୁ ପୁଣି ଆସନଟି ଫେରି ଯାଇଥିଲା ।

ବିଜୟଙ୍କ ପାଇଁ ଏହି ଆସନ ନୂଆ ନ ଥିଲା । ଏଠାରୁ ସେ ସର୍ବାଧିକ ୫ଥର ବିଜୟୀ ହୋଇଥିଲେ। ତାଙ୍କ ଦେହାନ୍ତ ପରେ ଏହି ଉପନିର୍ବାଚନ ହେଉଛି ଏବଂ ବିଜୁ ଜନତା ଦଳ ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷାଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ବର୍ଷା ନିର୍ବାଚନୀ ମଇଦାନରେ ନୂଆ ହୋଇ ପାରନ୍ତି, କିନ୍ତୁ ତାଙ୍କ ପାଖରେ ରାଜନୈତିକ ଅଭିଜ୍ଞତା ନାହିଁ କହିଲେ ଠିକ୍ ହେବ ନାହିଁ। ବର୍ଷା ସ୍ୱର୍ଗତ ବରିହାଙ୍କ ଝିଅ ହୋଇଥିବାବେଳେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂଙ୍କ ବୋହୂ। ପିଲାବେଳେ ସେ ତାଙ୍କ ବାପାଙ୍କଠାରୁ ରାଜନୀତି ବାବଦରେ ଜ୍ଞାନ ଆହରଣ କରିବା ସହିତ ବାପାଙ୍କ ସେବା ମନୋବୃତ୍ତି ଆଖିରେ ଦେଖି ଆସିଥିବା କହିଛନ୍ତି।

ସେହିପରି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମଧ୍ୟ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଛନ୍ତି। ପଦ୍ମପୁର ଆସନରୁ ସେ ୩ଥର ବିଜୟ ଲାଭ କରିଛନ୍ତି। ୧୯୮୦, ୧୯୮୫ ଏବଂ ୨୦୦୪ ସାଧାରଣ ନିର୍ବାଚନରେ ପଦ୍ମପୁର ନିର୍ବାଚନ ମଣ୍ଡଳୀବାସୀ ତାଙ୍କୁ ଆଶୀର୍ବାଦ କରି ସାହୁଙ୍କୁ ବିଜୟୀ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ନିର୍ବାଚନ ମଣ୍ଡଳୀବାସୀ ତାଙ୍କୁ ଆଉ ସୁଯୋଗ ଦେଇନାହାନ୍ତି। ଏପରିକି ୨୦୧୪ ସାଧାରଣ ନିର୍ବାଚନରେ ଦଳ ମଧ୍ୟ ସତ୍ୟଭୂଷଣଙ୍କ ପ୍ରତି ଆସ୍ଥା ପ୍ରକଟ କରି ନ ଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ସତ୍ୟଭୂଷଣଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଥିବା ବେଳେ ଚଳିତ ଉପନିର୍ବାଚନରେ ମଧ୍ୟ ତାଙ୍କୁ ସୁଯୋଗ ଦେଇଛି । ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସବୁ ପ୍ରାର୍ଥୀଙ୍କ ମଧ୍ୟରୁ ବର୍ଷୀୟାନ ସତ୍ୟଭୂଷଣଙ୍କ ନିରାଡ଼ମ୍ବର ପ୍ରଚାର, ବ୍ୟକ୍ତିତ୍ୱ ଲୋକଙ୍କୁ ଆକୃଷ୍ଟ କରୁଛି। ଅନ୍ୟପଟେ ବିଜେଡ଼ି ଏବଂ ଭାଜପା ନେତାଙ୍କ ମଧ୍ୟରେ ଯେଭଳି ବୟାନବାଜି ଚାଲିଛି, ତାହା ମଧ୍ୟ କଂଗ୍ରେସ ପାଇଁ ସହାୟକ ହୋଇଛି। ଏହି ଦୃଷ୍ଟିରୁ ତାଙ୍କ ସପକ୍ଷରେ ଅଧିକ ମତଦାନ ହେବ ବୋଲି ସତ୍ୟଭୂଷଣ ଆଶାବାଦୀ ଅଛନ୍ତି।

## ବାଦିକଟା, ବୁକୁରାମୁଣ୍ଡା, ଟେମରିରେ ବର୍ଷାଙ୍କ ରୋଡ୍ ଶୋ

ପାଇକମାଲ,୧।୧୨(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପ୍ରଚାରକୁ ଆଉ ଦୁଇ ଦିନ ଥିବାବେଳେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ଗୁରୁବାର ଅପରାହ୍ନରେ ପାଇକମାଲ ବ୍ଲକ ବାଦିକଟା, ବୁକୁରାମୁଣ୍ଡା, ଟେମରି ଆଦି ପଞ୍ଚାୟତରେ ପ୍ରଚାର କରିଛନ୍ତି। ଅପରାହ୍ନ ୫ଟାରେ ବୁକୁରାମୁଣ୍ଡା ପଞ୍ଚାୟତ ଲହଙ୍ଗିରରେ ବର୍ଷା ଏକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ସେଠାରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟ୍ଟଶାଣୀ, କୋ ଅବଜର୍ଭର ସଞ୍ଜିତ ସାହୁ, ବୁକୁରାମୁଣ୍ଡା ସମିତି ସଭ୍ୟା ସସ୍ମିତା ବାରିକ, ପଞ୍ଚାୟତ ସଭାପତି କୁମୁଦ ବାଗ, ଯୁବ ସଙ୍ଗଠକ ସୂର୍ଯ୍ୟକାନ୍ତ ସିଂ ବରିହା ପ୍ରମୁଖ ବର୍ଷା ସିଂ ବରିହାଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ। ଏହାପରେ ବର୍ଷା ବୁକୁରାମୁଣ୍ଡା, ମହୁଲପାଲି, ପଲସାନି, କୁରିଟୁଆଁ ଟେମରି ପଞ୍ଚାୟତର ସୋଢା ଆଦି ଗ୍ରାମ ପରିକ୍ରମା କରି ଭୋଟ୍‌ଭିକ୍ଷା କରିଥିଲେ।

## ୩୧୯ରୁ ୬ ପିଙ୍କ୍, ୧୫ ମଡେଲ ବୁଥ୍

ବରଗଡ଼ ଅଫିସ,୧।୧୨

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ୍ ୩୧୯ଟି ବୁଥ୍ ରହିଛି। ତନ୍ମଧ୍ୟରୁ ବୁଥ୍ ନଂ.୫୮ ଓ ୫୯ ଝାରବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ.୧୨୯ ଓ ୧୩୦ ପାଇକମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ବୁଥ୍ ନଂ.୨୨୧ ଓ ୨୨୨ ଦେଉଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ଏପରି ୬ଟି ବୁଥ୍‌କୁ ନିର୍ବାଚନ ଆୟୁକ୍ତ ପିଙ୍କ ବୁଥ୍ ଘୋଷଣା କରିଛନ୍ତି। ସେହିପରି ଝାରବନ୍ଧ ବ୍ଲକର ବୁଥ୍ ନଂ. ୩୪ ବଡକୁଆଁରୀ, ୩୯ ଡୁଙ୍ଗୁରିପାଲି, ୪୪ ସରଗୁଲ, ୬୦ ଝାରବନ୍ଧ ବାପୁଜୀ ସ୍କୁଲ, ପାଇକମାଲ ବ୍ଲକ ବୁଥ୍ ନଂ.୧୦୩ ଧାରୋଲ, ୧୧୫ ଚେରେଙ୍ଗାଝାଞ୍ଜି, ୧୨୪ ମିଠାପାଲି, ୧୩୩ ନୂଆଗାଁ, ୧୩୬ ଭେଙ୍ଗରାଜପୁର, ରାଜବୋଡାସମ୍ବର ବ୍ଲକର ବୁଥ୍ ନଂ ୨୦୮, ୨୦୯, ୨୧୦ ରାଜବୋଡାସମ୍ବର ହାଇସ୍କୁଲ, ୨୫୩ ବାଦିମାଲ, ୨୮୬ ଦୁବୁଲାବାହାଲ, ୨୮୭ ଟାଲ ବୁଥ୍‌କୁ ମଡେଲ ବୁଥ୍ ଭାବରେ ଚୟନ କରାଯାଇଛି। ଜିଲାପାଳ ମୋନୀଷା ବାନାର୍ଜି, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ନିର୍ବାଚନ ଅଧିକାରୀ ତଥା ଉପ ଜିଲାପାଳ ତ୍ରିଲୋଚନ ପାତ୍ର, ଡେପୁଟି କଲେକ୍ଟର ସଦାନନ୍ଦ କୁମ୍ଭାର ବୁଥ୍‌ଗୁଡିକର ସମୀକ୍ଷା କରିଥିଲେ।

## ବିଜେଡି ପ୍ରାର୍ଥିନୀଙ୍କ ମାରାଥନ ପ୍ରଚାର

**ପଦ୍ମପୁର/ବରଗଡଅଫିସ, ୧।୧୨:** ପଦ୍ମପୁର ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଗ୍ରାମପଞ୍ଚାୟତରେ ମାରାଥନ ପ୍ରଚାର କରାଯାଉଛି। ଏହି କ୍ରମରେ ଗୁରୁବାର ଲଖମରା, ସାପଲହର, ବାଦିକଟା ବୁକୁରାମୁଣ୍ଡା, କୁଧରେନପାଲି, ବମରିଡ, ଲହଙ୍ଗିର ଆଦି ଗାଁରେ ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ମାରାଥନ ନିର୍ବାଚନୀ ସଭାମାନ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦଳୀୟ ପ୍ରାର୍ଥିନୀ ବରିହା ଉକ୍ତ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମନ୍ତ୍ରୀ ରୀତା ସାହୁ, ବିଧାୟକ ସୁଶାନ୍ତ ସିଂ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଶ୍ରୀମୟୀ ମିଶ୍ର ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ପାଇଁ ଭୋଟ୍ ନିବେଦନ କରିଥିଲେ। ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ, ପଞ୍ଚାୟତ ଦାୟିତ୍ୱରେ ଥିବା କ୍ୟାପଟେନ ମିଶ୍ର ମାରାଥନ ପ୍ରଚାରରେ ସାମିଲ ହୋଇଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ନେତା, କର୍ମୀ ଓ ଭୋଟର ବେଶ୍ ଉତ୍ସାହିତ ଥିବା ଦେଖାଯାଇଛି।



ପଦ୍ମପୁର ଉପନିର୍ବାଚନ ପାଇଁ ଦଳୀୟ ନେତାଙ୍କ ଗହଣରେ ବିଜେଡି ପ୍ରାର୍ଥିନୀ ରୋଡ୍ ଶୋ କରୁଛନ୍ତି।

## ମାଣ ବସାଇ ଲକ୍ଷ୍ମୀ ପୁରାଣ ପଢ଼ିଲେ ଅଙ୍ଗନୱାଡି କର୍ମୀ

ସୋନପୁର,୧।୧୨(ନି.ପ୍ର.)

ସୋନପୁର ସିଡିପିଓ ଅଫିସ ସମ୍ମୁଖରେ ଆନ୍ଦୋଳନରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ଗୁରୁବାର ମାଣବସା ପୂଜା କରିଥିଲେ। ଧାରଣା ସ୍ଥଳରେ ଓଢଣା ଦେଇ ହୁଳହୁଳି ପକାଇଥିଲେ। ଏପରି କି ମାଣ ବସାଇ ଲକ୍ଷ୍ମୀ ପୁରାଣ ବହି ପଢିବା ଦେଖିବାକୁ ମିଳିଥିଲା। ଭାରତୀୟ ମଜଦୁର ସଂଘ ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ସୋନପୁର ଶାଖା ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ(ସିଡିପିଓ) କାର୍ଯ୍ୟାଳୟ ସମ୍ମୁଖରେ ୮ ଦଫା ଦାବି ନେଇ ଗଣଧାରଣା ଜାରି ରହିଛି।


ସୋନପୁରରେ ଅଙ୍ଗନୱାଡି କର୍ମୀ ଓ ସହାୟିକା ଲକ୍ଷ୍ମୀପୁରାଣ ପଢୁଛନ୍ତି।

ଗୁରୁବାର ଏହି ଆନ୍ଦୋଳନ ୧୧ ଦିନରେ ପହଞ୍ଚିଛି। ଗଣଧାରଣାରେ ବ୍ଲକର ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମିଲ ହୋଇଛନ୍ତି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ବହିଷ୍କୃତ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ମିନି ଅଙ୍ଗନୱାଡି ଉଚ୍ଛେଦ କରି ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା, ପେନସନ ମାସିକ ୫ ହଜାର ଟଙ୍କା ପ୍ରଦାନ ଓ ୨୦୧୮ରେ ଘୋଷଣା କରାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରିବା ଦାବିରେ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି। ବ୍ଲକ ସଭାନେତ୍ରୀ ଜୟନ୍ତୀ ସେଠ୍, ସମ୍ପାଦିକା ରାଜେଶ୍ୱରୀ ପଟ୍ଟନାୟକ, ରାଜ୍ୟ ସମ୍ପାଦିକା ଗୀତାଞ୍ଜଳି ପୂଜାରୀ, ଅନୁପମା ମିଶ୍ର, ନଳିନୀ ହୋତା, ପୂର୍ଣ୍ଣିମା ସାହୁ, ଗୀତାଞ୍ଜଳି ରଣା ଓ ପଙ୍କଜିନୀ ପଟ୍ଟନାୟକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## କୃଷ୍ଣ-ବଳରାମଙ୍କୁ ଗୋଚାରଣ ବିଦ୍ୟା ପ୍ରଦାନ

ବିନିକା,୧।୧୨(ଡି. ଏନ. ଏ.)

**ଫୁଲମୁଠି ଗୋକୁଳାଷ୍ଟମୀ ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ଚାଲିଥିବା ଗୋକୁଳାଷ୍ଟମୀ ମହୋତ୍ସବର ଗୁରୁବାର ଚତୁର୍ଥ ଦିବସରେ ଗୋବର୍ଦ୍ଧନ ମଲ୍ଲ କୃଷ୍ଣ ବଳରାମଙ୍କୁ ଗୋ ଚାରଣ ବିଦ୍ୟା ପ୍ରଦାନ କରିଛନ୍ତି। ବିଦ୍ୟା ଗ୍ରହଣ ପରେ ପ୍ରଭୁ କୃଷ୍ଣ ଗୋପାଳ ପୁଅଙ୍କ ସହ ଜଙ୍ଗଲକୁ ଗୋରୁ ଚରେଇବାକୁ ଯାଇ ବିଭିନ୍ନ ପ୍ରକାର ଖେଳରେ ମଜ୍ଜି ରହିବା ସହ ଏକା ଏକା ବୁଲି ନିଘଞ୍ଚ ଜଙ୍ଗଲରେ ଦିନ କଟାଇବା, ଘରକୁ ନ ଫେରିବାରୁ ମାତା ଯଶୋଦାଙ୍କ ଆଖିରେ ଲୁହ, ସାରା ଗୋପପୁର ବାସୀ ଚିନ୍ତାଗ୍ରସ୍ତ, କୃଷ୍ଣଙ୍କୁ ପାଇ ଗୋପପୁରବାସୀଙ୍କ ପକ୍ଷରୁ ବନଭୋଜି ଆୟୋଜନ ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ଦୈବବାଣୀରେ ବିଚଳିତ ମହାରାଜ କଂସ ମଥୁରା ରାଜଦରବାରରେ ପଦାର୍ପଣ ପରେ ନଟଖଟିଆ ଅବୋଧ ଶିଶୁକୁ ମାରିବା ପାଇଁ ଅସୁର ପ୍ରେରଣ ଆଦି ଦୃଶ୍ୟ ମୁକ୍ତାକାଶ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ଯାତ୍ରାରେ ଅଭିନୟ କରୁଥିବା କଳାକାରମାନଙ୍କ ଅଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

## ଦୋକାନ ଗ୍ରୀଲ୍ କାଟି ୩୦ ହଜାର ଲୁଟି ନେଲେ ଦୁର୍ବୃତ୍ତ

ବୌଦ୍ଧ,୧।୧୨(ସ୍ୱ.ପ୍ର.)

**ବୌଦ୍ଧ ଆଦର୍ଶ ଥାନା ନିକଟରୁ ଚୋରି**

ବୌଦ୍ଧ ସହରରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଚୋରି କରି ନେଇ ଯାଉଥିବା ଦେଖିବାକୁ ମିଳିଛି। ଗତ ବୁଧବାର ରାତିରେ ବୌଦ୍ଧ ଆଦର୍ଶ ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ସୁରେନ୍ଦ୍ର କୁମାର ଅଗ୍ରୱାଲାଙ୍କ ଦୋକାନ ଗ୍ରୀଲର ତାଲା କାଟି ଚୋରମାନେ ୩୦ ହଜାର ଟଙ୍କା ଚୋରି କରି ନେଇଥିବା ଜଣାପଡିଛି । ଏନେଇ ଦୋକାନ ମାଲିକ ଅଗ୍ରୱାଲା ବୌଦ୍ଧ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଥାନା ନିକଟରୁ ଚୋରି ହୋଇଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଗତ ୨୯ ତାରିଖରେ ବୌଦ୍ଧର ତାରେଣୀ ବିହାରସ୍ଥିତ ନବକିଶୋର ସାହୁଙ୍କ ଘରୁ ୩ ଲକ୍ଷ ଟଙ୍କା ଓ ୧୫ ଭରି ସୁନା ଗହଣା ଚୋରି ହୋଇଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ଏହାଛଡା ଗତ କିଛି ଦିନ ତଳେ ସହରର ଟାଉନହଲ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଚୋରମାନେ ଦୋକାନର ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରି ନେଇ ଯାଇଥିଲେ।

## କମିରାକୁ ହରାଇ ବୌଦ୍ଧ ବିଜୟୀ

ଅମରପାଲି,୧।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ନବମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ଅନୁସୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ କମିଟିର ସଭାପତି ନିର୍ମଳ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସ୍ୱେଚ୍ଛାସେବୀ ଧରଣୀଧର ପାଢୀ,ରାମ ପ୍ରସାଦ କର୍ଣ୍ଣ,ଗଜେନ୍ଦ୍ର ପ୍ରଧାନ,ପୀତାମ୍ବର ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ କମିରା ଓ ବୌଦ୍ଧ ମଧରେ ହୋଇଥିଲା। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବୌଦ୍ଧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୩୦ ରନ କରିଥିଲା। ଦଳର ବିଶାଳ ୩୪ ରନ କରିଥିଲେ। ଜବାବରେ କମିରା ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ମାତ୍ର ୪୨ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବୌଦ୍ଧ ଦଳ ନିର୍ଦ୍ଧାରିତ ୪ ଓଭରରେ ୭୦ ରନ କରିଥିଲା। ଦଳର ବିଷ୍ଣୁ ନାଏକ ୧୮ବଲରୁ ୫୯ ରନ କରିଥିଲେ। ଜବାବରେ କମିରା ଦଳ ନିର୍ଦ୍ଧାରିତ ୪ ଓଭରରେ ୪୧ ରନ କରିଥିଲା। ଉଭୟ ଫର୍ମାଟରେ ବୌଦ୍ଧ ଦଳ ୨-୦ରେ ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧର ବିଷ୍ଣୁ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ଶ୍ରୀନିବାସ ପଧାନ ଓ ପପୁନ ଚଉଲିଆ ଅମ୍ପାୟାର, ଶ୍ରୀଦାସ ବାରିକ ସ୍କୋରର ଏବଂ ବୁବୁନ ସାହୁ ଓ ସଚିନ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳିଙ୍କ ସହିତ ଅତିଥି।

# ଶୋଭାଯାତ୍ରା, ସଭା ମାଧ୍ୟମରେ ଏଡ୍ସ ସଚେତନତା

## ରୋଟାରି କ୍ଲବ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ



ବିଶ୍ୱ ଏଡ୍ସ ଦିବସରେ ସୁନ୍ଦରଗଡ଼ରେ ସଚେତନତା ରାଲି।

**ସୁନ୍ଦରଗଡ,୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ରୋଟାରୀ କ୍ଲବ ଏବଂ ରାଉରକେଲା ସିନିୟର ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏଥିରେ ନର୍ସିଂ କଲେଜର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକ ତଥା ରୋଟାରୀ କ୍ଲବର ସମସ୍ତ ସଦସ୍ୟ ପରିବାର ସହିତ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ଲାକାର୍ଡ, ସ୍ଲୋଗାନ ଓ ବ୍ୟାନର ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଶଙ୍କରାଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସେଠାରେ ଏକ ପଥପ୍ରାନ୍ତ ନାଟକ ଓ ଗୀତିନାଟ୍ୟ ମାଧ୍ୟମରେ ଛାତ୍ରୀଛାତ୍ର ସଚେତନତା ସୃଷ୍ଟି କରିଥିଲେ। ରୋଟାରୀ କ୍ଲବର ସଭାପତି ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀ, ସମ୍ପାଦକ ବାଳଗୋପାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅମରଜୀତ ସିଂହ, ଦୀନବନ୍ଧୁ ଭିତ୍ରିଆ, ଡାକ୍ତର ସୋମ ଶୁଭଙ୍କର, ସ୍ୱରାଜ ପଟେଲ, ଗଣେଶ ରୋହିଲା, ଶୁଭେନ୍ଦୁ ମହାପାତ୍ର, ବିଶ୍ୱରଞ୍ଜନ ପୁରୋହିତ, ପ୍ରିୟରଞ୍ଜନ ଯୋଶୀ, ଯଶିନ୍ଦର ଗୁଲାଟି, ମୋନାଲିସା ବେହେରା, ଗୀତାଞ୍ଜଳି ଭିତ୍ରିଆ, ରାଉରକେଲା ନର୍ସିଂ କଲେଜର ଅଧ୍ୟକ୍ଷା ସୁନିମା ଫଟେଲ, ରାଉରକେଲା ରୟାଲ କ୍ଲବର ଆଲମ ସିଂହ ରୁପ୍ରା ଓ ରାଉରକେଲା କୁଇନସ କ୍ଲବର ହରପାଲ ରୁପ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରୋଟାରିଆନ ଚିରବ୍ରତ ଦତ୍ତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଛତାବର ଗ୍ରାମରେ ରକ୍ତଦାନ ଶିବିର

**ହେମଗିର, ୧।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଛତାବର ଗ୍ରାମରେ ଗୁରୁବାର ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ପଶ୍ଚିମ ଓଡ଼ିଶା ଯୁବମଞ୍ଚ ଓ ଏଚଡିଏଫ୍‌ସି ବ୍ୟାଙ୍କର ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ପୂର୍ବତନ ସମିତି ସଭ୍ୟା ଗୀତା ଖମାରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନିରାକାର ପଧାନ,ସାହେବ ଖମାରୀ, ସନତ ପ୍ରଧାନ, ସନ୍ତୋଷ ପଧାନଙ୍କ ସମେତ ବଜରଙ୍ଗ ଦଳ ସଭାପତି ଅଶୋକ ବାରିକ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ବ୍ରଜବିହାରି ଲେଙ୍କା, ମାନସ ପ୍ରଧାନ ଏବଂ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି

**ରାଜଗାଙ୍ଗପୁର, ୧।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଅବସ୍ଥିତ ମୁନିସିପାଲ ଗାନ୍ଧୀ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ତିର୍କୀ ସପରିବାର ୭ନଂ. ୱାର୍ଡ ଗୋସାଳାପଡାରେ ବାସ କରନ୍ତି। ବୁଧବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଦୁଇଟି ମୋବାଇଲ, ଏଟିଏମ କାର୍ଡ ଓ ବହୁ ଅନ୍ୟ ଦରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ବ୍ୟାଗ ଲୁଟ୍ କରି ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଗୁରୁବାର ସକାଳେ ରାଜଗାଙ୍ଗପୁର ଥାନାକୁ ଜଣାଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ଜୈବିକ କପା ଚାଷୀଙ୍କୁ ନେଇ ବୈଠକ

**ଲାଞ୍ଜିଗଡ଼,୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବନ୍ଧପାରି ପଞ୍ଚାୟତ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ଜୈବିକ କପା ଚାଷୀମାନଙ୍କୁ ନେଇ ଆଇଏଫଏଚଡି ଓ ଚେତନା ଅର୍ଗାନିକର ମିଳିତ ସହଯୋଗକ୍ରମେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭରତ ଭୂଷଣ ପଟନାୟକ ଚାଷୀଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଏଫଏଚଡିର ମୁଖ୍ୟ ପରିଚାଳନା ଅଧିକାରୀ ଭେଙ୍କଟ ରମଣ ଚାଷୀଙ୍କୁ ଜୈବିକ କପା ଚାଷର ଉପକାରିତା ଏବଂ ଭିଏନଭିର କାର୍ବୋନ କ୍ରେଡିଟ ପ୍ରକଳ୍ପ ମାଧ୍ୟମରେ ଚାଷୀ କିପରି ଅଧିକ ଲାଭ ପାଇପାରିବେ ତାହା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆଇଏଫଏଚଡି କର୍ମକର୍ତ୍ତା ସୁବାଷ ନାୟକ, ସୁଦର୍ଶନ ବରାଡ଼ ଏବଂ ଗନ୍ଧର୍ବ ଗୌଡ଼ ରହିଥିବା ବେଳେ ଚେତନା ଅର୍ଗାନିକ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ରାସ୍ତା ନିର୍ମାଣରେ ବିଳମ୍ବ, ଯାତାୟାତରେ ବାଧା

**ତୁଣ୍ଡଲା,୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଛକରୁ ପଲମ ଛକକୁ ସଂଯୋଗ ପିଡବ୍ଲୁଡି ମୁଖ୍ୟ ରାସ୍ତା କାମ ମନ୍ଥର ଗତିରେ ଚାଲିଛି। ଫଳରେ ଯାନବାହନ ଚଳାଚଳରେ ବ୍ୟାହତ ହେଉଛି। ବିଶେଷ କରି ଦୁଇଚକିଆ ଏବଂ ସାଇକେଲରେ ଯାତାୟାତ କରୁଥିବା ଛାତ୍ରୀଛାତ୍ରମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

## ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ଏଡ୍ସ ଦିବସ

**ଦେବଗଡ଼, ୧।୧୨(ଡି.ଏନ.ଏ)**



ବିଶ୍ୱ ଏଡସ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସୁଗୁଡ଼ା ପଞ୍ଚାୟତ ସମିତି କଲେଜରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଶିଳା ପ୍ରିୟଦର୍ଶିନୀ ପଣ୍ଡା ସମ୍ପାଦିକା ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡ଼ ଯୋଗଦେଇ କହିଥିଲେ ଯେ, ଆଇନ ବିଭାଗ ତରଫରୁ ଏଡ୍ସ ସଂକ୍ରମିତଙ୍କୁ ସରକାରଙ୍କ ଆଇନ ସେବା ମାଗଣାରେ ଦିଆଯାଉଛି। ତତ୍‌ସହିତ ଅନ୍ୟାନ୍ୟ ସେବା ବିଷୟରେ ସଭାରେ ଅବଗତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ସେଠ ଯୋଗ ଦେଇ କହିଥିଲେ ଯେ, ଆଜିର ଯୁବ ଛାତ୍ରୀ ଓ ଛାତ୍ର ନିଜ ସଂଯମତା ବୃଦ୍ଧି କରିବା ସହ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ। ସୋସିଆଲ ମିଡିଆରେ ଶିକ୍ଷଣୀୟ ବିଷୟକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ମୁଖ୍ୟ ଚିକିତ୍ସାଳୟ ଏଡିଏମଓ ଡାକ୍ତର ଧନଞ୍ଜୟ ମହାନ୍ତ ଯୋଗଦେଇ ଏଡ୍ସ ସଂକ୍ରମଣର ମାଧ୍ୟମ, ସଂକ୍ରମିତଙ୍କ ପାଇଁ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ସଭାପତିତ୍ୱ କରିଥିଲେ। ଇତିହାସ ଅଧ୍ୟାପକ ରଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଏଲଏସଏର କର୍ମଚାରୀ ସୁଭାଶିଷ କର, ବସନ୍ତ ମାରାଣ୍ଡି, ଅମୀୟ ମହାନ୍ତି, ଦେବନାଥ ମଲିକ, ସୁଗୁଡା କଲେଜର ଅଧ୍ୟାପକ ଦେବରଂଜନ କର, ଜନସନ ସ୍ୱାଇଁ, କାଶୀନାଥ ଶବର, ଛାତ୍ରୀ ନିବେଦିତା ସାହୁ, ସୁନିତା ବେହେରା, କର୍ମଚାରୀ ରଞ୍ଜନ ବିଶ୍ୱାଳ, କିଶୋର ମହାକୁଳ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅର୍ଥନୀତି ଅଧ୍ୟାପକ ବିଜୟ କୁମାର ଶତପଥି ଧନ୍ୟବାଦ ଦେଇଥିଲେ।

## ପ୍ରଭାତ ସାଧାରଣ ସମ୍ପାଦକ, ଚିତ୍ତରଞ୍ଜନ କାର୍ଯ୍ୟକାରୀ ସଭାପତି

### ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ନିର୍ବାଚନ

**ସୁନ୍ଦରଗଡ଼ ,୧।୧୨(ଡି.ଏନ.ଏ.)**


ପ୍ରଭାତ କୁମାର ଭୋଳ


ଚିତ୍ତରଞ୍ଜନ ବହିଦାର

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ପଦାଧିକାରୀ ଓ କାଉନସିଲ ସଦସ୍ୟ ଚୟନ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ସାଧାରଣ ବୈଠକର ଅନୁମୋଦନ ଓ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ନଭେମ୍ବର ୨୩ରେ ଭୋଟର ତାଲିକା ପ୍ରକାଶ ପାଇଥିଲା। ନଭେମ୍ବର ୨୫ ଓ ୨୬ରେ ନିର୍ବାଚନ ପାଇଁ ନାମାଙ୍କନ କରାଯାଇଥିଲା। ୨୭ ନଭେମ୍ବରରେ ସମସ୍ତ ନାମାଙ୍କନକୁ ଯାଞ୍ଚ କରାଯାଇ ୨୮ ନଭେମ୍ବର ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ନଭେମ୍ବର ୨୯ରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। କୌଣସି ପଦ ପାଇଁ ଏକାଧିକ ନାମାଙ୍କନ ହୋଇ ନ ଥିବାରୁ ଏକ ପ୍ରକାର ତାଲିକା ସ୍ପଷ୍ଟ ହୋଇଯାଇଥିଲା। ଗୁରୁବାର ଡିସେମ୍ବର ୧ ତାରିଖରେ ଏହାର ବିଧିବଦ୍ଧ ଘୋଷଣା କରାଯାଇଥିଲା। ଏହି ବିଜ୍ଞପ୍ତି ଅନୁଯାୟୀ ସାଧାରଣ ସମ୍ପାଦକ ଭାବରେ ପ୍ରଭାତ କୁମାର ଭୋଳ, କାର୍ଯ୍ୟକାରୀ ସଭାପତି ଭାବରେ ଚିତ୍ତରଞ୍ଜନ ବହିଦାର, ସହ ସମ୍ପାଦକ ଭାବରେ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଭାବରେ ଦୁର୍ଗା ମାଧବ ନାଏକ, ଉପସଭାପତି ଭାବରେ ପୌଷ ଚନ୍ଦ୍ର ପଟେଲ, ଅଶିନୀ ଭୋଳ, ବିଭୂଦତ୍ତ ବେହେରା, ରାଧାମୋହନ ନାଏକ, ପ୍ରସନ୍ନ ବେହେରା, ବିମଳ କୁମାର ବୋଷ, ମେରିଜନ ବାଗେ, ଫୁଟବଲ ସମ୍ପାଦକ ଭାବେ ରାଜେନ୍ଦ୍ର ପଣ୍ଡା, କ୍ରିକେଟ ସମ୍ପାଦକ ଭାବରେ ଶିଶିର ପଟେଲ, ଖେଳକୁଦ ସମ୍ପାଦକ ଭାବରେ ଅଜୟ କୁମାର ବହିଦାର, ହକିସମ୍ପାଦକଭାବରେ ନିତ୍ୟକୁମାର ବଳ, ଭଲିବଲ ସମ୍ପାଦକ ଭାବରେ ପ୍ରସାଦ ନାଏକ, ବାସ୍କେଟବଲ ସମ୍ପାଦକ ଭାବରେ ଅରୁଣ କୁମାର ସାହୁ, ଭାରୋତ୍ତଳନ ସମ୍ପାଦକ ଭାବରେ ବାସୁଦେବ ବାନାର୍ଜୀ, କବାଡି ସମ୍ପାଦକ ଭାବରେ ପ୍ରଶାନ୍ତ କୁମାର ପଟେଲ, ଟେନିସ ଓ ବ୍ୟାଡମିଣ୍ଟନ ସମ୍ପାଦକ ଭାବରେ ସୁରଜ ଭାଇସାଲ, ଖୋଖୋ ସମ୍ପାଦକ ଭାବରେ ଅକ୍ଷୟ କୁମାର ନାଏକ, କାଉନସିଲ ସଦସ୍ୟ ଭାବରେ ପୂର୍ଣ୍ଣଚନ୍ଦ୍ର ରାଉତ, ସୁଶିଲ କୁମାର ପଟେଲ, ରବୀନ୍ଦ୍ର କୁମାର ରଣା, ରୋମାଞ୍ଚ ଭାଇସାଲ, ବିଶ୍ୱରଞ୍ଜନ ହୋତା, ବୀରମିତ୍ର କାଲୋ,ଜଗମୋହନ ରାଉତ, ଶ୍ୟାମ ନନ୍ଦନ ସହାୟ, ସଂଗ୍ରାମ କେଶୋରି ଦାସ, ମନୋଜ କୁମାର ସାହୁ, ଆଶିଷ କୁମାର ଦେ, ମନୋଜ କୁମାର ପଟେଲ ଓ ସୁଶାନ୍ତ ବେହେରା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଯୋଗ୍ୟ ଯେ ଏହି ପଦାଧିକାରୀ ଆସନ୍ତା ଚାରି ବର୍ଷ ପାଇଁ ସଂସଦର ପରିଚାଳନା ଦାୟିତ୍ୱରେ ରହିବେ।

## ବଡ଼ଗାଁ ଡିଗ୍ରୀ କଲେଜରେ ବିଶ୍ୱ ଏଡ୍ସ ଦିବସ

**ବଡ଼ଗାଁ, ୧।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏଡ୍ସ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦେବବ୍ରତ ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ବନଜାରାଣୀ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଆଶାକର୍ମୀ ମାଦିଲତା କୁଲୁ ଅତିଥି ଭାବେ ଯୋଗଦେଇଥିଲେ। ସଭା ଆରମ୍ଭରେ ଅଧ୍ୟକ୍ଷା ଷଡଙ୍ଗୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଅବତରଣ କରି ଏଡ୍ସ ନିରାକରଣ ପାଇଁ ସଞ୍ଜମ ଓ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତର ରଥ ଏଡ୍ସ ରୋଗର ଲକ୍ଷଣ, କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା ଉପସ୍ଥାପନ କରିଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ସୁଶାନ୍ତ ବିଶି, ତାପସ କର, ଲକ୍ଷ୍ମୀକାନ୍ତ ସାହୁ, ମାଳବିକା ସାମଲ ଉପସ୍ଥିତ ଥିଲେ।

## ସରକାରୀ ମହାବିଦ୍ୟାଳୟରେ ଏଡ୍ସ ସଚେତନତା



**ସୁନ୍ଦରଗଡ଼,୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶାଖା ପରିଚାଳକ ଜୟନ୍ତ ମଲ୍ଲିକ ଯୋଗ ଦେଇଥିଲେ। ଜିଲା ଯୁବ ରେଡକ୍ରସର କାର୍ଯ୍ୟକାରୀ ସମ୍ପାଦକ ପିତାମ୍ବର ବେହେରା ସଭା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଏବଂ ରକ୍ତଦାନ ଶିବିରର ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ, ଡ.କୁଳମଣି ବେହେରା, ନିକୁଞ୍ଜ କିଶୋର ସେଠୀ, ନୂତନ ଖମାରୀ, ଆର୍ଯ୍ୟ ବିଭାସ କୁମାର, ଆଞ୍ଜଲିନ କିଣ୍ଡୋ,ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ୨ବର୍ଷ ଜେଲଦଣ୍ଡ

### ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ରାୟ ପ୍ରକାଶ

**ଭବାନୀପାଟଣା,୧।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲିଆକୁଣ୍ଡଲ ପଞ୍ଚାୟତରେ ୧୯୯୭-୯୮ଠାରୁ ୨୦୦୨-୦୩ ଆର୍ଥିକ ବର୍ଷ ମଧ୍ୟରେ ୪ଟି ପାଣ୍ଠିର ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଜୁନାଗଡ ଗ୍ରାମ ନ୍ୟାୟାଳୟ ଓ ଜେଏମ୍‌ଏଫ୍‌ସି ବିଚାରପତି ପି.ସୀତାଲକ୍ଷ୍ମୀ ସମସ୍ତ ସା ଓ ପ୍ରମାଣକୁ ଭିତ୍ତିକରି ତତ୍କାଳୀନ ସରପଞ୍ଚ ବିରଞ୍ଚି ନାଏକଙ୍କୁ ଆଇପିସି ୪୦୯ ଦଫାରେ ୨ ବର୍ଷ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ଆହୁରି ୨ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସମ୍ପାଦକ ସାନ୍ତନୁ ପଣ୍ଡାଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ଏହି ମାମଲାରୁ ବାଦ୍ ଦିଆଯାଇଛି। ସୂଚନା ଯେ, ୧୯୯୭-୯୮ଠାରୁ ୨୦୦୨-୨୦୦୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଥିବା ତତ୍କାଳୀନ ସରପଞ୍ଚ ବିରଞ୍ଚି ଓ ସମ୍ପାଦକ ସାନ୍ତନୁ ସ୍ଥାନୀୟ ଜିପି ଫଣ୍ଡ, ଇଲେଭେନ ଫାଇନାନ୍ସ କମିଶନର ଫଣ୍ଡ, ଜବାହାର ଗ୍ରାମ ସଡକ ଯୋଜନା ଫଣ୍ଡ ଓ ପବ୍ଲିକ ଡ୍ରିଷ୍ଟିବ୍ୟୁଟନ ସିଷ୍ଟମ ଫଣ୍ଡ ଆଦି ୪ଟି ପାଣ୍ଠିରେ ୩ ଲକ୍ଷ ୯୭ ହଜାର ୨୯୫ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିବା ଅଡିଟ ରିପୋର୍ଟରୁ ଜଣାପଡିଥିଲା। ଏହାପରେ ତତ୍କାଳୀନ ଜିଲାପାଳ ତତ୍କାଳୀନ ଜୁନାଗଡ ବିଡିଓଙ୍କୁ ଉପରୋକ୍ତ ପଞ୍ଚାୟତ ସରପଞ୍ଚ ଓ ସମ୍ପାଦକ ନାଁରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଉଭୟଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ।

## ରେଳବାଇ ପୋଲିସ ଦ୍ୱାରା ଗଞ୍ଜେଇ ଜବତ

**ରାଜଗାଙ୍ଗପୁର, ୧।୧୨(ଡି.ଏନ.ଏ.)**


ରେଳବାଇ ପୋଲିସ ଦ୍ୱାରା ଜବତ ଗଞ୍ଜେଇ।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରେଳବାଇ ପୋଲିସ ଦ୍ୱାରା ୧୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏହା ସହ ଜଣଙ୍କୁ ଗିରଫ କରାଯାଇ ବଡଗାଁ ରେଞ୍ଜ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ସକାଳ ସମୟରେ ରାଜଗାଙ୍ଗପୁର ରେଳ ଷ୍ଟେସନରେ ବିହାର ଅଞ୍ଚଳର କୁନ୍ଦନ କୁମାର (୨୦) ଏକ ଜରି ବୋରା ଧରି ବସିଥିଲେ। ଏହି ସମୟରେ ରେଳବାଇ ପୋଲିସ ଅଧିକାରୀ ଆର.ଏନ. ଯାଦବ ସନ୍ଦେହ କରି ତାଙ୍କୁ ପଚରାଉଚୁରା କରି କାବୁ କରିଥିଲେ। ଜରି ବୋରାରୁ ୧୮ କେଜି ଗଞ୍ଜେଇ ଜବତ କରାଯିବା ସହ ଯୁବକଙ୍କୁ ବଡଗାଁ ରେଞ୍ଜ ଅବକାରୀ ଇନ୍‌ସ୍ପେକ୍ଟର ରବିନାରାୟଣ ପ୍ରଧାନଙ୍କୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଅନ୍ତର୍ଜାତୀୟ ବାଲୁକା କଳାକୃତିରେ ଯୋଗ ଦେଲେ ରାଜଗାଙ୍ଗପୁରର ରାଜୁ ସାହୁ

**ରାଜଗାଙ୍ଗପୁର, ୧।୧୨(ଡି.ଏନ.ଏ.)**

ଚଳିତବର୍ଷ ଡିସେମ୍ବର ୧ରୁ ୫ ତାରିଖ ଯାଏ ଓଡ଼ିଶାର ପୁରୀ ଜିଲା ଚନ୍ଦ୍ରଭାଗା କୋଣାର୍କ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ବାଲୁକା କଳାକୃତି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିବାସୀ ରାଜେନ୍ଦ୍ର କୁମାର ସାହୁ (ରାଜୁ) ଯୋଗଦାନ କରିଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏହି ଉତ୍ସବରେ ବିଭିନ୍ନ ରାଜ୍ୟର ତଥା ବିଦେଶରୁ ବହୁ ବାଲୁକା ଶିଳ୍ପୀ ଯୋଗ ଦେଇଛନ୍ତି। ଏହି ଉତ୍ସବରେ ତାଙ୍କୁ ଯୋଗ ଦେବା ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରିଛନ୍ତି।



ବାଲୁକା କଳାକୃତି ସହ ରାଜୁ।

## ଟାଉନ କ୍ରିକେଟ କ୍ଲବକୁ ହରାଇ ରାଇଜିଂ ଷ୍ଟାର ବିଜୟୀ

**ଦେବଗଡ଼, ୧।୧୨(ଡି.ଏନ୍.ଏ.)**



ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଟାଉନ କ୍ରିକେଟ କ୍ଲବକୁ ୪ ଉଇକେଟରେ ହରାଇ କଳା ରାଇଜିଂ ଷ୍ଟାର ବିଜୟୀ ହୋଇଛି। ଟାଉନ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ପ୍ରିୟଦର୍ଶୀ ୨୨ ଓ ଅମିତ କୁମାର୍ ପ୍ରଧାନ ୧୫ ରନ କରିଥିବାବେଳେ କଳା ଦଳର ଆରିଅନ କୁମାର୍ ସାହୁ, ଏସ.କେ.ଏମ ନକିବ ଓ ରୋନିତ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ କଳା ରାଇଜିଂ ଷ୍ଟାର ଦଳ ବ୍ୟାଟିଂ ଆରମ୍ଭ କରି ୧୭.୩ ଓଭରରେ ୬ ଉଇକେଟ ହରାଇ ୬୯ ରନ କରି ବିଜୟୀ ହୋଇଥିଲା।

### ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଦଳ ପକ୍ଷରୁ ସ୍ୱସ୍ତିକ ଚୌଧୁରୀ, ଆରିୟନ କୁମାର୍ ସାହୁ ୧୩ ଓ ଏସ.କେ.ଏମ ନକିବ ୧୦ ରନ କରିଥିବାବେଳେ ଟାଉନ ଦଳର ଆଶିଷ ସାହୁ, ରୋହିତ ପ୍ରସାଦ ଓ ଅମିତ କୁମାର୍ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚରେ ସଞ୍ଜୟ କୁମାର ନାୟକ ଓ ଦିଲୁ ଦସଭାୟା ଅମ୍ପାୟାର ରହିଥିଲେ। ସ୍କୋରର ଭାବେ ରମି ନାୟକ ଓ ରିତିକ ଦେହୁରୀ କାର୍ଯ୍ୟ ତୁଲାଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ, ନବୀନ ପାଣି, ଅଶୋକ ନନ୍ଦ, ବିଦ୍ୟା ମହାପାତ୍ର, ସତ୍ୟ ନାରାୟଣ ପାଣି, ସନ୍ତୋଷ ଦେବତା, ସିଦ୍ଧାର୍ଥ ଗୁରୁ, ବେଣୁଧର ଗଡ଼ନାଏକ, ମନୋଜ ଆଚାର୍ଯ୍ୟ, ବାବୁଲି ଭୁକ୍ତା, ଭୋଳାନାଥ ଦାଶ, ଜୟନ୍ତ ସାହୁ, ଅଜିତ ମୋଦୀ, ହରେକୃଷ୍ଣ ସାହୁ, ଅଶୋକ ଆଚାର୍ଯ୍ୟ, ଶିବାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଘୁନା ଉନ୍ନୀତ ଉଚ୍ଚବିଦ୍ୟାଳୟକୁ ମିଳିଲା ୧.୫ଏକର ଜମି**

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଘୁନା ଉନ୍ନିତ ଉଚ୍ଚ ବିଦ୍ୟାଳୟର ନିଜସ୍ୱ ଜମି ନ ଥିଲା। ବେସରକାରୀ ଜମିରେ ଚାଲି ଆସୁଥିବାରୁ ସ୍କୁଲ ଭିତ୍ତିଭୂମିରେ ଉନ୍ନତି ହୋଇ ପାରୁ ନ ଥିଲା। ଶ୍ରେଣୀଗୃହ ଓ ଅନ୍ୟାନ୍ୟ ନିର୍ମାଣ ପାଇଁ ଜମି ଅଭାବ ବାଧକ ଥିଲା। ଗୁରୁବାର ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କ ଉପସ୍ଥିତିରେ ୧.୫ ଏକର ସରକାରୀ ଜମି ପଟ୍ଟା ପ୍ରଦାନ ସହ ଜମି ଚିହ୍ନଟ କରାଯାଇଛି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଦିନେଶ



@ ଚିନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହତ୍ୟା ପରେ ପୋଡ଼ିଥିଲେ ଯୁବକ

**ଜଙ୍ଗଲରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ୍ ଘଟଣା**

- ଛତିଶଗଡ-ବଲାଙ୍ଗୀର ପୋଲିସ ଟିମ୍‌ର ମିଳିତ ଚଢ଼ାଉ
- ହତ୍ୟାକାରୀ ଯୁବକ ଗିରଫ

ବଲାଙ୍ଗୀର ଅଫିସ, ୧।୧୨

ବଲାଙ୍ଗୀର ଜିଲା ରାଜୁ ସଂରକ୍ଷିତ ଜଙ୍ଗଲ ଭିତର ଦେଇ ଯାଇଥିବା ତୁରେକେଲା-ଲାଠୋର ପିଡବ୍ଲୁଡି ରାସ୍ତାକଡରେ ନଭେମ୍ବର ୨୪ରେ ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖାଯାଇଥିଲା। ଦୁର୍ବୃତ୍ତ ଯୁବତୀଙ୍କୁ ହତ୍ୟା କରିବା ପରେ ପୋଡି ଦେଇଥିବା ସନ୍ଦେହ ହୋଇଥିଲା। ଏହି ଘଟଣାରେ ଗୁରୁବାର ଛତିଶଗଡ ଏବଂ ବଲାଙ୍ଗୀର ପୋଲିସ ମିଳିତ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ କଣ୍ଟାବାଞ୍ଜି ଅଞ୍ଚଳର ମୂଳ ନିବାସୀ ଓ ସମ୍ପ୍ରତି ଛତିଶଗଡ ରାୟପୁରଠାରେ ରହୁଥିବା ସଚିନ ଅଗ୍ରୱାଲ ବୋଲି ଜଣାପଡିଛି। ଏହି ଯୁବକ ଜଣକ ଯୁବତୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ପୋଡି ଦେବା ଉଦ୍ୟମ କରିଥିବା କୁହାଯାଉଛି। ତେବେ ଘଟଣା ସମ୍ପର୍କରେ ପୋଲିସ କିଛି କହୁ ନ ଥିବାରୁ ଘଟଣା ଉପରୁ ପର୍ଦ୍ଦା ହଟିନାହିଁ।

ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ମୃତା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ତେବେ ଯୁବକ ଜଣକ କେଉଁ କାରଣରୁ ଯୁବତୀଙ୍କୁ ହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣା ପଛରେ କେବଳ ପ୍ରେମ ପ୍ରତାରଣା ରହିଛି ନାଁ ଅନ୍ୟ କିଛି କାରଣ ଅଛି ତାହାର ରହସ୍ୟ ଉନ୍ମୋଚନ କରିବାକୁ ଛତିଶଗଡ ଓ ବଲାଙ୍ଗୀର ପୋଲିସ ତନାଘନା ଚଳାଇଛି। ବଲାଙ୍ଗୀର ଏବଂ ଛତିଶଗଡ ପୋଲିସ ଆଜି ଦିନ ତମାମ ତୁରେକେଲା ଓ କଣ୍ଟାବାଞ୍ଜି ଆଖାପାଖ ଅଞ୍ଚଳରେ ତଦନ୍ତ କରିଥିବା ଦେଖାଯାଇଥିଲା। ଗିରଫ ଯୁବକ ଏବଂ ମୃତା ଯୁବତୀ ଉଭୟେ ମୂଳତଃ ବଲାଙ୍ଗୀର ଜିଲାର ହୋଇଥିଲେ ମଧ୍ୟ ସେମାନେ ବେଶ୍ କିଛିବର୍ଷ ହେଲା ଛତିଶଗଡ ରାଜଧାନୀ ରାୟପୁରଠାରେ ରହୁଥିବା ଜଣାପଡିଛି।

# ବିଦ୍ୟୁତ୍ ଖୁଣ୍ଟ ଚୋରି: ୨ ଗିରଫ, ୩ ଫେରାର

ନୂଆପଡ଼ା ଅଫିସ,୧।୧୨

ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା କେନ୍ଦୁବାହାରା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ଥିବା ଜଣାପଡ଼ିଛି। ସେମାନେ ହେଲେ ଖରିଆର ରୋଡ ସହରର ମୋଗରାପାଲିର କବାଡିବାଲା ମହମ୍ମଦ ଆକତର (୫୦) ଓ ଗାଡି ଡ୍ରାଇଭର ଛତିଶଗଡ ମହାସମୁନ୍ଦ ଜିଲା କୋମାଖାନ ଥାନା କେନ୍ଦୁକୋନା ଗାଁର ଗଇନ୍ଦରାମ ସାହୁ (୨୭)। ପ୍ରାପ୍ତ ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ଜୋଙ୍କ ଥାନା ଖରିଆରରୋଡ ସହର ଓ ଛତିଗଡର କେତେଜଣ କେନ୍ଦୁବାହାରା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଲାଗିଥିବା ଲୁହା ବିଦ୍ୟୁତ୍ ଖୁଣ୍ଟକୁ ଗ୍ୟାସ କଟରରେ କାଟି ଏକ ପିକ୍‌ଅପ୍ ଭ୍ୟାନରେ ନେଉଥିଲେ। ଖବର ପାଇ ଗାଁ ଲୋକେ ଯିବାବେଳେ ଚୋରମାନେ ଦୌଡି ପଳାଇଥିଲେ। ଗାଁ ଲୋକେ ପଡୋଶୀ ପାତଳଘୁଟୁକୁରି ଗାଁ ଲୋକଙ୍କୁ ଫୋନ କରି ଚୋରଙ୍କୁ ଧରିବା ପାଇଁ କହିଥିଲେ। ପାତାଳଘୁଟୁକୁରି ଗାଁ ଲୋକେ ଗାଁ ଭିତର ରାସ୍ତାରେ ଜଗି ବସିଥିଲେ। ସେଠାରେ ଗାଡିକୁ ଅଟକାଇ ଚୋଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ୩ଜଣ ଚୋର ଫେରାର ହୋଇଥିଲେ। ହେଲେ ଗାଡି ଚାଳକ ଓ କବାଡିବାଲାଙ୍କୁ ଗାଁ ଲୋକେ କାବୁ କରିଥିଲେ। ଧରମବନ୍ଧା ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଚୋରଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଏ ନେଇ ଧରମବନ୍ଧା ଥାନାରେ ଏକ ମାମଲା (ନଂ.୭୫/୨୨) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କ ଆଧାର କାର୍ଡ ମଗାଯାଇଛି। ଫେରାରମାନଙ୍କ ନାମ ଓ ଠିକଣା ମିଳିନାହିଁ। ୨ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଗୌନ୍ଦରାମ ସତନାମୀ ସୂଚନା ଦେଇଛନ୍ତି।

# ୨୩୬୨ ଅଙ୍ଗନୱାଡି କେନ୍ଦ୍ରରେ ତାଲା

ଭବାନୀପାଟଣା,୧।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଗତ ୧୧ ଦିନ ହେଲା ଜିଲାର ୨୩୬୨ଟି କେନ୍ଦ୍ରରେ ତାଲା ପଡ଼ିଛି। ଏହାଦ୍ୱାରା ସେବାରୁ ବଞ୍ଚିତ ରହିଛନ୍ତି ଲକ୍ଷାଧିକ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା। ଅନ୍ୟପଟେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏପରିସ୍ଥଳେ ଗୁରୁବାର ଜିଲାର ଜୁନାଗଡ଼ ବ୍ଲକର ଅଙ୍ଗନୱାଡି କେନ୍ଦ୍ରରେ ନିୟୋଜିତ କର୍ମୀ ଓ ସହାୟିକାମାନେ ସ୍ଥାନୀୟ ସିଡିପିଓ ଅଫିସ ସମ୍ମୁଖରେ ଅଭିନବ ପ୍ରତିବାଦ କରିଛନ୍ତି। ନିଜ ଘରେ ମାଣବସା ପାଳନ ନ କରି ଧାରଣାସ୍ଥଳରେ ମାଣ ବସାଇବା ସହ ଲକ୍ଷ୍ମୀ ପୁରାଣଗାଇ ସରକାରଙ୍କୁ ନିଜ କ୍ଷୋଭ ପ୍ରକାଶ କରିଛନ୍ତି। ଜୁନାଗଡ଼ ବ୍ଲକର ୧୦ ସେକ୍ଟରର ୨୪୪ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିଛି। ଫଳରେ ୨୪୪ ଅଙ୍ଗନୱାଡି କର୍ମୀ ଓ ୧୦୮ଜଣ ସହାୟିକା ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଡାକରା ଦେଇଛନ୍ତି। ଫଳରେ ୩ରୁ ୬ ବର୍ଷର ୧୦ ହଜାର ୨୩୪ ଶିଶୁ, ୬ ମାସରୁ ୩ ବର୍ଷର ୮ହଜାର ୯୧ଶିଶୁ ଉପାସରେ ଅଛନ୍ତି। ଅନ୍ୟପକ୍ଷରେ ୧୭୪୫ଜଣ ଗର୍ଭବତୀ ଓ ୧୩୪୬ଜଣ ପ୍ରସୂତି ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ୱାକର୍ସ ଆସୋସିଏଶନ ପକ୍ଷରୁ ୮ ଦଫା ଦାବି ନେଇ ଗତ ୧୧ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି।



ସିଡିପିଓ ଅଫିସ ସମ୍ମୁଖରେ ମାଣ ବସାଇଲେ କର୍ମୀ।

**ଘର ଛାଡ଼ି ସିଡିପିଓ ଅଫିସ ସମ୍ମୁଖରେ ମାଣ ବସାଇଲେ କର୍ମୀ**

# ସବ୍‌ଜେଲରେ ବିଶ୍ୱ ଏଡ୍‌ସ ଦିବସ

କଣ୍ଟାବାଞ୍ଜି,୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ସବ୍‌ଜେଲରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସହାୟତା କମିଟି ଚେୟାରମ୍ୟାନ ତଥା ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜେଲ ଅନ୍ତେବାସୀଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସବ୍‌ଜଜ୍ ଅଲେଖ କୁମାର ପ୍ରଧାନ, ଜେଏମ୍‌ଏଫସି ଶାଶ୍ୱତି ମହାପାତ୍ର, କଣ୍ଟାବାଞ୍ଜି ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ବିକାଶଲତା ବାରୁ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ସଭ୍ୟ ସଞ୍ଜୟ କୁମାର ମିଶ୍ର, କାହ୍ନୁ ଚରଣ ମିଶ୍ର, ଗୁରୁଦୟାଲ ହଂସ, ଗୋବିନ୍ଦ ତାଣ୍ଡି ଉପସ୍ଥିତ ଥିଲେ।

# ଅଭିଯୋଗକାରୀଙ୍କୁ ହତ୍ୟା ଧମକ, ଥାନାରେ ମାମଲା

ଲୋଇସିଂହା,୧।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାରେ ଗତ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକର କନ୍ଦାଜୁରୀ ଗ୍ରାମରେ ହୋଇଥିବା କେତେକ ଉନ୍ନୟନ ପ୍ରକଳ୍ପ ବର୍ଷବର୍ଷ ହେଲା ଅଧାପନ୍ତରିଆ ହୋଇପଡିଛି। ଏହାର ଅଗ୍ରଗତି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଗ୍ରାମର ନୀଳାଞ୍ଚଳ ପଧାନ ଶିବିରରେ ଫେରାଦ ହୋଇଥିଲେ। ଜିଲାପାଳଙ୍କୁ ସାକ୍ଷାତ୍ କରି ବାହାରକୁ ବାହାରିବା ପରେ ଜନୈକ ବ୍ୟକ୍ତି ତାଙ୍କୁ ଫୋନ କରି ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ହତ୍ୟା ଧମକ କୁଆଡେ ଦେଇଥିଲେ। ଏ ନେଇ ନୀଳାଞ୍ଚଳ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୋଇସିଂହା ଥାନାରେ ଏକ ନେଇ ଏକ ମାମଲା(୪୦୧/୨୨)ରୁଜୁ କରିଛି। ତେବେ ମାମଲା ରୁଜୁର ୪ ଦିନ ବିତି ଯାଇଥିଲେ ବି ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ।

# ନେଟୱର୍କ ପାଉନି, ମେଶିନ କାମ କରୁନାହିଁ

**ପିଡିଏସ୍ ଚାଉଳ ପାଇଁ ଦିନ ଦିନ ଧରି ଅପେକ୍ଷା**



ହିତାଧିକାରୀମାନେ ପିଡିଏସ୍ ଚାଉଳ ପାଇଁ ଅପେକ୍ଷା କରିଛନ୍ତି।

ନୂଆପଡ଼ା ଅଫିସ,୧।୧୨

ସରକାର ଅନଲାଇନ ମାଧ୍ୟମରେ ପିଡିଏସ ବଣ୍ଟନ ବ୍ୟାବସ୍ଥା କରିବାରୁ ସାଧାରଣ ଖାଉଟିମାନେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ନୂଆପଡ଼ା ଜିଲାର ଅଧିକାଂଶ ଅଞ୍ଚଳରେ ନେଟୱର୍କ ପାଉ ନ ଥିବାରୁ ସରଭର ବିଜି ଦେଖାଉଛି। ମେଶିନ କାମ କରୁନାହିଁ। ଫଳରେ ହିତାଧିକାରୀମାନେ ଆସି ଦିନ ଦିନ ଧରି ଜଗି ରହିବାକୁ ପଡୁଛି। ନୂଆପଡା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତରେ ନେଟୱାର୍କ ପାଉ ନ ଥିବାରୁ ହିତାଧିକାରୀମାନେ ପିଡିଏସ ଚାଉଳ ପାଇଁ ଦିନତମାମ ଅପେକ୍ଷା କରିବାକୁ ପଡୁଛି। ପିଡିଏସ ଚାଉଳ ନାମରେ ଆସି ଘର ଅନ୍ୟ ସବୁ କାମ ହେଇ ପାରୁନାହିଁ। ପୂର୍ବରୁ ଯେମିତି ଖାତାରେ ଏଣ୍ଟ୍ରି କରି ଚାଉଳ ଦିଆଯାଉଥିଲା, ସେହିପରି ଦିଆଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି। ଏହି ପଞ୍ଚାୟତରେ ଭାଲେଶ୍ୱର, ଆମୋଦି, ଟମକିଦାଦର, ସରାଇପାଲି, କୁରୁମୁଡା, କୋଦୋଗୁଡା ଓ ଫଟାମୁଣ୍ଡା ଗାଁ ରହିଛି। ପଞ୍ଚାୟତରେ ପିଏଚଏଚଏ ୧୧୩୯ଟି, ଅନ୍ତୋଦୟ ଏଏୱାଇ ୨୦୪ଟି, ଏସଏଫଏସଏସ ୭୮ ଓ ଅର୍ଣ୍ଣପୂର୍ଣ୍ଣା ୬ଟି ମୋଟ ୧୪୨୭ଟି ଖାଉଟି କାର୍ଡ ରହିଛି। ସେହିପରି ସଦର ବ୍ଲକ କେନ୍ଦୁବାହାରା ଓ କେରମେଲି ପଞ୍ଚାୟତରେ ମଧ୍ୟ ନେଟୱାର୍କ ପାଉ ନ ଥିବାରୁ ପାହାଡ ଉପରକୁ ଯାଇ ଅନଲାଇନ କରିବାକୁ ପଡୁଛି। ଜିଲାରେ ଯେଉଁ ପ୍ରକାରେ ବାଘ, ଭାଲୁ, ହାତୀ ଭଳି ହିସ୍ର ଜନ୍ତୁ ଘୁରି ବୁଲୁଛନ୍ତି। କେତେ ବେଳେ କାହା ଉପରେ ଆକ୍ରମଣ କରିଦେବ କହି ହେବ ନାହିଁ। ଏସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କ ସୁବ୍ୟାବସ୍ଥା କରିବା ପାଇଁ ଦାବି ହେଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 40/ET/SBP/ENGG/2022-23 ତା. 28.11.2022 ରିଖ

1) ଇ-ଟେଣ୍ଡର ସଂ. 33-eT-DENC-SBP-22

କାର୍ଯ୍ୟର ନାମ : ସମ୍ବଲପୁରରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ବିଲ୍ଡିଂରେ ତୃତୀୟ ମହଲା ନିମନ୍ତେ କନକୋର୍ସ ଏରିଆ ସହିତ ୱିଙ୍ଗ-1 ଏବଂ ସେଣ୍ଟ୍ରାଲ ପୋର୍ସନର ବ୍ୟବସ୍ଥା ନିମନ୍ତେ ସିଭିଲ ଇଂଜିନିୟରିଙ୍ଗ୍ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,69,82,384.25/-, EMD (ଟଙ୍କାରେ): 2,35,000/-

2) ଇ-ଟେଣ୍ଡର ସଂ. 36-eT-DENC-SBP-22

କାର୍ଯ୍ୟର ନାମ : ସାଟେଲାଇଟ୍ ଡିପୋ, ବଲାଙ୍ଗୀର ଷ୍ଟେସନଠାରେ ଟ୍ରାକ୍ ମେସିନ୍ କର୍ମଚାରୀଙ୍କ ନିମନ୍ତେ ବିଶ୍ରାମ ଗୃହର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 50,47,643.27, EMD (ଟଙ୍କାରେ): 1,01,000/-

3) ଇ-ଟେଣ୍ଡର ସଂ. 37-eT-DENC-SBP-22

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ପରିସୀମା ଅଧୀନସ୍ଥ ଡୁଙ୍ଗରିପାଲି (In)-ଦେଓଗାଁ ରୋଡ୍ (In) ସେକ୍ସନ ଏବଂ ବଲାଙ୍ଗୀର-ବିଛୁପାଲି ସେକ୍ସନରେ ବିବିଧ P.Way ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,17,03,507.20, EMD (ଟଙ୍କାରେ): 2,08,600/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ର.ସଂ. 1 ଏବଂ 3 ନିମନ୍ତେ), 06 (ଛଅ) ମାସ (କ୍ର.ସଂ. 2 ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.21.12.2022ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-764/N/22-23



**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ.,କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡା ସମେତ ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତ୍‌ସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ-୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ-୯୪୩୭୧୮୩୧୯୯



**କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା**

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣଙ୍କୁ ପବିତ୍ର ୨୦୨୨ ଉପଲକ୍ଷେ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବାପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛୁ।

୧. ୧ କୋଟି ଟଙ୍କା ବ୍ୟୟରେ ତିନିମୁହାଣିଠାରେ Smart Park ନିର୍ମାଣ କାର୍ଯ୍ୟ ଚାଲୁଅଛି।
୨. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଅଯୋଧ୍ୟାନଗରସ୍ଥିତ Blind School ପ୍ରାଙ୍ଗଣରେ ଏକ Sensory Park ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ସହରର ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୩. ୧ କୋଟି ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ହିନ୍ଦୁ ଶ୍ମଶାନକୁ Smart Cremation ଭାବେ ଉନ୍ନତୀକରଣ କରାଯାଉଅଛି।
୪. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ମୁସଲମାନ ସମ୍ପ୍ରଦାୟଙ୍କ Kabarstanକୁ ଉନ୍ନତୀକରଣ କାର୍ଯ୍ୟ ଚାଲୁଅଛି।
୫. ୧ କୋଟି ଟଙ୍କା ବ୍ୟୟରେ ସହରର Govt. High School ପଡ଼ିଆର ଉନ୍ନତୀକରଣ ସହିତ Galleryର ବ୍ୟବସ୍ଥା କରାଯାଇଅଛି।
୬. ୫୦ ଲକ୍ଷ ଟଙ୍କା ବ୍ୟୟରେ ଗୋପବନ୍ଧୁ ଲାଇବ୍ରେରି ନିର୍ମାଣ କରାଯାଇ ଏହାକୁ ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୭. ୫୦ ଲକ୍ଷ ଟଙ୍କା ବ୍ୟୟରେ GYM ସେଣ୍ଟର କରାଯାଇ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୮. ୧ କୋଟି ଟଙ୍କା ବ୍ୟୟରେ ଫକିରାବାଦ ମସ୍‌ଜିଦ ନିକଟରେ ଯାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଚାଲୁଅଛି।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା
ଆକବରୀ ଖାତୁନ, ଉପାଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା



**ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା**

ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି।

୧. ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି। ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇ ଦେଉଅଛି। ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି।
୨. କେନ୍ଦ୍ରାପଡ଼ା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଗତ ୧୮ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି।
୩. କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା- ପଟ୍ଟାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରିବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି।
୪. ୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି। ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ଘାଗରା ପଞ୍ଚାୟତଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇଅଛି।
୫. ଛତାହାଟଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।

ଅମର କୁମାର ନାୟକ, ଭାରପ୍ରାପ୍ତ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା
ଶ୍ରୀ ନିରଞ୍ଜନ ବେହେରା (ଓ.ପ୍ର.ସେ.-୧), ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା


# କର୍ଲାମୁଣ୍ଡା ବ୍ଲକରେ ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ



କର୍ଲାମୁଣ୍ଡା ତହସିଲଦାର ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

କର୍ଲାମୁଣ୍ଡା,୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଖରିଫ ଋତୁର ଧାନକ୍ରୟ ପାଇଁ ଗୁରୁବାର ଆନୁଷ୍ଠାନିକ ଭାବେ ମଣ୍ଡିଗୁଡିକ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ଲକର ସଦର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ପାଣି ପଞ୍ଚାୟତ ନିକଟସ୍ଥ ପଡିଆଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ତହସିଲଦାର ମିଳନ କୁମାର ଝାଙ୍କର, ସମିତି ସଭାପତି ଗୋବର୍ଦ୍ଧନ ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଖାଉଟି ଯୋଗାଣ ଅଧିକାରୀ ଶାନ୍ତାକର ପଧାନ, ଜିଲା ଯୁବ ବିଜେଡି ସମ୍ପାଦକ ନନ୍ଦି କିଶୋର ଭୋଇ, ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ସମିତି ସମ୍ପାଦକ ଭବାନୀ ଶଙ୍କର ସାହୁ, ଡିଇଓ ଅଚିନ ଷଡଙ୍ଗୀ, ଆରଏମସି କର୍ମଚାରୀ ବିଜୟ ସାହୁ, ଅକ୍ଷୟ ସାହୁ ଓ ଚାଷୀ ନେତା ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ରିଷିଡା ମଣ୍ଡିରେ ୧୩୭୫ ଚାଷୀ, ଯୋରାଡବ୍ରାରେ ୧୪୮୦ ଓ କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତିରେ ୨୫୭୮ଜଣ ମୋଟ ୫୪୩୩ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି। ରିଷିଡା ଓ ଯୋରାଡବ୍ରାରେ ଧାନମଣ୍ଡି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିବା ଜଣାପଡିଛି।


GOVERNMENT OF ODISHA

**OFFICE OF THE PANCHAYAT SAMITI, TITILAGARH**

**INVITATION FOR BIDS**

(Email ID: ori-titilagarh@nic.in)

Letter No. 3312 Date: 01.12.2022

**DETAILES TENDER CALL NOTICE No. 06/TIG/22-23**

The **Block Development Officer, Titilagarh** on behalf of Governor of Odisha invites **Percentage Rate Bids in Single Cover** system in conformity with Detail Tender Call Notice No. 06/22-23 of Panchayat Samiti, Titilagarh, Dated: 02.12.2022 to be eventually drawn up in State level contract for the supply and installation of the detail given in the table.
The bidders may submit bids for the following works.

| Sl. No. | Name of Work | Approximate Value of Work | Class of Contractor | Concerned Office with Head Qrs. | Cost of Document (Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of Desktop Computer for 10 Nos. of High School under 5T | 100 units × Rs.43,000 = Rs.43,00,000.00 | Registered Supplier/ Firm | Panchayat Samiti, Titilagarh | 7080/- | 03 Months |

**TERMS & CONDITIONS:**

1. The sale and receipt of the Bid document shall start from **Dt.02.12.2022 to 5 P.M. of Dt.15.12.2022** during office hour in **Panchayat Samiti Office, Titilagarh and Zilla Parishad (DRDA), Balangir on office hours.** Bid documents can be downloaded from official website of Government of Odisha **(http://www.balangir.nic.in)**.
2. Bid must be sealed properly and dropped in the tender box having mentioned as Tender Call Notice No. 06/TIG/22-23 in **Panchayat Samiti Office, Titilagarh and Zilla Parishad (DRDA), Balangir. Non-receipt of the tender paper on the mentioned time frame will not be entertained.**
3. The bids will be opened on the **Dt.16.12.2022 at 11.30 A.M.** in the office of the undersinged in the presence of the members of tender committee of Panchayat Samiti Office, Titilagarh, bidders or their authorized agents who wish to attend at the Conference Hall of **Panchayat Samiti Office, Titilagarh**.
4. Any addendum/corrigendum/cancellation of above tender will be displayed in notice board & published in the website **(http://www.balangir.nic.in) only**.

**Sd./- Block Development Officer, Titilagarh Block**

**ସଂକ୍ଷେପରେ**

## ଶୀତ ଅଧିବେଶନରେ ଆସିବ ୧୬ ବିଲ୍

**ନୂଆଦିଲ୍ଲୀ,୧।୧୨:** ଆସନ୍ତା ୭ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ କେନ୍ଦ୍ର ସରକାର ୧୬ଟି ନୂଆ ବିଲ୍ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଲୋକ ସଭା ପକ୍ଷରୁ ଜାରି ଏକ ବୁଲେଟିନ୍ ଅନୁସାରେ ତନ୍ମଧ୍ୟରେ ନ୍ୟାଶନାଲ ଡେଣ୍ଟାଲ କମିଶନ ବିଲ୍, ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍-ୱାଇଫେରି କମିଶନ ବିଲ୍, କ୍ୟାଣ୍ଟନମେଣ୍ଟ ବିଲ୍, ଏବଂ ମଲ୍ଟି-ଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି ଆମେଣ୍ଡମେଣ୍ଟ ବିଲ୍,୨୦୨୨ ରହିଛି। ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଏହି ଅଧିବେଶନ ଡିସେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ।

## କ୍ଷମା ମାଗିଲେ ମଡେଲ

### ବାରାଣସୀ ସବୁଠୁ ଭୟଙ୍କର ସହର

**ୱାଶିଂଟନ୍, ୧।୧୨:** ଭାରତୀୟ-ଆମେରିକୀୟ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପର୍ଣ୍ଣା ସିଂ ବାରାଣସୀକୁ ସବୁଠାରୁ ଭୟଙ୍କର ସହର କହି ବିବାଦୀୟ ମନ୍ତବ୍ୟ ଦେବା ପରେ ଏବେ କ୍ଷମା ମାଗିଛନ୍ତି। ଅପର୍ଣ୍ଣା ଟିକ୍‌ଟକ୍‌ରେ ବାରଣସୀର ଏକ ଭିଡିଓ ଶେୟାର କରିବା ସହ



କ୍ୟାପ୍‌ସନ୍‌ରେ ଲେଖିଥିଲେ, ସେ ବୁଲିଥିବା ସବୁଠାରୁ ଭୟଙ୍କର ସିଟି। ଉତ୍ତର ପ୍ରଦେଶର ବାରଣସୀକୁ ଭାରତର ପବିତ୍ର ସହର ବୋଲି ବିଶ୍ୱାସ ରହିଛି। ବାରାଣସୀକୁ ନେଇ ହିନ୍ଦୁଙ୍କର ବହୁ ଧର୍ମୀୟ ଭାବନା ରହିଛି। ନିକଟରେ ନଜ ବ୍ରାଣ୍ଡର ଜୁଏଲେରି ତିଆରି କରୁଥିବା ଡିଜାଇନରଙ୍କୁ ଭେଟିବା ପାଇଁ ଅପର୍ଣ୍ଣା ବାରାଣସୀ ଆସିଥିଲେ। ଗଙ୍ଗା ନଦୀରେ ଲୋକଙ୍କ ସ୍ନାନଠାରୁ ଆରମ୍ଭ କରି ସହରକୁ ସେ ଅପରିଷ୍କାର ବୋଲି ପରୋକ୍ଷଭାବେ କହିଥିଲେ। ଟିକ୍‌ଟକ୍‌ରେ ଅପର୍ଣ୍ଣାଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ୟୁଜର୍ସ ତାଙ୍କୁ ସମାଲୋଚନା କରିଥିଲେ। ଏହାପରେ ଆଉ ଏକ ଭିଡିଓ ଜରିଆରେ ସେ କ୍ଷମାମାଗିଥିବା ଖବର ପ୍ରକାଶ ପାଇଛି। ଭାରତର ଅନେକ ସହର ବୁଲି ସେ ନିଜର ଅଭିଜ୍ଞତା ଶେୟାର କରିଥିବାବେଳେ ବାରାଣସୀ ସମ୍ପର୍କରେ ସେ ଉଦ୍ଦେଶ୍ୟମୂଳକ ଭାବେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଯଦି ଏହା ଲୋକଙ୍କ ମନରେ ଆଘାତ ଦେଇଛି ତା' ପାଇଁ ସେ ଦୁଃଖିତ ବୋଲ ଭିଡିଓରେ କହିଛନ୍ତି।

## ନିଶାଦ୍ରବ୍ୟ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କରା ନ ଯାଉ: କେନ୍ଦ୍ର

**ନୂଆଦିଲ୍ଲୀ,୧।୧୨:**ଏଫ୍‌ଏମ୍ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ମଦ, ଡ୍ରଗ୍ସ ଏବଂ ଗନ୍ କଲଚର ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ ନ କରିବାକୁ ଗୁରୁବାର କେନ୍ଦ୍ରୀୟ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରେଡିଓ ଚ୍ୟାନେଲକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ ଗ୍ରାଣ୍ଟ ଅଫ୍ ପର୍ମିସନ୍ ଏଗ୍ରିମେଣ୍ଟ (ଜିଓପିଏ) ଏବଂ ମାଇଗ୍ରେଶନ୍ ଗ୍ରାଣ୍ଟ ଅଫ୍ ପରମିସନ୍ ଏଗ୍ରିମେଣ୍ଟ (ଏମ୍‌ଜିଓପିଏ)କୁ ଭଲଭାବେ ଅନୁଧ୍ୟାନ କରି ବିଜ୍ଞାପନ ପ୍ରସାରଣ କରିବା ଆବଶ୍ୟକ। କେତେକ ଏଫ୍‌ଏମ୍ ରେଡିଓ ଚ୍ୟାନେଲ ମଦ ଓ ଡ୍ରଗ୍ସ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କଲାଭଳି ଗୀତ ବ୍ୟବହାର କରୁଥିବା ଘଟଣା ସାମ୍ନାକୁ ଆସିବା ପରେ ସରକାରଙ୍କ ପକ୍ଷରୁ ଏ ପ୍ରକାର ନିର୍ଦ୍ଦେଶ ଜାରି କରାଯାଇଛି। ଏପ୍ରକାର ବିଜ୍ଞାପନ ପ୍ରସାରଣ ଦ୍ୱାରା ଶ୍ରୋତା ପ୍ରଭାବିତ ହେବାର ଆଶଙ୍କା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଯିଶୁ କହିଥିଲେ ଉଡ଼ନ୍ତା ବିମାନର ଡୋର୍ ଖୋଲିବାକୁ

ୱାଶିଂଟନ



୩୭,୦୦୦ ଫୁଟ୍ ଉଚ୍ଚରେ ଉଡ଼ାଣ କରୁଥିବା ଏକ ବିମାନର ଜଣେ ମହିଳା ଯାତ୍ରୀଙ୍କ କାରନାମା ଏବେ ଚର୍ଚ୍ଚାରେ। ଶନିବାର ଆମେରିକାର ହ୍ୟୁଷ୍ଟନରୁ କଲମ୍ବସ ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନର ସାଇଡ୍ ଡୋର୍‌କୁ ୩୪ ବର୍ଷୀୟା ଏଲୋମ୍ ଅଗବେଗନିନୋଭ ଖୋଲୁଥିଲେ। ଡୋର୍‌ରେ ବାରମ୍ବାର ନିଜ ମୁଣ୍ଡ ବାଡ଼େଇ ସେ ବାହାରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏଲୋମ୍‌ଙ୍କୁ ଜଣେ ଯାତ୍ରୀ ଅଟକାଇବାରୁ ସେ ତାଙ୍କୁ କାମୁଡ଼ିଦେଇଥିଲେ। ଏହାକୁ ନେଇ ଅନ୍ୟ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଫଳରେ ପାଇଲଟ୍ ବାଧହୋଇ ବିଲ୍ ଆଣ୍ଡ ହିଲାରି କ୍ଲିଣ୍ଟନ ନ୍ୟାଶନାଲ ଏୟାରପୋର୍ଟରେ ବିମାନର ଜରୁରୀ ଅବତରଣ କରାଇଥିଲେ। ଏଥିପାଇଁ ମହିଳାଙ୍କୁ ଗିରଫ କରାଯାଇଥିଲା। ଆମେରିକାର ଆର୍କାନ୍‌ସାସ୍ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟରେ ହାଜର ବେଳେ ଉଡ଼ନ୍ତା ବିମାନରେ ଏପରି କାହିଁକି କରୁଥିଲେ ବୋଲି ବିଚାରପତି ତାଙ୍କୁ ପ୍ରଶ୍ନ କରିଥିଲେ। ଏଲୋମ୍ କହିଥିଲେ, ବହୁ ଦିନ ଧରି ସେ ବିମାନ ଯାତ୍ରା କରି ନ ଥିଲେ। ଯିଶୁଖ୍ରୀଷ୍ଟ ତାଙ୍କୁ ଓହିଓ ଯିବାଥ ପାଇଁ କହିଥିଲେ। ଯିଶୁ ହିଁ ଯାତ୍ରା ମଝିରେ ପ୍ଲେନ୍‌ର ଡୋର୍ ଖୋଲିବାକୁ ପରାମର୍ଶ ଦେଇଥିଲେ।

# ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଖବରଦାତାଙ୍କ ଅଜବ ପ୍ରଶ୍ନ

**ୱେଲିଂଟନ୍:** ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ (୩୭) ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡ ଗସ୍ତ କରି ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ(୪୨)ଙ୍କୁ ଭେଟିଛନ୍ତି। ଏ ଅବସରରେ ନ୍ୟୁଜିଲାଣ୍ଡରେ ଜାସିଣ୍ଡା ଆର୍ଡେନ ଏକ ମିଳିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ଜଣେ ଖବରଦାତାଙ୍କ ପ୍ରଶ୍ନକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଜାତୀୟ ଗଣମାଧ୍ୟମର ଜଣେ ରିପୋର୍ଟର ଜାସିଣ୍ଡାଙ୍କୁ ପ୍ରଶ୍ନ କରିଥିଲେ ଯେ, ସମବୟସ୍କା ହୋଇଥିବାଯୋଗୁ ଆପଣମାନଙ୍କ ଭିତରେ ବହୁତଗୁଡ଼ିଏ ସାମଞ୍ଜସ୍ୟ ରହିଛି। ସେଥିଲାଗି ଆପଣ ଦୁହେଁ ଏକାଠି ହୋଇଛନ୍ତି? ଏହାର ଉତ୍ତରରେ ଜେସିଣ୍ଡା କହିଛନ୍ତି, ରାଜନୀତିରେ ମହିଳାଙ୍କ ତୁଳନାରେ ଅଧିକ ସଂଖ୍ୟାରେ ପୁରୁଷ ସକ୍ରିୟ। ଦୁଇଜଣ ମହିଳା କେବଳ



ନିଜର ଲିଙ୍ଗଗତ କାରଣରୁ ପରସ୍ପରକୁ ସାକ୍ଷାତ କରନ୍ତି ନାହିଁ। ଏହାପରେ ଜାସିଣ୍ଡା ଖବରଦାତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଯେତେବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜନ୍ କିଙ୍କ ସାକ୍ଷାତ ହୋଇଥିଲା ସେତେବେଳେ କୌଣସି ବ୍ୟକ୍ତି ତାଙ୍କୁ ଏ ପ୍ରକାର ପ୍ରଶ୍ନ କରିଥିଲେ କି? କାରଣ ସେ ସମରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୟସ ପାଖାପାଖି ସମାନ ଥିଲା। ନ୍ୟୁଜିଲାଣ୍ଡ ଓ ଫିନଲାଣ୍ଡ ମଧ୍ୟରେ ବାଣିଜ୍ୟଭିତ୍ତିକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବାବେଳେ ବୈଶ୍ୱିକ ସଙ୍କଟ ଜଳବାୟୁ ପରିବର୍ତ୍ତନ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା ହୋଇଥିବା ଜେସିଣ୍ଡା କହିଛନ୍ତି।

ଏହି ଖବରଦାତା ସମ୍ମିଳନୀର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଜେସିଣ୍ଡା ୨୦୧୭ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବାବେଳେ ୨୦୧୯ରେ ସନ୍ନା ମାରିନ ଫିନଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ବିଶ୍ୱର ପାଖାପାଖି ୧୩ ରାଷ୍ଟ୍ରରେ ମହିଳା ରାଷ୍ଟ୍ରମୁଖ୍ୟ ରହିଛନ୍ତି। ୧୯୯୭ରେ ନ୍ୟୁଜିଲାଣ୍ଡ ନିଜର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କୁ ପାଇଥିବାବେଳେ ୨୦୦୦ରେ ଫିନଲାଣ୍ଡ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ ଜଣେ ମହିଳା।

# ମହିଳା ଖଣ୍ଡପୀଠରେ ବୈବାହିକ ମାମଲା

ନୂଆଦିଲ୍ଲୀ,୧।୧୨

୪ ବର୍ଷର ବ୍ୟବଧାନ ପରେ ସୁପ୍ରିମକୋର୍ଟ ଏକ ଖଣ୍ଡପୀଠ ଗଠନ କରିଛନ୍ତି, ଯେଉଁଠି ୨ ଜଣ ମହିଳା ବିଚାରପତି ବୈବାହିକ ବିବାଦ ଓ ଜାମିନ ପ୍ରସଙ୍ଗରେ ସ୍ଥାନାନ୍ତର ଆବେଦନର ଶୁଣାଣି କରିବେ। ୨ ମହିଳା ବିଚାରପତି ହେଲେ ଜଷ୍ଟିସ୍ ହିମା କୋହଲି ଏବଂ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ। ମହିଳା ବିଚାରପତି ଦ୍ୱୟଙ୍କ ଖଣ୍ଡପୀଠ ଗୁରୁବାର ସର୍ବୋଚ୍ଚ ଅଦାଲତଙ୍କ କୋର୍ଟ ନଂ.୧୧ରେ ଶୁଣାଣି କରିଥିଲେ। ପୂର୍ବରୁ ତାଲିକାଭୁକ୍ତ ହୋଇଥିବା ୩୨ଟି ମାମଲା ହାତକୁ ନେଇଥିଲେ। ତହିଁରୁ ବୈବାହିକ ବିବାଦ ଓ ଜାମିନ ସମ୍ପର୍କିତ ୧୦ଟି ଲେଖାଏ ଟ୍ରାନ୍ସଫର ପିଟିଶନର ଶୁଣାଣି ହୋଇଛି। ସୁପ୍ରିମକୋର୍ଟରେ ଏହା ହେଉଛି

**ସୁପ୍ରିମକୋର୍ଟ ଇତିହାସରେ ତୃତୀୟ**

ଏହି ଧରଣର ତୃତୀୟ ଖଣ୍ଡପୀଠ। ପୂର୍ବରୁ ୨୦୧୩ରେ ଜଷ୍ଟିସ୍ ଜ୍ଞାନସୁଧା ମିଶ୍ରା ଓ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଏବଂ ୨୦୧୮ରେ ଜଷ୍ଟିସ୍ ଆର୍. ଭାନୁମତି ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ କେବଳ ମହିଳାଙ୍କ ଖଣ୍ଡପୀଠ ଗଠିତ ହୋଇଥିଲା। ସୁପ୍ରିମକୋର୍ଟରେ ପ୍ରଥମ ୩୯ ବର୍ଷ ଧରି କୌଣସି ମହିଳା ବିଚାରପତି ନ ଥିଲେ। ୧୯୮୯ରେ ଜଷ୍ଟିସ୍ ଫାତିମା ବିବି ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିଲେ। ସେହିପରି ଗତ ୭୨ ବର୍ଷର ଇତିହାସରେ ସର୍ବୋଚ୍ଚ ଅଦାଲତରେ ମାତ୍ର ୧୧ ମହିଳା ବିଚାରପତି ନିଯୁକ୍ତ ହୋଇଛନ୍ତି। ୧୯୫୦ରେ ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବା ପରଠାରୁ ଅଦ୍ୟାବଧି କେବେହେଲେ ଏକକାଳୀନ ୪ରୁ ଊର୍ଦ୍ଧ୍ୱ ମହିଳା ବିଚାରପତି ରହିନାହାନ୍ତି। ବର୍ତ୍ତମାନ ଜଷ୍ଟିସ୍ କୋହଲି, ଜଷ୍ଟିସ୍ ତ୍ରିବେଦୀ ଏବଂ ଜଷ୍ଟିସ୍ ବି.ଭି. ନାଗରତ୍ନ ମହିଳା ବିଚାରପତି ଅଛନ୍ତି। ଜଷ୍ଟିସ୍ ନାଗରତ୍ନ ୨୦୨୭ରେ ଦେଶର ପ୍ରଥମ ମହିଳା ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିପାରନ୍ତି। ସୁପ୍ରିମକୋର୍ଟର ମୋଟ ବିଚାରପତିଙ୍କ ସଂଖ୍ୟା ୩୪ ରହିବା ସ୍ଥାନରେ ବର୍ତ୍ତମାନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ମିଶାଇ ମାତ୍ର ୨୭ ଜଣ ଅଛନ୍ତି।



ଜଷ୍ଟିସ୍ ହିମା କୋହଲି



ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ

# ଜିତିବା ପର୍ଯ୍ୟନ୍ତ ନିର୍ବାଚନ ଲଢୁଥିବି

ଗାନ୍ଧିନଗର,୧।୧୨

ଗୁଜରାଟ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଶେଷ ହୋଇଛି। ବହୁ ରାଜନୈତିକ ଦଳ ରାଜ୍ୟ ଶାସନ କ୍ଷମତା ହାତେଇବାକୁ ଆଶାବାନ୍ଧି ବସିଛନ୍ତି। ଏପରିସ୍ଥିତିରେ ଗୁଜରାଟ ସବରକନ୍ଥା ଜିଲା ହିମତନଗର ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା ମଗନଭାଇ ସୋଲାଙ୍କି (୫୭)ଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ମଗନଭାଇ ନିଜ ୨.୫ ଫୁଟ୍‌ର ଦୀର୍ଘକାୟ ନିଶ ପାଇଁ ବେଶ୍ ଚର୍ଚ୍ଚିତ। ୨୦୧୭ରୁ ନିର୍ବାଚନ ଲଢ଼ିବା ଆରମ୍ଭ କରିଥିବା ମଗନଭାଇ କୌଣସି ଇଲେକ୍ସନ ଜିତି ନାହାନ୍ତି। ତାଙ୍କୁ ନିର୍ବାଚନ ଲଢ଼ିବା ପସନ୍ଦ ବୋଲି ସେ କୁହନ୍ତି। ଶେଷଥର ହିମତନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ବିଧାୟକ ଥିବାବେଳେ ମଗନଭାଇ ଏହି ଆସନରୁ ଇଲେକ୍ସନ ଲଢୁଛନ୍ତି।



ମଗନଭାଇ ସୋଲାଙ୍କି

୫ରେ ହେବାକୁ ଥିବା ଗୁଜରାଟ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଅବସରରେ ହିମତନଗରରେ ମତଦାନ କରାଯିବ।

ଆର୍ମିରେ ଲ୍ୟୁଟନାଣ୍ଟ ଭାବେ କାର୍ଯ୍ୟ କରୁଥିବା ମଗନଭାଇ ୨୦୧୨ରେ ଅବସର ନେଇଥିଲେ। ପ୍ରଥମଥର ପାଇଁ ବହୁଜନ ସମାଜ ପାର୍ଟି ତରଫରୁ ସେ ୨୦୧୭ରେ ହିମତନଗର ଆସନରୁ ନିର୍ବାଚନ ଲଢ଼ିଥିଲେ। ଏହାପରେ ୨୦୧୯ ଲୋକ ସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେଲେ। ନିର୍ବାଚନ ପ୍ରଚାରରେ ଗଲାବେଳେ ଲୋକେ ତାଙ୍କ ନିଶକୁ ଦେଖିବା ପାଇଁ ଗହଳି ଜମାନ୍ତି। ଛୋଟ ପିଲାଙ୍କଠୁ ଆରମ୍ଭ କରି ଯୁବପିଢ଼ି ସମସ୍ତେ ତାଙ୍କ ନିଶକୁ ଦେଖି ଆକୃଷ୍ଟ ହେଉଥିବା ମଗନଭାଇ କୁହନ୍ତି। ଦୀର୍ଘକାୟ ନିଶ ବଢ଼ାଇବାର ନୁସ୍‌କା ମଧ୍ୟ କେହି କେହି ତାଙ୍କଠାରୁ ପଚାରି ବୁଝନ୍ତି। ନିଶର ଯତ୍ନ ପାଇଁ ଚାକିରି ସମୟରେ ସରକାର ତାଙ୍କୁ ଆର୍ଥିକ ସହାୟତା ଯୋଗାଉଥିବାବେଳେ ଉଚ୍ଚାଧିକାରୀ ମଧ୍ୟ ତାଙ୍କ ନିଶକୁ ନେଇ ବହୁ ପ୍ରଶଂସା କରନ୍ତି। ଚଳିତବର୍ଷ ସେ ନିର୍ବାଚନ ଜିତିଲେ ନିଶ ରଖିବା ଲାଗି ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ ଆଇନ ପ୍ରଣୟନ କରିବା ଲାଗି ସରକାର ନିକଟରେ ଦାବି କରିବେ। ଅନ୍ୟପକ୍ଷେ ରିଟାଏଡ୍ ସେନା ଅଧିକାରୀଙ୍କ ଅସୁବିଧା ପୂରଣ ସମ୍ପର୍କରେ ବିଧାନସଭାରେ ଦାବି ଉପସ୍ଥାପନ କରିବା କଥା ସେ କହିଛନ୍ତି। ଯେ ପର୍ଯ୍ୟନ୍ତ ନିର୍ବାଚନ ଜିତି ନାହାନ୍ତି ସେ ପର୍ଯ୍ୟନ୍ତ ମଗନଭାଇ ନିର୍ବାଚନ ଲଢୁଥିବେ ବୋଲି କହିଛନ୍ତି। ପ୍ରଥମଥର ତାଙ୍କୁ ୧୦୦୦ ଭୋଟ ମିଳିଥିବାବେଳେ ଲୋକ ସଭା ନିର୍ବାଚନରେ ୨୫୦୦ ସମର୍ଥକ ତାଙ୍କୁ ଭୋଟ ଦେଇଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ଆହୁରି ଅଧିକ ଭୋଟ ମିଳିବ ବୋଲି ସେ ଆଶାୟୀ। ଏହି ବିଧାନସଭା ଆସନରୁ ଭାଜପା ଦଳୀୟ ପ୍ରାର୍ଥୀ ବିରେନ୍ଦ୍ରସିନ ଜାଲା, କଂଗ୍ରେସର କମଲେଶଭାଇ ପଟେଲ ଏବଂ ଏଏପି ପକ୍ଷରୁ ନିର୍ମଳସିନ ପରମାଲ ଚଳିତବର୍ଷ ବିଧାନସଭା ନିର୍ବାଚନ ଲଢୁଛନ୍ତି।

# ଅଶ୍ଳୀଳ ଭିଡିଓ ଭାଇରାଲ ପରେ ଜଜ୍ ନିଲମ୍ବିତ

ନୂଆଦିଲ୍ଲୀ,୧।୧୨

ଦିଲ୍ଲୀର ରାଉଜ ଏଭେନ୍ୟୁ ଆଡିଶନାଲ ସେସନ୍ସ ଜଜ୍‌ଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେବାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ଏହି ଭିଡିଓକୁ ହଟାଯିବା ଲାଗି ଦିଲ୍ଲୀ ହାଇକୋର୍ଟ ଜଜ୍ ଯଶୋବନ୍ତ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ବିଚାରପତି ଯଶୋବନ୍ତଙ୍କ ଜଣିକିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଭିଡିଓର ବହୁଳ ପ୍ରସାର ଫଳରେ ଆବେଦନକାରୀଙ୍କ ବ୍ୟକ୍ତିଗତ ଅଧିକାର କ୍ଷୁର୍ଣ୍ଣ ଆଶଙ୍କା ରହିଛି। ଜଜ୍ ନିଜ ଚାମ୍ବରରେ ଜଣେ ମହିଳା ସହକର୍ମୀଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଥିବା ମହିଳା ସାମାଜିକ ଗଣମାଧ୍ୟମରେ ଭିଡିଓର ପ୍ରସାରଣ ରୋକିବା ପାଇଁ

**ଭିଡିଓର ବହୁଳ ପ୍ରସାର ଫଳରେ ବ୍ୟକ୍ତିଗତ ଅଧିକାର କ୍ଷୁଣ୍ଣ ହେବା ଆଶଙ୍କା: ହାଇକୋର୍ଟ**

କୋର୍ଟରେ ଆବେଦନ କରିଥିଲେ। ଜଜ୍‌ଙ୍କ କାର୍ଯ୍ୟାଳୟରେ ଲାଗିଥିବା କ୍ୟାମେରାରେ ଭିଡିଓ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ୯ ତାରିଖରେ ସ୍ୱତନ୍ତ୍ର ଚାମ୍ବରରେ ଏ ମାମଲାର ଆସନ୍ତା ଶୁଣାଣି କରାଯିବ। ଏ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ବେଳେ ମହିଳାଙ୍କ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି।

# ଜି୨୦ ଅଧ୍ୟକ୍ଷତାରେ ୟୁକ୍ରେନ୍ ଯୁଦ୍ଧ ବାଧକ

ନୂଆଦିଲ୍ଲୀ,୧।୧୨

ଭାରତ ଗୁରୁବାର ଜି୨୦ ଅଧ୍ୟକ୍ଷତା ଆନୁଷ୍ଠାନିକ ଭାବେ ଗ୍ରହଣ କରିଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ ସୃଷ୍ଟ ସଙ୍କଟ ଏହି ରାଷ୍ଟ୍ର ସମୂହର ଅଧ୍ୟକ୍ଷତା କ୍ଷେତ୍ରରେ ବାଧକ ସାଜିପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କେତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏକ ସମ୍ପାଦକୀୟରେ କହିଛନ୍ତି, ଯେତେବେଳେ ଦେଶଗୁଡ଼ିକ ଭୂଖଣ୍ଡ ଓ ସମ୍ବଳକୁ ନେଇ ଲଢ଼େଇ କରିଥାଆନ୍ତି, ସେତେବେଳେ ସାରା ବିଶ୍ୱ ଏକ ଭିନ୍ନ ମାନସିକତାରେ ଫସିଯାଇଥାଏ। ଏଭଳି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ରାଜନୈତିକ ପରିଧି ମଧ୍ୟରୁ ମୁକ୍ତ କରାଯିବ। ଜି୨୦ ସହଯୋଗୀମାନଙ୍କ




**ସଙ୍କେତ ଦେଲେ ମୋଦି**

ସହ ପରାମର୍ଶକୁ ପ୍ରାଥମିକତା ଦିଆଯିବା ସହିତ ବଞ୍ଚିତ ବର୍ଗର ଲୋକଙ୍କ ସ୍ୱରକୁ ଶୁଣାଯିବ। ଚଳିତ ବର୍ଷର ଜି୨୦ ଅଧ୍ୟକ୍ଷତା ସମାବେଶୀ, ମହତ୍ତ୍ୱାକାଂକ୍ଷୀ ଓ ନିର୍ଣ୍ଣାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ନୂଆଦିଲ୍ଲୀର କୂଟନୈତିକ ସନ୍ତୁଳନକୁ ଦର୍ଶାଉଛି। ପ୍ରକାଶ ଯେ, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଇଣ୍ଡୋନେସିଆର ବାଲିରେ ଜି୨୦ ନେତାଙ୍କ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲେ। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦%ରୁ ଊର୍ଦ୍ଧ୍ୱ ଜି୨୦ରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟାର ୬୦% ହେଉଛି ଜି୨୦ ରାଷ୍ଟ୍ର ସମୂହର।

## ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

'ବସୁଧୈବ କୁଟୁମ୍ବକମ୍' ବିଷୟବସ୍ତୁ ଉପରେ ଆଧାରିତ ଭାରତର ଜି୨୦ ଅଧ୍ୟକ୍ଷତା ସଫଳ ହେଉ ବୋଲି 'ଟିମ୍ ଇଣ୍ଡିଆ'କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତକୁ ଆସିବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ରାଷ୍ଟ୍ରପତି ମୁର୍ମୁ 'ଅତିଥି ଦେବୋ ଭବ' ପରମ୍ପରା ଅନୁସାରେ ସ୍ୱାଗତ ଜଣାଇଛନ୍ତି। ଜି୨୦ର ପରବର୍ତ୍ତୀ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଚାଲିବ। ଏହି ଅବସରରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ,



ଦ୍ରୌପଦୀ ମୁର୍ମୁ

ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରାଷ୍ଟ୍ରମୁଖ୍ୟ/ ପ୍ରତିନିଧିମାନେ ସାମିଲ ହେବେ।

# ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଗୁରୁବାର ଭାରତର ଜି -୨୦ ଅଧ୍ୟକ୍ଷତାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଦେଶର ପ୍ରତିଷ୍ଠା ଓ ଖ୍ୟାତିକୁ ଉପଯୁକ୍ତ ଭାବେ ପ୍ରଦର୍ଶନ କରିବା ଆମ ଦାୟିତ୍ୱ। ଦେଶର ୫୬ ସ୍ଥାନରେ ଏହି ବୈଠକ ଆୟୋଜିତ ହେବ। ପ୍ରତ୍ୟେକ ରାଜ୍ୟ ସରକାର, କେନ୍ଦ୍ର ଶାସିତ ଅଞ୍ଚଳ ତଥା ନାଗରିକ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅଂଶୀଦାର ବୋଲି ଏଥିରେ ନିଶ୍ଚିତ ହେବ। ଭାରତରେ ଯେତିକି ବିବିଧତା ରହିଛି ସେତିକି ସ୍ୱତନ୍ତ୍ରତା ରହିଛି। ଦେଶର ସର୍ବୋତ୍ତମ ପରମ୍ପରା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ଆମ ଦାୟିତ୍ୱ ବୋଲି ବିଶ୍ୱବିଦ୍ୟାଳୟ କନେକ୍ଟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମିଶ୍ର କହିଛନ୍ତି। ମିଶ୍ର ଆହୁରି କହିଛନ୍ତି, ସର୍ବବୃହତ୍ ବହୁପକ୍ଷୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଭାରତ ଗୌରବମୟ ସୁଯୋଗ ପାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଇତିହାସ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ, କଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ପରମ୍ପରା ବିଷୟରେ ତାଲିମ ଦେଇ ପାରିବେ। ଏପରି କି ବିଦ୍ୟାର୍ଥୀମାନେ ବୈଠକ ଆୟୋଜନ ତଥା ବିଦେଶୀ ପ୍ରତିନିଧିଙ୍କୁ ମାର୍ଗଦର୍ଶନ କରିବାରେ ଏକ ଅଂଶ ହୋଇପାରିବେ। ଗୁରୁତ୍ୱପୂର୍ଣ୍ଣ ଐତିହାସିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସ୍ଥାନ ବ୍ୟତୀତ ପ୍ରକୃତି, ପଦଯାତ୍ରା, ଗ୍ରାମ୍ୟ ପରିଦର୍ଶନ, ସାପ୍ତାହିକ ତଥା ସ୍ଥାନୀୟ ବଜାର ପରିଦର୍ଶନ ଭଳି ଗଭୀର ଅନୁଭୂତି ହୋଇପାରେ। ବିଶ୍ୱବିଦ୍ୟାଳୟଗୁଡ଼ିକ ମେଧାବୀ ପିଲାଙ୍କୁ ଚୟନ କରି ଅଧିବେଶନରେ ଯୋଗାଯୋଗ ପାଇଁ ତାଲିମ ଦେଇପାରିବେ।



ପି. କେ. ମିଶ୍ର

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜାମଟିକ୍ରା,(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୋତିଲାଲ ବନଛୋରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଛି। ବିଡିଓ ପ୍ରମୋଦ ମେହେର ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏବିଡିଓ ଗିରିନ୍ଦ୍ର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ସଂଯମତା ଅବଲମ୍ବନ କଲେ ଏଡ୍‌ସ ହ୍ରାସ ପାଇବ

ସୋନପୁର,୧।୧୨(ନି.ପ୍ର.)



ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସଚେତନତା ରାଲିର ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଆଇନ ସେବା ପ୍ରାଧିକରଣ ପକ୍ଷରୁ ମିଳିତ ଭାବରେ ଜିଲା ସଂସ୍କୃତି ଭବନ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ କୁମୁଦିନୀ ମୁଦୁଲି, ସମ୍ମାନିତ ଅତିଥି ଭାବେ ଏଡିଏମଓ ପରିବାର କଲ୍ୟାଣ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ ଅଦାବର, ଏଡିପିଏଚଓ ରୋଗ ନିୟନ୍ତ୍ରଣ ରମେଶ ଚନ୍ଦ୍ର ସ୍ୱାଇଁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ମଞ୍ଚାସୀନ ଥିଲେ। 'ରୋଗୀକୁ ନୁହେଁ ରୋଗକୁ ଘୃଣା କରିବା' ମାନସିକ, ଶାରୀରିକ, ସାମାଜିକ, ଆଧାତ୍ମିକ ଓ ମନୋବୈଜ୍ଞାନିକ ଅବସ୍ଥାକୁ ବିଚାର କରି ସଂଯମତା ଅବଲମ୍ବନ ପୂର୍ବକ ସଙ୍କଳ୍ପ ନେଇ କାର୍ଯ୍ୟ କରିବା ଉପରେ ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ସମସ୍ତେ ନୈତିକତାର ସହ ସମଭାବପନ୍ନ ଚିନ୍ତା ପୋଷଣ ପୂର୍ବକ କାର୍ଯ୍ୟ କଲେ ଏହି ରୋଗକୁ ସମାଜରୁ ହ୍ରାସ କରିବା ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଡା. ପତି ଉପସ୍ଥିତ ସମସ୍ତଙ୍କୁ ଏଡ୍‌ସ ବିରୋଧରେ ସାମୁହିକ ସଂଗ୍ରାମ କରିବାକୁ ଶପଥ ପାଠ କରାଇଥିଲେ। ଏଡ୍‌ସ ଦିବସ ପାଳନ ଅବସରରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୋନପୁର ମହାବିଦ୍ୟାଳୟ, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସରକାରୀ ନର୍ସିଂ ସ୍କୁଲ, ବିଜୁ ପଟ୍ଟନାୟକ ନର୍ସିଂ ସ୍କୁଲ, ସୋନପୁର ନର୍ସିଂ ସ୍କୁଲ, ସୋନପୁର କଲେଜ ଅଫ ନର୍ସିଂର ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କ୍ଷୀରୋଦ ବିହାରୀ ବିଶ୍ୱାଳ। ସହ ପରିଚାଳିକା ଅଣସଂକ୍ରମକ ରୋଗ ଗୀତାଞ୍ଜଳି ମେହେରଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ଓ ନର୍ସିଂ ସ୍କୁଲର ଛାତ୍ରୀଙ୍କ ଦ୍ୱାରା ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ସକାଳେ ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏଡ୍‌ସ ସଚେତନତା ନିମନ୍ତେ ଆୟୋଜିତ ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପତି ଓ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମୁଦୁଲି ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଜିଲା ସମନ୍ୱିତ ପରାମର୍ଶଦାତା ସୁଦାମ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ପ୍ରଦ୍ୟୁମ୍ନ ସାହୁ, ପ୍ରମୋଦ କୁମାର ସାହୁ ତଥା ଡିଏଲଏସଏର କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା ରାଲି


ରାଲିରେ ସାମିଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବାଉଁଶୁଣୀ,୧।୧୨(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ମା' ମାହେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟ ତରଫରୁ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସଂଯମ ଓ ସଚେତନତା ଦ୍ୱାରା ହିଁ ଏଡ୍‌ସ ଉପରେ ବିଜୟ ଲାଭ କରିହେବ ବାର୍ତ୍ତା ନେଇ ଛାତ୍ରୀଛାତ୍ରମାନେ ପ୍ରଚାର ପତ୍ର ବଣ୍ଟନ ପୂର୍ବକ ଏକ ବିରାଟ ଶୋଭାଯାତ୍ରାରେ ମହାବିଦ୍ୟାଳୟରୁ ବାହାରି ବାଉଁଶୁଣୀ ଛକ ଓ ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ, ଅଧ୍ୟାପକ ଶଶିକାନ୍ତ ଜେନା, ଡ଼ ମନୋରଞ୍ଜନ ଘଡେଇ, ଡ. ପ୍ରଶାନ୍ତ ମଲ୍ଲିକ, ଅଧ୍ୟାପିକା ସ୍ୱାଗତିକା ଲେଙ୍କା, ଦୀପାଞ୍ଜଳି ସାହୁ, ମମତା ଦେଗି ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବାବାରାମ ଦେହୁରୀଙ୍କ ନେତୃତ୍ୱରେ ଯୁବ ରେଡକ୍ରସ, ରେଡ ରିବନ କ୍ଲବ ଓ ଜାତୀୟ ସେବା ଯୋଜନା ଶାଖା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଉଁଶୁଣୀ ମା' ମାହେଶ୍ୱରୀ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମଧ ବିଶ ଏଡ୍‌ସ ଦିବସ ଉପଲକ୍ଷେ ଏକ ସଚେତନତା ରାଲି ହୋଇଥିଲା। ଏହି ରାଲିରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ଦେବଞ୍ଜନ ବେହେରା, ପ୍ରକାଶ ଚନ୍ଦ୍ର ମହାକୁଡ,ମକର ମହାରଣାଙ୍କ ସହ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

# ଏଡ୍‌ସ ଦିବସରେ ସଚେତନତା ରାଲି

ଝାରବନ୍ଧ/ ସୋହେଲା, ୧।୧୨(ଡି.ଏନ.ଏ.)



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍, ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ ତରଫରୁ ଗୁରୁବାର ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଇଂରାଜୀ ବିଭାଗ ମୁଖ୍ୟ ଗଗନ ବିହାରୀ ଡନଶନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଝାରବନ୍ଧ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ସୁନୀଲ କୁମାର ନାଗ ମୁଖ୍ୟ ଅତିଥି, ରାଜନୀତି ବିଭାଗ ମୁଖ୍ୟ ସାର୍ତିକ ସାହୁ ମୁଖ୍ୟ ବକ୍ତା, ଡଃ ରଶ୍ମି ରଞ୍ଜନ ମହାନ୍ତି ଓ ନବୀନ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ୍‌ସର ନିରାକରଣ ଓ ସଚେତନତା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସୁଶ୍ରୀ ଯାଜ୍ଞସେନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ସୁଶ୍ରୀ ରୀତାଞ୍ଜଳି ଗୁରୁ, ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ ଅଧିକାରୀ ତାପସ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପଞ୍ଚାୟତ ସମିତି ଜୁନିୟର ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏଡ୍‌ସ ରୋଗର କାରଣ ଓ ନିରାକରଣ ଉପରେ ବୁଝାଇଥିଲେ। କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଚ୍‌ଆଇଭି ଏଡ୍‌ସ ସଚେତନତା ଶୋଭାଯାତ୍ରା ହୋଇଥିଲା। ମେଘନାଦ ସୁନା, ଉମେଶ ସାହୁ, ସରିତା ମିଶ୍ର, ହେମଲତା ଚାକ, ସୁରେଶ୍ୱରୀ ପାଣ୍ଡେ, ସଙ୍ଗୀତା ବରିହା, ଛତ୍ରପାଲ ଗିରି, ହୃଷୀକେଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଗୀତ ପ୍ରତିଯୋଗିତା କରି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**ସୋହେଲା(ଡି.ଏନ.ଏ.):** ବରଗଡ ଜିଲା ସୋହେଲା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ଅଧ୍ୟାପକ ଉପେନ୍ଦ୍ର ମହାପାତ୍ର ଓ ଅଧ୍ୟାପକ ଶଶିକାନ୍ତ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଆର୍ତ୍ତତ୍ରାଣ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ୟୁଥ୍ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବର ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅଧ୍ୟାପକ ପ୍ରତାପ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏଡ୍‌ସ ଦିବସରେ ସଚେତନତା ଶୋଭାଯାତ୍ରା

ଅମରପାଲି,୧।୧୨(ଡି.ଏନ.ଏ.)



ସୁବଳୟାରେ ଏଡ୍‌ସ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଏହି ଅବସରରେ କଲେଜର ରେଡ ରିବନ କ୍ଲବର ସମସ୍ତ ସ୍ୱେଚ୍ଛାସେବୀ ଏଡ୍‌ସ ନିରାକରଣ ଓ ସଚେତନତା ପାଇଁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ହାତରେ ପ୍ଲା-କାର୍ଡ ଧରି ଏଡ୍‌ସ ନିରାକରଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସ ତରଫରୁ ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ଭୋଳାନାଥ କର୍ମୀ ପୌରୋହିତ୍ୟ କରିଥିଲେ। ଏଥିରେ ସୋନପୁର ଜିଲା ଚିକିତ୍ସାଳୟର ପ୍ରଦ୍ୟୁମ୍ନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଦେବାଶିଷ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁବ୍ରତ ପଣ୍ଡା, ବିଶ୍ୱମ୍ଭର ଗୁରୁ, ଅଧ୍ୟାପିକା ଅନୁସୟା ସିଂ ଓ ଦିଲୀପ କୁମାର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ଡିଗ୍ରୀ କଲେଜରେ ୱାଇଆରସି କାଉନସିଲର ଡ.ସୟଦ ତସିଫୁଲ ରହେମାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।ଏହି ଅବସରରେ ଅନୁଷ୍ଠିତ ସଭାରେ ସୁବଳୟା ଡିଗ୍ରୀ କଲେଜର ଅଧ୍ୟକ୍ଷ ବଳଦେବ ପୂଜାହାରୀ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ଶେଖର ପଧାନ,ପଦ୍ମନାଭ ମେହେର,ବୀଣାପାଣି ଦାଶ, ହଜାରୀ ମେହେର ଏଡ୍‌ସ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ରାଜେଶ ଦାଶ, ହୃଷୀକେଶ ନାଏକ ଓ ପୀତବାସ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ଅନୁଷ୍ଠିତ ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ କଲେଜର ଅଧ୍ୟକ୍ଷ ଶ୍ରୀକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସୁରକ୍ଷିତ ଓ ସୁସ୍ଥ ଜୀବନ ଯାପନ ପାଇଁ ସଚେତନତା ମୂଳମନ୍ତ୍ର ବୋଲି କହିଥିଲେ। ୱାଇଆରସି କାଉନସିଲର କିଶୋର ସାହୁ ଏଡ୍‌ସର କାରଣ ଓ ଭୟାବହତା ବିଷୟରେ କହିଥିଲେ। କଳାପଥର ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କଲେଜର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଭଙ୍ଗାମୁଣ୍ଡା ଓ ଜଗନ୍ନାଥପାଲି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇ ଥିଲେ।

## ସତର୍କତା ହିଁ ସୁରକ୍ଷିତ ସୂତ୍ର



ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏଡ୍‌ସ ସଚେତନତା ରାଲିକୁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି। (ଫଟୋ-ସୁନୀଲ)

# ବିଶ୍ୱ ଏଡସ ଦିବସ ପାଳିତ

ବୌଦ୍ଧ,୧।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗର ଆଇସିଟିସି ଓ ଡିଏସଆରସି ପକ୍ଷରୁ ଟାଉନହଲଠାରେ ବିଶ୍ୱ ଏଡ୍‌ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିପିଏଚଓ ଡା. ମଦନ ମୋହନ ପ୍ରଧାନ ଯୋଗଦେଇ ଆଜି ଦିନର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବରେ ଡା. ରାମଚନ୍ଦ୍ର ଦେଓ ହେମ୍ବ୍ରମ ଯୋଗଦେଇ ଏଡ୍‌ସ ଓ ଯକ୍ଷ୍ମା ଉପରେ ଆଲୋଚନା କରିଥିଲେ। ଡା. ସଂଘମିତ୍ରା ପଣ୍ଡା ଛୋଟ ପିଲାଙ୍କୁ ଏଚଆଇଭି ସଂକ୍ରମଣରୁ କିପରି ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରବିର କୁମାର ଦାସ ବୌଦ୍ଧ ଜିଲାର ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ଆଇସିଟିସିର ପରାମର୍ଶଦାତା ବନୋଜ କୁମାର ବେହେରା ଟୋଲ ଫ୍ରି ନମ୍ବର ୧୦୯୭କୁ କଲ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପୋଗ୍ରାମ ମ୍ୟାନେଜର ରୂପକ ମହାପାତ୍ର ଆଜିର ଯୁବ ସମାଜ କିପରି ପୀଡିତ ହେଉଛନ୍ତି ସେ ସଂପର୍କରେ ବୁଝାଇଥିଲେ । ଯୌନ ରୋଗ ପରାମର୍ଶଦାତା ପ୍ରମୋଦ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଡିକାଲି ଅଫିସର ଡା. ରଶ୍ମିତ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଗୀତାଞ୍ଜଳି ସାହୁ, ମୀନାକ୍ଷୀ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ମେଡିକାଲ ଠାରୁ ବାହାରି ସହର ପରିକ୍ରମା କରି ଟାଉନହଲ ଠାରେ ପହଞ୍ଚିଥିଲା ।ସେଠାରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଥିଲା।

# ୮୦ ବର୍ଷରେ ନାଟ୍ୟଭୂଷଣ ଜଗଦାନନ୍ଦ

ବଲାଙ୍ଗୀର ଅଫିସ, ୧।୧୨


ଜଗଦାନନ୍ଦ ଛୁରିଆଙ୍କୁ ଜନ୍ମଦିନ ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଯାଦବ ଭବନ ଠାରେ ଯଶସ୍ୱୀ କଳାକାର, ସୁସାହିତ୍ୟିକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସିନେ ଅଭିନେତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ୮୦ ତମ ଜନ୍ମଦିନ ପାଳନ କରାଯାଇଥିଲା। ପଞ୍ଚମ ଅନୁଷ୍ଠାନ ମୁଖ୍ୟ ମୁରଲିଧାରୀ ପତି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର ଏବଂ ପୂର୍ବତନ ଶିକ୍ଷକ ମୋହନ ଝାଙ୍କର ମିଳିତ ଭାବେ ଛୁରିଆଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। କବି ଅର୍ଜ୍ଜୁନ କୁମାର ସାହୁଙ୍କ ସଂଯୋଜନାକ୍ରମେ ଏବଂ ପ୍ରଶାନ୍ତ ମହାକୁରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାରେ ନାଟ୍ୟଭୂଷଣଙ୍କ ଦୀର୍ଘ ୮୦ ବର୍ଷର ଶିକ୍ଷକୀୟ, ସାଂସ୍କୃତିକ ଏବଂ କଳାକାର ଜୀବନର ବିଭିନ୍ନ ସୋପାନ ଉପରେ ଆଲୋଚକମାନେ ମତ ରଖିଥିଲେ। ସ୍ନେହବତ୍ସଳ, ଅମାୟିକ ଏବଂ ବାଗ୍ମୀ ଛୁରିଆଙ୍କ କଳାତ୍ମକ ଜୀବନ କିଭଳି ଶୈକ୍ଷିକ, ସାଂସ୍କୃତିକ ଏବଂ ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିଛି ବୋଲି ବକ୍ତାମାନେ କହିଥିଲେ। ବକ୍ତା ଭାବେ ମଞ୍ଚାସୀନ ଅତିଥିଙ୍କ ସହ ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ମିଶ୍ର, ମାହେଶ୍ୱରୀ ଅନୁଷ୍ଠାନ ଅଧ୍ୟକ୍ଷ ଅଙ୍କୁଶ କୁମାର ପାଣ୍ଡିଆ, ରାଜୀବ କୁମାର ଷଡଙ୍ଗୀ, ନିରୋଜ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଶଙ୍କର ପଟ୍ଟନାୟକ, ଶୁଭମ ଅଗ୍ରୱାଲ, ଖରତମଲ ରାଉତ, ଶମ୍ଭୁ ଶତପଥି, ଘାସିରାମ ଦୀପ ଉପସ୍ଥିତ ଥିଲେ। ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରରେ ଛୁରିଆଙ୍କ ଦୀର୍ଘ ଓ ନିରାମୟ ଜୀବନ ସକାଶେ ପୂଜାର୍ଚ୍ଚନା କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଇଥିଲା।

## ଜୟନ୍ତୀ ପାଳିତ, ସମ୍ବର୍ଦ୍ଧିତ ହେଲେ

# ମୁଖ୍ୟ ରାସ୍ତାରେ ବୋହୁଛି ନର୍ଦ୍ଦମାର ଦୁର୍ଗନ୍ଧ ପାଣି

ଲାଞ୍ଜିଗଡ଼,୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହରର ବେଦାନ୍ତ କାରଖାନାକୁ ଯିବା ଛକ ଯୁଗଳ କମ୍ପ୍ଲେକ୍ସ, ଥାନା ଓ ମେଡ଼ିକାଲ ଛକ ମୁଖ୍ୟ ରାସ୍ତା ଉପରେ ଡ୍ରେନ ପାଣି ବୋହି ସମସ୍ୟା ଦେଖାଦେଇଛି। ଉକ୍ତ ଛକ ରାସ୍ତାରେ ସବୁବେଳେ ଡ୍ରେନର ଦୁର୍ଗନ୍ଧ ପାଣି ବୋହୁଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏହି ରାସ୍ତା ଲାଞ୍ଜିଗଡ଼ ନୋଡାଲ ପ୍ରାଥମିକ ବିଦ୍ୟାଳୟ, ଡାକ୍ତରଖାନା, ଥାନା, ଲାଞ୍ଜିଗଡ଼ ହାଇସ୍କୁଲ, ବ୍ୟାଙ୍କ, ପୋଷ୍ଟ ଅଫିସକୁ ସଂଯୋଗ ହେଉଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶହଶହ ଲୋକ ଯିବାଆସିବା କରିଥାନ୍ତି। ବହୁ ସମୟରେ ଗାଡି ମୋଟର ଦ୍ୱାରା ଦୁର୍ଗନ୍ଧ ପାଣି ଛିଟିକି ଛାତ୍ରୀଛାତ୍ର ଉପରେ ପଡୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଲାଞ୍ଜିଗଡ଼ବାସୀ ଦାବି କରିଛନ୍ତି।

# କୁରାଲ ଦେବତାଙ୍କ ପୂଜା ସମାପିତ

କୋକସରା,୧।୧୨(ଡି.ଏନ.ଏ.)


ଅନୁଷ୍ଠିତ କୁରାଲ ପୂଜା।

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ଗ୍ରାମ ବଡ଼ରଣାପଡାରେ କୁମ୍ଭାର ସମ୍ପ୍ରଦାୟ ପକ୍ଷରୁ ଚାଲିଥିବା କୁରାଲ ଦେବଙ୍କ ପୂଜାର୍ଚ୍ଚନା ଗୁରୁବାର ସମାପନ ହୋଇଯାଇଛି। ଏହିକ୍ରମରେ ଗତ ରବିବାର ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମାର୍ଗଶିର କୃଷ୍ଣପକ୍ଷ ପଞ୍ଚମୀ ତିଥୀ ସୋମବାର ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପୂଜାକର୍ତ୍ତା ଭାବେ ପ୍ରେମଲାଲ ରଣା ଓ ମାଳତି ରଣା ଦାୟିତ୍ୱ ତୁଲାଇଥିଲେ। ପୂଜକ ଜନ୍ମେଜୟ ଦାସ କୁରାଲ ଦେବଙ୍କ ପୂଜାର୍ଚ୍ଚନା କରିଥିଲେ। କୁରାଲ ଦେବଙ୍କ ପୂଜାପାଠ ପାଇଁ ମାଝିଗୁଡାରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ୫ ଦିନ ଧରି ଚାଲିଥିବା ପୂଜାରେ ଗଣେଶ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଲକ୍ଷ୍ମୀ, ପାର୍ବତୀ, ସାବିତ୍ରୀ, ରତ୍ନେଶ୍ୱରୀ,ରୁଦ୍ରପାଲ ନିରାକାର ପ୍ରଭୁଙ୍କୁ ପୂଜା କରାଯାଇଥିଲା। ପୂଜା କମିଟି ପକ୍ଷରୁ ପ୍ରତିଦିନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବୁଧବାର ରାତିରେ ନାଟକ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ଧନୁର୍ଯ୍ୟ ରଣା, ସମ୍ପାଦକ ଭବିତ ରଣା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ରଣା, ଯଦୁମଣି ରଣା, ବିପିନ୍ଦ୍ର ରଣା, ପ୍ରତାପ ରଣା, ଘନଲାଲ ରଣା, ପ୍ରସନ୍ନ ରଣା, ବଷ୍ଟି ନାଏକ, ତୋଫାନ ରଣା, ଜଳେଶ୍ୱର ରଣାଙ୍କ ସମେତ ବଡ ରଣାପଡାର ଗ୍ରାମବାସୀ କୁରାଲ ପୂଜା କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧।୧୨:** ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ବ୍ରିଟାନିଆ କଲୋନୀରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଫିରୋଜ ଅନସାରୀ(୩୮)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦।୨୨) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ବୁଧବାର ରାତିରେ କୌଣସି କଥାକୁ ନେଇ ଫିରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ସେ ଘର ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଏକ ଲୁଙ୍ଗି ବାନ୍ଧି ଆତ୍ମହତ୍ୟା କରିଥିଲେ। ଗୁରୁବାର ସକାଳେ ପରିବାର ଲୋକେ ଏହା ଦେଖି ଫିରୋଜଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଓଭରବ୍ରିଜ୍ ତଳୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୧।୧୨:** ଏସ୍‌ଟିଆଇ ଓରଭବ୍ରିଜ୍ ତଳୁ ରଘୁନାଥପାଲି ପୋଲିସ ଜଣେ ଯୁବକଙ୍କୁ ମୃତଦେହକୁ ଗୁରୁବାର ଉଦ୍ଧାର କରିଛି। ମୃତ ଯୁବକଙ୍କ ବୟସ ପାଖାପାଖି ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ରଘୁନାଥପାଲି ପୋଲିସ ଏକ ମାମଲା (ନଂ.୧୪୧।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ପରିଚୟ ମିଳିନାହିଁ। ପୋଲିସ ମୃତଦେହକୁ ଆରଜିଏଚ୍‌ରେ ରଖିଥିବା ଜଣାପଡିଛି।

### ଦେଶୀ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୧।୧୨:** ଦେଶୀ ମଦ କାରବାର କରୁଥିବା ବେଳେ ରାଉରକେଲା ସେକ୍ଟର-୨୧ ନୟାବଜାର ସ୍ଥିତ ଏକ ବସ୍ତିରେ ପୋଲିସ ଗୁରୁବାର ଦିନ ସାଢେ ୧୨ଟାରେ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମାସି ଗୋପ(୩୪)। ତାଙ୍କଠାରୁ ୩୦ ଲିଟର ଦେଶୀ ମଦ ସହ ବିଭିନ୍ନ ମଦ ତିଆରି ସାମଗ୍ରୀ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୪୭୩।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

### ଚୋରି ଅଭିଯୋଗରେ ୨ ଗିରଫ

**ଦେବଗଡ଼, ୧।୧୨ (ଡି.ଏନ୍.ଏ.):** ଦେବଗଡ଼ ଥାନା ଅନ୍ତର୍ଗତ ରଜାମୁଣ୍ଡାସ୍ଥିତ ଜଣେ ବ୍ୟକ୍ତିଙ୍କ ଘରୁ କଂକ୍ରିଟ ବ୍ରେକର ମେସିନ ଚୋରି କରିଥିବା ଅଭିଯୋଗରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଗୁରୁବାର ୨ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ କୁଲଥକାନୀ ନିବାସୀ ଉଦିତଚନ୍ଦ୍ର ପାଟଯୋଷୀ ରଜାମୁଣ୍ଡାସ୍ଥିତ ତାଙ୍କର ନିର୍ମାଣାଧୀନ ଘରୁ ତାଲା ଭାଙ୍ଗି କଂକ୍ରିଟ ବ୍ରେକର ମେସିନ କେହି ଭାଙ୍ଗି ନେଇଥିବା ବୁଧବାର ଅଭିଯୋଗ କରିଥିଲେ। ଦେବଗଡ ଥାନା ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ରଜାମୁଣ୍ଡା ଚର୍ଚ୍ଚ ସାହିର ରୁଦ୍ର ସୁହୁଲା (୧୯) ଏବଂ ଘନଶ୍ୟାମ ନାଏକ (୩୨) ସାମିଲ ଥିବା ଜାଣିବାକୁ ପାଇଥିଲେ। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଥିବାବେଳେ ସେମାନଙ୍କ ନିକଟରୁ ଚୋରି ହୋଇଥିବା କଂକ୍ରିଟ ବ୍ରେକର ମେସିନ ମଧ ଜବତ ହୋଇଛି।

# ଧାନ ବିକ୍ରି ଅବ୍ୟବସ୍ଥା ସମାଧାନ କର: ଚାଷୀ

**ସମ୍ବଲପୁର,୧।୧୨(ବ୍ୟୁରୋ)**



ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

ସମ୍ବଲପୁର ଜିଲାରେ ଆରମ୍ଭରୁ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖାଦେଇଛି। ଏହାର ସମାଧାନ ପାଇଁ ଗୁରୁବାର ଜିଲା ଚାଷୀ ସଂଗଠନର ପ୍ରତିନିଧି ଦଳ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ଭେଟି ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ମିଲର୍ସମାନେ କଟ୍‌ନୀଛଟ୍‌ନୀ କରିବା ସତ୍ତ୍ୱେ ଚାଷୀମାନେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଏହାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଧାନ ସଂଗ୍ରହ ସମୟରେ ଉପସମିତି ବୈଠକ କରି ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ଏବେ ଧାନ ସଂଗ୍ରହରେ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ଉପସମିତି ବୈଠକ କରାଯାଉନାହିଁ। ଜିଲାର ସଦର ଉପଖଣ୍ଡରେ ଏବେ ମଣ୍ଡି ଆରମ୍ଭ ହୋଇଛି। ପରେ କୁଚିଣ୍ଡା ଓ ରେଢ଼ାଖୋଲରେ ଧାନ ସଂଗ୍ରହ ଆରମ୍ଭ ହେବ। ପ୍ରଶାସନ ଏବେଠାରୁ ଏ ଦିଗରେ ପଦକ୍ଷେପ ନେଇ ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀମାନେ ଧାନ ନେଇ ଜିଲାପାଳ ଓ ସିଏସ୍‌ଓ ଅଫିସକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବେ। ଜିଲା ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ମିଶ୍ରଙ୍କ ସମେତ ପ୍ରାୟ ୩୦ଜଣ ଚାଷୀ ଉପସ୍ଥିତ ଥିଲେ।

# ଆବାସ ଯୋଜନାର ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ

**ଦେବଗଡ଼, ୧।୧୨(ଡି.ଏନ.ଏ.)**

ସ୍ଥାନୀୟ ଟାଉନହଲରେ ଥିବା ସଭାଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀମାନଙ୍କ ଏକ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଯୋଗ ଦେଇ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଲାଇଫ୍ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ବଳ ଓ ସାମାଜିକ ସମୀକ୍ଷକ ସମୀର ପରିଡ଼ା ଏହି କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ୱାର୍ଡର ପରିଷଦ ସଭ୍ୟ/ ସଭ୍ୟା, ହିତାଧିକାରୀ, ପରିଷଦର କର୍ମଚାରୀ, ବିଭିନ୍ନ ୱାର୍ଡମାନଙ୍କୁ ଆସିଥିବା ବାସିନ୍ଦାମାନଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ସହିତ ଓ ଏହାର ସ୍ଥାୟୀ ସମାଧାନ କିପରି ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ସିଏଲଟିସି ପରେଶ କୁମାର ପ୍ରଧାନ, ଏମଇ ସରସ୍ୱତୀ ମହାନନ୍ଦ, ଅଭିଷେକ ମିଶ୍ର ଓ ଦୀପକ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ସିଏଲଟିସି ପରେଶ କୁମାର ପ୍ରଧାନଙ୍କୁ ହସ୍ତଗତ ହୋଇଥିବା ଅଭିଯୋଗଗୁଡିକର ସମାଧାନ କିପରି ହୋଇପାରିବ ଓ ସରକାରଙ୍କ ନିର୍ଦ୍ଧାରିତ ମାପଦଣ୍ଡ ଅନୁସାରେ ଦେବଗଡ଼ ପୌର ପାଳିକାର କୌଣସି ପରିବାର ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଶେଷରେ ଗୋଷ୍ଠୀ ସଂଯୋଜିକା ମୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଯୁକ୍ତି ମେଳାରେ ଅବ୍ୟବସ୍ଥା

**ଝାରସୁଗୁଡ଼ା ଅଫିସ,୧।୧୨**



ଷ୍ଟଲ୍ ସମ୍ମୁଖରେ ଖରାରେ ଛିଡା ହୋଇଥିବା ପ୍ରାର୍ଥୀମାନେ ।

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଝାରସୁଗୁଡା ସରକାରୀ ଶିଳ୍ପସଂସ୍ଥା ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ଗୁରୁବାର ଅବ୍ୟବସ୍ଥା ମଧ୍ୟରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୬୩ଜଣ ପ୍ରାର୍ଥୀ ପଞ୍ଜୀକୃତ କରିଥିଲେ। ଏଥିମଧ୍ୟରୁ ୨୪କମ୍ପାନୀ ତରଫରୁ ୬୭୧ଜଣ ଓ ୬ପିଆଇଏ ତରଫରୁ ୧୧୧ଜଣଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଓ ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେର ଏହାକୁ ପରିଚାଳନା କରିଥିଲେ। ହେଲେ ମେଳାରେ କେତେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଲାଗିଥିବା ଷ୍ଟଲ୍ ସମ୍ମୁଖରେ ଚାନ୍ଦୁଆ ଟଣାଯାଇ ନ ଥିଲା। ଫଳରେ ପ୍ରବଳ ଖରାରେ ପ୍ରାର୍ଥୀମାନେ ଛିଡାହୋଇ ନିଯୁକ୍ତି ସମ୍ପର୍କରେ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମେଳା ସମ୍ପର୍କରେ ପୂର୍ବରୁ ଠିକ୍ ସୂଚନା ଦିଆଯାଉ ନ ଥିବାରୁ ବହୁ ଆଶାୟୀ ପ୍ରାର୍ଥୀ ନାମ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି । ଏ ନେଇ ଜିଲା ନିୟୋଜନ ଅଧିକାରିଣୀ ସଙ୍ଗୀତା ମେହେର କହିଛନ୍ତି, ପାନୀୟଜଳ ପାଇଁ ଟ୍ୟାଙ୍କର ବ୍ୟବସ୍ଥା ହୋଇଥିବାବେଳେ ଲୋକଙ୍କ ସୂଚନା ଲାଗି ଗୋଟିଏ ଖବର କାଗଜରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଧିକ ପ୍ରଚାର ପ୍ରସାର କରିବା ଓ ଷ୍ଟଲ୍ ସମ୍ମୁଖରେ ଚାନ୍ଦୁଆ ଟାଣିବା ପାଇଁ ବଜେଟ୍ ନାହିଁ ବୋଲି କହିଥିଲେ। ମେଳା ପାଇଁ କେତେ ବଜେଟ୍ ରହୁଛି ବୋଲି ପଚାରିବାରୁ ସେ କହିଛନ୍ତି, ଗୋଟିଏ ନିଯୁକ୍ତି ମେଳାପାଇଁ ୧ଲକ୍ଷ ୭୫ହଜାର ଟଙ୍କା ବଜେଟ୍ ରହୁଛି। ହେଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଗିରଫ

**ଦେବଗଡ଼, ୧।୧୨(ଡି.ଏନ୍.ଏ.)**

ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ପରେ ବଳପୂର୍ବକ ଗର୍ଭ ନଷ୍ଟ କରିବା ଅଭିଯୋଗରେ ଦେବଗଡ ଥାନା ପୋଲିସ ହାତୀଶାଳ ସାହିର ବବଲୁ ଓରାମ(୨୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସଠାରୁ ସୂଚନା ଯେ ବବଲୁ ଦୀର୍ଘ ୫ ବର୍ଷ ହେଲା ଦେବଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଏହିପରି ୨୦୨୧ ମସିହାରେ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ବେଳେ ବବଲୁ ତାଙ୍କୁ ଔଷଧ ଖୁଆଇ ଗର୍ଭ ନଷ୍ଟ କରିଥିଲେ। ପରେ ବବଲୁ ଯୁବତୀ ଜଣଙ୍କୁ ପ୍ରତାରିତ କରି ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ଜାଣିବା ପରେ ପୀଡିତା ଯୁବତୀ ଜଣକ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉଦକ୍ଷିପ୍ତ ହୋଇ ବବଲୁ ଏବଂ ତାଙ୍କ ପରିବାର ବର୍ଗ ପୀଡିତାଙ୍କୁ ମାରଧର କରିବା ସହିତ ଏ ସମ୍ପର୍କରେ ଥାନାରେ ଜଣାଇଲେ ପରିସ୍ଥିତି ଭୟଙ୍କର ହେବ ବୋଲି କୁଆଡେ ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଦେବଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବବଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ଝାରସୁଗୁଡା ଅଫିସ,୧।୧୨**

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏଥିରେ ଡିଏଭି ପବ୍ଲିକ ସ୍କୁଲ, ଜବାହର ନବୋଦୟ ବିଦ୍ୟାଳୟ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ବ୍ଲାକ ଡାଇମଣ୍ଡ ଇଞ୍ଜିନିୟରିଂ କଲେଜ ଓ ନର୍ସିଂ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଡୋଳାମଣି ପଟେଲ, ଡିପିଏମ୍ ବୁଲୁନାଥ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

# ମିନି ମାରାଥନ: ପୁରୁଷରେ ରୋଷନ, ମହିଳାରେ ସାହିନା ପ୍ରଥମ



ମିନି ମାରାଥନର କୃତୀ ପ୍ରତିଯୋଗୀ ଓ ଅତିଥିମାନେ ।

**ସମ୍ବଲପୁର,୧।୧୨(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଏଡ୍‌ସ ଦିବସ ଓ ସକାଳ ଖବର କାଗଜର ଦ୍ୱିତୀୟ ସ୍ୱନକ୍ଷତ୍ର ଅବସରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ମହିଳା, ସିଆର୍‌ପିଏଫ୍ ଯବାନ ଭାଗ ନେଇଥିଲେ। ପୁରୁଷ ବର୍ଗରେ ରୋଷନ ବେହେରା, ଦିନେଶ ବାଗ, ଅଜୟ ଓରାମ ଓ ମହିଳା ବର୍ଗରେ ସାହିନା ପରବିନ, ନୀତୁ କେୱାଟ, ଶାନ୍ତିପ୍ରିୟା ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଏମ୍‌ୟୁ ପରିସରରୁ ମାରାଥନ ବାହାରି ହାୱା ମଇଦାନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ସଂସ୍କରଣ ପ୍ରବନ୍ଧକ ନରୋତ୍ତମ ଗୁରୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜିଲା ପ୍ରତିନିଧି ବିମଳ କୃଷ୍ଣ ଥମ୍ବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡିଂ ଅଫିସର ଆଇଜି ଲାଲଚନ୍ଦ ଯାଦବ, ସମ୍ମାନୀୟ ଅତିଥି ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନିଳାମ୍ବର, ସିଆର୍‌ପିଏଫ୍ କମାଣ୍ଡିଂ ଅଫିସର ତପନ କୁମାର ଯୋଗ ଦେଇଥିଲେ। ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜ ମିଶ୍ର ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଉଡ଼ାନ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ବିଶ୍ୱ ଏଡ୍‌ସ ଦିବସ ପାଳିତ



ଛାତ୍ରୀଛାତ୍ର ସଚେତନତା ରାଲିରେ ଯାଉଛନ୍ତି।

**ରାଉରକେଲା ଅଫିସ,୧।୧୨**

ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ଥିବା ଆଇଏମ୍‌ଏ ହଲରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ଆରଜିଏଚ୍ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଉପନିର୍ଦ୍ଦେଶକ ଜଗଦୀଶ ବାରିକ, ଡ. ପଣ୍ଡିତ ସାହୁ, ଡ. ବଳରାମ ବେହେରା, ଡ. ବି. କେ. କକ୍କଡ, ଡ. ଏନ୍. ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆରଜିଏଚ୍ ପରିସରରୁ ଏଡ୍‌ସ ସଚେତନତା ରାଲି ବାହାରି ରିଂରୋଡ୍ ଦେଇ ସିଭିଲଟାଉନସିପ୍ ହୋଇ ପୁଣି ଡାକ୍ତରଖାନା ପରିସରରେ ପହଞ୍ଚିଥିଲା। ରାଉରକେଲା ସରକାରୀ ଡାକ୍ତରଖାନାରେ ଆଜି ସୁଦ୍ଧା ୧ଲକ୍ଷ ୫୫ ହଜାର ୯ଶହ ୫୫ ଜଣଙ୍କୁ ଏଚ୍‌ଆଇଭି କାଉନସେଲିଂ କରାଯାଇଛି। ୧ ଲକ୍ଷ ୩୮ ହଜାର ୧୩୦ଜଣଙ୍କ ଟେଷ୍ଟିଂ କରାଯାଇଥିଲା। ସେଥିରୁ ୭୮୦ ଜଣ ଏଚ୍‌ଆଇଭି ପଜିଟିଭ ଥିବା ଏଚ୍‌ଆଇଭି ସ୍ପେଶାଲିଷ୍ଟ ଡ. ପୁଷ୍ପାରାଣୀ ମିଶ୍ର ସୂଚନା ଦେଇଥିଲେ। ଡ. ମମତା ଦାସ, ଆଦିତ୍ୟ ମହାନ୍ତି, ପ୍ରଭାତ କୁମାର ଦାସ, ସତ୍ୟଭାମା ପାତ୍ର, ତରୁଣ ବିଶ୍ୱାଳ, ଶୁଶାନ୍ତ ନାୟକ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏଚ୍‌ଆଇଭି ଉପରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଡ. କବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ରାଉରକେଲା ଅଫିସ,୧।୧୨**

ରାଉରକେଲା କଲ୍‌ଚରାଲ ଏକାଡେମୀ ପରିସରରେ ଗୁରୁବାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ସମ୍ପାଦକ ଅକ୍ଷୟ ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ନିର୍ମାଣରେ ତାଙ୍କ ଅବଦାନ ଅତୁଳନୀୟ ଏକାଡେମୀର ସଭାପତି ଡ. ପ୍ରଭାତ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ଜୀବନବାଦୀ କବି ଭୀମଭୋଇ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡିଶା ଗଠନରେ ନବକୃଷ୍ଣଙ୍କ ଅବଦାନ ଉପରେ ବିଚିତ୍ରାନନ୍ଦ ସାହୁ ମତପ୍ରକାଶ କରିଥିଲେ। ପ୍ରଫେସର ଡ. ନଗେନ କୁମାର ବକ୍ତା ଭାବେ ଯୋଗଦେଇ ନବକୃଷ୍ଣଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ବିଷୟରେ କହିଥିଲେ। ସାହିତ୍ୟିକ ଭୁପେନ ମହାପାତ୍ର ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ଥିଲେ। ପାଠାଗାର ସଦସ୍ୟ ବିଭୁପ୍ରସାଦ ନାୟକ, ବଳରାମ ରାଉଳ, ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଡ. କୃପାସିନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୁରାଲ ଦେବତାଙ୍କ ପୂଜା ସମାପିତ

**କୋକସରା,୧।୧୨(ଡି.ଏନ.ଏ.)**



ଅନୁଷ୍ଠିତ କୁରାଲ ପୂଜା।

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ଗ୍ରାମ ବଡ଼ରଣାପଡାରେ କୁମ୍ଭାର ସମ୍ପ୍ରଦାୟ ପକ୍ଷରୁ ଚାଲିଥିବା କୁରାଲ ଦେବଙ୍କ ପୂଜାର୍ଚ୍ଚନା ଗୁରୁବାର ସମାପନ ହୋଇଯାଇଛି। ଏହିକ୍ରମରେ ଗତ ରବିବାର ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମାର୍ଗଶିର କୃଷ୍ଣପକ୍ଷ ପଞ୍ଚମୀ ତିଥୀ ସୋମବାର ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପୂଜାକର୍ତ୍ତା ଭାବେ ପ୍ରେମଲାଲ ରଣା ଓ ମାଲତି ରଣା ଦାୟିତ୍ୱ ତୁଲାଇଥିଲେ। ପୂଜକ ଜନ୍ମେଜୟ ଦାସ କୁରାଲ ଦେବଙ୍କ ପୂଜାର୍ଚ୍ଚନା କରିଥିଲେ। କୁରାଲ ଦେବଙ୍କ ପୂଜାପାଠ ପାଇଁ ମାଝିଗୁଡାରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ୫ ଦିନ ଧରି ଚାଲିଥିବା ପୂଜାରେ ଗଣେଶ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଲକ୍ଷ୍ମୀ, ପାର୍ବତୀ, ସାବିତ୍ରୀ, ରତ୍ନେଶ୍ୱରୀ,ରୁଦ୍ରପାଲ ନିରାକାର ପ୍ରଭୁଙ୍କୁ ପୂଜା କରାଯାଇଥିଲା। ପୂଜା କମିଟି ପକ୍ଷରୁ ପ୍ରତିଦିନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବୁଧବାର ରାତିରେ ନାଟକ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ଧନୁର୍ଯ୍ୟ ରଣା, ସମ୍ପାଦକ ଭବିତ ରଣା, କୋଷାଧକ୍ଷ ସିଦ୍ଧେଶ୍ୱର ରଣା, ଯଦୁମଣି ରଣା, ବିପିନ୍ଦ୍ର ରଣା, ପ୍ରତାପ ରଣା, ଘନଲାଲ ରଣା, ପ୍ରସନ୍ନ ରଣା, ବଷ୍ଟି ନାଏକ, ତୋଫାନ ରଣା, ଜଳେଶ୍ୱର ରଣାଙ୍କ ସମେତ ବଡ ରଣାପଡାର ଗ୍ରାମବାସୀ କୁରାଲ ପୂଜା କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିଥିଲେ।

# ସନ୍ ରାଇଜର କପ୍ କ୍ରିକେଟ୍: ଆର୍‌ଏସ୍‌ଏ ଚାମ୍ପିୟନ

**ରାଉରକେଲା ଅଫିସ,୧।୧୨**



ଅତିଥିମାନଙ୍କ ଗହଣରେ କୃତୀ ଖେଳାଳିମାନେ।

ରାଉରକେଲା ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ଆୟୋଜିତ ହୋଇଥିବା ଟି-୨୦ ସନ୍ ରାଇଜର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ରାଉରକେଲା ସନ୍ ରାଇଜର କ୍ଲବ ଓ ଉମିଦ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏସ୍‌ଡିସିସି ବ୍ୟାଙ୍କ ନିର୍ଦ୍ଦେଶକ ହାଜି ଅବଦୁଲ ସୟିଦ ମୁଖ୍ୟ ଅତିଥି, ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ଉପସଭାପତି ଯଶବିନ୍ଦର ସିଂ ଗୋଲ୍ଡି, ଆଫ୍ରୋଜ ଅହମ୍ମଦ, ଅମିତାଭ ସାମଲ, ସୁଲତାନ ଖାନ, ସଲିମ ଖାନ, ସନ୍ଦିପ୍ ଚକ୍ରବର୍ତ୍ତୀ, ଟିଙ୍କୁ ଖାନ, ତସଲିମ ଖାନ, ନିୟାଜଲ ହୁସେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ସେକ୍ଟର-୧୪ ସ୍ଥିତ ଆରୱାଇସିସି ଦଳ ଓ ସେକ୍ଟର-୬ ଆରଏସ୍‌ଏ ଦଳ ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଆରଏସ୍‌ଏ ଦଳ ପ୍ରଥମ ବ୍ୟାଟିଂ କରି ୧୯୯ ରନ ସଂଗ୍ରହ କରିଥିଲା। ଜବାବରେ ଆରୱାଇସିସି ଦଳ ୭ ଉଇକେଟ ହରାଇ ୧୯୬ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ରିୟବ୍ରତ ମ୍ୟାନ୍ ଅଫ ଦି ମ୍ୟାଚ୍, ବଳରାମ ନାଗ ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ଓ ସୌମ୍ୟ ଲେଙ୍କାଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଆଶିଷ ମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅବଦୁଲ ସବୀର ଓ ଆରଜୁ ମ୍ୟାଚ୍ ପରିଚାଳନା ଏବଂ ସନ୍ ରାଇଜର କ୍ଲବ ସଭାପତି ସମସେର ଆଲାମ ଖାନ, ସରବର ଆଜମ ପ୍ରମୁଖ ସହଯୋଗ କରିଥିଲେ।

# ୧ମ ଦିନରେ ୬ଲକ୍ଷ କୋଟିର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୧।୧୨

- ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା
- ଏମ୍ଆଇଓସି-୨୨ରେ ୭ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଗ୍ରହଣ ରାଜିନାମା
- ମିନେରାଲ କ୍ଷେତ୍ରରେ ସର୍ବାଧିକ,ଏମ୍ଏସ୍ଏମ୍ଇ ବର୍ଗରେ ସର୍ବନିମ୍ନ ପାଣ୍ଠି

ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ ବୁଧବାର ଠାରୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୨୦୨୨ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଏହି କନ୍‌କ୍ଲେଭ ଜାରି ରହିବ। ବିଶେଷକରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍ଆଇଓସି)-୨୨ର ପ୍ରଥମ ଦିନରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା (୫,୮୫,୭୪୨.୨୬ ଟଙ୍କା)ର ନିବେଶ ପ୍ରସ୍ତାବ ଆସିଥିବା ଜଣାପଡ଼ିଛି। ସେହିଭଳି ପ୍ରଥମ ଦିନରେ ୬୭ଟି ବାଣିଜ୍ୟିକ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର(ଏମ୍ଓୟୁ) ହୋଇଥିବା ବେଳେ ୨୧ ଶିଳ୍ପସଂସ୍ଥା ଏବଂ ୪୬ ଷ୍ଟାର୍ଟଅପ୍ ୟୁନିଟ୍ ସହ ଏମ୍ଓୟୁ ହୋଇଛି। ଉପରୋକ୍ତ ୬୭ ସଂସ୍ଥା ଦ୍ୱାରା ୨,୪୭,୮୯୭ ଜଣଙ୍କୁ ନିଯୁକ୍ତି ମିଳିବା ସୁଯୋଗ ରହିଥିବା ଶିଳ୍ପ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତ ୬ ମାସ ମଧ୍ୟରେ ଦେଶ ଓ ବିଦେଶରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ ଜରିଆରେ ମଧ୍ୟ ୧ ଲକ୍ଷ କୋଟି (୧,୪୦,୩୮୬.୧୯ ଟଙ୍କା)ରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ଶିଳ୍ପ ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ୭୮ ଶିଳ୍ପସଂସ୍ଥା ସହ ଏମ୍ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ୭୨,୮୪୯ ଜଣ ନିଯୁକ୍ତି ପାଇବେ ବୋଲି ମଧ୍ୟ ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ମିଶନ ଏମ୍ଆଇଓସିର ୧ଦିନ ଶେଷ ସୁଦ୍ଧା ମୋଟ ୭,୨୬,୧୨୮.୪୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର (ଏମ୍ଓୟୁ ସ୍ୱାକ୍ଷର) ପ୍ରସ୍ତାବ ଆସିଥିବା ବେଳେ ୩,୨୦,୭୪୧ ଜଣଙ୍କୁ ନିଯୁକ୍ତି ମିଳିବାର ମଧ୍ୟ ସୁଯୋଗ ରହିଛି। ଅପରପକ୍ଷେ ଉପରୋକ୍ତ ପୁଞ୍ଜିନିବେଶ ବିଶେଷକରି ସବୁ କ୍ଷେତ୍ରରୁ ଆସିଥିବା ବେଳେ ସର୍ବାଧିକ ୨ଲକ୍ଷ କୋଟି ଟଙ୍କାର ପାଣ୍ଠି ମିନେରାଲ ଶିଳ୍ପ ସହ ଜଡ଼ିତ ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି। ପ୍ରାୟ ୧୨୦୦ କୋଟି ଟଙ୍କା ଏମ୍ଏସ୍ଏମ୍ଇ ବର୍ଗର ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି ବୋଲି ଶିଳ୍ପ ବିଭାଗର ଶାସନ ସଚିବ ହେମନ୍ତ ଶର୍ମା ବିସ୍ତୃତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏମ୍ଆଇଓସିର ପ୍ରଥମ ଦିନରେ ମୋଟ ୧୩ଟି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ପ୍ରଥମ ପର୍ଯ୍ୟାୟରେ ୨ଟି ପ୍ଲାନେରି ସେସନ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୮ଟି ବିଜ୍‌ନେସ ଲିଡରଶିପ ଟକ୍ (ବିଏଲ୍‌ଟି) ଏବଂ ୩ଟି କଣ୍ଟ୍ରି ସେସନ (ଜାପାନ, ନରୱେ ଏବଂ ଗ୍ଲୋବାଲ) କାର୍ଯ୍ୟକ୍ରମ ରହିଥିଲା।


ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନର କାର୍ଯ୍ୟକ୍ରମ ଓ ଏମ୍ଓୟୁ ସୂଚନା ପ୍ରଦାନ କରୁଛନ୍ତି।


ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଆଗ୍ରହୀ ଥିବା ନିବେଶକଙ୍କ ସହ ଶିଳ୍ପ ସଚିବ ହେମନ୍ତ ଶର୍ମା।



ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନରେ ଆୟୋଜିତ ବ୍ରେକ୍‌ଫାଷ୍ଟ ଉଇଥ୍ ବିଜ୍‌ନେସ୍ ଲିଡର୍ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିଳ୍ପମନ୍ତ୍ରୀ ପ୍ରତାପ ଦେବଙ୍କ ସମେତ ଦେଶର ପ୍ରମୁଖ ଶିଳ୍ପ ସଂସ୍ଥାର ମୁଖ୍ୟମାନଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ କରାଯାଉଛି।

## ନଭେମ୍ବରରେ ୧.୪୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୧୨

ଚଳିତ ବର୍ଷ ନଭେମ୍ବରରେ ସାମଗ୍ରୀ ଓ ସେବା ଟିକସ୍ (ଜିଏସ୍‌ଟି) ସଂଗ୍ରହ ୧.୪୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନଭେମ୍ବରରେ ମୋଟ ୧,୪୫,୮୬୭ କୋଟି ଟଙ୍କାର ଟିକସ୍ ସଂଗ୍ରହ ହୋଇଥିବା ବେଳେ ଗତ ବର୍ଷ ସମାନ ମାସରେ ଏହି ଉତ୍ସରୁ ଆୟଠାରୁ ୮% ଅଧିକ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଚଳିତ ବର୍ଷ ନଭେମ୍ବରରେ ସଂଗୃହୀତ ମୋଟ ଜିଏସ୍‌ଟିରୁ ୨୫,୬୮୧ କୋଟି ଟଙ୍କା ସିଜିଏସ୍‌ଟି ବାବଦରେ ଆଦାୟ ହୋଇଥିବା ବେଳେ ଏସ୍‌ଜିଏସ୍‌ଟି ୩୨,୬୫୧ କୋଟି ଟଙ୍କା, ଆଇଜିଏସ୍‌ଟିରୁ ୭୭,୧୦୩ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଏଥିରେ ରପ୍ତାନି ସମାଗ୍ରୀ ବାବଦକୁ ୩୮,୬୩୬ କୋଟି ଟଙ୍କା ଏବଂ ସେସ୍ ବାବଦକୁ ୧୦,୪୩୩ କୋଟି ଟଙ୍କାର ଆଦାୟ ହୋଇଛି।

## ଅକ୍ଷୟ ଶକ୍ତିରେ ୫୧ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ

### ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଘୋଷିତ

ଭୁବନେଶ୍ୱର,୧।୧୨

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍ଆଇଓସି)-୨୨ର ୩ୟ ସଂସ୍କରଣର ପ୍ରଥମ ଦିନରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଅକ୍ଷୟ ଶକ୍ତି ସମ୍ପର୍କିତ ଏକ କର୍ମଶାଳା ମଧ୍ୟ ଏମ୍ଆଇଓସିର ବିଜ୍‌ନେସ୍ ଲିଡର ଅଧିବେଶନରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଅକ୍ଷୟ ଶକ୍ତି ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିବା ସହିତ ଅକ୍ଷୟ ଶକ୍ତି ନୀତି ଘୋଷଣା କରିଛନ୍ତି। ସେହିପରି 'ସବୁଜ ଶକ୍ତି ଅଭିମୁଖେ'ଶୀର୍ଷକ ଉକ୍ତ ବକ୍ତୃତାମାଳାରେ ମନ୍ତ୍ରୀ ଦେବ କହିଛନ୍ତି, ରାଜ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ପ୍ରାୟ ୧୦ହଜାର ମେଗାୱାଟ୍ ବୃଦ୍ଧି ପାଇଁ ଉକ୍ତ ନୀତିରେ ବ୍ୟବସ୍ଥା ରହିଛି। ଏହା ସହିତ ରାଜ୍ୟରେ ଜରି ରହିଥିବା ବିଭିନ୍ନ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ ନିମନ୍ତେ ମଧ୍ୟ ସରକାର ବହୁମୁଖୀ ରିହାତି ବ୍ୟବସ୍ଥା ପ୍ରଚଳନ କରାଇଛନ୍ତି। ଅପରପକ୍ଷରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିଜ୍‌ନେସ୍ ଲିଡର ଅଧିବେଶନରେ ସ୍ୱାଗତ ଅଭିଭାଷଣ ସହ ଅକ୍ଷୟ ଶକ୍ତି ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନା କରିଥିଲେ। ପରିଶେଷରେ ଶକ୍ତି ବିଭାଗ ପକ୍ଷରୁ ୩ଟି କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ସହ ବୁଝାମଣା ସ୍ୱାକ୍ଷର ଅନୁଷ୍ଠିତ ହୋଇଥିଲା। ଏନ୍‌ଟିପିସି, ଏସ୍‌ଜେଭିଏନ୍‌ଏଲ୍ ଓ ଏନ୍‌ଏଲ୍‌ସି ସହ ଗ୍ରୀଡ୍‌କୋ ଉକ୍ତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ଉକ୍ତ ଏମଓୟୁ ଅନୁଯାୟୀ ମୋଟ ୫୧ହଜାର କୋଟି ଟଙ୍କାର ପୁଞ୍ଜିନିବେଶର ବ୍ୟବସ୍ଥା ଥିବାବେଳେ ପ୍ରାୟ ୩୮୦୦ ଜଣଙ୍କୁ କର୍ମନିଯୁକ୍ତି (୧୨୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ୨୬୦୦ ଲୋକଙ୍କୁ ପରୋକ୍ଷ ନିଯୁକ୍ତି)ର ସୁଯୋଗ ମିଳିବ।


ନିକୁଞ୍ଜ ଧଳ

## ଭୀମସେନ ଇଡି, ମଣିପ୍ରସାଦ ଜିଜିଏମ୍ ନିଯୁକ୍ତ

ବଣ୍ଟାଁରପାଳ, ୧।୧୨ (ଡି.ଏନ.ଏ.)


ଇଡି ଭୀମସେନ ପ୍ରଧାନ


ଜିଜିଏମ୍ ମଣିପ୍ରସାଦ ସାମଲ

ଅନୁଗୋଳ ଜିଲା ନାଲ୍‌କୋର ନୂତନ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଦାମନଯୋଡିରେ କାର୍ଯ୍ୟରତ ଜିଜିଏମ୍ ଭୀମସେନ ପ୍ରଧାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ନୂତନ ଜିଜିଏମ୍ (ଏଚ୍ଆର୍‌ଡି) ଭାବେ ମଣିପ୍ରସାଦ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଦାମନଯୋଡିରୁ ଆସି ନାଲ୍‌କୋ ଅନୁଗୋଳରେ ଯୋଗଦେବେ। ଏହି ନୂଆ ନିଯୁକ୍ତି ପରେ ଇଡି ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲା ନାଲ୍‌କୋର ଉନ୍ନତି ସହିତ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, କୋଇଲା ସଂକଟର ସମାଧାନ ପ୍ରତି ଦୃଷ୍ଟିଦେବେ। ନୂଆ ଜିଜିଏମ୍ ସାମଲ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, ଶ୍ରମିକମାନଙ୍କ ଉନ୍ନତିକୁ ପ୍ରାଧାନ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ନୂତନ ଇଡି ଓ ଜିଜିଏମ୍‌ଙ୍କୁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ନେସ୍ ଉପସଭାପତି ମନୋଜ ସ୍ୱାଇଁ, ଏଏମ୍ଏସ୍ ସଭପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ମାଙ୍ଗିଲାଲ ସାମଲ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

## ଷ୍ଟାର୍ଟଅପ୍‌ର ସମୃଦ୍ଧି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧।୧୨

ସାରା ଦେଶରେ ଓଡ଼ିଶାକୁ ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅନେକ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଗତ ବର୍ଷ ଓଡ଼ିଶା ଷ୍ଟାର୍ଟଅପ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଶୀର୍ଷ ପ୍ରଦର୍ଶନକାରୀ ଭାବେ ମଧ୍ୟ ସ୍ୱୀକୃତି ଲାଭ କରିଛି। ବିଶେଷକରି ଗତ ୫ବର୍ଷ ମଧ୍ୟରେ ଅତ୍ୟାଧୁନିକ ଇନ୍‌କ୍ୟୁବେଟରମାନଙ୍କୁ ରାଜ୍ୟରେ ପ୍ରୋତ୍ସାହିତ କରାଯାଇଛି। ସେହିଭଳି 'ଷ୍ଟାର୍ଟଅପ୍ ଯାତ୍ରା'ପରି ବ୍ୟାପକ କାର୍ଯ୍ୟକ୍ରମ ମଧ୍ୟ ସରକାର ହାତକୁ ନେଇଛନ୍ତି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ର ପ୍ରଥମ ଦିନର ଏକ ପ୍ଲେନାରି ସେସନରେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାର ରାଜ୍ୟରେ ଷ୍ଟାର୍ଟଅପ୍ ପରିମଣ୍ଡଳର ଅଭିବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦେଉଥିବା ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ଆଲୋକପାତ କରିଛନ୍ତି । ସେହିଭଳି ରାଜ୍ୟରେ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ଜୋର୍‌ଦାର କରିବା ଲକ୍ଷ୍ୟରେ ୫ଟି ବୁଝାମଣାପତ୍ର ସମେତ ୭ଟି ଆଗ୍ରହ ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ ଓ ଅନ୍ୟ ଅତିଥିମାନଙ୍କ ଗହଣରେ ଷ୍ଟାର୍ଟଅପ୍‌କୁ ନେଇ ଗୋଟିଏ ଫଳାଫଳ ବିବରଣୀ ଏବଂ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ଷ୍ଟାର୍ଟଅପ୍ ଯାତ୍ରା ପୁରସ୍କାର ମଧ୍ୟ ସଫଳତା ପାଇଥିବା ସଂସ୍ଥାଗୁଡ଼ିକଙ୍କୁ ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରମୁଖ ଶିଳ୍ପସଂସ୍ଥାର କାର୍ଯ୍ୟକର୍ତ୍ତାମାନଙ୍କ ସମାବେଶରେ 'ଷ୍ଟାର୍ଟଅପ୍ ଦୃଷ୍ଟାନ୍ତରେ ପରିବର୍ତ୍ତନ ଏବଂ ଭବିଷ୍ୟତ ମାର୍ଗ' ଶୀର୍ଷକ ପ୍ରସଙ୍ଗକୁ ନେଇ ଏକ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦେବଙ୍କ ସମେତ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ, ଷ୍ଟାର୍ଟଅପ୍‌ଗୁଡ଼ିକ ଦ୍ୱାରା ନିଯୁକ୍ତି ସୁଯୋଗରେ ବ୍ୟାପକ ସମ୍ଭାବନା ରହିଛି ଏବଂ ସମାଜରେ ଦୈନନ୍ଦିନ ସମସ୍ୟାର ସମାଧାନ ସମ୍ଭବ ହୋଇପାରୁଛି।




## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨
# ଉନ୍ନତି ପଥରେ ଓଡ଼ିଶା

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଦେଶର ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ଉଭୟ ମେକ୍ ଇନ୍ ଓଡ଼ିଶା ଓ ଓଡ଼ିଶାରେ ଶିଳ୍ପର ବିଭିନ୍ନ ଦିଗ ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଛନ୍ତି।**

### ଏଲ୍.ଏନ୍. ମିତ୍ତଲ (କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଏଏମ୍ଏନ୍ଏସ୍)



ଓଡ଼ିଶାରେ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ସରକାର ମଧ୍ୟ ଶିଳ୍ପ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ବ୍ୟାପକ ସୁବିଧା ଓ ସହଯାଗ କରି ଆସୁଛନ୍ତି। ଆଗାମୀ ଦିନରେ କମ୍ପାନୀ ଓଡ଼ିଶାରେ ପୂର୍ବାପେକ୍ଷା ଅଧିକ ପୁଞ୍ଜି ନିବେଶ କରିବ ବୋଲି ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍)ର ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ ମତପ୍ରକାଶ କରିଛନ୍ତି। ସେହିଭଳି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପୂର୍ବାପେକ୍ଷା ଅଧିକ ବୃଦ୍ଧି ହୋଇଥିବା ବେଳେ ସରକାର ମଧ୍ୟ କଳା, ସଂସ୍କୃତି ଓ ଶିଳ୍ପାୟନକୁ ଅଧିକ ବିକଶିତ କରୁଛନ୍ତି ବୋଲି ସେ କହିଛନ୍ତି।

### ଅନିଲ ଅଗ୍ରୱାଲ (ଅଧ୍ୟକ୍ଷ, ବେଦାନ୍ତ ଗ୍ରୁପ୍)



୨୦ ବର୍ଷ ତଳର ଓଡ଼ିଶା ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ଘଟିଛି। ବିଶେଷକରି ଓଡ଼ିଶା ସରକାରଙ୍କ ମନୋଭାବ ଓ ଏକ ବିକାଶଶୀଳ ରାଜ୍ୟ ଗଠନରେ ନବୀନ ପଟ୍ଟନାୟକଙ୍କର ଅନେକ ଭୂମିକା ରହିଛି। ସେହିଭଳି ବର୍ତ୍ତମାନ ଆଲୁମିନିୟମର ହବ୍ ଭାବେ ଓଡ଼ିଶା ପରିଗଣିତ ହେଉଥିବା ବେଳେ ଓଡ଼ିଶାରେ କାର୍ଯ୍ୟକ୍ଷେତ୍ର କରି ଆମେ ମଧ୍ୟ ନିଜକୁ ସୌଭାଗ୍ୟ ମନେକରୁଛୁ। ଏପରିକି ଓଡ଼ିଶା ସରକାର ଖାଲି ଶିଳ୍ପ ନୁହେଁ ସ୍ୱାସ୍ଥ୍ୟସେବା, ଶିକ୍ଷା, କଳା, ସଂସ୍କୃତି ଓ କ୍ରୀଡ଼ାରେ ମଧ୍ୟ ବେଶ୍ ଆଗକୁ ଯାଇପାରିଛି ଯାହା କେବଳ ନବୀନ ପଟ୍ଟନାୟକଙ୍କସରକାରଓସରକାରୀଅଧିକାରୀଙ୍କଯୋଗୁସମ୍ଭବହୋଇପାରିଛି।

### ସଜ୍ଜନ ଜିନ୍ଦଲ (ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ)



ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର କଳା, ସଂସ୍କୃତି, କ୍ରୀଡା ଓ ଶିଳ୍ପ ଏପରିକି ଅନେକ କ୍ଷେତ୍ରରେ ପରିବର୍ତ୍ତନ ସାଙ୍ଗକୁ ବିକଶିତ ମଧ୍ୟ ହୋଇଚାଲିଛି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଅହରାତ୍ର କାର୍ଯ୍ୟ କରୁଥିବା ଜଣାପଡିଛି। କାରଣ ବିଗତ ୨୦ବର୍ଷ ତଳର ଓଡିଶାର ପରିବେଶ ଓ ବ୍ୟବସ୍ଥା ଆଉ ବର୍ତ୍ତମାନର ବ୍ୟବସ୍ଥା ଓ ମାନସିକତା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଫଳରେ ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡିକର ସଂଖ୍ୟା ବୃଦ୍ଧି ପାଉଛି, ସରକାର ମଧ୍ୟ ଭିତ୍ତିଭୂମି ଓ ପରିବହନ କ୍ଷେତ୍ର ଉପରେ ଅଧିକରୁ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜେଏସଡବ୍ଲୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ନବୀନ ଜିନ୍ଦଲ (ଅଧ୍ୟକ୍ଷ, ଜେଏସ୍‌ପିଏଲ୍)



ଓଡିଶା ମୋର କର୍ମକ୍ଷେତ୍ର ହୋଇଥିବାରୁ ଓଡିଶାର ପ୍ରତିଟି କାର୍ଯ୍ୟକ୍ରମରେ ମୋର ସହଯୋଗ ଓ ଯୋଗଦାନ ରହିଆସିଛି। ଓଡିଶା ସରକାର ମଧ୍ୟ ଶିଳ୍ପସଂସ୍ଥାଗୁଡିକ ପାଇଁ ଅନେକ ଗୁଡିଏ କାର୍ଯ୍ୟକ୍ରମ ସାଙ୍ଗକୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର ଭୌଗୋଳିକ ଚିତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ମନ୍ଦିରମାଳିନୀ ଓଡିଶା ଆଜି ଶିଳ୍ପ ସାଙ୍ଗକୁ ଶିକ୍ଷା, କଳା, କ୍ରୀଡା ଓ ସଂସ୍କୃତିର ବିକାଶ କରିବା ସହ ଦେଶର ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଗଣିତ ହେଉଛି ବୋଲି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ଟି.ଭି. ନରେନ୍ଦ୍ରନ (ଟାଟା ଷ୍ଟିଲ୍, ଏମଡି)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣରେ ଅଂଶ ଗ୍ରହଣ କରି ଆମେ ବହୁତ ଖୁସି ଅଛୁ। ରାଜ୍ୟରେ ବିକାଶ ସାଙ୍ଗକୁ ଭାଗୀଦାରି ହୋଇ କାର୍ଯ୍ୟ କରୁଛୁ। ଆଗାମୀ ଦିନରେ ମଧ୍ୟରେ ପୁଞ୍ଜି ନିବେଶ କରାଯିବ। ଶିଳ୍ପର ବିକାଶ ପାଇଁ ସରକାର ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ସରକାର ଭିତ୍ତିଭୂମି ଉପରେ କାର୍ଯ୍ୟ କରିବା ସହ ପରିବହନ କ୍ଷେତ୍ରକୁ ଅଧିକ ବିସ୍ତାର କରିବାକୁ ପ୍ରୟାସ କରିବେ ବୋଲି ଟାଟା ଷ୍ଟିଲ୍‌ର ଏମ୍‌ଡି ଟି.ଭି. ନରେନ୍ଦ୍ରନ ମତପ୍ରକାଶ କରିଛନ୍ତି।

### ଶୁଭ୍ରକାନ୍ତ ପଣ୍ଡା (ସଭାପତି, ଫିକି ଇଣ୍ଡିଆ)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣର ସହଭାଗୀ ହୋଇ ଫିକି ଇଣ୍ଡିଆ ଗର୍ବ ଅନୁଭବ କରୁଛି। ଆଗାମୀ ଦିନରେ ମଧ୍ୟ ସରକାରଙ୍କ ସହ ମିଶି ଫିକି କାର୍ଯ୍ୟ କରିବ। ସେହିଭଳି ରାଜର ବିକାଶ ପାଇଁ ଫିକି ପ୍ରତିନିଧି ଓ ଫିକି ସହ ଜଡିତ ଶିଳ୍ପସଂସ୍ଥାଗୁଡିକ ମଧ୍ୟ ଆବଶ୍ୟକ ସହଯୋଗ ଓ ବିକାଶରେ ଭାଗୀଦାରି ହେବା ପାଇଁ ମଧ୍ୟ ଆଗ୍ରହୀ ଅଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ମୋ ନେତୃତ୍ୱରେ ଇମ୍ପା କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ସହ ମିଳିତ ଭାବେ ଅନେକ କାର୍ଯ୍ୟ କରୁଥିବା ଫିକି ଇଣ୍ଡିଆ ଅଧ୍ୟକ୍ଷ ଶୁଭ୍ରକାନ୍ତ ପଣ୍ଡା ମତବ୍ୟକ୍ତ କରିଛନ୍ତି।



କାନାଡ଼ା ବିପକ୍ଷରେ ବିଜୟ ଖୁସିରେ ଉଲ୍ଲସିତ ମରକ୍କୋ ଖେଳାଳି।

# ନକ୍‌ଆଉଟରେ ଆର୍ଜେଣ୍ଟିନା, ପୋଲାଣ୍ଡ

**ଦୋହା, ୧।୧୨**

ପ୍ରାରମ୍ଭିକ ବିପର୍ଯ୍ୟୟକୁ ଏଡ଼ାଇ ଆର୍ଜେଣ୍ଟିନା ଚଳିତ ଫିଫା ବିଶ୍ୱକପର ନକ୍‌ଆଉଟରେ ପ୍ରବେଶ କରିଛି। ନିଜର ପ୍ରଥମ ମ୍ୟାଚରେ ସାଉଦି ଆରବଠାରୁ ହାରିବାପରେ ଦ୍ୱିତୀୟ ମ୍ୟାଚରେ ମେକ୍ସିକୋକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିବା ଲିଓନେଲ ମେସିଙ୍କ ଦଳ ବୁଧବାର ଅନ୍ତିମ ଲିଗ୍ ମ୍ୟାଚରେ ପୋଲାଣ୍ଡକୁ ୨-୦ ଗୋଲରେ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ପରାଜିତ ହୋଇଥିଲେ ହେଁ ଏହି ଗ୍ରୁପ୍‌ରୁ ଅନ୍ୟତମ ଦଳଭାବେ ପୋଲାଣ୍ଡ ନକ୍‌ଆଉଟରେ ପହଞ୍ଚିଛି। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚରେ ମେକ୍ସିକୋ ୨-୧ ଗୋଲରେ ସାଉଦି ଆରବକୁ ପରାସ୍ତ କରିଛି। ତେବେ ଏହି ବିଜୟ ମେକ୍ସିକୋକୁ ନକ୍‌ଆଉଟକୁ ନେବାରେ ସହାୟକ ହୋଇ ପାରିନାହିଁ। କାରଣ ଉଭୟ ପୋଲାଣ୍ଡ ଓ ମେକ୍ସିକୋ ୩ ମ୍ୟାଚରୁ ୪ ପଏଣ୍ଟ ଲେଖାଏ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ପୋଲାଣ୍ଡ ଆଗକୁ ବଢ଼ିଛି।

### ଫିଫା ବିଶ୍ୱକପ
### (ଆଜିର ମ୍ୟାଚ)

**ଘାନା ବନାମ ଉରୁଗୁଏ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ
ସମୟ: ରାତି ୮.୩୦

**ଦକ୍ଷିଣ କୋରିଆ ବନାମ ପର୍ତ୍ତୁଗାଲ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ
ସମୟ: ରାତି ୮.୩୦

**ସର୍ବିଆ ବନାମ ସୁଇଜରଲାଣ୍ଡ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ
ସମୟ: ରାତି ୧୨.୩୦

**କାମେରୁନ୍ ବନାମ ବ୍ରାଜିଲ**
ସ୍ଥାନ: ଲୁସେଲ୍ ଷ୍ଟାଡିୟମ
ସମୟ: ରାତି ୧୨.୩୦

## ପେନାଲ୍ଟି ମିସ୍ କଲେ ମେସି

୩୫ତମ ମିନିଟରେ ଆଲ୍‌ଭାରେଜଙ୍କ ଶଟ୍‌କୁ ସେଭ୍ କରିବାକୁ ଯାଇ ପୋଲାଣ୍ଡ ଗୋଲକିପର ଜେକ୍‌ଜେସନି ଫାଉଲ୍ କରିଥିଲେ। ରେଫରି ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଚେକ୍ କରିବାପରେ ଆର୍ଜେଣ୍ଟିନାକୁ ସ୍ପଟ୍ କିକ୍ ସୁଯୋଗ ଦେଇଥିଲେ। ମାତ୍ର ମେସି ନିରାଶ କରିଥିଲେ। ତାଙ୍କ ଶଟ୍‌କୁ ଜେକ୍‌ଜେସ୍‌ନି ଦକ୍ଷତାର ସହ ସେଭ୍ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ ମୋଲିନାଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଆଲେକ୍ସିସ ମ୍ୟାକ ଆଲିଷ୍ଟର ଆର୍ଜେଣ୍ଟିନାକୁ ଅଗ୍ରଣୀ ଦେଇଥିଲେ। ୬୭ତମ ମିନିଟରେ ଜୁଲିଆନ ଆଲଭାରେଜ ଗୋଲ ଦେଇ ଆର୍ଜେଣ୍ଟିନାର ବିଜୟକୁ ନିଶ୍ଚିତ କରି ଦେଇଥିଲେ।

## ମେକ୍ସିକୋ ୨, ସାଉଦି ଆରବ ୧

ମେକ୍ସିକୋ-ସାଉଦି ଆରବ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲେ ହେଁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମେକ୍ସିକୋ ଏକ ଗୋଲ ସ୍କୋର କରି ସାଉଦି ଆରବ ଉପରେ ଚାପ ପକାଇଥିଲା। ୪୭ତମ ମିନିଟରେ ହେନରି ମାର୍ଟିନ ଗୋଲ ସ୍କୋର କରିଥିଲେ। ୫୨ତମ ମିନିଟରେ ଲୁଇସ କାଭେଜ ଆଉ ଏକ ଗୋଲ ଦେଇ ମେକ୍ସିକୋର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୯୦+୫ ମିନିଟରେ ସାଉଦି ଆରବର ସଲିମ ଅଲଦାଓସାରି ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ୨୦୧୦ ପ୍ରତିଶୋଧ ଲକ୍ଷ୍ୟରେ ଘାନା

**ଦୋହା,୧।୧୨(ପି.ଟି.):** କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଶୁକ୍ରବାର ଘାନା ଓ ଉରୁଗୁଏ ମଧ୍ୟରେ ମ୍ୟାଚ ଖେଳାଯିବ। ଉଭୟ ରାଷ୍ଟ୍ର ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚକୁ ଟୁର୍ନାମେଣ୍ଟର ଅନ୍ୟତମ ସଂଘର୍ଷପୂର୍ଣ୍ଣ ମ୍ୟାଚ ଭାବରେ ବିବେଚନା କରାଯାଏ। ୨୦୧୦ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଘାନା ଉରୁଗୁଏ ନିକଟରୁ ପରାଜିତ ହୋଇଥିଲା। ଘାନା ଫୁଟବଲ ପ୍ରେମୀଙ୍କ ମନରେ ଏହି ଘଟଣା ଏକ ଦାଗ ହୋଇ ରହିଛି। ତେବେ ଘାନା କୋଚ୍ ଓଟ୍ଟୋ ଆଡ୍ଡୋ ଏହାକୁ ପୁରୁଣା ଘଟଣା ବୋଲି କହି ଏଡାଇ ଯାଇଛନ୍ତି। ଉରୁଗୁଏର ଲୁଇସ୍ ସୁଆରେଜ୍‌ଙ୍କ ହ୍ୟାଣ୍ଡବଲ ଏବଂ ଘାନାକୁ ଅତିରିକ୍ତ ସମୟ ନ ମିଳିବା କାରଣରୁ ପ୍ରଥମ ଆଫ୍ରିକୀୟ ଦଳ ଭାବରେ ବିଶ୍ୱକପ ସେମିରେ ପହଞ୍ଚିବାରୁ ବଞ୍ଚିତ ହୋଇଥିଲା ଘାନା। ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରିବାରେ ଅସମୋହା ଗ୍ୟାନ୍ ବିଫଳ ହେବା ସହିତ ସୁଆରେଜ୍ ଉନ୍ମତ୍ତ ଭାବରେ ସେଲିବ୍ରେଶନ କରିଥିଲେ। ୧୨ ବର୍ଷ ପରେ ସ୍କୋର ସମାନ କରିବାର ସୁଯୋଗ ଘାନା ନିକଟରେ ରହିଛି। ଗ୍ରୁପ୍ ଏଚ୍‌ର ଅନ୍ତିମ ମ୍ୟାଚରେ ଦଳ ଉରୁଗୁଏକୁ ପରାସ୍ତ କଲେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବ। ଏହା ସହିତ ଉରୁଗୁଏକୁ ଟୁର୍ନାମେଣ୍ଟରୁ ବାହାର କରିବାର ଏହା ଏକ ବଢ଼ିଆ ସୁଯୋଗ ମଧ୍ୟ ରହିବ। ଘାନାର କୋଚ୍ ଓଟ୍ଟୋ ଆଡ୍ଡୋ କହିଛନ୍ତି, ୧୨ବର୍ଷ ତଳର ମ୍ୟାଚ ଏବଂ ବର୍ତ୍ତମାନର ମ୍ୟାଚ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ଘାନା ଏହାର ଅନ୍ତିମ ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ରେ ପରାସ୍ତ କରିଥିଲା। ଏହି ମ୍ୟାଚ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ପରୀକ୍ଷାନିରୀକ୍ଷା ସଫଳ ହୋଇଛି



ବୁରୁଚାଗା

ଓ୍ୱେଲ୍ ଡନ୍ ସ୍କାଲୋନି। ପୋଲାଣ୍ଡ ବିପକ୍ଷରେ ଆର୍ଜେଣ୍ଟିନାର ବିଜୟରେ କୋଚ୍‌ଙ୍କୁ ଶ୍ରେୟ ଦେବାକୁ ପଡ଼ିବ। ଆର୍ଜେଣ୍ଟିନା ଜାତୀୟ ଦଳ ପୁଣି ପ୍ରମାଣିତ କଲା ଯେ, ଏକ ଭଲ ଦଳ ଭାବେ ସେମାନେ ବିଶ୍ୱକପ ଯୋଗ୍ୟତା ପାଇଛନ୍ତି ଏବଂ ଟୁର୍ନାମେଣ୍ଟ ଜିତିବା ପାଇଁ ସେମାନେ ଅନ୍ୟତମ ଟାଇଟଲ ଫେଭରାଇଟ। ସାଉଦି ଆରବ ନିକଟରୁ ପରାଜୟ ପରେ ପରବର୍ତ୍ତୀ ୨ ମ୍ୟାଚରେ ପରୀକ୍ଷାନିରୀକ୍ଷା ସଫଳ ହୋଇଛି। କେବଳ ସେତିକି ନୁହେଁ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ ଦେଖାଇଦେଲା ଯେ ଏହାର ରିଜର୍ଭ ବେଞ୍ଚ୍ ମଧ୍ୟ ବେଶ୍ ଦୃଢ଼। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲା। କୌଣସି ପ୍ରକାରେ ଗୋଟିଏ ପଏଣ୍ଟ ପାଇବା ପାଇଁ ପୋଲାଣ୍ଡ ଡିଫେନ୍ସିଭ ଗେମ୍ ଖେଳିଥିଲା। ଏହା ଏକ ବଡ଼ ଭୁଲ। ସ୍କାଲୋନିଙ୍କ ପରି କୋଚ୍ ଦୃଢ଼ ନିଷ୍ପତ୍ତି ନେଇଥାନ୍ତି ଏବଂ ମ୍ୟାଚ ପରେ ଦଳର ପ୍ରଦର୍ଶନ କିପରି ଉନ୍ନତ ହୋଇପାରିବ ତା' ଉପରେ ଧ୍ୟାନ ଦେଇଥାନ୍ତି।

ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଅନେକ ସ୍କୋରିଂ ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ସିଜେସ୍ନି ଗୋଲ ହେବାକୁ ଦେଇ ନ ଥିଲେ। ତାଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ୩୭ତମ ମିନିଟରେ ଲିଓନେଲ ମେସିଙ୍କ ପେନାଲ୍ଟି ଶଟ୍‌କୁ ମଧ୍ୟ ସେ ରୋକି ଦେଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ପକ୍ଷରୁ ପକାଯାଇଥିବା ଚାପକୁ ସେ ସମ୍ଭାଳିପାରି ନ ଥିଲେ ଏବଂ ଗୋଲ ବରଣ କଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାକ୍ ଆଲିଷ୍ଟରଙ୍କ ପ୍ରଥମ ଗୋଲ ଆର୍ଜେଣ୍ଟିନାକୁ ଆଶ୍ୱସ୍ତ କରିଥିଲା। ଜୁଲିଆନ ଆଲଭାରେଜଙ୍କ ଦ୍ୱିତୀୟ ଗୋଲ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲା। ପୂରା ଗେମ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ଅଧିକ ଗୋଲ ଦେଇ ପାରିଥାନ୍ତା, ମାତ୍ର ୨ଟି ଗୋଲ ପରେ ମେସିଙ୍କ ଦଳ ନିଜକୁ ସହଜ ମଣିଥିଲେ। ମେସି କଠିନ ପରିଶ୍ରମ କରୁଛନ୍ତି, ମାତ୍ର ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରୁ ନାହାନ୍ତି।

୧୯୮୬ ବିଶ୍ୱକପ୍ କଥା ମୋର ମନେ ପଡ଼ୁଛି। ନିଜ ଅଭିଜ୍ଞତାରୁ ଏତିକି କହିପାରିବି ଯେ, ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆର୍ଜେଣ୍ଟିନା କେବେ ଫେଭରାଇଟ ନ ଥିଲା। ପ୍ରଥମ ଗେମ୍ ଜିତିବା ପରେ ଇଟାଲୀ ସହିତ ମ୍ୟାଚ ଡ୍ର ରଖିଥିଲୁ ଏବଂ ପରେ ବୁଲ୍‌ଗେରିଆକୁ ହରାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଥିଲୁ। ଏହା ଦଳକୁ ବଡ଼ ପ୍ରେରଣା ଦେଇଥିଲା। ଫଳରେ ଚିର ପ୍ରତିଦ୍ୱନ୍ଦ୍ୱୀ ଉରୁଗୁଏକୁ ଆମେ ସହଜରେ ହରାଇ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଥିଲୁ। ପ୍ରତ୍ୟେକ ଗେମ୍ ଏବେ ମଧ୍ୟ ମନରେ ତାଜା ରହିଛି। ୭ ଗେମ୍ ବିଶିଷ୍ଟ ଶର୍ଟ ଟୁର୍ନାମେଣ୍ଟରେ ବିଜୟ ହିଁ ଆତ୍ମବିଶ୍ୱାସ ଦେଇଥାଏ ଏବଂ ଫାଇନାଲରେ ପହଞ୍ଚାଇଥାଏ ଆଉ ଚାମ୍ପିୟନ ମଧ୍ୟ କରାଇଥାଏ। ଆର୍ଜେଣ୍ଟିନା ଏକ ଫେଭରାଇଟ ଦଳଭାବେ କାତାରରେ ପହଞ୍ଚିଥିଲା। ମାତ୍ର ପ୍ରଥମ ଗେମ୍ ହାରିବା ପରେ ମନୋବଳ ହରାଇଥିଲା। କ୍ରମେ ଖେଳାଳିମାନେ ସେଥିରୁ ଉଠୁଛନ୍ତି ଏବଂ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦଳ ଟୁର୍ନାମେଣ୍ଟ ଜିତିପାରିବ ବୋଲି ଆର୍ଜେଣ୍ଟିନା ଲୋକମାନେ ଅନୁଭବ କରୁଛନ୍ତି।

କିଛି ପରାମର୍ଶ ଦେବାକୁ ଚାହୁଁନାହିଁ। ସେମାନେ ସମସ୍ତେ ଅଭିଜ୍ଞ। ମେସିଙ୍କ ନେତୃତ୍ୱରେ ଏହା ଏକ ଶ୍ରେଷ୍ଠ ଦଳ ହୋଇଥିବାରୁ ନିଜକୁ ପ୍ରମାଣିତ କରିବା ସମୟ ଆସିଛି। ଫୁଟବଲରେ ସବୁକିଛି ସମ୍ଭବ ଥିବାରୁ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତା' ଉପରେ ଅନେକ କିଛି ନିର୍ଭର କରିବ। ସେମାନେ ଚାମ୍ପିୟନ ହେବାର ଦକ୍ଷତା ରଖିଛନ୍ତି।

(ଟିଭାକ୍ ସ୍ପୋର୍ଟ୍ସ)



ବେଲଜିୟମର ଆକ୍ସେଲ ୱିସେଲ ଓ କ୍ରୋଏସିଆର ଲୁକା ମୋଡ୍ରିକଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

## ଇରାନ ଦଳକୁ ଉଦ୍ଦୀପନା ବିହୀନ ସ୍ୱାଗତ

**ବାଗଦାଦ,୧।୧୨,(ପି.ଟି.):** କାତାର ବିଶ୍ୱକପରୁ ବିଦାୟ ନେଇ ଦେଶକୁ ଫେରିଥିବା ଇରାନକୁ ମିଳିଛି ଉଦ୍ଦୀପନା ବିହୀନ ସ୍ୱାଗତ। ଆମେରିକା ନିକଟରୁ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ପରାଜୟ ପରେ ବୁଧବାର ଖେଳାଳି ମାନେ ଦେଶକୁ ଫେରିଥିବା ବେଳେ ତେହେରାନ ବିମାନ ବନ୍ଦରରେ ସ୍ୱାଗତ ପାଇଁ ମାତ୍ର ଅଳ୍ପକିଛି ସମର୍ଥକ ଉପସ୍ଥିତ ଥିଲେ। ବିଶ୍ୱକପରେ ଜାତୀୟ ସଙ୍ଗୀତ ଗାନ ନ କରିବାକୁ ନେଇ ଇରାନ ଦଳ ଚର୍ଚ୍ଚାରେ ରହିଥିଲା। ଏପରିକି ଜାତୀୟ ଦଳର ପରାଜୟ ପରେ କୁର୍ଦ୍ଦିସ୍ତାନ ପ୍ରଦେଶରେ ଏହାର ଉତ୍ସବ ମନାଉଥିଲେ। ଇରାନ ଓ ଆମେରିକା ମଧ୍ୟରେ ରାଜନୈତିକ ବିବାଦ ଜାରି ରହିଥିବା ବେଳେ ଇରାନ ସରକାର ବିରୋଧୀ ମାନେ ଆତସବାଜି ପ୍ରଦର୍ଶନ ସହିତ ଜାତୀୟ ଦଳର ପରାଜୟକୁ ସେଲିବ୍ରେଟ କରିଥିଲେ। ସେହିପରି ଜାତୀୟ ସଙ୍ଗୀତ ବର୍ଜନକୁ ନେଇ ମଧ୍ୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ଦଳ ତଥା ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ଖୁସି ନଥିବା ପ୍ରକାଶ କରିଥିଲେ ଷ୍ଟ୍ରାଇକର ସର୍ଦ୍ଦାର ଅଜମୌନ୍। ଇରାନ ଦଳ ଏଥର ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାରେ ସଫଳ ହୋଇନାହିଁ।

## ପ୍ରତିବାଦ କଲା ଫ୍ରାନ୍ସ

**ଅଲ ରାୟାନ,୧।୧୨(ପି.ଟି.):** ଟ୍ୟୁନିସିଆ ବିପକ୍ଷ ମ୍ୟାଚରେ ପରାଜୟ ପରେ ନାକଚ ହୋଇଥିବା ଗୋଲର ପ୍ରତିବାଦ କରିଛି ଫ୍ରେଞ୍ଚ ସକର ଫେଡେରେଶନ୍। ଷ୍ଟପେଜ ଟାଇମର ଅନ୍ତିମ ମିନିଟରେ ଆଣ୍ଟୋନିଓ ଗ୍ରିଜମ୍ୟାନ ଏକ ଗୋଲ ସ୍କୋର କରିଥିଲେ। ତେବେ ଭିଡିଓ ରେଫରାଲ ପରେ ରେଫରି ଏହାକୁ ଅଫ୍‌ସାଇଡ ଘୋଷଣା କରିଥିଲେ। ଏଜୁକେଶନ୍ ସିଟି ଷ୍ଟାଡିୟମରେ ବୁଧବାର ଗ୍ରିଜମ୍ୟାନ ଗୋଲ ଦେବା ସମୟରେ ଅଫ୍‌ସାଇଡ ପୋଜିଶନରେ ଥିବା ଜଣାପଡିଥିଲା। ରେଫରି ମାଥ୍ୟୁ କଙ୍ଗର ଭିଡିଓ ଦେଖିବା ପରେ ଏହି ନିଷ୍ପତ୍ତି ନେଇଥିଲେ। ତେବେ ଫ୍ରେଞ୍ଚ ସକର ଫେଡେରେଶନ ଗୁରୁବାର ଏହା ବିରୋଧରେ ଅପିଲ୍ କରିଥିଲା। ଟ୍ୟୁନିସିଆ ଡିଫେଣ୍ଡରଙ୍କ ଦେହରେ ବଲ ବାଜିବା ବେଳେ ଏହା ଅନ୍‌ସାଇଡ ଥିଲା ବୋଲି ଅପିଲରେ ଉଲ୍ଲେଖ କରାଯାଇଛି। ୨୦୧୪ ପରେ ବିଶ୍ୱକପ୍‌ରେ ଏହା ଫ୍ରାନ୍ସର ପ୍ରଥମ ପରାଜୟ। ଅପିଲର ୨୪ ଘଣ୍ଟା ମଧ୍ୟରେ ଫିଫା ପକ୍ଷରୁ ଏହି ଅପିଲର ଉତ୍ତର ରଖାଯିବ।

## ଉପନିବେଶବାଦ ଉପରେ ଆରବ ଦୁନିଆର ବିଜୟ

**ଦୋହା,୧।୧୨,(ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ୍ ଫ୍ରାନ୍ସକୁ ବୁଧବାର ଟ୍ୟୁନିସିଆ ପରାସ୍ତ କରିଥିଲା। ଟ୍ୟୁନିସିଆର ଏହି ବିଜୟକୁ ୭୫ ବର୍ଷର ଫରାସୀ ଉପନିବେଶବାଦ ଉପରେ ଆରବରାଷ୍ଟ୍ରସମୂହରବିଜୟବୋଲିଅଭିହିତକରିଛନ୍ତିଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରଶିଦ୍। ବିଶ୍ୱ ମାନ୍ୟତାରେ ୩୦ ନମ୍ବର ସ୍ଥାନରେ ଥିବା ଟ୍ୟୁନିସିଆ ପାଇଁ ସମଗ୍ର ଆରବ ଦୁନିଆ ଗର୍ବିତ। ଏହା ସର୍ବଦା ବିଶ୍ୱକପରେ ଏକ ସ୍ୱତନ୍ତ୍ର ଇତିହାସରେ ସ୍ଥାନ ପାଇବ ବୋଲି ସେ ନିଜ ଟ୍ୱିଟର ଆକାଉଣ୍ଟରେ ଲେଖିଛନ୍ତି। ଆମେ ବିଶ୍ୱ ଚାମ୍ପିୟନ ଦଳକୁ ପରାସ୍ତ କରିଛେ। ତେଣୁ ପରବର୍ତ୍ତୀ ରାଉଣ୍ଡକୁ ଯାଇ ନ ପାରିଲେ ମଧ୍ୟ ଦୁଃଖିତ ହେବାର କୌଣସି କାରଣ ନାହିଁ ବୋଲି ସେ ଲେଖିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ୍ସ | ୩ | ୨ | ୧ | ୦ | ୫ | ୧ | ୭ |
| ସେନେଗାଲ | ୩ | ୨ | ୦ | ୧ | ୫ | ୪ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୪ | ୩ | ୪ |
| କାତାର | ୩ | ୦ | ୦ | ୩ | ୧ | ୭ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୨ | ୭ |
| ଆମେରିକା | ୩ | ୧ | ୨ | ୦ | ୨ | ୧ | ୫ |
| ଇରାନ | ୩ | ୧ | ୦ | ୨ | ୪ | ୭ | ୩ |
| ୱେଲ୍ସ | ୩ | ୦ | ୧ | ୨ | ୧ | ୬ | ୧ |
| **ଗ୍ରୁପ୍ 'ସି'** | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୫ | ୨ | ୬ |
| ପୋଲାଣ୍ଡ | ୩ | ୧ | ୧ | ୧ | ୨ | ୨ | ୪ |
| ମେକ୍ସିକୋ | ୩ | ୧ | ୧ | ୧ | ୨ | ୩ | ୪ |
| ସାଉଦି ଆରବ | ୩ | ୧ | ୦ | ୨ | ୩ | ୫ | ୩ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୩ | ୨ | ୦ | ୧ | ୬ | ୩ | ୬ |
| ଅଷ୍ଟ୍ରେଲିଆ | ୩ | ୨ | ୦ | ୧ | ୩ | ୪ | ୬ |
| ଟ୍ୟୁନିସିଆ | ୩ | ୧ | ୧ | ୧ | ୧ | ୧ | ୪ |
| ଡେନମାର୍କ | ୩ | ୦ | ୧ | ୨ | ୧ | ୩ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ସ୍ପେନ | ୨ | ୧ | ୧ | ୦ | ୮ | ୧ | ୪ |
| ଜାପାନ | ୨ | ୧ | ୦ | ୧ | ୨ | ୨ | ୩ |
| କୋଷ୍ଟାରିକା | ୨ | ୧ | ୦ | ୧ | ୧ | ୭ | ୩ |
| ଜର୍ମାନୀ | ୨ | ୦ | ୧ | ୧ | ୨ | ୩ | ୧ |
| **ଗ୍ରୁପ୍ 'ଏଫ'** | | | | | | | |
| କ୍ରୋଏସିଆ | ୨ | ୧ | ୧ | ୦ | ୪ | ୧ | ୪ |
| ମରକ୍କୋ | ୨ | ୧ | ୧ | ୦ | ୨ | ୦ | ୪ |
| ବେଲଜିୟମ | ୨ | ୧ | ୦ | ୧ | ୧ | ୨ | ୩ |
| କାନାଡ଼ା | ୨ | ୦ | ୦ | ୨ | ୧ | ୫ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୨ | ୨ | ୦ | ୦ | ୩ | ୦ | ୬ |
| ସୁଇଜରଲାଣ୍ଡ | ୨ | ୧ | ୦ | ୧ | ୧ | ୧ | ୩ |
| କାମେରୁନ | ୨ | ୦ | ୧ | ୧ | ୩ | ୪ | ୧ |
| ସର୍ବିୟା | ୨ | ୦ | ୧ | ୧ | ୩ | ୫ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୨ | ୨ | ୦ | ୦ | ୫ | ୨ | ୬ |
| ଘାନା | ୨ | ୧ | ୦ | ୧ | ୫ | ୫ | ୩ |
| ଦକ୍ଷିଣ କୋରିଆ | ୨ | ୦ | ୧ | ୧ | ୨ | ୩ | ୧ |
| ଉରୁଗୁଏ | ୨ | ୦ | ୧ | ୧ | ୦ | ୨ | ୧ |



କାନାଡ଼ା ବିପକ୍ଷ ମ୍ୟାଚ ଅବସରରେ ମରକ୍କୋ ପ୍ରଶଂସକ।

## ଅନ୍ୟ ଖେଳ ଖବର

## ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ, ଓଡ଼ିଶା ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ଏଫ୍‌ସି ଦଳ ବିଜୟୀ ହୋଇଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଇଷ୍ଟକୋଷ୍ଟ ରେଲୱେ ୩-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ସେହିପରି କଳିଙ୍ଗ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ ୨-୦ ଗୋଲରେ ଓଜିପି କ୍ଲବକୁ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଡ଼ିଶା ଏଫ୍‌ସି ୫-୦ରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ଆସନ୍ତା ୪ ତାରିଖରେ କ୍ୟାପିଟାଲ ଗ୍ରାଉଣ୍ଡରେ ସ୍ପୋର୍ଟ୍ସ ଓଡ଼ିଶା-ରାଇଜିଂ ଷ୍ଟୁଡେଣ୍ଟ, କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପୋଲିସ-ଇଷ୍ଟକୋଷ୍ଟ ରେଲୱେ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଜିପି କ୍ଲବ-ଓଡ଼ିଶା ଏଫ୍‌ସି ମ୍ୟାଚ ଅନୁଷ୍ଠିତ ହେବ।

## ସିବିଏସ୍‌ଇ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୧୨**
**(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ର ତ୍ରିଦିବସୀୟ ସମ୍ଭାଗୀୟ ଟେନିସ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ନେଇ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆସାମର ପ୍ରାୟ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ତିରୁପତି ସଂସ୍କୃତ ବିଦ୍ୟାଳୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିବିଏସ୍‌ଇ ନିରୀକ୍ଷକ ସୌରଭ ଲାହିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଏମ୍‌ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ଓ ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।





ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀଙ୍କୁ ଓଡିଏମ୍ ଚେୟାରମ୍ୟାନ ସତ୍ୟବ୍ରତ ମୀନକେତନ ସମ୍ବର୍ଦ୍ଧିତ କରୁଛନ୍ତି।

# ଅଲଗା ହେଲେ କେନି-କିମ୍



## ପିଲାଙ୍କ ଲାଳନ ପାଳନ ବାବଦକୁ ମାସିକ ୨ଲକ୍ଷ ଡଲାର ଦେବେ

**ୱାଶିଂଟନ୍:** ଆମେରିକୀୟ ରାପର୍ କେନି ୱେଷ୍ଟ ଓ ମଡେଲ କିମ୍ କାର୍ଡାସିଆନ୍‌ଙ୍କ ଛାଡ଼ପତ୍ରକୁ ନେଇ ଲାଗିରହିଥିବା ବିବାଦ ଏବେ ସମାପ୍ତ ହୋଇଛି। ଡିଭୋର୍ସ ନେଇ କରାଯାଇଥିବା ଚୁକ୍ତି ଅନୁସାରେ କେନି ୱେଷ୍ଟ ପ୍ରତିମାସରେ ତାଙ୍କ ପିଲାଙ୍କ ଲାଳଣ ପାଳନ ପାଇଁ ୨ ଲକ୍ଷ ଡଲାର ଦେବେ । ନର୍ଥ, ସେଣ୍ଟ, ଚିକାଗୋ ଏବଂ ସାଲ୍ମ ନାମରେ ତାଙ୍କର ଏହି ଦମ୍ପତିଙ୍କର ୪ ପିଲା। ଦୁହେଁ ଛାଡ଼ପତ୍ର ପାଇଁ ଫେବୃୟାରୀରେ କୋର୍ଟରେ ଆବେଦନ କରିଥିଲେ।

ଗତବର୍ଷ କେନି ନିଜ ନାମକୁ ବଦଳାଇ 'ୟେ' କରିଛନ୍ତି। ଛାଡ଼ପତ୍ର ଚୁକ୍ତି ଅନୁସାରେ ପ୍ରତିମାସ ୧ ତାରିଖରେ କେନି କିମ୍‌ଙ୍କ ଆକାଉଣ୍ଟରେ ଧାର୍ଯ୍ୟ ଟଙ୍କା ଜମା କରିବେ । ଅନ୍ୟପକ୍ଷେ ୪ ପିଲାଙ୍କ ଶିକ୍ଷା, ଚିକିତ୍ସା ଏବଂ ସୁରକ୍ଷା ବାବାଦକୁ ବ୍ୟୟ ହେବାକୁ ଥିବା ଅର୍ଥର ଅଧା କେନିଙ୍କୁ ଦେବାକୁ ପଡ଼ିବ। ୨୦୧୨ରେ କିମ୍ ଓ କେନି ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିଲେ। ବିବାହ ପୂର୍ବରୁ ସେମାନଙ୍କର ବଡ଼ ଝିଅ ନର୍ଥ ଜନ୍ମ ହୋଇଯାଇଥିଲେ। ରିଲେଶନ୍‌ସିପ୍‌ରେ ରହିବାର ୨ ବର୍ଷ ପରେ ଅର୍ଥାତ୍ ନର୍ଥଙ୍କ ଜନ୍ମର କିଛି ମାସ ପରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ୨୦୧୪ରେ ଦୁହେଁ ଇଟାଲୀରେ ବିବାହ କରିଥିବାବେଳେ ଏ ନେଇ ସେମାନେ ଏକ ଗ୍ରାଣ୍ଡ ପାର୍ଟିର ଆୟୋଜନ କରିଥିଲେ। ୨୦୨୦ରେ ଦୁହିଁଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା। କେନି ଆମେରିକାର ଆଗାମୀ ରାଷ୍ଟ୍ରପତି ହେବାକୁ ଯାଉଥିବା ଏକ କାର୍ଯ୍ୟକ୍ରମରେ କହିଥିଲେ। ଏହାପରେ କେନି ମାନସିକ ବିକାରଗ୍ରସ୍ତ ଥିବା କିମ୍ କହିବା ପରେ ଏହି କପଲ ୨୦୨୧ରେ ଛାଡ଼ପତ୍ର ପାଇଁ ଆବନଦ କରିଥିଲେ।

# ୯୦୦ କାର୍‌ର ଟାୟାର ପଙ୍କଚର୍ କରିଛନ୍ତି କ୍ଲାଇମେଟ୍ ଆକ୍ଟିଭିଷ୍ଟ

ୱାଶିଂଟନ୍

କ୍ଲାଇମେଟ ଆକ୍ଟିଭିଷ୍ଟ ୮ ଦେଶରେ ପାଖପାଖି ୯୦୦ ସ୍ପୋର୍ଟସ୍ ୟୁଟିଲିଟି ଭେହିକଲ (ସଭ୍)କାର୍‌ର ଟାୟାର ପଙ୍କଚର୍ କରିସାରିଛନ୍ତି। ପ୍ରଚୁର ପରିମାଣରେ କାର୍ବନ ନିର୍ଗମନ କରୁଥିବା ଗାଡ଼ି ଗୁଡ଼ିକର ଟାୟାର ପଙ୍କଚର କରିଥିବା ମଙ୍ଗଳବାର ଏକ ଆକ୍ଟିଭିଷ୍ଟ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ବିଶ୍ୱକୁ ଏ ପ୍ରକାର ବିଷାକ୍ତ ଗ୍ୟାସରୁ ରକ୍ଷା କରିବା ଦିଗରେ ଉକ୍ତ ଅଭିଯାନ ଆରମ୍ଭ କରାଯାଇଛି। ପିପୁଲ ମାଗାଜିନ୍‌ରେ ପ୍ରକାଶିତ ଖବର ଅନୁସାରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଆକ୍ଟିଭିଷ୍ଟମାନେ ବିଶ୍ୱବ୍ୟାପୀ ୧୦,୦୦୦ ଗାଡି କ୍ଲାଇମେଟ୍ ପଙ୍କଚର୍ କରିବାର ଯୋଜନା ରଖିଛନ୍ତି।


## DIRECTORATE OF MEDICAL EDUCATION AND TRAINING
### COMBINED COUNSELLING AND ADMISSION FOR PARAMEDICAL AND ALLIED MEDICAL SCIENCE COURSES

**Notification No. METI/GA/19/2022/14927** **Date: 30.11.2022**

No. E-683: Date line for opening of **correction window** for necessary changes in the submitted common application (Online) for Combined Counselling and Admission for Paramedical and Allied Medical Science Courses:

| Sl. No. | Activities | Timeline |
|---|---|---|
| 1 | Opening of window for the following corrections:<br>a) Correction of marks (if any)<br>b) Addition of new courses by giving additional payments @ Rs.600/- per course<br>c) Correction and addition of reference number of payment receipt.<br>d) Uploading the image of original documents (if not uploaded earlier) | 02.12.2022 (10 A.M.) to 08.12.2022 (5 P.M.) |

For any clarification please contact Helpline No. 78529 64816

**OIPR-10016/11/0031/2223** **Sd./- Chairman, Selection Committee**



## TENDER CALL NOTICE

No. i-250: Sealed quotations are invited tenders from reputed Printing Firms/Agencies with the following term and condition for printing of **SHG, CLF and GPLF** Training Modules with the following specification. The quotations completed in all respect will be received from **30.11.2022 to 15.12.2022** during office hour through **Registered Post/Speed Post** only address to the CDO-cum-EO, Zilla Parisad, At: Zilla Parisad Office, Post/Dist.: Balangir, Balangir - 767001 and will be opened on **16.12.2022 at 11.00 A.M.** in the office chamber of CDO-cum-EO, Zilla Parisad, Balangir in the presence of the bidders or their authorized representatives. The outer envelope is to be superscribed with **"TENDER FOR PRINTING OF SHG, CLF and GPLF Training Modules UNDER OLM"** along with the contact details of the bidder. The specification of printing of each document stated above is available in the website: **www.balangir.nic.in**.

The last date for receipt of tender is **15 December 2022 by 5.30 P.M.** which will be opened on the next day Dt.16.12.2022 at 11.00 A.M. in the Zilla Parisad, Balangir.

The authority reserves the rights to accept or reject any tender without assigning reason thereof.

**Sd./- Chief Development Office-cum-EO**
**OLM, Zilla Parishad, Balangir**
**OIPR-19248/11/0005/2223**



## ODISHA PUBLIC SERVICE COMMISSION CUTTACK
## NOTICE

**No. 10781/PSC, Dt.30.11.22**
**(DR-IV) (2PH-06-2022-23)**

**No. D-231:-** It is for information of all concerned that on the basis of verification of original certificates/ documents held from 14.11.2022 to 18.11.2022, the Skill Test in Computer (Practical) in respect of **1045 provisionally admitted candidates** (excluding 59 absentees) will be held as per the programme in the following **seven (07) Technical Institutions at Bhubaneswar** relating to recruitment to the Post of **Assistant Section Officer,** pursuant to Advertisement No.26 of 2021-22.

The provisionally admitted candidates are required to **report at the Examination Centre one hour (01 Hr) before the scheduled time** of commencement of Examination for Skill Test

**PROGRAMME FOR CONDUCT OF SKILL TEST**

| Date | Time | Generation of printout of Answer Sheets |
|---|---|---|
| 04.12.2022 (Sunday) | 10.30 A.M. to 11.30 A.M. (10.30 A.M. to 11.50 A.M. for PWD Candidates) | 11.30 A.M. onwards (11.50 A.M. onwards for PWD Candidates) |

| Sl. | Name of the Examination Centres & Nos. of Candidates Allotted (Excluding 59 Absentees during Document Verification) |
|---|---|
| 1 | National Institute of Hotel Management and Tourism, Plot No. 66, Gopinathpur, Dhauli, Near Dhauli Police Station, Bhubaneswar - 751002 **= 270 candidates** |
| 2 | NIIS Institute of Business Administration, Sarada Vihar, Madanpur, Bhubaneswar, Khordha-752054 **= 132 candidates** |
| 3 | Radha Raman Assessment Services Pvt. Ltd., S-3/79, Sector-A, Zone-A, Mancheswar Industrial Estate, Bhubaneswar-751010 **= 85 candidates** |
| 4 | College of IT and Management Education (CIME), At - Plot No. 4, Sector-A, Zone-B, Mancheswar Industrial Estate, Bhubaneswar - 751010 **= 75 candidates** |
| 5 | Alakananda Infotech Pvt. Ltd., Plot No. 562, Ekamra Vihar, PO-IRC Village, Bhubaneswar, 751015, Odisha **= 340 candidates** |
| 6 | Technicish Tech Lab, A/7, 3rd Floor, Mancheswar Industrial Zone-1, Near Hotel La Franklin, Rasulgarh, Bhubaneswar-751010 **= 95 candidates** |
| 7 | Government Polytechnic, Plot No.-1, Chandrasekharpur, Bhubaneswar, 751021,. Odisha **= 48 candidates** |

The **Roll list of admitted candidates along with Centre allocation** is available in the website of the Commission for information of all concerned. **The Admission Certificate for appearing the Skill Test** will be available **w.e.f. 01.12.2022** in the website of the Commission at www.opsc.gov.in.

OIPR-12002/11/0209/2223 **Sd./- Secretary**


# ପରିବେଶ ସ୍ୱଚ୍ଛତା ଅପରହାର୍ଯ୍ୟ

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



ପରିବେଶ ସ୍ୱଚ୍ଛତା ଦ୍ୱାରା ଜୈବ ବିବିଧତାରେ ବିକାଶ ହୋଇଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୨ରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ କରାଯାଇଥାଏ। ଭାରତର ଜାତୀୟ ସ୍ୱାସ୍ଥ୍ୟ ପୋର୍ଟାଲ ଅନୁଯାୟୀ, ପ୍ରତିବର୍ଷ ବାୟୁ ପ୍ରଦୂଷଣ ଯୋଗୁ ସାରା ବିଶ୍ୱରେ ପ୍ରାୟ ୭ନିୟୁତ ଲୋକଙ୍କର ମୃତ୍ୟୁ ଘଟିଥାଏ। ପ୍ରଦୂଷିତ ଜଳ, ସ୍ଥଳ ଏବଂ ବାୟୁ ଯୋଗୁ ହେଉଥିବା ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଭୋପାଳ ଗ୍ୟାସ୍ ଟ୍ରାଜେଡି ପରି ଶିଳ୍ପ ବିପର୍ଯ୍ୟୟକୁ କିପରି ରୋକାଯାଇପାରିବ ସେନେଇ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ। ୨ ଡିସେମ୍ବର,୧୯୮୪ରେ ଭୋପାଳ ଗ୍ୟାସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଥାଏ।

ସମ୍ପ୍ରତି ପ୍ରଦୂଷଣ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଦୂଷଣର ମାତ୍ରା ହ୍ରାସ କରିବା ସମ୍ପୃକ୍ତ ସରକାର ଏବଂ ଲୋକଙ୍କ କର୍ତ୍ତବ୍ୟ। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା ସୃଷ୍ଟି କରିବା ଏକମାତ୍ର ପଦକ୍ଷେପ। ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

# ଗୀତ ଗାଆନ୍ତି ବାଦୁଡ଼ି

ୱାଶିଂଟନ୍

ପକ୍ଷୀଙ୍କ କଳରବ ଶୁଣିବାକୁ ଭଲଲାଗେ। କିଛି ପକ୍ଷୀଙ୍କ ରାବ କର୍କଶ ହୋଇଥିବାବେଳେ କେତେକଙ୍କ ଶ୍ରୁତିମଧୁର। ସେଥିପାଇଁ କୋଇଲିର ରାବ ଶୁଣିବାକୁ ଅନେକେ ପସନ୍ଦ ଆସିଥାଏ। କିନ୍ତୁ ବାଦୁଡ଼ି ପାଖରେ ଗୀତ ଗାଇବାର କ୍ଷମତା ରହିଛି। ତାହା ପୁଣି ଖୁବ୍ ଜୋରରେ। ଡେଥ୍ ମେଟାଲ ସିଙ୍ଗର (ଏକାଧିକ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ବ୍ୟବହାର ହେଉଥିବା ବ୍ୟାଣ୍ଡ) ହେଉଛି ବାଦୁଡ଼ି। କିଛି ବିଶେଷ ପ୍ରକାର ବାଦୁଡ଼ି ଏପରି ହୋଇଥାନ୍ତି। ସେମାନେ ପରସ୍ପରକୁ ଡେଥ୍ ମେଟାଲ ସଙ୍ଗ ଜରିଆରେ ଶୁଭେଚ୍ଛା ମଧ୍ୟ ଜଣାନ୍ତି । ସେମାନଙ୍କ ସ୍ୱରର ଫ୍ରିକ୍ୱେନ୍ସି ରେଞ୍ଜ୍ ୧ରୁ ୧୨୦ କିଲୋହର୍ଜ ବା ୭ ଓକ୍ଟାଭ୍ସ। ମଣିଷ ତୁଳନାରେ ବାଦୁଡ଼ିମାନଙ୍କ ଭୋକାଲ ରେଞ୍ଜ୍ ଅଧିକ।

# ଦାସତ୍ୱ ମୁକ୍ତ ସମାଜ

## ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ

ଦାସତ୍ୱ ଏକ ସାମାଜିକ କଳଙ୍କ। ଏହାର ଉଚ୍ଛେଦ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୨ରେ ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ ପାଳିତ ହୋଇଥାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୮୬ରୁ ଏହା ଆୟୋଜିତ ହୋଇଥିଲା। ୧୯୪୯ ଡିସେମ୍ବର ୨ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା।

ପରେ ୧୯୯୫ରେ ଏହି ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଆଇଏଲ୍‌ଓ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରାୟ ୧୫୦ ନିୟୁତ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଘରୋଇ ଶ୍ରମ, ନିର୍ମାଣ ଏବଂ କୃଷି ପରି ଘରୋଇ କ୍ଷେତ୍ରରେ ୧୬ ମିଲିୟନରୁ ଅଧିକ ଲୋକ ଶୋଷିତ ହେଉଛନ୍ତି। ପ୍ରାୟ ୪.୮ ନିୟୁତ ଲୋକ ପ୍ରତିବର୍ଷ ଯୌନ ଶୋଷଣର ଶିକାର ହେଉଛନ୍ତି।

# ଗୁଜବକୁ ନେଇ ରାଗିଲେ ଅର୍ଜୁନ



**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରି କଳାକାରଙ୍କ ବିଷୟରେ ପ୍ରତିଦିନ କିଛି ନା କିଛି ଗୁଜବ ସୋସିଆଲ ମିଡିଆ ଅବା ଗଣମାଧ୍ୟମରେ ପ୍ରକାଶ ପାଇବାରେ ଲାଗିଛି। କେତେଜଣ ଗୁଜବକୁ ଅଣଦେଖା କରୁଥିବାବେଳେ ଆଉ କେତେଜଣ ଏଥିରୁ ନିଜକୁ ଦୂରରେ ରଖିବା ପାଇଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁନାହାନ୍ତି। ନିକଟରେ ବଲିଉଡ୍‌ର ଆଇଟମ୍ ଗର୍ଲ ମଲାଇକା ଅରୋରା ପ୍ରେଗ୍‌ନାଣ୍ଟ ଥିବା ଗୁଜବ ପୋର୍ଟାଲ୍‌ରେ ପ୍ରକାଶ ପାଇଥିଲା। ତେବେ ମିଛ ଖବରକୁ ନେଇ ମଲାଇକା ଖପ୍ପା ହେବା ସହ ତାଙ୍କ ବଏଫ୍ରେଣ୍ଡ ଅର୍ଜୁନ କପୁର ମଧ୍ୟ ରାଗିଯାଇଛନ୍ତି। ଏ ନେଇ ମିଛ ଖବର ପ୍ରକାଶ କରୁଥିବା ଖବରଦାତାଙ୍କୁ ଅର୍ଜୁନ କଡ଼ା ଭାଷାରେ ନିନ୍ଦା କରିବା ସହ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଏମିତି କେତେଜଣ ଜର୍ନାଲିଷ୍ଟ ଅଛନ୍ତି ଯେଉଁମାନେ ପବ୍ଲିସିଟି ପାଇଁ ମିଛ ଖବର ପ୍ରଘଟ କରିବାକୁ ପଛାଉନାହାନ୍ତି। ଏ ପ୍ରକାର ଗୁଜବ ସୋସିଆଲ ମିଡିଆରେ ଭାଇରାଲ ହେବା ଦ୍ୱାରା ଲୋକେ ଏହାକୁ ସତ ବୋଲି ଭାବି ନେଉଛନ୍ତି। ଏଥିସହ ତାଙ୍କ ପର୍ସନାଲ ଲାଇଫ୍‌ରୁ ଦୂରରେ ରହିବା ଲାଗି ଅର୍ଜୁନ ଚେତାବନୀ ମଧ୍ୟ ଦେଇଛନ୍ତି। ଇଣ୍ଡଷ୍ଟ୍ରିରେ ବର୍ତ୍ତମାନର ସବୁଠାରୁ ଚର୍ଚ୍ଚିତ ଯୋଡ଼ି ହେଉଛନ୍ତି ଅର୍ଜୁନ କପୁର ଓ ମଲାଇକା ଅରୋରା।


## OFFICE OF THE COLLECTOR, JAGATSINGHPUR
**(ESTABLISHMENT SECTION)**
**Email ID: dm-jagatsinghpur@nic.in / admjsp.od@nic.in**

**No. 17729/Estt.** **NOTICE** **Dt.28.11.2022**

**Computer Practical Skill Test for the Post of Junior Clerk of Registration Offices of Jagatsinghpur District**

No. F-363: In pursuance of orders of the Hon'ble High Court Dtd.02.11.2022 passed in W.A. No. 1255 of 2022 and this Office Advertisement No. 1112/Estt. Dtd.19.07.2012 and pursuant to Revised Result Sheet dated 29.03.2015 submitted by Board of Secondary Education, Odisha, Cuttack, the Computer Practical Skill Test which is of qualifying nature for the Post of Junior Clerk of Registration Offices of Jagatsinghpur District will be held on 07.12.2022 at 11.00 A.M. in APINET COMPUTER EDUCATION near S.V.M. College, Jagatsinghpur. The **INTIMATION LETTER** to the short-listed candidates who have been allowed to appear the Computer Practical Skill Test has already been dispatched by Registered Post. The candidates are advised to go through the District Website **https://jagatsinghpur.nic.in/notice_category/recruitment/** for details of Computer Practical Skill Test.

**Sd./- Collector & District Magistrate**
**Jagatsinghpur**
**OIPR-24139/11/0001/2223**



## OFFICE OF THE NOTIFIED AREA COUNCIL, GANJAM
**At: Badabazar, Ganjam, PIN No.- 761026**
**e-Mail: eo.nacganjam21@gmail.com**

**No. 2319** **Date: 30.11.2022**

**QUOTATION CALL NOTICE**

No. C-1675: Sealed quotations are hereby invited from the authenticated firms/agencies suppliers/manufacturer for supply fitting, fixing of the following items (including cost, conveyance etc. complete) the specification of each items is mentioned below. The detailed scheduled paper relating to each work is available in this office from 30.11.2022 to 13.12.2022, which can be supplied on as per the appropriate scheduled cost as per the OPWD codes. All quotations should be accompanied with tender cost of appropriate value in shape of DD, BD or TDA in favour of the Executive Officer, NAC, Ganjam along with VAT Clearance, PAN Card. Their quotation should reach before the undersigned on or before 14.11.2022 upto 11 A.M. and the same will be opened on same day by 12 Noon in presence of the concerned quotationers or their authorized agent in the Ganjam NAC. The lowest quotation rate will be taken in to consideration for acceptance. No conditional or incomplete quotation will be accepted. The quotation received after schedule date is liable for rejection. The authority reserves right to reject any or all quotations without assigning any reason thereof.

**Specification of Item to be Installed**

1. Supplying fitting and fixing of FRP signage (Mo GANJAM SAHARA) in Odia Letter, over biota at the self point near Damodarpur.
2. Supplying fitting and fixing of Portable fibre board make cafe, Gazebo, cabin of different sizes for different locations of Ganjam NAC.
3. Supplying fitting and fixing of lawn with selection grass small plants at the self point near Damodarpur.
4. Supplying fitting and fixing of FRP statue (Different items) for different location of Ganjam NAC.

**Sd./- Executive Officer, N.A.C., Ganjam**
**OIPR-13164/11/0015/2223**



**GOVERNMENT OF ODISHA**
## OFFICE OF THE DIVISIONAL FOREST OFFICER, RAYAGADA FOREST DIVISION
**Bid Identification No.: DFO-RGDA-11/2022-23 (Online Tender)**
**e-mail ID: dfo.rayagada@odisha.gov.in**

**e-Procurement Notice**

No. MM-309: The Divisional Forest Officer, Rayagada Forest Division at Rayagada on behalf of Governor of Odisha invites Item Rate/Percentage Bid through e-procurement in single cover system according to norm of e-Procurement system in Online mode.

1. No. of the Works: 01 No. of Forest Guard Quarter & 02 Nos. of Forest Quarters.
2. Estimated Cost: Rs.12,79,955/- Respectively Including GST (FG Quarters).
3. Estimated Cost: Rs.16,14,000/- Respectively Including GST (Forester Quarters)
4. Cost of Document: Rs.6,000/- each
5. Bid Security (EMD - Declaration Amounting to Rs.): Rs. --
6. Class of Contractor: 'D' & 'C' Class Contractor
7. The Bid Documents will be available in the website: **www.tendersodisha.gov.in from 11.00 hrs. of Dated 05.12.2022 to 17.00 hrs. of Dated 14.12.2022 for online bidding.**
8. Last date/time for receipt of bids in the portal: **Upto 17.00 hrs. of Dated 14.12.2022.**
9. Bids received **"Online"** shall be **opened at 11.00 hours on Dated 15.12.202** in the **Office of the Divisional Forest Officer, Rayagada Forest Division**.
10. Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only.

**Sd./- Divisional Forest Officer**
**Rayagada Forest Division**
**OIPR-08062/11/0004/2223**



**GOVERNMENT OF ODISHA** **No. O-1351**
## OFFICE OF THE SUPERINTENDING ENGINEER, RURAL WORKS DIVISION, TITILAGARH
**E-Mail ID: eerw_titilagarh@yahoo.co.in**

**e-Procurement Notice**
**IFB IDENTIFICATION No. SETIG-Online-03/2022-23**

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 02 (Two) Nos. |
| 3. | Approximate Estimated Cost | : | Varies from Rs.42.00 to 44.00 lakhs |
| 4. | Time for Completion | : | 09 (Nine) Calendar Months |
| 5. | Mode of Submission of Tender | : | Tender should be submitted online in **www.tenders.ori.nic.in** |
| 6. | Other Details are as follow | : | As per TCN No. SETIG-Online-03/2022-23 |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Date & time of opening of Tender |
|---|---|---|---|---|---|
| Superintending Engineer, R.W. Divn., Titilagarh | SETIG-Online-03/2022-23 | 06.12.2022 at 11.00 A.M. | 15.12.2022 upto 5.00 P.M. | 14.12.2022 upto 11.00 A.M. | 16.12.2022 at 11.00 A.M. |

- Further details can be seen from the website: **www.tenders.ori.nic.in**.
- Any Corrigendum/Addendum will be displayed in the above e-tender website only.

**OIPR-25078/11/0006/2223** **Sd./- Superintending Engineer, R.W. Division, Titilagarh**



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: **22043/IND-II-PH-1112** ତାରିଖ: **28.11.2022**

**ବିଜ୍ଞାପନ**

No. CAD-3932: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପୁରୁଷୋତ୍ତମପୁର ତହସିଲଦାର ଓଡ଼ିଶାର ଓ ଗଞ୍ଜାମ ଜିଲ୍ଲା, ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ କାନକା ଗ୍ରାମରେ ୩୧.୨୧୧ ହେକ୍ଟର ପରିମିତ ଅଞ୍ଚଳରେ (କ୍ଲଷ୍ଟର ଆପ୍ରୋଚ ଅନ୍ତର୍ଗତ ସମୁଦାୟ ୩୫.୪୩ ହେକ୍ଟର ଅଞ୍ଚଳ) ସ୍ଥିତ କାନକା ବାଲିଘାଟ ନିମନ୍ତେ ପରିବେଶୀୟ ମଞ୍ଜୁରୀ ଲାଗି ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୬।୦୧।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ କାନକା ମୌଜା ଅନ୍ତର୍ଗତ ଖଣି ଅଞ୍ଚଳ (ଖାତା ନଂ. ୬୭, ପ୍ଲଟ ନଂ. ୫୬୯, ୦.୨୮୫ ଏକର)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଗଞ୍ଜାମ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଗଞ୍ଜାମ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ବ୍ରହ୍ମପୁର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0364/2223** ସ୍ୱା./– ସଦସ୍ୟ ସଚିବ




# ସଂଖ୍ୟାଲଘୁଙ୍କ ପାଖରେ ପହଞ୍ଚୁନି ସରକାରୀ ସୁବିଧା

**ଜାତୀୟ ଆୟୋଗ ସଦସ୍ୟାଙ୍କ ଉଦ୍‌ବେଗ**

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ଓଡ଼ିଶାରେ ସଂଖ୍ୟାଲଘୁଙ୍କୁ ସରକାରୀ ସୁବିଧା ସୁଯୋଗ ମିଳୁନି। ସଂଖ୍ୟାଲଘୁଙ୍କ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁସବୁ ଯୋଜନା ଏବଂ କାର୍ଯ୍ୟକ୍ରମ କରୁଛନ୍ତି ସଚେତନତା ଅଭାବରୁ ତାହା ସେମାନଙ୍କ ନିକଟରେ ପହଞ୍ଚିପାରୁନି। ଏପରିକି କେନ୍ଦ୍ରୀୟ ପାଣ୍ଠି ମଧ୍ୟ ଫେରିଯାଉଛି। ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ସଂଖ୍ୟାଲଘୁ ଆୟୋଗର ସଦସ୍ୟା ସୟେଦ୍ ସେହଯାଦୀ ଏହା ଜାଣି ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟ ଅତିଥି ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସଂଖ୍ୟାଲଘୁ ଆୟୋଗ ନାହିଁ। ୱାକଫ ବୋର୍ଡ ଅଧ୍ୟକ୍ଷ ଏବଂ ସଦସ୍ୟ ମଧ୍ୟ ନାହାନ୍ତି। ରାଜ୍ୟ ହଜ୍ କମିଟିରେ ୨୦୧୮ ପରେ କୌଣସି ନିଯୁକ୍ତି ହୋଇନାହିଁ। ଓଡ଼ିଶାରେ କେବଳ ଗୋଟିଏ ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ର ରହିଛି। ମଦ୍ରାସାଗୁଡ଼ିକରେ ୧୮ ହଜାର ପିଲା ପଢୁଥିବାବେଳେ ୧୦୭୬ ଶିକ୍ଷକ ଅଛନ୍ତି। ତେଣୁ ଆଉ ୨ରୁ ୩ଟି ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ରର ଆବଶ୍ୟକତା ରହିଛି। ସେହିପରି ସଂଖ୍ୟାଲଘୁଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଜରୁରୀ। ରାଜ୍ୟରେ ୯,୧୧,୬୭୦ ମୁସଲିମ, ୧୧,୬୧,୭୦୮ ଖ୍ରୀଷ୍ଟିୟାନ ୨୧,୯୮୧ ଶିଖ୍, ୧୩୦୦୦ ବୁଦ୍ଧିଷ୍ଟ, ୯୦୦୦ ଜୈନ ସମ୍ପ୍ରଦାୟର ଲୋକ ରହିଛନ୍ତି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ (ପିଏମଜେବିକେ) ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ରାଜ୍ୟ କିମ୍ବା ଜିଲାସ୍ତରରେ ଫିଫଟିନ୍ ପଏଣ୍ଟ ପ୍ରୋଗ୍ରାମ କମିଟି ନଥିବାରୁ ପାଣ୍ଠି ବିନିଯୋଗ ହୋଇପାରୁନି। କେନ୍ଦ୍ରରୁ ଆସୁଥିବା ପାଣ୍ଠି ଫେରିଯାଉଛି। ସଂଖ୍ୟାଲଘୁଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ଚର୍ଚ୍ଚା କରାଯାଇପାରୁନି। ସଚେତନତା ଅଭାବରୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକେ ଏ ବିଷୟରେ ଜାଣିପାରୁନାହାନ୍ତି। ସଂଖ୍ୟାଲଘୁ ଅର୍ଥ ନିଗମ ମଧ୍ୟ କାର୍ଯ୍ୟକ୍ଷମ ହେଉନି। ସ୍ୱତନ୍ତ୍ର ସଂଖ୍ୟାଲଘୁ ବିଭାଗ ନ ଥିବାରୁ କେହି ଏଥିପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଜଣାପଡୁଛି। ଏହା ଉପରେ ଦୃଷ୍ଟି ଦେବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।







# ଚିକିତ୍ସାଧୀନ ଦନ୍ତାର ମୃତ୍ୟୁ

କେନ୍ଦୁଝର, ୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ଚମକପୁର ଜଙ୍ଗଲରେ ଚିକିତ୍ସାଧୀନ ଦନ୍ତାହାତୀର ଗୁରୁବାର ମୃତ୍ୟୁ ହୋଇଛି। ମୃତ୍ୟୁ ଖବର ଜଣାପଡ଼ିବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀଟିର ପଞ୍ଚନାମା କରି ଉକ୍ତ ଜଙ୍ଗଲରେ ପୋତିଥିବା ଜଣାପଡ଼ିଛି। କେନ୍ଦୁଝର ଡିଏଫ୍‌ଓଙ୍କ ସମେତ ରାଉରକେଲା ରିଜୋନାଲ ଚିଫ୍ କଞ୍ଜେରଭେଟର ଅଫ୍ ଫରେଷ୍ଟ(ଆର୍‌ସିସିଏଫ୍) ଅରୁଣ ମିଶ୍ର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।









# ଇଂଲଣ୍ଡର ବିଶ୍ୱ ରେକର୍ଡ

**ରାୱଲପିଣ୍ଡି (ପାକିସ୍ତାନ), ୧।୧୨(ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଭୂତାଣୁ ପ୍ରଭାବିତ ଇଂଲଣ୍ଡ ଆକ୍ରମଣାତ୍ମକ କ୍ରିକେଟ ଖେଳିଛି। ୪ଜଣ ବ୍ୟାଟ୍ସମ୍ୟାନଙ୍କ ଶତକ ସହାୟତାରେ ଦଳ ୫୦୬/୪ ସ୍କୋର କରି ଏକ ବିଶ୍ୱ ରେକର୍ଡ କରିଛି। ଜ୍ୟାକ୍ କ୍ରଲି ୧୨୨ ରନ କରିଥିବା ବେଳେ ବେନ୍ ଡକେଟ୍ ୧୦୭ ରନ କରିଛନ୍ତି। ଉଭୟେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ଦ୍ରୁତ ୨୩୩ ରନ ସଂଗ୍ରହ କରିଛନ୍ତି। ଅନ୍ତିମ ସେସନରେ ଓଲି ପୋପ୍ ଓ ହ୍ୟାରି ବ୍ରୁକ୍ ସେମାନଙ୍କର ଶତକ ହାସଲ କରିଥିଲେ। ଦୁହେଁ ପାକିସ୍ତାନର ଅନଭିଜ୍ଞ ବୋଲିଂ ଆକ୍ରମଣକୁ ବେଖାତିର କରି ରନ ସଂଗ୍ରହ କରିଥିଲେ। ବ୍ୟାଡ୍ ଲାଇଟ ଯୋଗୁ ଗୁରୁବାର କେବଳ ୭୫ ଓଭର ଖେଳ ସମ୍ଭବ ହୋଇଥିଲା। ଇଂଲଣ୍ଡ ବ୍ୟାଟରମାନେ ୭୩


ଦ୍ୱିଶତକୀୟ ଭାଗୀଦାରି ଅବସରରେ ଜ୍ୟାକ କ୍ରଲି ଓ ବେନ୍ ଡକେଟ।

ଚୌକା ଓ ୩ ଛକା ଲଗାଇଥିଲେ। କୌଣସି ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ୫୦୬/୪ ସ୍କୋର ହେଉଛି ସର୍ବାଧିକ। ପୂର୍ବରୁ ୧୯୧୦ରେ ସିଡ୍‌ନୀଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୯୪/୬ ସ୍କୋର କରି ଅଷ୍ଟ୍ରେଲିଆ ଏହି ରେକର୍ଡର ଅଧିକାରୀ ଥିଲା। ଇଂଲଣ୍ଡ ଆହୁରି ମଧ୍ୟ ଦ୍ରୁତ ୫୦୦ରନ ସ୍କୋର କରିବାରେ ଦ୍ରୁତତମ ଦଳ। ଫାଇନାଲ ସେସନରେ ପଦାର୍ପଣକାରୀ ଖେଳାଳି ସାଉଦ୍ ଶକିଲଙ୍କ ବୋଲିଂରେ ବ୍ରୁକ୍ ଗୋଟିଏ ଓଭରରେ ୬ ଚୌକା ଲଗାଇଥିଲେ। ସେ ୧୦୧ରନ କରି ଅପରାଜିତ ରହିଥିଲେ। ଭାଇରସ ସଂକ୍ରମଣରୁ ବେନ୍ ଷ୍ଟୋକ୍ସ ସୁସ୍ଥ ହୋଇ ନ ଥିବାରୁ ପୋପ୍ ଉଇକେଟକିପିଂ ଦାୟିତ୍ୱ ତୁଲାଇବେ। ଠିକଣା ସମୟରେ ଭୂତାଣୁରୁ ଆରୋଗ୍ୟ ଲାଗ କରିଥିବା ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ସେ ୧୫ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଛନ୍ତି। ପାକିସ୍ତାନର ପ୍ରମୁଖ ବୋଲର ଶାହିନ ଆଫ୍ରିଦୀଙ୍କ ଅନୁପସ୍ଥିତିରେ ୩ ପଦାର୍ପଣକାରୀ ବୋଲର ହାରିସ୍ ରାଫ୍ ଓ ମହମ୍ମଦ ଅଲ (ଫାଷ୍ଟ ବୋଲର) ଏବଂ ଲେଗ୍ ସ୍ପିନର ମହମ୍ମଦ ଜାହିଦ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ କେହି ପିଣ୍ଡି କ୍ରିକେଟ ଷ୍ଟାଡିୟମର ଘାସଶୂନ୍ୟ ପିଚ୍‌ରୁ କୌଣସି ଫାଇଦା ଉଠାଇ ପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୫୦୬/୪ (ଜ୍ୟାକ୍ କ୍ରଲି-୧୨୨, ଓଲି ପୋପ୍-୧୦୮, ବେନ୍ ଡକେଟ-୧୦୭, ହ୍ୟାରି ବ୍ରୁକ୍ -୧୦୧*; ଜାହିଦ ମେହେମୁଦ୍-୨/୧୬୦)।

# ଲାବୁସେନ, ସ୍ମିଥ୍‌ଙ୍କ ଦ୍ୱିଶତକ

**ପର୍ଥ, ୧।୧୨ (ଏପି)**

ମାର୍ନସ ଲାବୁସେନ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଦ୍ୱିଶତକ ଯୋଗୁ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୪ ଉଇକେଟ ବିନିମୟରେ ୫୯୮ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ପର୍ଥ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ଷ୍ଟମ୍ପ ଅପସାରଣ ବେଳକୁ ବିନା କୌଣସି ଉଇକେଟରେ ୭୪ ରନ କରିଥିଲା। ଲାବୁସେନ୍ ୨୦୪ ରନ କରିଥିଲେ। ଏହା ହେଉଛି ତାଙ୍କର ଦ୍ୱିତୀୟ ଦ୍ୱିଶତକ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଅନ୍ତିମ ବଲ୍‌ରେ ସେ ଆଉଟ ହୋଇଥିଲେ। ସ୍ମିଥ୍ ୨୦୦ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ ଘୋଷଣା କରିବା ବେଳକୁ ଟ୍ରାଭିସ୍ ହେଡ୍ ୯୯ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳର ସବୁଠାରୁ ସଫଳ ବୋଲର ଅଫ୍ ସ୍ପିନର କ୍ରେଗ୍ ବ୍ରାଥ୍‌ୱେଟ୍ ୫୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ଓପନର ବ୍ରାଥ୍‌ୱେଟ୍ ୧୮ ଏବଂ ଟାଗେନାରିନ୍ ଚନ୍ଦରପଲ ୪୭ ରନ କରି ଅପରାଜିତ ରହିଛନ୍ତି। ଉଭୟେ ସଫଳତାର ସହ ୨୫ ଓଭର ଖେଳିଛନ୍ତି। ଏହି ମ୍ୟାଚରେ ଡନ୍ ବ୍ରାଡ୍‌ମ୍ୟାନ (୮୮ତମ ଟେଷ୍ଟରେ ୨୯ ଟେଷ୍ଟ ଶତକ)ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି ସ୍ମିଥ୍। ଅଷ୍ଟ୍ରେଲିଆ କ୍ରିକେଟରେ ସବୁଠାରୁ ଅଧିକ ଟେଷ୍ଟ ଶତକ ହାସଲ କରିଛନ୍ତି




ରକି ପଣ୍ଟିଂ(୪୧)। ତାଙ୍କ ପଛକୁ ପଛ ଯଥାକ୍ରମେ ରହିଛନ୍ତି ଷ୍ଟିଭ ୱ (୩୨) ଓ ମାଥ୍ୟୁ ହେଡେନ (୩୦)।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪ (ଲାବୁସେନ୍-୨୦୪, ସ୍ମିଥ୍-୨୦୦, ଟ୍ରାଭିସ୍ ହେଡ୍-୯୯; ବ୍ରାଥ୍‌ୱେଟ୍-୨/୬୫, କରଇଲ ମେୟର୍ସ-୧/୩୯)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୭୪/୦ (ଟାଗେନାରିନ୍ ଚନ୍ଦରପଲ-୪୭*, କ୍ରେଗ୍ ବ୍ରାଥୱେଟ୍-୧୮*)।

## ନୂଆ ଉପଦେଷ୍ଟା କମିଟିରେ ଅଶୋକ, ପରାଞ୍ଜପେ

**ନୂଆଦିଲ୍ଲୀ, ୧।୧୨ (ପି.ଟି.):** ପୂର୍ବତନ ଭାରତୀୟ ଖେଳାଳି ଓ ଜାତୀୟ ଚୟନକର୍ତ୍ତା ଅଶୋକ ମାଲହୋତ୍ରା ଓ ଯତୀନ ପରାଞ୍ଜପେ ୩ ଜଣିଆ ସଦସ୍ୟ ବିଶିଷ୍ଟ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ରେ ସୁଲକ୍ଷଣା ନାଏକଙ୍କ ସହ ଯୋଗଦେବ। କମିଟି ଏହି ମାସରେ ନୂଆ ସିଲେକ୍ସନ ପ୍ୟାନେଲ ମନୋନୟନ କରିବ। ମାଲହୋତ୍ରା ଭାରତର ପୂର୍ବତନ ସିମର ମଦନ ଲାଲ୍‌ଙ୍କ ସ୍ଥାନରେ, ପରାଞ୍ଜପେ ରୁଦ୍ରପ୍ରତାପ ସିଂଙ୍କ ସ୍ଥାନରେ କମିଟିରେ ସାମିଲ ହୋଇଛନ୍ତି। ରୁଦ୍ରପ୍ରତାପ ମୁମ୍ବାଇ ଇଣ୍ଡିଆନ୍ସରେ ଜଣେ ଟ୍ୟାଲେଣ୍ଟ ସ୍କାଉଟ୍ ଭାବେ ଯୋଗ ଦେଇଛନ୍ତି। ନୂଆ କମିଟିରେ କେବଳ ପୂର୍ବତନ ଅନ୍ତର୍ଜାତୀୟ ମହିଳା କ୍ରିକେଟର ସୁଲକ୍ଷଣା ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ମାଲହୋତ୍ରା ଭାରତୀୟ କ୍ରିକେଟର୍ସ ଆସୋସିଏଶନର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ପରାଞ୍ଜପେ ପୂର୍ବରୁ ସିନିୟର ପୁରୁଷ ସିଲେକ୍ସନ କମିଟିର ସଦସ୍ୟ ଥିଲେ

# ଜୟନ୍ତୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଗୁରୁବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନପରେ ଜୟନ୍ତୀ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି)**

ପର୍ତ୍ତୁଗାଲରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଏସ୍ (ଇଣ୍ଟରନ୍ୟାଶନାଲ ହୁଇଲଚେୟାର ଆଣ୍ଡ ଆମ୍ପ୍ୟୁଟି ସ୍ପୋର୍ଟ୍ସ) ୱାର୍ଲ୍ଡ ଗେମ୍ସରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ଗୁରୁବାର ଭୁବନେଶ୍ୱରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜୟନ୍ତୀ ୨୦୦ମି ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ଓ ପାରା ସ୍ପୋର୍ଟ୍ସ ସଂଘର କର୍ମକର୍ତ୍ତା ମିଳିତ ଭାବରେ ଜୟନ୍ତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ପାରା ଅଥଲେଟିକ୍ ଓଡ଼ିଶା ଅଧ୍ୟକ୍ଷ ପାରାଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ, କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଗୁରୁକୂଳ ଆଶ୍ରମର ଛାତ୍ରୀଛାତ୍ର ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଭଲିବଲ

**ପୁରୁଣା ଭୁବନେଶ୍ୱର, ୧।୧୨ (ଡି.ଏନ୍.ଏ.):** ଲିଙ୍ଗରାଜ ସ୍ପୋର୍ଟିଂ ଆସୋସିଏଶନ ପକ୍ଷରୁ ଦୁଇଦିନିଆ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଆସନ୍ତା ୩ରେ ସୁନ୍ଦରପଦା ଫୁଟ୍‌ବଲ ପଡ଼ିଆରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି ଆୟୋଜକ ସଂଘ ସଭାପତି ବାବୁ ସିଂ ସୂଚନା ଦେଇଛନ୍ତି। ଓଡ଼ିଶା, ଗୁଜରାଟ, ଛତିଶଗଡ଼ ପୋଲିସ, ଆନ୍ଧ୍ରପ୍ରଦେଶ ସମେତ ୬ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ସଂଗ୍ରାମ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସଂଘ ସମ୍ପାଦକ ରଜତ ତ୍ରିପାଠୀ, ସଞ୍ଜୟ ଦାସ, ସୁକାନ୍ତ ମିଶ୍ର, ଉଦିତ ମିଶ୍ର ଓ ଶିବପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ କରାଟେରେ ଓଡ଼ିଶା ଦଳ ଭାଗନେବ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀଠାରେ ଶୁକ୍ରବାରଠାରୁ ସର୍ବଭାରତୀୟ ଜୋନାଲ ଓ ସବ୍‌ଜୁନିୟର ଜାତୀୟ କରାଟେ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ଗୁରୁବାର ଦିଲ୍ଲୀ ଯାତ୍ରା କରିଛି। ବିଶ୍ୱ କରାଟେ ସଂଘ ଓ ଏସୀୟ କରାଟେ ସଂଘ ସହ ଅନୁବନ୍ଧିତ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀ ମନୋନୀତ କରାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକା ଭାଗ ନେଉଛନ୍ତି। ଏହି ଦଳ ସହ ରାଜୀବ କୁମାର ସିଂ, ଦୀପକ କୁମାର ସାମନ୍ତରା, ମହେଶ ବରାଳ, ଗୋପାଳ ଦାସ, ରାଜେନ୍ଦ୍ର କେଶରୀ ସାମଲ ଓ ଟିମ ମ୍ୟାନେଜର ଭାବେ ଡ. ଅଭିଷେକ ପୁନ୍ଦିର ଦିଲ୍ଲୀ ଯାତ୍ରା କରିଛନ୍ତି। ଓଡିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରି ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଓଡିଶା କରାଟେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


ସର୍ବଭାରତୀୟ କରାଟେରେ ଅଂଶଗ୍ରହଣ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ